# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୧୬/୨୦୧୯ (୨୦ ପୃଷ୍ଠା + ସାହିତ୍ୟାୟନ) Sambalpur, Wednesday, October 16 / 2019 ★★

୧୫ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଆଲିୟାଙ୍କୁ ଟ୍ରୋଲ୍**

ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ କରଣ ଜୋହରଙ୍କ ଏକ ପପୁଲାର୍ ଟିଭି ଶୋ'ରେ ଗୋଟିଏ ପ୍ରଶ୍ନର ଉତ୍ତର ଦେବାବେଳେ ଅଶାଳୀନ ଭାଷା କହି ଟ୍ରୋଲ୍ ହୋଇଛନ୍ତି।

୦୨

୧୮

**୭୦୦ ଗୋଲ କ୍ଲବରେ ରୋନାଲ୍ଡୋ**

ପର୍ତ୍ତୁଗାଲର ଷ୍ଟାର୍ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରରେ ୭୦୦ତମ ଗୋଲସ୍କୋର କରିବାର ସୌଭାଗ୍ୟ ଲାଭ କରିଛନ୍ତି।



# ନୟାଗଡ଼କୁ ଗଡ଼ିଲା ପ୍ରଥମ ଏକ୍ସପ୍ରେସ୍

**ପ୍ରତିଦିନ ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୪୦ରେ ଛାଡି ନୟାଗଡ଼ରେ ରାତି ୮ଟା ୪୫ରେ ପହଞ୍ଚିବା ନୟାଗଡ଼ ଟାଉନ୍‌ରୁ ସକାଳ ୬ଟା ୩୦ରେ ଛାଡ଼ି ୯ଟାରେ ଭୁବନେଶ୍ୱରରେ ପହଞ୍ଚିବା**

- ସେବା ଏକ୍ସପ୍ରେସ୍‌କୁ ଉଦ୍‌ଘାଟନ କଲେ ରେଳମନ୍ତ୍ରୀ
- ଭୁବନେଶ୍ୱର-ବଲାଙ୍ଗୀର ଦୂରତା ୧୫୦ କିମି କମିବ
- ଓଡ଼ିଶା ଅର୍ଥନୀତି, ଯାତାୟାତ ପଥକୁ ସୁଦୃଢ଼ କରିବ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ରେଳସେବା କ୍ଷେତ୍ରରେ ନୟାଗଡ଼ ସହ ଯୋଡ଼ି ହୋଇଛି ଆଉ ଏକ ଅଧ୍ୟାୟ। ନୟାଗଡ଼କୁ ଗଡ଼ିଛି ପ୍ରଥମ ଏକ୍ସପ୍ରେସ୍ ଟ୍ରେନ୍। ମଙ୍ଗଳବାର ଅପରାହ୍ନରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ନୂଆଦିଲ୍ଲୀ ଷ୍ଟେଶନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଭୁବନେଶ୍ୱର-ନୟାଗଡ଼ ସେବା ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି। ଏଥିସହ ଦେଶର ଅନ୍ୟ ୯ ସେବା ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗାଡି, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଉପସ୍ଥିତ ଥିଲେ। ଏପଟେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୁରୀ ଏମ୍‌ପି ପିନାକୀ ମିଶ୍ର, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ସବୁଜ ପତାକା ଦେଖାଇ ସେବା ଏକ୍ସପ୍ରେସକୁ ଉଦ୍‌ଘାଟନ କରିଥିଲେ।



ଭୁବନେଶ୍ୱରରୁ ନୟାଗଡ଼କୁ ପ୍ରଥମ କରି ଯାଇଥିବା ଟ୍ରେନ୍।

ଉଦ୍‌ଘାଟନ ଅବସରରେ ରେଳମନ୍ତ୍ରୀ ଗୋୟଲ କହିଲେ, ଭାରତୀୟ ରେଳପଥ ଆଜି ଏକ ବିରାଟ ସଂସ୍କାରମୂଳକ ପଦକ୍ଷେପ ନେଇଛି। ମୁଁ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଲେ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହ ପୁରୁଣା ଗଡ଼ଜାତ ନୟାଗଡ଼ ମଧ୍ୟରେ ସେବା ଏକ୍ସପ୍ରେସ ସୁଗମ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ପର୍କ ଯୋଡ଼ିଛି। ଏହି ସେବା ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଯାତାୟାତକୁ ସହଜ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏମ୍‌ପି ଅପରାଜିତା କହିଲେ, ନୟାଗଡ଼ବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଭୁବନେଶ୍ୱରରୁ ନୟାଗଡ଼କୁ ସେବା ଏକ୍ସପ୍ରେସ୍ ଚଳାଚଳ ଦ୍ୱାରା ଏହି ରୁଟ୍‌ରେ ବଲାଙ୍ଗୀରକୁ ପ୍ରତ୍ୟକ୍ଷ ରେଳପଥ ଯୋଡ଼ିହେବ। ଫଳରେ ରେଳପଥରେ ଭୁବନେଶ୍ୱରରୁ ବଲାଙ୍ଗୀର ୧୫୦ କି.ମି ଦୂରତା କମିବ ବୋଲି ସେ କହିଥିଲେ। ରାଜ୍ୟ ସରକାର ଭୁବନେଶ୍ୱର-ନୟାଗଡ଼ ରେଳ ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ଜମି ମାଗଣାରେ ରେଲ୍‌ୱେକୁ ଯୋଗାଇ ଦେଇଛନ୍ତି ବୋଲି ଏମ୍‌ପି ପିନାକୀ କହିଥିଲେ। ଭୁବନେଶ୍ୱର-ନୟାଗଡ଼ ରେଳ ସଂଯୋଗ ଏକ ଭାବଗତ ସମ୍ପର୍କ ଯୋଡ଼ିଲା ବୋଲି ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ। ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ଏଥିସହ ସେ ମଞ୍ଚାସୀନ ଅତିଥିଙ୍କୁ ଗଙ୍ଗାଧର ମେହେରଙ୍କ ପୁସ୍ତକ 'ତପସ୍ୱିନୀ' ଉପହାର ଦେଇଥିଲେ। ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଏହି ଟ୍ରେନର ଆନୁଷ୍ଠାନିକ ଉଦ୍‌ଘାଟନ କରାଯାଇଥିବାବେଳେ ବୁଧବାରଠାରୁ ନିୟମିତ ସମୟସୂଚୀ ଅନୁସାରେ ଚାଲିବ। ପ୍ରତିଦିନ ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୪୦ରେ ଛାଡି ନୟାଗଡ଼ରେ ରାତି ୮ଟା ୪୫ରେ ପହଞ୍ଚିବ। ସେହିପରି ନୟାଗଡ଼ ଟାଉନ୍‌ରୁ ସବୁଦିନ ସକାଳ ୬ଟା ୩୦ରେ ଛାଡ଼ି ସକାଳ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବ।

# ବିଦାୟ ନେଲା ମୌସୁମୀ

- ୭ ପ୍ରତିଶତ ଅଧିକ ବର୍ଷିଲା
- ୬ ଜିଲାରେ ଅଧିକ, ୨୪ରେ ସ୍ୱାଭାବିକ ବର୍ଷା

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେଇଛି। ମଙ୍ଗଳବାର ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଓଡ଼ିଶାରୁ ମୌସୁମୀ ବିଦାୟ ନେବା ୫ ଦିନ ବିଳମ୍ବ ହୋଇଛି। ସାଧାରଣତଃ ଅକ୍ଟୋବର ୧୦ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରୁ ଅପସରି ଯାଇଥାଏ। ଆଗମନ ବିଳମ୍ବ ହେବାରୁ ଚଳିତ ବର୍ଷ ରାଜସ୍ଥାନରୁ ମୌସୁମୀ ଅପସାରଣ ମାସେ ଘୁଞ୍ଚିଯାଇଛି। ରାଜସ୍ଥାନରୁ ସାଧାରଣତଃ ସେପ୍ଟେମ୍ବର ୧ ତାରିଖରୁ ମୌସୁମୀ ବିଦାୟ ନେବା କଥା ପାଣିପାଗ ବିଭାଗ ଘୋଷଣା କରିଥାଏ। ଚଳିତ ବର୍ଷ ଅକ୍ଟୋବର ୯ ତାରିଖରେ ଘୋଷଣା କରାଯାଇଥିଲା। ଏପରି ବ୍ୟତିକ୍ରମ ୧୯୬୧ ମସିହାରେ ମୌସୁମୀ ଅକ୍ଟୋବର ୧ ତାରିଖରେ ଏବଂ ୨୦୦୭ରେ ସେପ୍ଟେମ୍ବର ୩୦ ତାରିଖରେ ରାଜସ୍ଥାନରେଦେଖାଦେଇଥିଲା। ଓଡ଼ିଶାରେ ପ୍ରାୟତଃ ସ୍ୱାଭାବିକ ରହିଛି ।

ଚଳିତ ବର୍ଷ ମୌସୁମୀ ରାଜ୍ୟରେ ଭଲ ବର୍ଷା ଦେଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୭ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏପରି କି କୋରାପୁଟ, ପୁରୀ, ସୋନପୁର, ବରଗଡ଼, ଗଞ୍ଜାମ ଏବଂ ଝାରସୁଗୁଡ଼ାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅନ୍ୟ ୨୪ଟି ଜିଲାରେ ବର୍ଷା ସ୍ୱାଭାବିକ ହୋଇଛି। ରାଜ୍ୟର କୌଣସି ଜିଲାରେ ନିଅଣ୍ଟିଆ ବର୍ଷା ହୋଇ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୩୦ ହେଉଛି ମୌସୁମୀ ଅବଧି। ଏହି ସମୟରେ ସମଗ୍ର ରାଜ୍ୟରେ ସ୍ୱାଭାବିକ ଭାବେ ୧୧୫୫ ମିଲିମିଟର ବର୍ଷା ସ୍ଥଳେ ହୋଇଛି ୧୨୩୩ ମିଲିମିଟର। ଅକ୍ଟୋବର ୧ରୁ ୧୫ ତାରିଖ ମଧ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ୧୫ ଦିନ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୬୪.୪ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୫୯ ମିଲିମିଟର। ୧୦ ପ୍ରତିଶତ ବର୍ଷା କମ୍ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। ଏହି ସମୟରେ କୋରାପୁଟ, ମାଲକାନଗିରି, ଗଜପତି ଓ ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୭ ଓ ୧୮ ତାରିଖରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

■ ରେଲ୍‌ୱେ ସୁରକ୍ଷା କମିଟି ବୈଠକ

# କଡ଼ା ସୁରକ୍ଷାରେ ରହିବ ବଡ଼ ଷ୍ଟେଶନ

- ଶତ ପ୍ରତିଶତ ସିସିଟିଭି ଓ ସ୍କାନର ଲଗାଯିବ
- ୫ ଷ୍ଟେଶନ ସମ୍ବେଦନଶୀଳ, ଅଗ୍ନି ନିରାପତ୍ତା ବାଧ୍ୟତାମୂଳକ
- ହକର, ଭେଣ୍ଡର ଓ ଷ୍ଟେଶନ ନିକଟ ବସ୍ତି ଉପରେ ରହିବ ନଜର

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଟ୍ରେନ ଯାତ୍ରୀ ଓ ରେଲ୍‌ୱେ ସମ୍ପତ୍ତିର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ୫ ବଡ଼ ଷ୍ଟେଶନକୁ ଅତି ସମ୍ବେଦନଶୀଳ ଭାବେ ନିଆଯାଇଛି। ଏହି ଷ୍ଟେଶନଗୁଡିକ କଡ଼ା ସୁରକ୍ଷା ବଳୟରେ ରହିବ। ରେଲ୍‌ୱେ ସୁରକ୍ଷା କମିଟି ବୈଠକରେ ଯୋଗଦେବା ଅବସରରେ ପୋଲିସ ଡିଜି ବି.କେ. ଶର୍ମା ଏହା କହିଛନ୍ତି।

ବୈଠକ ପରେ ସେ କହିଥିଲେ, ଷ୍ଟେଶନରେ ଯାତ୍ରୀଙ୍କଠାରୁ ହେଉଥିବା ଚୋରି ଓ ଲୁଟ୍ ବନ୍ଦ ପାଇଁ ଆଲୋଚନା କରାଯାଇଛି। ବଡ଼ ଷ୍ଟେଶନଗୁଡ଼ିକରେ ଶତପ୍ରତିଶତ ସିସି ଟିଭି ଓ ସ୍କାନର ଲଗାଯିବ। ଯେଉଁଠି ଲାଗିନାହିଁ ସେଠାରେ ତୁରନ୍ତ ଏସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଲଗେଜରେ ବିସ୍ଫୋରକ କିମ୍ବା ଅନ୍ୟ ସାମଗ୍ରୀ ଚାଲାଣ ଧରିବାକୁ ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରଖାଯାଉଛି। ତେଣୁ ଅଧିକ ବ୍ୟାଗେଜ୍ ସ୍କାନର ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ☞ ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

## ସ୍ଥିରତା ଲୋଡ଼ା

**ଆଜିର ମନ୍ତବ୍ୟ**

"କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଭାଜପାର ହାତ କଣ୍ଢେଇ ସାଜିଛନ୍ତି। -କେ.ସି.ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ

# ଆଖିବୁଜିଲା ଧଳା ମହାବଳ ବାଘ ଶୁଭ୍ରାଂଶୁ

ବାରଙ୍ଗ, ୧୫।୧୦(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ହାତୀ ମଡ଼କ ପରେ ଗତ କିଛିଦିନ ହେବ ଅସୁସ୍ଥ ଥିବା ଧଳା ମହାବଳ ବାଘ ଶୁଭ୍ରାଂଶୁର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ସେ ଦ୍ୱିତୀୟଥର ପାଇଁ ଅସୁସ୍ଥ ହୋଇପଡିଥିଲା। ୫ବର୍ଷର ଶୁଭ୍ରାଂଶୁ ଖାଇବା ଛାଡିବା ସହ ଗୋଟିଏ ଜାଗାରେ ସେଭଳି ପଡିରହିଥିଲା। ଫଳରେ ତାକୁ ବାଘ ସଫାରିର ଫିଡିଂଚାମ୍ବରକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ପୂର୍ବରୁ ଲିଭରଜନିତ ସମସ୍ୟା ଥିବାରୁ ଏହାକୁ ଆଧାର କରି ନନ୍ଦନକାନନ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ତା'ର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ରବିବାର ପ୍ରଫେସର ଡ.ସୁଶେଣ ପଣ୍ଡା ଓ ପ୍ରଫେସର ଡ.ନିରଞ୍ଜନ ସାହୁଙ୍କୁ ନେଇ ଗଠିତ ସ୍ୱାସ୍ଥ୍ୟ କମିଟିର ଦୁଇଜଣିଆ ଦଳ ଆସି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଶୁଭ୍ରାଂଶୁର ରକ୍ତନମୁନା ପରୀକ୍ଷା ରିପୋର୍ଟ ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ରକ୍ତ ସଂକ୍ରମଣ ଯୋଗୁ ସେ ଅସୁସ୍ଥ ହୋଇଥିବା ଟିମର ସଦସ୍ୟମାନେ କହିଥିଲେ। ଏହାସହ ଚିକିତ୍ସା ଆରମ୍ଭ କରିବାକୁ ନନ୍ଦନକାନନ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମଙ୍ଗଳବାର ୧୦ଟା ୧୫ରେ ଶୁଭ୍ରାଂଶୁ ଆଖିବୁଜିଥିଲା। ସେ ଗତ ୧ମାସ ହେବ ଚିକିତ୍ସାରେ ଥିଲା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ୨୦୧୪ ଜୁଲାଇ୨୫ରେ ସାଧାରଣ ବାଘ ମନୀଷ ଓ ଧଳାବାଘ ସ୍ନେହା ଔରସରୁ ଶୁଭ୍ରାଂଶୁ ଜନ୍ମ ନେଇଥିଲା। ଶୁଭ୍ରାଂଶୁର ମୃତ୍ୟୁପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସପାଇ ୨୫ରେ ପହଞ୍ଚିଛି। ସେଥିମଧ୍ୟରେ ୧୨ଅଣ୍ଡିରା ଓ ୧୩ଟି ମାଈ ରହିଛନ୍ତି।



ମୃତ ଧଳାବାଘ ଶୁଭ୍ରାଂଶୁ ।

# ପ୍ରଥମ ଥର ହାଇକୋର୍ଟଙ୍କ ପୂର୍ଣ୍ଣ ଖଣ୍ଡପୀଠ ବସିଲା

- ରାଜ୍ୟର ସମସ୍ତ ବାର୍ ଆସୋସିଏଶନକୁ ନୋଟିସ୍
- କଲେଜିୟମ ନିଷ୍ପତ୍ତି ବିରୋଧରେ ଓକିଲଙ୍କ କୋର୍ଟ ବର୍ଜନ

କଟକ ଅଫିସ, ୧୫।୧୦

ନିକଟ ଅତୀତରେ ଓଡ଼ିଶା ହାଇକୋର୍ଟଙ୍କ ପୂର୍ଣ୍ଣ ଖଣ୍ଡପୀଠ ବସିବାର ନଜିର ନ ଥିବାବେଳେ ମଙ୍ଗଳବାର ପ୍ରଥମ ଥର ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରିଛନ୍ତି। ଓକିଲ ସଂଘଗୁଡ଼ିକର ଆନ୍ଦୋଳନ ଯୋଗୁ ଅଦାଲତରେ ବିଚାର ପ୍ରକ୍ରିୟା ବିଳମ୍ବିତ ହେଉଥିବା ଦର୍ଶାଇ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ଦାଏର ହୋଇଥିଲା। ସୋମବାର ମୁଖ୍ୟ ବିଚାରପତି କେ.ଏସ୍. ଝାବେରିଙ୍କ ସହ ଅନ୍ୟ ୧୪ଜଣ ବିଚାରପତିଙ୍କୁ ନେଇ ଗଠିତ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଉକ୍ତ ମାମଲାରେ ହାଇକୋର୍ଟ ବାର୍ ଆସୋସିଏଶନ ସମେତ ରାଜ୍ୟର ସମସ୍ତ ବାର୍ ଆସୋସିଏଶନକୁ ନୋଟିସ ଜାରି କରାଯାଇଛି। ନୋଟିସର ଜବାବ ଦାଖଲ ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖରେ ହେବ ବୋଲି ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଆଇନ ସଚିବ ଓ ଗୃହ ସଚିବଙ୍କ ସମେତ ୧୩୬ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରାଯାଇଛି।



ସୂଚନାଯୋଗ୍ୟ, ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ କଲେଜିୟମ ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧ କରିଛି। ଓଡ଼ିଶା ହାଇକୋର୍ଟରେ ୨ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ସୁପାରିସକୁ ନେଇ ସୋମବାର ବାର୍ ଆସୋସିଏଶନର ଏକ ବୈଠକ ବସି କୋର୍ଟ ବର୍ଜନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ମଙ୍ଗଳବାର ହାଇକୋର୍ଟର ଓକିଲମାନେ କୋର୍ଟ ବର୍ଜନ କରିଛନ୍ତି। ବୁଧବାର ଆସୋସିଏଶନର ଏକ ବୈଠକ ବସି ଏହି ନିଷ୍ପତ୍ତି ଉପରେ ପୁଣି ଆଲୋଚନା କରାଯିବ।








15.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 68 | 116 | 126 |
| BHM | 64 | 111 | 121 |

*Conditions Apply

Issued in the Interest of Consumers





‘ଡନ୍’ ସୁଟିଂ ବେଳେ ନିର୍ଦ୍ଦେଶକ ଫାରହାନ୍ ଅକ୍ତରଙ୍କୁ ଦେଖି ମୁଁ ଡରିଯାଇଥିଲି।

-ପ୍ରିୟଙ୍କା ଚୋପ୍ରା
ବଲିଉଡ୍ ଅଭିନେତ୍ରୀ



# ପୃଥିବୀରେ ୮୦ କୋଟି ଭୋକିଲା



## ବିଶ୍ୱ ଖାଦ୍ୟ ଦିବସ

**ଜେନେଭା:** ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥାଏ। ସମସ୍ତଙ୍କ ପାଖରେ ଖାଦ୍ୟ ପହଞ୍ଚାଇବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଇତିମଧ୍ୟରେ ୟୁନିସେଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେନରିଟା ଫୋରେଙ୍କ ଦ୍ୱାରା ‘ଷ୍ଟେଟ୍ ଅଫ୍ ଦି ୱାର୍ଲ୍ଡ ଚିଲଡ୍ରେନ୍’ ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ପୃଥିବୀରେ ୮୦ କୋଟି ଲୋକ ଖାଦ୍ୟ ଅଭାବରୁ ପ୍ରତିଦିନ ଭୋକିଲା ରହିବାକୁ ବାଧ ହେଉଛନ୍ତି। ସେମାନଙ୍କୁ ଦିନକୁ ଦୁଇବେଳା ଖାଦ୍ୟ ମିଳିବା କଷ୍ଟକର ହୋଇପଡୁଛି। ସେହିପରି ୫ ବର୍ଷରୁ କମ୍ ବୟସ୍କ ମୋଟ ୭୦ କୋଟି ଶିଶୁଙ୍କ ମଧ୍ୟରୁ ଏକ ତୃତୀୟାଂଶ କୁପୋଷଣ ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଥିବା ରିପୋର୍ଟରେ ପ୍ରକାଶ ପାଇଛି। ୧୯୯୯ରେ ପୃଥିବୀରେ ୫ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ କୁପୋଷଣର ଶିକାର ହୋଇଥିବାବେଳେ ୨୦୧୫ ବେଳକୁ ସ୍ଥିତିରେ ସୁଧାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସମ୍ପ୍ରତି ୧୪ କୋଟି ୯୦ ଲକ୍ଷ ୪ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ଶାରୀରିକ ବିକାଶ ବୟସ ଅନୁପାତରେ ଠିକ୍ ଭାବେ ହୋଇପାରି ନାହିଁ। ବିଭିନ୍ନ ଦେଶରେ ଲାଗି ରହିଥିବା ଗୃହଯୁଦ୍ଧ, ଆତଙ୍କବାଦୀ ଆକ୍ରମଣ, ସାମ୍ପ୍ରଦାୟିକ ହିଂସା ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ଅଶାଳୀନ ଶବ୍ଦ ବ୍ୟବହାର ଯୋଗୁ ଆଲିୟାଙ୍କୁ ଟ୍ରୋଲ୍



**ମୁମ୍ବାଇ:** ଉଚ୍ଚକୋଟୀର ଅଭିନୟ ସହ ବେପରୁଆ ମନ୍ତବ୍ୟ ଯୋଗୁ ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ତେବେ ଏ କଥା ମଧ୍ୟ ସତ ଯେ, ରଣବୀର କପୁରଙ୍କ ସହ ତାଙ୍କ ରିଲେସନଶିପ୍‌କୁ ନେଇ ମଧ୍ୟ ସବୁବେଳେ ଚର୍ଚ୍ଚା ଲାଗିରହିଥାଏ। ପୂର୍ବରୁ କରଣ ଜୋହରଙ୍କ ଏକ ପପୁଲାର୍ ଟିଭି ଶୋ’ରେ ମଧ୍ୟ ଆଲିୟା ଗୋଟିଏ ପ୍ରଶ୍ନର ଏଭଳି ଉତ୍ତର ଦେଇଥିଲେ ଯେ ତାଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ୍ ହେବାକୁ ପଡ଼ିଥିଲା। ଏବେ ପୁଣି କରଣ ଜୋହରଙ୍କ କାର୍ଯ୍ୟକ୍ରମରେ ଏଭଳି କିଛି କହି ଆଲିୟା ଚର୍ଚ୍ଚାରେ ଅଛନ୍ତି।

‘ଜିୟୋ ମାମି ମୁଭି ମେଲା ୱିଥ୍ ଷ୍ଟାର୍ସ ୨୦୧୯’ କାର୍ଯ୍ୟକ୍ରମରେ ରବିବାର କରୀନା କପୁର ଖାନ୍ ଓ ଆଲିୟା ଭଟ୍ଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ କରଣ ଜୋହର ଉଭୟଙ୍କୁ କିଛି ପ୍ରଶ୍ନ ପଚାରୁଥିଲେ। ଏହାରି ଭିତରେ କରଣଙ୍କ ଏକ ପ୍ରଶ୍ନର ଉତ୍ତର ଦେବାବେଳେ ଆଲିୟା କହୁ କହୁ ଅଶାଳୀନ ଭାଷା କହିଦେଇଥିଲେ। ଉତ୍ତର ରଖିବାବେଳେ ଆଲିୟା ମନଖୋଲି କରୀନାଙ୍କୁ ପ୍ରଶଂସା କରିବାକୁ ଲାଗିଲେ। "ଲୋକ କିଛି ବି କୁହନ୍ତି, କିନ୍ତୁ କରୀନା ବିବାହ ପରେ ବି କିପରି ନିଜକୁ ଫିଟ୍ ରଖିଛନ୍ତି, ବାହାଘର ପରେ ବି ଫିଲ୍ମ ପରେ ଫିଲ୍ମ କରିଚାଲିଛନ୍ତି, କେତେ ହଟ୍ ଦେଖାଯାଆନ୍ତି, ଏପରି କି ସେ ଚପଲ ଆଉ ଟି-ଶାର୍ଟରେ ମଧ୍ୟ ଖୁବ୍ ସୁନ୍ଦର ଦେଖାଯାଆନ୍ତି" ଏପରି ଅନେକ ପ୍ରଶଂସା କରୁ କରୁ ଆଲିୟାଙ୍କ ମୁହଁରୁ ହଠାତ୍ ଅପଶବ୍ଦ ବାହାରିଗଲା। ଏତିକି ବେଳେ ଉପସ୍ଥିତ ଦର୍ଶକ ଚିଲାଇବା ଆରମ୍ଭ କରିଥିଲେ ଓ କରୀନା ଲାଜରେ ନିଜ ମୁହଁ ଉପରେ ହାତ ରଖିଦେଇଥିଲେ। ମତେବେ ଲାଇଭ୍ ଶୋ’ରେ ଆଲିୟା ଏଭଳି ଅପଶବ୍ଦ ବ୍ୟବହାର କରିବେ ବୋଲି ହୁଏତ କରଣ ଆଶା କରି ନ ଥିଲେ। ତେଣୁ ସେ ପ୍ରଥମେ ଶୁଣି ପାରି ନ ଥିବାବେଳେ ପରେ ଦର୍ଶକମାନେ ଚିଲାଇବାରୁ କାରଣ ପଚାରି ବୁଝିଥିଲେ। ଏହାପରେ ସେ ଆଲିୟାଙ୍କୁ ହସି ହସି କହିଥିଲେ "ତୁମକୁ ମୁଁ ଏଭଳି ସଂସ୍କାର ଶିଖାଇଛି ?" ଏ ସମସ୍ତ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଆଲିୟାଙ୍କୁ ପ୍ରବଳ ଟ୍ରୋଲ କରାଯାଉଛି।

## ବିଶ୍ୱର ସବୁଠୁ ପୁରୁଣା ହୋଟେଲ

# ରାତିକ ପାଇଁ ଦେବାକୁ ପଡ଼େ ୩୩ ହଜାର ଟଙ୍କା



**ଟୋକିଓ:** ବିଶ୍ୱରେ ଅନେକ ପୁରାତନ ହୋଟେଲମାନ ରହିଛି। ଯାହାକି ସମୟ ସାଙ୍ଗକୁ ପରିବର୍ତ୍ତନ ମଧ୍ୟ ହୋଇଥାଏ। ମାତ୍ର ଜାପାନରେ ଏମିତି ଏକ ହୋଟେଲ ରହିଛି, ଯାହା ଆଜି ଇତିହାସ ପାଲଟିଛି। ‘ନିଶିୟାମା ଓନ୍‌ସେନ କ୍ୟୁନାକାନ୍’ ନାମକ ଏହି ହୋଟେଲ ବିଶ୍ୱର ସବୁଠାରୁ ପୁରାତନ। ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ଏହାକୁ ଫୁଜିୱାରା ମହିତୋ ନାମକ ଜଣେ ବ୍ୟକ୍ତି ନିର୍ମାଣ କରିଥିଲେ। ପାଖାପାଖି ୧୩ଶହ ବର୍ଷ ପୁରୁଣା ଏହି ହୋଟେଲକୁ ତାଙ୍କ ପରିବାରର ୫୨ତମ ପିଢ଼ି ଚଳାଇ ଆସୁଛନ୍ତି। ଏଠାକୁ ସାରା ବିଶ୍ୱରୁ ଲୋକେ ଆସିଥାନ୍ତି। ବିଳାସମୟ ଝରଣା ପାଇଁ ଏହା ବେଶ୍ ପ୍ରସିଦ୍ଧ। ଯାହାକି ଅନ୍ୟ ହୋଟେଲ ଠାରୁ ଭିନ୍ନ ହୋଇପାରିଛି। ହୋଟେଲର ଗୋଟିଏ ପଟେ ଏକ ସୁନ୍ଦର ନଦୀ ବହିଯାଇଥିବା ବେଳେ ଅନ୍ୟପଟେ ଘନ ଜଙ୍ଗଲରେ ପରିପୂର୍ଣ୍ଣ। ଏହି ହୋଟେଲରେ ୩୭ଟି କୋଠରୀ ରହିଛି। ଗୋଟିଏ ରାତି ଏଠାରେ ରହିବା ପାଇଁ ପ୍ରାୟ ୩୩ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ମଝିରେ ମଝିରେ ଏହି ହୋଟେଲର ନବୀକରଣ ହୋଇଥାଏ। ଶେଷଥର ପାଇଁ ୧୯୯୭ରେ ଏହାର ନବୀକରଣ କରାଯାଇଥିଲା।

# ପରଫ୍ୟୁମ୍ କରିଥାଏ ବାୟୁ ପ୍ରଦୂଷଣ



**ଟୋକିଓ:** ବାୟୁ ପ୍ରଦୂଷଣ ପାଇଁ ପରଫ୍ୟୁମ୍, ହେୟାର ସ୍ପ୍ରେ ଏବଂ ରିଫ୍ରେସର ଦାୟୀ ବୋଲି ଜାପାନର ଟୋକିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଗାଡ଼ି ମୋଟର, ଶିଳ୍ପସଂସ୍ଥା ଏବଂ ଘରେ ବ୍ୟବହୃତ ହେଉଥିବା ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟଠାରୁ ଏସବୁ ଅଧିକ ମାତ୍ରାରେ ବାୟୁ ପ୍ରଦୂଷଣ କରିଥାନ୍ତି। ଏସବୁ ପ୍ରସାଧନ ସାମଗ୍ରୀରେ ଥିବା ରାସାୟନିକ ପଦାର୍ଥ ଯୋଗୁ ଏଭଳି ହୋଇଥାଏ। ଏଥିରେ ଆଲକୋହଲ, କାର୍ବନ ଡାଇଅକ୍ସାଇଡ୍, ହାଇଡ୍ରୋକାର୍ବନ ପ୍ରଚୁର ମାତ୍ରାରେ ରହିଥାଏ। ଏହା ବାୟୁ ମଣ୍ଡଳରେ ଥିବା ସଲ୍‌ଫର, ନାଇଟ୍ରୋଜେନ୍, ଅମ୍ଳଜାନ ସହ ପ୍ରତିକ୍ରିୟା କରିଥାଏ ବୋଲି ଏହି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ସୁରଟ :** ଆପଣମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ବିମାନବନ୍ଦରରେ ପୁଣି ପ୍ରତିଦିନ ଫାୟାରିଂ ! ହେଲେ ହଁ। ପ୍ରତିଦିନ ସୁରଟ ବିମାନ ବନ୍ଦରରେ ଟେକ୍‌ଅଫ୍ ଏବଂ ଲ୍ୟାଣ୍ଡିଂ ପୂର୍ବରୁ ଉଡୁଥିବା ପକ୍ଷୀଙ୍କୁ ହଟାଇବା ପାଇଁ ୧୫୦ ଥର ଫାୟାରିଂ କରାଯାଇଥାଏ। ଏହି ବିମାନ ବନ୍ଦର ନିକଟରେ କେତେଗୁଡ଼ିଏ ପୋଖରୀ ରହିଛି। ପୋଖରୀକୁ ଖାଦ୍ୟ ଅନ୍ୱେଷଣରେ ବହୁ ପକ୍ଷୀ ଆସିଥାନ୍ତି। ସେମାନେ ବିମାନବନ୍ଦର ଉପରେ ଉଡ଼ିବୁଲନ୍ତି। ତେଣୁ ବିମାନ ଟେକ୍‌ଅଫ୍ ଏବଂ ଲ୍ୟାଣ୍ଡିଂ ପୂର୍ବରୁ ବନ୍ଦର କର୍ତ୍ତୃପକ୍ଷ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଏଭଳି କରିଥାନ୍ତି। ଏଠାରୁ ପ୍ରତିଦିନ ୪୬ ବିମାନ ଉଡ଼ାଣ କରିଥାଏ। ବିମାନର ସୁରକ୍ଷିତ ଉଡ଼ାଣ ଲାଗି ଗୋଟିଏ ମାସରେ ବିମାନ ବନ୍ଦର କର୍ତ୍ତୃପକ୍ଷ ୪୫ ଶହ ଥର ଫାୟାରିଂ କରିଥାନ୍ତି। ସେହିପରି ଗୋଟିଏ ବର୍ଷରେ ୫୪ ହଜାର ଥର ଫାୟାରିଂ କରାଯାଇଥାଏ। ସକାଳ ୬ଟାଠାରୁ ପୂର୍ବାହ୍ନ ୧୧ଟା ୩୦ ମଧ୍ୟରେ ପ୍ରାୟ ୮୦ ଥର ଫାୟାରିଂ କରାଯାଇଥାଏ। ସେହିପରି ଅପରାହ୍ନ ୩ଟା ଠାରୁ ସନ୍ଧ୍ୟା ୭ଟା ୩୦ ମଧ୍ୟରେ ପ୍ରାୟ ୭୦ ଥର ଫାୟାରିଂ ହୋଇଥାଏ। ଏଥିପାଇଁ ବର୍ଷକୁ ୨ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥାଏ।






# ବିମାନ ବନ୍ଦରରେ ପ୍ରତିଦିନ ହୁଏ ଫାୟାରିଂ

# ଅବିବାହିତ କଲାମଙ୍କର ଥିଲେ ୩ ପୁଅ



**ନୂଆଦିଲ୍ଲୀ:** ଭାରତର ୧୧ତମ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମଙ୍କର ଜନ୍ମବାର୍ଷିକୀ ମଙ୍ଗଳବାର ପାଳିତ ହୋଇଛି। ସେ ଚିରକୁମାର ଥିଲେ। ଅବିବାହିତ ହୋଇ ମଧ୍ୟ ତାଙ୍କର ୩ ପୁଅ ଥିଲେ। ଏକ ସାକ୍ଷାତ୍‌କାରରେ କଲାମ୍ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏନେଇ ସୂଚନା ଦେଇଥିଲେ। କଲାମ୍ ଏକ କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କ ସହିତ ଖୁସିରେ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣଙ୍କର କୌଣସି ସନ୍ତାନ ସନ୍ତତି କାହିଁକି ନାହାନ୍ତି। ଏହାକୁ ନେଇ କଲାମ୍ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ। ଏହା ସମ୍ପୂର୍ଣ୍ଣ ମିଛ କଥା। ମୋର ୩ ପୁଅ ଅଛନ୍ତି। ସେମାନେ ହେଉଛନ୍ତି ପୃଥ୍ୱୀ, ଅଗ୍ନି ଏବଂ ବ୍ରହ୍ମୋସ୍। କଲାମ୍‌ଙ୍କ ଉତ୍ତର ଶୁଣି ସେଠାରେ ସଭିଏଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏସବୁ ଥିଲା କଲାମ୍‌ଙ୍କ ତତ୍ତ୍ୱାବଧାନରେ ନିର୍ମିତ କ୍ଷେପଣାସ୍ତ୍ରର ନାମ। କଲାମ୍ ଏସବୁ କ୍ଷେପଣାସ୍ତ୍ରକୁ ତାଙ୍କ ପୁଅ ଭାବେ ଅଭିହିତ କରିଥିଲେ।

# ଏନ୍.ଆର୍. ନାରାୟଣ ମୂର୍ତ୍ତିଙ୍କ ଜୀବନୀକୁ ନେଇ ବଲିଉଡ୍ ଫିଲ୍ମ

**ନୂଆଦିଲ୍ଲୀ:** ବଲିଉଡ୍‌ରେ ବାୟୋପିକ୍ ଟ୍ରେଣ୍ଡ ଚାଲିଥିବାବେଳେ ପିରିଓଡିକ୍ ଡ୍ରାମା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଜୀବନୀ ଉପରେ ମଧ୍ୟ ଅନେକ ସମୟରେ ଫିଲ୍ମ ନିର୍ମାଣ କରାଯାଉଛି। ସମାଜରେ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଜୀବନୀକୁ ନେଇ ପ୍ରସ୍ତୁତ କାହାଣୀ ପରଦାରେ ଦେଖିବାକୁ ଦର୍ଶକେ ପସନ୍ଦ ମଧ୍ୟ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ହୁଅନ୍ତୁ ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଏମ୍.ଏସ୍. ଧୋନୀ ହୁଅନ୍ତୁ ବା ମେରିକମ୍, ଏଭଳି ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନ ଓ ସଂଘର୍ଷ ଉପରେ ବଲିଉଡ୍‌ରେ ଫିଲ୍ମ ନିର୍ମାଣ କରାଯାଇଛି। ଏହି ତାଲିକାରେ ଏବେ ଆଉ ଏକ ଦମ୍ପତିଙ୍କ ନାଁ ଯୋଡ଼ିହେବାକୁ ଯାଉଛି। ଖୁବ୍‌ଶୀଘ୍ର ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ସୁଧା ମୂର୍ତ୍ତିଙ୍କ ଜୀବନୀ ଉପରେ ନିର୍ମାଣ ହେବ ଫିଲ୍ମ। ଏନେଇ ବିଧିବଦ୍ଧ ଘୋଷଣା ମଧ୍ୟ କରାଯାଇଛି। ବଲିଉଡ୍‌ର ବଡ଼ ପରଦାରେ ମୂର୍ତ୍ତି ଦମ୍ପତିଙ୍କ ଜୀବନ, ସଂଘର୍ଷ ଓ ଦେଶ ପ୍ରତି ଥିବା ଅବଦାନଗୁଡ଼ିକୁ ଦେଖିବାକୁ ମିଳିବ। ମୂର୍ତ୍ତି ଦମ୍ପତିଙ୍କୁ ନେଇ ପ୍ରସ୍ତୁତ ହେବାକୁ ଥିବା ଏହି ଫିଲ୍ମର ଟାଇଟଲ ମଧ୍ୟ ‘ମୂର୍ତ୍ତି’ ରଖାଯାଇଛି। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଅଶ୍ୱିନୀ ଆୟାର ତିୱାରୀ ନେଇଥିବାବେଳେ କାହାଣୀ ଲେଖୁଛନ୍ତି ସଞ୍ଜୟ ତ୍ରିପାଠୀ। ତେବେ ଅଶ୍ୱିନୀ ବର୍ତ୍ତମାନ କଙ୍ଗନା ରନାୱତଙ୍କ ‘ପଙ୍ଗା’ ଫିଲ୍ମରେ ବ୍ୟସ୍ତ ଅଛନ୍ତି। ସେହିପରି ଫିଲ୍ମର ପ୍ରଯୋଜନା କରୁଛନ୍ତି ମହାବୀର ଜୈନ, ନିତେଶ ତିୱାରୀ ଏବଂ ଅଶ୍ୱିନୀ ଆୟାର ତିୱାରୀ। ଭାରତର ମହାନ୍ ଦାନବୀରଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଏନ୍.ଆର୍. ନାରାୟଣ ମୂର୍ତ୍ତି। ସେ ବ୍ୟବସାୟଠାରୁ ଊର୍ଦ୍ଧ୍ୱରେ ଚିନ୍ତା କରି ଇନ୍‌ଫୋସିସ୍ ମାଧ୍ୟମରେ ଦେଶର ଗରିବ ଲୋକଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି।



**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ପୂରିଛି ୭୩ ବର୍ଷ। ସେ ବୁଧବାର ୭୪ରେ ପଦାର୍ପଣ କରିବେ। ଏହି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...**

# ନବୀନ @୭୪



## ଅତୁଲ୍ୟ ନବୀନ

ଜିତେନ୍ଦ୍ର କୁମାର ନାୟକ

ଭାରତୀୟ ରାଜନୀତିରେ ଅନ୍ୟତମ ଉତ୍ତୁଙ୍ଗ ବ୍ୟକ୍ତି ଭାବେ ନବୀନ ପଟ୍ଟନାୟକ ଏବେ ଦଣ୍ଡାୟମାନ। ଦୀର୍ଘ ଶାସନ ତାଙ୍କ ପାଇଁ କାଳ ହେବ ବୋଲି ଯେଉଁ ରାଜନୈତିକ ବିଶ୍ଳେଷକମାନେ ଗତ ସାଧାରଣ ନିର୍ବାଚନ ବେଳେ ଭବିଷ୍ୟବାଣୀ କରିଥିଲେ, ଭୋଟର ତାହାକୁ ଶୂନ୍ୟରେ ମିଳାଇ ଦେଲେ। ୨୦୦୦ ମସିହାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଆସିଥିବା ନବୀନଙ୍କ ପାଇଁ ପ୍ରତ୍ୟେକ ନିର୍ବାଚନ ଆହ୍ୱାନ ସୃଷ୍ଟି କରିଥିଲେ ମଧ୍ୟ ତାହାକୁ ନିଜର ସରଳପଣିଆ ଓ ଭାବିଚିନ୍ତି ଦେଉଥିବା ମତ ଦ୍ୱାରା ପରାସ୍ତ କରିପାରିଛନ୍ତି। ସେ ଓଡ଼ିଆଙ୍କ ହୃଦୟରେ ଏଭଳି ବିରାଜମାନ କରିଛନ୍ତି ଯେ, ତାଙ୍କ ସମକକ୍ଷ ନେତା ବର୍ତ୍ତମାନ ପାଇଁ ଓଡ଼ିଶାରେ କେହି ନ ଥିବା ସୂଚାଇ ଦେଉଛି। 'ଆପଣମାନେ ଖୁସି ତ, ମୁଁ ବହୁତ ଖୁସି' ପରି ମୁଖନିଃସୃତ କଥା ପଦେ ତାଙ୍କ ଭାବମୂର୍ତ୍ତିକୁ ଅଧିକ ଉଜ୍ଜ୍ୱଳ କରିଦେଇଛି। ଏହା ଓଡ଼ିଆ ଜନମାନସକୁ ଛୁଇଁଯିବା ପରେ କଥା କଥାକେ ଲୋକେ ଏହି ପଦକୁ ବ୍ୟବହାର କରୁଛନ୍ତି। ଓଡ଼ିଶାର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକଠାରୁ ଆରମ୍ଭ କରି କ୍ରୀଡ଼ା ଯାଏ ବିବିଧ କ୍ଷେତ୍ରରେ ନବୀନଙ୍କ ଜନମଙ୍ଗଳ ଚିନ୍ତାଧାରା ଓ ତା'ର ପ୍ରୟୋଗ ସବୁବର୍ଗଙ୍କୁ ତାଙ୍କ ଆଡ଼କୁ ଆକୃଷ୍ଟ କରିଚାଲିଛି। ବିଗତ ଦିନର ତାଙ୍କର ଅନେକ ନିଷ୍ପତ୍ତି ବ୍ୟବସ୍ଥାକୁ ସଜାଡ଼ିବାରେ ପ୍ରମୁଖ ଭୂମିକା ନିର୍ବାହ କଲାଣି।

ଏକଦା ରାଜନୀତି ପ୍ରତି ଅମଙ୍ଗ ଥିବା ନବୀନ ପିତା ବିଜୁ ପଟ୍ଟନାୟକଙ୍କ ଉପଯୁକ୍ତ ଦାୟାଦ ବୋଲି ବହୁ କ୍ଷେତ୍ରରେ ପ୍ରମାଣ ଦେଇସାରିଲେଣି। କ୍ରମାଗତ ଓଡ଼ିଶାର ମୁଖିଆ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ 'ପଞ୍ଚମରେ ନବୀନ' ଶାସନ ବର୍ତ୍ତମାନ ଅନ୍ୟ ପ୍ରଦେଶ ଏବଂ ଜାତୀୟ ରାଜନୀତି ପାଇଁ ପ୍ରୟୋଗଶାଳା ପାଲଟିଯାଇଛି। ଏଠାରେ ଅନ୍ୟ ଏକ ସକାରାତ୍ମକ ସିଦ୍ଧାନ୍ତ କରାଯାଉଛି। ନବୀନ ନିଜ ତତ୍ତ୍ୱାବଧାନରେ ସରକାରୀ ଅଫିସରଙ୍କୁ ରାଜନୈତିକ ଚାପରୁ ଦୂରେଇ ରଖି ସିଧାସଳଖ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟ କରିବାର ଏକ ନୂଆ ପ୍ରଣାଳୀ ଆରମ୍ଭ କରିଛନ୍ତି। ଏହା ତାଙ୍କୁ ରାଜନୈତିକ ସଫଳତା ଦେବା ସହିତ ଓଡ଼ିଶାର ଉଦାହରଣକୁ ଅନ୍ୟ ରାଜ୍ୟ ସମେତ କେନ୍ଦ୍ର ସରକାର ଅନୁକରଣ କରିବାକୁ ଆରମ୍ଭ କଲେଣି। ନବୀନଙ୍କ ପଞ୍ଚମ ପାଳି ପ୍ରଥମ ବର୍ଷ କେଇମାସର ଶାସନ ଶୈଳୀକୁ ଦେଖିଲେ ଭାରତୀୟ ରାଜନୀତିରେ ଭିନ୍ନ କୀର୍ତ୍ତିମାନ ସ୍ଥାପନ ହେଲାଣି। ତା' ମଧ୍ୟରେ ସବୁଠୁ ଆଗକୁ ଚାଲିଆସିଛି 'ମୋ ସରକାର'। ୧୫ ଅଗଷ୍ଟ ୨୦୧୯ରେ ଏହାର ପରିକଳ୍ପନା ହୋଇଥିବା ବେଳେ ୨ ଅକ୍ଟୋବରରେ ଏହା କାର୍ଯ୍ୟକାରୀ କରାଯାଇପାରିଛି। ଗାନ୍ଧୀଙ୍କ ଆଦର୍ଶ ଅନୁସରଣରେ ପରିକଳ୍ପିତ ଏହି କାର୍ଯ୍ୟକ୍ରମ ଦ୍ୱାରା ଶାସନରେ ଜନସାଧାରଣଙ୍କ ସ୍ୱରକୁ ଗୁରୁତ୍ୱ ଦିଆଯିବାର ବ୍ୟବସ୍ଥା କରାଯାଇଛି। 'ମୋ ସରକାର'ର ସ୍ୱରୂପ ଅତି ସୂକ୍ଷ୍ମ ହୋଇଥିଲେ ହେଁ ଏହାର କାର୍ଯ୍ୟକାରିତା ସୁଦୂରପ୍ରସାରୀ ଭଳି ପ୍ରତୀୟମାନ ହେଉଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଲୋକେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ପହଞ୍ଚିବା ବେଳେ ସେମାନଙ୍କୁ ମର୍ଯ୍ୟାଦାର ସହ ଉପଯୁକ୍ତ ସେବା ଯୋଗାଇ ଦେବା ଲାଗି ନବୀନଙ୍କ ନିର୍ଦ୍ଦେଶ ରହିଛି। ଯେଉଁମାନେ ସରକାରୀ କାର୍ଯ୍ୟାଳୟରେ ପହଞ୍ଚିବେ, ସେମାନଙ୍କ ଫୋନ୍ ନମ୍ବର ସଂଗ୍ରହ କରାଯାଉଛି। ସେଥିରୁ କେତୋଟି ଚୟନ କରାଯିବା ପରେ ସିଧାସଳଖ ମୁଖ୍ୟମନ୍ତ୍ରୀ, ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶଙ୍କ ଭଳି ବଡ଼ ପଦବୀଧାରୀଙ୍କଠାରୁ ଫୋନ୍ ପାଇବା ପରେ ଲୋକେ ଆପତ୍ତି ଅଭିଯୋଗ ସିଧାସଳଖ ଜଣାଇ ପାରୁଛନ୍ତି। ବ୍ୟବସ୍ଥାରେ ଲୋକଙ୍କ ଯୋଗଦାନ ଶାସନକୁ ସୁଦୃଢ଼ କରିଥାଏ। ଗଲା କେଇଦିନକୁ ଦେଖିଲେ ଅଦ୍ୟାବଧି ୪୬ ଜଣ ପଦସ୍ଥ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ସରକାର ବିଦା କରିସାରିଲେଣି। ନବୀନଙ୍କ ଶାସନର ପ୍ରଥମ ପାଳିରୁ ଯେଉଁ କାର୍ଯ୍ୟ ଆରମ୍ଭ ହୋଇ ତାଙ୍କୁ ନିର୍ମଳ ଭାବମୂର୍ତ୍ତି ପ୍ରଦାନ କରିଥିଲା, ଏବର ଘନ ଘନ ସକାରାତ୍ମକ ପଦକ୍ଷେପ ନବୀନ ସରକାରଙ୍କ ଦୁର୍ନୀତି ପ୍ରତି 'ଶୂନ୍ୟ ସହନଶୀଳତା' ରହିଥିବାର ସୂଚନା ଦେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଡାକ୍ତରଖାନା ଓ ଥାନାରେ 'ମୋ ସରକାର' କାର୍ଯ୍ୟକ୍ରମକୁ ଜୋରଦାର କାର୍ଯ୍ୟକାରୀ କରାଯାଇଛି। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ), ଡାକ୍ତରଖାନା ଓ ଥାନାରେ ଦଲାଲ ହଟିବା ଆରମ୍ଭ ହୋଇଛି। ଅନେକଙ୍କୁ ଗିରଫ କରାଯିବା ପରେ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଥିବା ଦଲାଲଙ୍କ ଛାତିରେ ଛନକା ପଶିଗଲାଣି। 'ମୋ ସରକାର'କୁ ଅଧିକ ବଳ ଦେଇଛି ୫-ଟି ଯଥା ଟେକ୍‌ନୋଲଜି (ପ୍ରଯୁକ୍ତିବିଦ୍ୟା), ଟ୍ରାନ୍ସପରେନ୍ସି (ସ୍ୱଚ୍ଛତା), ଟିମ୍‌ୱର୍କ (ଦଳଗତ କାର୍ଯ୍ୟ), ଟ୍ରାନ୍ସଫର୍ମେଶନ (ରୂପାନ୍ତରଣ) ଏବଂ ଟାଇମ୍ ଲିମିଟ୍ (ସମୟସୀମା) କାର୍ଯ୍ୟକ୍ରମ। ଏପରି କି ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କ ସହିତ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମୌଳିକ ଭିତ୍ତିଭୂମିର ସର୍ବାଗ୍ରେ ଥିବା ଡାକ୍ତରଖାନାକୁ ବୁଲି ଦେଖୁଛନ୍ତି। ସ୍ଥଳବିଶେଷରେ ଅବ୍ୟବସ୍ଥା ଦେଖିଲେ ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ନିକଟରେ ସୁନ୍ଦରଗଡ଼ ଭାରପ୍ରାପ୍ତ ସିଡିଏମ୍‌ଓଙ୍କୁ ନିଲମ୍ବନ କରାଯିବା ପରେ ଅନ୍ୟାନ୍ୟ ଡାକ୍ତରଖାନାରେ ଯୁଦ୍ଧକାଳୀନ ଭିତ୍ତିରେ ରୋଗୀସେବା ଲାଗି ତତ୍ପରତା ପ୍ରକାଶ ପାଇଛି। ହେଲେ ଏଭଳି କାର୍ଯ୍ୟାନୁଷ୍ଠାନକୁ କେତେକ ଲୋକ ବିରୋଧ କରୁଥିବା ବେଳେ ତାହା ପ୍ରଶଂସିତ ହେଉଛି, କାରଣ ଜନସାଧାରଣ ଏହାଦ୍ୱାରା ଲାଭବାନ ହେଉଛନ୍ତି। ୫-ଟି ସଚିବଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ୧୪ ଅକ୍ଟୋବରରେ ରିପୋର୍ଟ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ତତ୍କ୍ଷଣାତ୍ ଆଦିବାସୀ ବହୁଳ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟସେବାର ଉନ୍ନତି ସକାଶେ ୪୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିବା ନିଶ୍ଚିତ ଭାବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମଙ୍ଗଳଦାୟକ ହୋଇପାରିବ। ଏସବୁ ଦେଖିଲେ ବଲିଉଡ୍ ଷ୍ଟାର ଅନିଲ କପୁରଙ୍କ ଅଭିନୀତ 'ନାୟକ' ଚଳଚ୍ଚିତ୍ରର ଛବି ଆଖିଆଗକୁ ଆସିଯାଉଛି। ସେଥିରେ କାହାଣୀ ଥିଲା ଗୋଟିଏ ଦିନ ପାଇଁ ଅନିଲ ପାଲଟିଥିଲେ ମୁଖ୍ୟମନ୍ତ୍ରୀ। ସେହି ୨୪ ଘଣ୍ଟା ମଧ୍ୟରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାର କିଭଳି ଲୋକାଭିମୁଖୀ ହୋଇପାରେ ସିନେମାରେ ଦର୍ଶାଯାଇଥିଲା। ଯେଉଁ ଶୈଳୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କେତେକ ଅମଲାତନ୍ତ୍ରୀ ଏବେ ସଜାଗ ହୋଇଯାଇଛନ୍ତି, ଏହା ନିଶ୍ଚିତ ଭାବେ ଅପାରଗ ଓ ଦୁର୍ନୀତିଗ୍ରସ୍ତଙ୍କୁ ଅଡୁଆରେ ପକାଉଛି। କେତେକ ଦୁର୍ଗମ ଅଞ୍ଚଳ ଯେଉଁଠିକି କେହି ସରକାରୀ କର୍ମଚାରୀଙ୍କ ଦିନେକାଳେ ପାଦ ପଡ଼ି ନ ଥିଲା, ସେଠାରେ ବଡ଼ ଅଧିକାରୀଙ୍କ ଉପସ୍ଥିତି ନିଶ୍ଚିତ ଭାବେ ଶାସନରେ ଫରକ ଦେଖାଇବ। ବିରୋଧୀ ଅଭିଯୋଗ କରୁଛନ୍ତି ଯେ, ଏସବୁ ଲୋକଦେଖାଣିଆ। ଆଉ କେତେକ ପ୍ରଶ୍ନ କରୁଛନ୍ତି- ଏବେ 'ମୋ ସରକାର' ଚାଲିଲା, ପୂର୍ବରୁ ତା'ହେଲେ କାହା ସରକାର ଚାଲିଥିଲା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶକ୍ତିଶାଳୀ ବିରୋଧୀ ରହିବା ଏବଂ ସେମାନଙ୍କ ମତକୁ ଗୁରୁତ୍ୱ ଦିଆଯିବା ଉଚିତ। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ, ଶାସନରେ ସର୍ବଦା ନୂତନ କାର୍ଯ୍ୟପ୍ରଣାଳୀ ବ୍ୟବହାର କରାଯିବା ଦରକାର। ସେହି ଦୃଷ୍ଟିରୁ ଦେଖିଲେ, ଯେଉଁ ଶାସନ ବା ପ୍ରଶାସନ ଏକ ଭୁଲକୁ ସୁଧାରି ଦୋଷୀକୁ ଦଣ୍ଡ ଦେଇପାରୁଛି, ତାହାକୁ ସବୁ ଦିଗରୁ ସମର୍ଥନ କରାଯିବା ଉଚିତ।

ଶାସନରେ ସର୍ବଦା ବାଧକ ସାଜିଥାଏ ଦୁର୍ନୀତି। ଏହାର ସଂଜ୍ଞା ଲାଞ୍ଚ, ଆର୍ଥିକ ହେରଫେର ବା ଅନିୟମିତତା ଭିତରେ ସୀମିତ ନ ଥାଏ। ନୈତିକ ଭ୍ରଷ୍ଟତା ମଧ୍ୟ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିଥାଏ। ସେଥିଲାଗି ଲୋକସେବା ଦିଗରେ ନିଯୁକ୍ତ ବ୍ୟକ୍ତିମାନେ ଶାସନରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଜନତାଙ୍କ ନିକଟରେ ଉତ୍ତରଦାୟୀ ହେବା କଥା। କରଦାତାଙ୍କ ଅର୍ଥ କେବଳ ସରକାରୀ କର୍ମଚାରୀ ବା ଅଧିକାରୀଙ୍କୁ ପ୍ରତିପୋଷଣ କରେନାହିଁ, ଏହା ଜନମଙ୍ଗଳ କାର୍ଯ୍ୟରେ ବିନିଯୋଗ ହେଉଛି। ଏଣୁ ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱବାନ୍ ହେବା ଉଚିତ। ଦୁର୍ନୀତି କଥା ଉଠିଲେ ବହୁଳ ପ୍ରଚଳିତ ପ୍ରବାଦ ମନକୁ ଆସେ-ଦୁଇ ହାତରେ ତାଳି ବାଜେ। ଅର୍ଥାତ୍ ଜନସାଧାରଣଙ୍କ ସହଯୋଗ ବିନା ଦୁର୍ନୀତି ରୋକାଯାଇ ପାରିବ ନାହିଁ। ଲାଞ୍ଚ ଦେଉଥିବା ବା ନେଉଥିବା ଉଭୟ ସମପରିମାଣରେ ଦୋଷୀ। ଏଥିରେ ବ୍ୟକ୍ତି ସାଧାରଣ ଜନତା ହୋଇପାରେ ବା ଅମଲାତନ୍ତ୍ରୀ, ନ୍ୟାୟପାଳିକା କିମ୍ବା ରାଜନେତା ବା ଯେ କେହି।

ଏବେ ଓଡ଼ିଶାର ସରକାରୀ ସ୍ତରରେ ସୁଶାସନ ଲାଗି ଯେଉଁ ତତ୍ପରତା ବା ନିଷ୍ଠା ପ୍ରକାଶ ପାଇଛି, ତାହା ଜାରି ରହିବା ଦରକାର। ଏହାକୁ ଅଧାପନ୍ତରିଆ କରି ରଖିଦେଲେ ଶାସନରେ ଯେଉଁ ସଂସ୍କାର ଆସିବା ଆରମ୍ଭ ହୋଇଛି, ତାହା ବାଧାପ୍ରାପ୍ତ ହେବ। ବିନା ଆନ୍ତରିକତାରେ କୌଣସି କାର୍ଯ୍ୟକ୍ରମକୁ ଦୀର୍ଘସ୍ଥାୟୀ କରାଯାଇ ପାରିବ ନାହିଁ। ଉତ୍ସାହରେ ହୁଏତ ଅନେକ ଯୋଜନା ବା କାର୍ଯ୍ୟକ୍ରମ ନିଆଯାଇ ପାରିଥାଏ। ଦେଖିବାକୁ ଗଲେ ନବୀନଙ୍କ ପଞ୍ଚମ ପାଳି ତାଙ୍କ ପୂର୍ବବର୍ତ୍ତୀ ପାଳି ତୁଳନାରେ ଅଧିକ ସକ୍ରିୟ ମନେହେଉଛି। ଏଥରକ ସେ ଅଧିକ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରିପାରିଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ଦୃଢ଼ୀଭୂତ କରିବାର କଳା ସେ ଆୟତ୍ତ କଲାଭଳି ଲକ୍ଷ୍ୟ କରାଯାଉଛି। ସେହିପରି ତାଙ୍କ ଦଳ କଥା ଦେଖିଲେ ବିଜେଡିରେ ସେ ଅପ୍ରତିଦ୍ୱନ୍ଦ୍ୱୀ। ଏହା ସହିତ ତାଙ୍କ ଭାବମୂର୍ତ୍ତି ସହିତ ସମ୍ଭବତଃ ଜାତୀୟସ୍ତରରେ ମଧ୍ୟ କେହି ସମକକ୍ଷ ହୋଇପାରୁ ନାହାନ୍ତି।

- ଏ/ଇ-୫୮, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହ



ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରେହମାନ ଓ ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କ ସହ



ଏକ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିତ୍ର ଆଙ୍କୁଛନ୍ତି।



ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ପାଇଥିବା ସମ୍ମାନ

- ଜାତିସଂଘ ସମ୍ମାନ(୨୦୧୩)
- ଭାରତରେ ଶ୍ରେଷ୍ଠ ପ୍ରଶାସକ (୨୦୧୭)
- ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟସ୍ ଆୱାର୍ଡ (୨୦୧୮)
- ଆଦର୍ଶ ମୁଖ୍ୟମନ୍ତ୍ରୀ(୨୦୧୮)

### ଲେଖିଥିବା ପୁସ୍ତକ

- ଏ ସେକେଣ୍ଡ ପାରାଡାଇଜ୍- ଇଣ୍ଡିଆନ୍ କଟ୍‌ଲି ଲାଇଫ୍ ୧୫୯୦-୧୯୪୭
- ଏ ଡେଜର୍ଟ କିଙ୍ଗଡମ୍ -ଦ ପିପୁଲ ଅଫ୍ ବିକାନେର
- ଦ ଗାର୍ଡେନ ଅଫ୍ ଲାଇଫ୍- ଆନ୍ ଇଣ୍ଟ୍ରୋଡକ୍ସନ ଟୁ ହିଲିଂ ପ୍ଲାଣ୍ଟସ୍ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- **ସଭାପତି**: ବିଜୁ ଜନତା ଦଳ(ବିଜେଡି)
- **ଜନ୍ମ**: ୧୬ ଅକ୍ଟୋବର, ୧୯୪୬
- **ଠିକଣା**: ନବୀନ ନିବାସ, ଭୁବନେଶ୍ୱର
- **ମାତାଙ୍କ ନାମ**: ଜ୍ଞାନ ପଟ୍ଟନାୟକ
- **ପିତା**: ବିଜୁ ପଟ୍ଟନାୟକ
- **ସ୍କୁଲ ଶିକ୍ଷା**: ଡୁନ୍ ସ୍କୁଲ
- **ଉଚ୍ଚଶିକ୍ଷା**: କିରୋରୀ ମଲ୍ଲ କଲେଜ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ
- **ରାଜନୈତିକ ଦଳ**: ଜନତା ଦଳ(୧୯୯୭), ବିଜେଡି(୧୯୯୭ରୁ ଏଯାବତ୍ )
- **ପ୍ରଥମ ନିର୍ବାଚନ**: ଆସ୍କା ଲୋକ ସଭା ଉପନିର୍ବାଚନ(୧୯୯୭), ଜନତାଦଳ
- **ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ**: କେନ୍ଦ୍ର କ୍ୟାବିନେଟ୍‌ରେ ଇସ୍ପାତ ଓ ଖଣି ମନ୍ତ୍ରୀ (ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ)
- **ପ୍ରଥମଥର ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ**: ମାର୍ଚ୍ଚ ୫, ୨୦୦୦ ମସିହା

### ଆଦର୍ଶ ମୁଖ୍ୟମନ୍ତ୍ରୀ ପୁରସ୍କାର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଜାନୁୟାରୀରେ ପୁଣେଠାରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କ ହାତରୁ ଆଦର୍ଶ ମୁଖ୍ୟମନ୍ତ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେତେବେଳେ ସାଧାରଣ ଜନତା ରାଜନୀତିରେ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଯାଆନ୍ତି, ସେତେବେଳେ କୌଣସି ଆଣ୍ଟି-ଇନ୍‌କମ୍ବେନ୍ସି ରହେ ନାହିଁ।




ଆଦର୍ଶ ମୁଖ୍ୟମନ୍ତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ସାନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜନ୍ମଦିନ ପାଳିବେନି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଜନ୍ମ ଦିନ ପାଳନ କରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଚଳିତ ବର୍ଷ ସାମୁଦ୍ରିକ ଝଡ଼ 'ଫନୀ' ଦ୍ୱାରା ରାଜ୍ୟ ବହୁତ କ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଜନ୍ମଦିନ ନ ପାଳିବା ନେଇ ନିଷ୍ପତ୍ତି ନେଇଛନ୍ତି।

ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାବାସୀ ହେଉଛନ୍ତି ମୋ ପରିବାର। ରାଜ୍ୟବାସୀଙ୍କ ସ୍ନେହ ଓ ଭଲପାଇବା ତାଙ୍କୁ ଋଣୀ କରିଛି। ଜନସାଧାରଣଙ୍କ ଆଶୀର୍ବାଦ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ରେରଣା । ସେହିପରି ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ରାଜଧାନୀ ଭୁବନେଶ୍ୱର ଏବଂ ନବୀନ ନିବାସ ନ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହା ପରିବର୍ତ୍ତେ ଶୁଭେଚ୍ଛୁଙ୍କୁ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ଅନାଥାଶ୍ରମ ଓ ଭିନ୍ନକ୍ଷମପିଲାଙ୍କ ପାଇଁ ଥିବା ସ୍କୁଲ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କେବଳ ତାଙ୍କ ଜନ୍ମଦିନରେ ନୁହେଁ, ଜନସାଧାରଣ ନିଜର ସ୍ମରଣୀୟ ଦିନ(ଜନ୍ମଦିନ, ବିବାହ ବାର୍ଷିକୀ)ରେ ଏହି ପିଲାମାନଙ୍କ ପାଖକୁ ଯିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନାଥାଶ୍ରମ/ଭିନ୍ନକ୍ଷମ ସ୍କୁଲ ଅନ୍ତେବାସୀଙ୍କ ପାଇଁ ସମସ୍ତେ କିଛି କିଛି ଭଲ କାର୍ଯ୍ୟ କରିବାର ଆବଶ୍ୟକତା ରହିଥିବା ନବୀନ କହିଛନ୍ତି। ସେହିପରି ଏହିସବୁ ସ୍ଥାନ ପରିଦର୍ଶନ କଲାବେଳେ ଜନସାଧାରଣ ନିଜ ପିଲାମାନଙ୍କୁ ସାଙ୍ଗରେ ନେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସର୍ବୋପରି ପିଲାମାନେ ହେଉଛନ୍ତି ଭବିଷ୍ୟତ। ତେଣୁ ସେମାନଙ୍କ ପାଇଁ କରାଯାଉଥିବା କାର୍ଯ୍ୟ ତାଙ୍କୁ ଅଧିକ ଖୁସି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ସାରା ରାଜ୍ୟରେ ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଜୁ ଜନତା ଦଳ କାର୍ଯ୍ୟାଳୟ ସମେତ ୫୯ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସାରା ରାଜ୍ୟରୁ ପ୍ରାୟ ୧୦,୦୦୦ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ କରାଯାଇଛି।

### ଅନାଥାଶ୍ରମ, ଭିନ୍ନକ୍ଷମପିଲାଙ୍କ ସ୍କୁଲକୁ ଯିବାକୁ ଶୁଭେଚ୍ଛୁଙ୍କୁ ପରାମର୍ଶ

## ନକଲି ଜାତିଗତ ପ୍ରମାଣପତ୍ର ଧରପଗଡ: ଶିକ୍ଷୟିତ୍ରୀ ବହିଷ୍କୃତ

ଭଦ୍ରକ ଅଫିସ, ୧୫।୧୦

ଭଦ୍ରକ ବ୍ଲକ ସାବରଙ୍ଗ ଏନ୍‌ଡି ଏମ୍‌ଇ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ପ୍ରେମଶିଳା ଭୁୟାଁ ନକଲି ଜାତିଗତ ପ୍ରମାଣପତ୍ର ଦେଇ କାର୍ଯ୍ୟ କରୁଥିବା ଅଭିଯୋଗର ତଦନ୍ତ ପରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ୨୦୦୭ ସେ ରେ ଶିକ୍ଷା ସହାୟିକା ଭାବେ ନିଯୁକ୍ତି ପାଇ ୨୦୧୩ ରେ ନିୟମିତ ହୋଇଥିଲେ। ତାଙ୍କ ଘର ଭଦ୍ରକ ସାବରଙ୍ଗ ଅଞ୍ଚଳରେ। ସେ ସୁନ୍ଦରଗଡ ଲେଫ୍ରିପଡା ତହସିଲରୁ ଏସ୍‌ଟି ସାର୍ଟିଫିକେଟ୍ ଆଣି ନିଯୁକ୍ତି ସମୟରେ ପ୍ରଦାନ କରି ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଏହି ଘଟଣା ପଦାକୁ ଆସିବାରୁ ବ୍ଲକ ଶିକ୍ଷା ବିଭାଗର ପରାମର୍ଶ କ୍ରମେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି( ଏସ୍‌ଏଲ୍‌ଏଲ୍‌ସି) ତଦନ୍ତ କରି ଉକ୍ତ ସାର୍ଟିଫିକେଟ୍ ନକଲି ବୋଲି ଜାଣି ପାରିଥିଲା। ଏନେଇ ଭଦ୍ରକ ଟାଉନ ଥାନାରେ ଏକ ମାମଲା(ନଂ ୫୦୮/୧୯) ରୁଜୁ କରାଯାଇ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# classifieds Everyday 0674-2580101, 2549302





### BRIDE WANTED

Bhubaneswar based Brahmin divorcee Groom 33,B.tech 5'9" working German solicit Brahmin suitable fresh/ divorcee bride. 9348455079. D-14775

Urgent bride requirement for Gudia groom. Occupation: Entrepreneur, DOB: 1984, Height: 5'7". Contact: 8338897404. D-14784

ବୟସ ୪୭ବର୍ଷ 5'3"/M.Sc., Railwayରେ clerk ମାସିକ ଆୟ-42,000/-, ଛାଡ଼ପତ୍ର ହୋଇଥିବା ବିଧୁର, ଅବିବାହିତ ବ୍ୟକ୍ତି ସଂପର୍କ କରନ୍ତୁ। 6261597187. D-68132

Son age 29 B.Tech NIT, MBA IIM Lucknow working in MNC Company, Pune. Caste Brahmin 7008986003. D-14791

Son age 30 B.Tech, M.Tech, IIT Kharagpur. Company at Bangalore 55 package (Caste-no-bar) 8144589551. D-14792

Now Matrimonial ads. only on Wednesday & Sunday Book 1 Get 1 FREE

Brahmin boy 1991, B.Tech (IIT), MBA (XLRI), Software Engineer 9861255959. D-67239

Deserving brahmin groom B.tech, NIT, MBA, (MDI) working as software engineer, (caste-no-bar) 9861022750. D-14746

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68204

Needed nonworking fair kayastha bride preferably Puri Khurda for only son 29 B.tech Engineer in renowned IT sector. 7008180670. D-14751

Hindu Brahmin 52/5'4" Central Govt. Service, caste-no-bar. M: 8658677278. D-14710

### GROOM WANTED

Girl age 27 MBBS PG in Surgery MKCG Medical College (Caste-no-bar). 6372748613. D-14793

Teli girl BE required Engineer/ PO/ Doctor/ Class 1. 9861950024. D-14786

ନୟାଗଡ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରୀ ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ । ମୋ: ୮୮୨୦୪୬୫୨୨୫ । ଧ-୧୪୭୫୪

Brahmin girl M.Sc required BE/ PO/ Doctor/ Class 1. 8280969714. D-14787

Bhubanewarରେ private job age-28 Khandayat ଝିଅଙ୍କ ପାଇଁ any caste unmarried ପୁଅ ଦରକାର 7381366108. D-67910

MBBS Doctor, age36, divorcee ନିସନ୍ତାନ karana ଝିଅଙ୍କ ପାଇଁ any caste ପୁଅ ଦରକାର 7381460016. D-67911

38ବର୍ଷ, B.ED, Govt. Teacher ଦରମା-35,000/-, କଟକ ସ୍ଥିତ କରଣ ଝିଅ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8895458810. D-14750

Divorcee bride Engineer 34, Bank 43, Business 40 (Caste-no-bar) 7873374269. D-67086

For office IRC Village close to Indradhanu Market, 1850sqft., ground floor. Contact: 9437015201, BBSR. D-67241

Approximately 1500sqft commercial space available at Ashoknagar Bhubaneswar near Rajmahal square suitable for Office/ Bank/ Restaurant/ Guest house. Contact-9437557600/ 9437411582. D- 67503

1BHK house for family at Paikanagar, Bhubaneswar. Contact: 9831472010. D-67715




### HIRE

ଏକ ପ୍ରତିଷ୍ଠିତ ଟେଲିକମ୍ କମ୍ପାନୀ ପାଇଁ ମାସିକିଆ ଭଡ଼ାସୂତ୍ରରେ ଚାରିଚକିଆ ଗାଡ଼ି (ବୋଲେରୋ/ଟାଟାଇଣ୍ଡିଗୋ/ସ୍ୱିଫ୍ଟଡିଜାୟାର କିମ୍ବା ସମତୁଲ୍ୟ) ଆବଶ୍ୟକ। ଯୋଗାଯୋଗ- ୮୩୨୮୯୫୯୯୭୦। D-14781




ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

Gharabari plot for sale at Kolathia, near AMRI Hospital, no broker, Please contact: 9861096613. D-14780

Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135. D-68402

Gated community boundarywall plot sale near Uttara Gudiapokhari also 3BHK flat available Hanspal-9238902929, 7992736330. D- 66789

ଭୁବନେଶ୍ୱର ପିତାପଲ୍ଲୀ ଛକରେ sqft.600/- ୧ବର୍ଷ installmentରେ plot ମିଳୁଅଛି। 9937605788. D-68401

Fully developed ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312. D-66788

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak-9937329999 (Broker Excuse). D-68017




1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953




India's No.1 Packers-Leo Packers & Movers since 1975, Nationwide Network-9438133699. D-14664




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Refresh your mind and soul with best therapy at Orchid Salon/ Spa. 9937287222. D-66977

Summer special mesmerizing offer expert therapeutic refreshing massage appointment. 9668374480. D-68131

### ASTROLOGY

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

### LOST

I Sri Subash Kumar Behera, M.D. of M/S SBDS Developers (P) Ltd., hereby declared that on 10.10.2019 the original Power of Attorney for development of land over the Plot No.1353/1819 & 1356/1818, vide Khata No. 391/203 of Mouza- Injana, P.S- Mancheswar vide Regd. Doc. No. 1081509921/20 26.10.15 has been lost somewhere. Anybody found the document, contact: 9439533333 or Mancheswar Police Station. D-14785


### ଅଧାପିକାଙ୍କ ଡକ୍ଟରେଟ୍ ଲାଭ



ସମ୍ବଲପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧାପିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ସେଠୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ପି.ଏଚ.ଡି ଡିଗ୍ରୀ ଲାଭ କରିଛନ୍ତି। ସେ School of Life Science ବିଭାଗର ପ୍ରଧାପିକା ଡଃ ସୁନନ୍ଦା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "IMPACT OF FLY ASH WASTE GENERATED FROM SPONGE IRON INDUSTRY ON ECOPHYSIOLOGY OF SOME TROPICAL EARTHWORMS" ଶୀର୍ଷକ ନିବନ୍ଧ ଉପରେ ଗବେଷଣା କରୁଥିଲେ। ଉକ୍ତ ନିବନ୍ଧଟି ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟନ୍ତ କୁମାର ଦତ୍ତ ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର କେ. କାମେଶ୍ୱର ରାଓଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ସେଠୀ ଅବସରପ୍ରାପ୍ତ ବିଡ଼ିଓ ତଥା ସ୍ୱର୍ଗତ ଶ୍ରୀଯୁକ୍ତ ପୁରୁଷୋତ୍ତମ ସେଠୀ ଓ ଶ୍ରୀମତୀ ଶାନ୍ତିଲତା ସେଠୀଙ୍କ ସୁକନ୍ୟା ତଥା ମୟୂରଭଞ୍ଜ ନିବାସୀ ସ୍ୱର୍ଗତଃ ବିଶ୍ୱନାଥ ବେହେରା ଓ ତୁଳସୀ ବେହେରାଙ୍କ ପୁତ୍ରବଧୂ ଅଟନ୍ତି। ଡଃ ସେଠୀ ସଂପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର Dept. of Earth Science ରେ କାର୍ଯ୍ୟରତ ଡଃ ଦୁର୍ଯ୍ୟୋଧନ ବେହେରାଙ୍କ ସହଧର୍ମିଣୀ ଅଟନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଫେସର ସଂଜତ କୁମାର ସାହୁ, ସ୍ୱାମୀ ଡଃ ବେହେରା, ଝିଅ ସ୍ମିତି ସମୀକ୍ଷା, ପୁଅ ଓମ୍‌ସାଇ, ଭାଇ ଲଲାଟେନ୍ଦୁ, ଭାଉଜ ତପସ୍ୱିନୀ, ଭଉଣୀ ଡଃ ଲିପ୍ସା, ଭିଣେଇ ଡଃ ଦେବେନ୍ଦ୍ର, ପିତାମାତା, ଆତ୍ମୀୟ ସ୍ୱଜନ, ଦିଗଦର୍ଶକ ଓ ଈଶ୍ୱରଙ୍କୁ ପ୍ରଦାନ କରିଛନ୍ତି।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ପୃଷ୍ଠାରୁ...

## କଡ଼ା ସୁରକ୍ଷାରେ...

ଅନେକ ଷ୍ଟେଶନ ଖୋଲାମେଲା ଥିବାରୁ ଅପରାଧୀମାନେ ଆଡ୍ଡା ଜମାଉଛନ୍ତି। ତେଣୁ ସବୁ ରେଲୱେ ଷ୍ଟେଶନ ଉଭୟ ପଟେ ପାଚେରୀ କରିବାକୁ କୁହାଯାଇଛି। ପ୍ଲାଟଫର୍ମରେ କାର୍ଯ୍ୟରତ ଭେଣ୍ଡର ଓ ହକରଙ୍କ ମଧ୍ୟରୁ ପଞ୍ଜୀକୃତ ଏବଂ ଅଣପଞ୍ଜୀକୃତ ଚିହ୍ନଟ କରାଯାଇ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ୨୦୧୭ରେ ମାଓବାଦୀମାନେ ବିସ୍ଫୋରଣ କରି ରେଳ ଟ୍ରାକ୍‌କୁ ଉଡ଼ାଇ ଦେଇଥିଲେ। ତେଣୁ ମାଓବାଦୀପ୍ରବଣ ଅଞ୍ଚଳରେ ରେଲ୍‌ୱେ ଟ୍ରାକ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଷ୍ଟେଶନ, ପ୍ଲାଟଫର୍ମ, ଟ୍ରାକ୍ ପରି ରେଲୱେ କଲୋନୀ ଉପରେ ନଜର ରଖାଯିବ। ସବୁ ଷ୍ଟେଶନ ପାଇଁ ଅଗ୍ନିନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବ। ଅଗ୍ନିଶମ ବିଭାଗ ଷ୍ଟେଶନ ଯାଇ ଅଡିଟ୍ କରି ପ୍ରମାଣପତ୍ର ଦେବେ ବୋଲି ପୋଲିସ ଡିଜି ଶର୍ମା କହିଛନ୍ତି। ରେଲ୍‌ୱେ ଏଡିଜି ପଣବିନ୍ଦୁ ଆଚାର୍ଯ୍ୟ କହିଛନ୍ତି, ଜିଆର୍‌ପି, ଆର୍‌ପିଏଫ୍ ଏବଂ ରେଲ୍‌ୱେ ଅଧିକାରୀଙ୍କ ସମନ୍ୱୟରେ କିଭଳି ସୁରକ୍ଷା କାର୍ଯ୍ୟ ସୁରୁଖୁରୁରେ କରାଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ରାଉରକେଲା ଏବଂ କଟକ ଜିଆର୍‌ପି ରେଲ୍‌ୱେରେ ଗତ ୩ବର୍ଷ ମଧ୍ୟରେ ଅପରାଧ ଘଟାଇଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫଟୋ ସହ ତାଲିକା ସିସିଟିଏନ୍‌ଏସ୍‌ରେ ଅପ୍‌ଲୋଡ୍ କରିବା ସହ ଆରପିଏଫ୍‌କୁ ଦେଇଛନ୍ତି। ଏହି ଅପରାଧୀଙ୍କ ସମ୍ପର୍କରେ ଆଗୁଆ ସୂଚନା ମିଳିଲେ ତୁରନ୍ତ ପଦେକ୍ଷପ ଗ୍ରହଣ କରାଯିବ। ଏହାସହ ନିଶାଦିଆ ଲୁଟେରା ବିଭିନ୍ନ ସମୟରେ ଯାତ୍ରୀଙ୍କୁ ଟାର୍ଗେଟ କରି ଲୁଟପାଟ କରୁଛନ୍ତି। ତେଣୁ ଏଥିରୁ ବର୍ତ୍ତିବା ପାଇଁ ଯାତ୍ରୀଙ୍କୁ ସଚେତନ କରାଯିବ। ଜିଆର୍‌ପି ହ୍ୱାଟ୍ସଆପ୍ ଗ୍ରୁପ କରି ଆର୍‌ପିଏଫ୍‌କୁ ଏଥିରେ ଆଡମିନ୍ କରି ଗୋଇନ୍ଦା ଖବର ଆଦାନ ପ୍ରଦାନ କରିବାକୁ କୁହାଯାଇଛି। ଅଯଥାରେ ରେଳରୋକୋ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବୈଠକରେ ଗୋଇନ୍ଦା ଏଡିଜି ଆର୍.କେ. ଶର୍ମା, ଏସ୍‌ଆଇଇପିର ଯୁଗ୍ମ ନିର୍ଦ୍ଦେଶକ ଭି. ଶର୍ମା, ଆର୍‌ପିଏଫ୍ ଆଇଜି ଏସ୍.ସି. ପାରହୀ(କଲିକତା), ଆର୍‌ପିଏଫ୍ ଆଇଜି ରାଜା ରାମ(ଭୁବନେଶ୍ୱର),ଆର୍‌ପିଏଫ୍ ଆଇଜି(ବିଳାସପୁର) ଆର.ଏସ୍. ଚୌହାନ, ସିଟିଇ(ଭୁବନେଶ୍ୱର) ଜେ. ପରିଡ଼ା, ଡିଏଏନ୍ ସି.ଭି. ନାୟକ, ଏସ୍‌ଆର୍‌ପି ରାଉରକେଲା ଟି. ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବରରେ ରପ୍ତାନି ୬.୫୭% ହ୍ରାସ ଘଟି ୨୬ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୧୩.୮୫% କମି ୩୬.୮୯ ବିଲିୟନ ଡଲାରକୁ ଖସିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଜନ୍ମ ଚନ୍ଦ୍ର ଆପଣଙ୍କ ମନରେ ଅସ୍ଥିରତା ସୃଷ୍ଟି କରିବ। ଋଣ ପରିଶୋଧ,ରୋଗ ପାଇଁ ଔଷଧ କିଣା, ଶତ୍ରୁକୃତ ସମସ୍ୟା ସମାଧାନ ସକାଶେ ଖର୍ଚ୍ଚାନ୍ତ କରାଇବ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର ହେଉ ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ବାସସ୍ଥାନ ନିକଟରେ ରହୁଥିବା ନିଜ ଲୋକମାନଙ୍କ ଦ୍ୱାରା କେତେକ ସୁବିଧା ପାଇବେ ।

**ବୃଷ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସନ୍ତୋଷଜନକ ହେବନାହିଁ । ପ୍ରକାଶନ,ପ୍ରଶାସନ, ଆଇନ ଅଦାଲତ, ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି। ସହକର୍ମୀ କିମ୍ବା ବନ୍ଧୁଙ୍କୁ ମନେଇ ନିଜ କାମରେ ଲଗାଇ ପାରନ୍ତି।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟରୁ ମନ ଅପରାହ୍ନେ ଖୁସି ହୋଇଯିବ।

**କର୍କଟ** କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ ମାନସିକ ସ୍ଥିତି ପ୍ରୀତିପ୍ରଦ ରହିବ। କେତେକ ନୂତନ କର୍ମାରମ୍ଭ ସକାଶେ ଯୋଜନା ସମ୍ପର୍କରେ ପରିବାର ଲୋକ ମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଏହା ସାଙ୍ଗକୁ ଈର୍ଷାପରାୟଣ ମନୋବୃତ୍ତି ହେତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**ସିଂହ** ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ । ପରିବହନ, ଫ୍ଲଟିଂ କାରବାର,ନିର୍ମାଣାଧୀନ କାମକ୍ଷେତ୍ରରେ ବାଧା ଉପୁଜିବ । ପାରିବାରିକ ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ।

**କନ୍ୟା** ଆଜି ଯାହା ଯେମିତି ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ । ଆପଣଙ୍କ ଯୁକ୍ତିଯୁକ୍ତ କଥାରେ ପ୍ରତିବାଦୀ ହାର ମାନିବେ ଓ ମାଲିମକଦ୍ଦମାର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ । କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। କିନ୍ତୁ ଅର୍ଥବଳର ସାହାଯ୍ୟ ନେଇ ନିଜର କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡିବେ ନାହିଁ। ଆଜିର ଯାତ୍ରା ଶୁଭପ୍ରଦ ହେବ କିନ୍ତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବାର ସୂଚନା ରହିଛି। ବ୍ୟବସାୟକୁଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ସଭାସମିତି,ରାଜନୀତି,ପ୍ରଶାସନ,ଆଇନ ଅଦାଲତ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ଭଲ।

**ଧନୁ** ନିଜଲୋକ ବୋଲି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି, ଫଳରେ ଧନହାନି ସାଙ୍ଗକୁ ଅପଦସ୍ତ ହେବାର ଆଶଙ୍କା ରହିଛି। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ କିନ୍ତୁ ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ । ଦୂର ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଆକସ୍ମିକ ଯାତ୍ରା ସ୍ଥଗିତ ରହିପାରେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ତଥାପି ଯେତିକି ଆଶା କରୁଥିଲେ ନ ହେବାରୁ ଦୁଃଖିତ ହୋଇପାରନ୍ତି। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ମହିଳାମାନଙ୍କ ସକାଶେ ଦିନଟି ବହୁତ ଭଲରେ କଟିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟ,ସହାନୁଭୂତି ମାଧ୍ୟମରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନଥିଲେ ମଧ୍ୟ ବିଶେଷ ମନ୍ଦ ହେବନାହିଁ। କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଦାୟିତ୍ୱ ନେଇଥିବା କାମଟିକୁ ଅବହେଳା କରି ଅନୁତାପ କରିବେ।

ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ବୁଧବାର, ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୯ମି. ଗତେ ଘ୮।୦୪ମି. ମଧ୍ୟେ, ଘ୧୦।୨୨ମି. ଗତେ ଘ୧୨।୩୯ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୩୩ମି. ଗତେ ଘ୭।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୩୨ମି. ଗତେ ଘ୧୨।୫୯ମି. ମଧ୍ୟେ ରାହୁକାଳ।

**ନୟାଗଡ଼କୁ ଗଡ଼ିଲା ଟ୍ରେନ୍**




## ସିମେଣ୍ଟ ବୋଝେଇ ଟ୍ରକ୍‌ରୁ ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ମାଲକାନଗିରି, ୧୫।୧୦ (ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସାର କମ୍ପାନୀ ଛକ ନିକଟରେ ପୋଲିସ ଗାଡ଼ିମୋଟର ଯାଞ୍ଚ ବେଳେ ଏକ ସିମେଣ୍ଟ ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକ ଉପରେ ସନ୍ଦେହ ହେବାରୁ ସିମେଣ୍ଟ ବସ୍ତା ଯାଞ୍ଚ କରାଯାଇଥିଲା। ବସ୍ତା ତଳୁ ୧୫ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ଦେଢ କୋଟି ଟଙ୍କା ହେବ ବୋଲି ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ନାଲକୋ ନିକଟସ୍ଥ କାଲଣ୍ଡାସାର ଗ୍ରାମର ବିଶ୍ୱଜିତ ଭାଦୁରି (୨୬) ଓ ବନରପାଲ ଗ୍ରାମର ସିନୁ ସାମଲ(୨୩) ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି ରିଷିକେଶ ଡି.ଖିଲାରୀ କହିଛନ୍ତି। ଏହି ଗଞ୍ଜେଇ ଆନ୍ଧ୍ର ପ୍ରଦେଶର ଦାରାକୋଣ୍ଡାରୁ ଅନୁଗୋଳକୁ ଚାଲାଣ ହେଉଥିଲା ବୋଲି ପୋଲିସ କହିଛି।

# ବନ୍ଧୁକ ଦେଖାଇ ୧୧.୩୫ ଲକ୍ଷ ଲୁଟ୍



କୁଆଁରମୁଣ୍ଡାରେ ଲୁଟ୍ ପରେ କ୍ୟାଶ୍‌ଭ୍ୟାନ୍ ସହିତ କର୍ମଚାରୀ।

**କୁଆଁରମୁଣ୍ଡା, ୧୫।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ମଙ୍ଗଳବାର ସକାଳ ପ୍ରାୟ ୭ଟା ୨୦ରେ ସିକ୍ୟୁରିଟି ଏଜେନ୍ସିର କ୍ୟାଶ୍‌ଭ୍ୟାନ୍‌ରୁ ୧୧ ଲକ୍ଷ ୩୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଛି। ରାଉରକେଲାସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ସିକ୍ୟୁରିଟି ସଂସ୍ଥା କ୍ୟାଶିୟର ସୁରକ୍ଷା ଗାର୍ଡଙ୍କ ସହ କୁଆଁରମୁଣ୍ଡା ବ୍ଲକର ୫ଟି ପଞ୍ଚାୟତରେ ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କରିବା ପାଇଁ ଆସିଥିଲେ। ପ୍ରଥମେ ସେମାନେ କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ହେଲେ କ୍ୟାଶ୍‌ଭ୍ୟାନ୍‌ରୁ ଓହ୍ଲାଇବା ପୂର୍ବରୁ ୩ଟି ବାଇକ୍‌ରେ ୫ଜଣ ଯୁବକ ଆସି ସେଠାରେ ପହଞ୍ଚିଥିଲେ। ମୁଖା ପିନ୍ଧିଥିବା ଯୁବକମାନଙ୍କ ମଧ୍ୟରୁ ୩ ଯୁବକ ୩ଟି ବନ୍ଧୁକ ଦେଖାଇ କ୍ୟାଶ୍‌ଭ୍ୟାନ୍‌ରେ ଥିବା କର୍ମଚାରୀଙ୍କୁ ଭୟଭୀତ କରାଇଥିଲେ। ମାତ୍ର କ୍ୟାଶ୍‌ଭ୍ୟାନ୍‌ର ସୁରକ୍ଷା ଗାର୍ଡ ନିଜ ବନ୍ଧୁକରୁ ୧ ରାଉଣ୍ଡ ଗୁଳି ଚଳାଇଥିଲେ ମଧ ଲୁଟେରାମାନେ ତାଙ୍କ ବନ୍ଧୁକର ବ୍ୟାରେଲକୁ ଧରି ତଳକୁ ଚାପି ଦେଇଥିଲେ। ଫଳରେ ଗୁଳିଟି ତଳେ ଫୁଟିଥିଲା। ଏହି ସମୟରେ ମୁଖାପିନ୍ଧା ଯୁବକମାନେ ତାଙ୍କ ମୁଣ୍ଡରେ ଆଘାତ କରି ଲହୁଲୁହାଣ କରିଥିଲେ। ଏହାପରେ କ୍ୟାଶିୟରଙ୍କୁ ମୁଥମାରି ମୁହଁ ଫଟାଇ ଦେଇଥିଲେ। ଗାଡ଼ି ଚାଳକଙ୍କୁ ବନ୍ଧୁକ ଦେଖାଇ ଭ୍ୟାନ୍ ଚାବି ନେଇଥିଲେ। ଏହା ପରେ କ୍ୟାଶଭ୍ୟାନରେ ଥିବା ଟଙ୍କା ବାକ୍ସକୁ ନେଇ ବାଇକ୍‌ରେ କେଉଁଆଡେ ଫେରାର୍ ହୋଇଯାଇଥିଲେ। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ସଦଳବଳ ପହଞ୍ଚି ଛାନ୍‌ଭିନ୍ ତଦନ୍ତ ଆରମ୍ଭ କରିଛନ୍ତି। ଏପରିକି ସୁନ୍ଦରଗଡ଼ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ହାତୀବାରି, ବୀରମିତ୍ରପୁର, ରାଏବୋଗା ଓ ବାଂଶଯୋର ଥାନା ଅଞ୍ଚଳର ବିଭିନ୍ନ ରାସ୍ତା ସିଲ କରାଯାଇ ତଲାସି କାର୍ଯ୍ୟ ଜାରି ରହିଛି। ରାତି ପର୍ଯ୍ୟନ୍ତ ଲୁଟେରାମାନଙ୍କ ପତ୍ତା ମିଳିନାହିଁ। ବିଭିନ୍ନ ଅଞ୍ଚଳରେ ତଲାସି ଜାରି ରହିଥିବାରୁ ଲୁଟେରାମାନେ ଧରାପଡ଼ିବେ ବୋଲି ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ସୂଚନା ଦେଇଛନ୍ତି।




**■ବିଜେପୁର ବିଆରସି ହତ୍ୟା ଘଟଣାର ପର୍ଦ୍ଦାଫାଶ**

# ପାଇଖାନା ବିଲ୍ ବିବାଦ ହତ୍ୟାର କାରଣ

**ବରଗଡ଼ ଅଫିସ୍/ବିଜେପୁର, ୧୫।୧୦(ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଧୀନରେ ଚାଲିଥିବା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଗୋଷ୍ଠୀ ସାଧନ ସଂଯୋଜକ(ବିଆର୍‌ସି) ତରଣୀସେନ ମହଲା(୩୯)ଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ, ବିଜେପୁର ଥାନା ଜାମପାଲି ଗ୍ରାମର ରିକୁ ସାହୁ(୨୪), ମେଲଛାମୁଣ୍ଡା ଥାନା ଖଲାବାହାଲ ଗ୍ରାମର ରମା ଓରଫ ହରିବନ୍ଧୁ ମେହେର(୨୩) ଏବଂ ଫକୀର ମେହେର(୨୪) । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଜେପୁର ଥାନାରେ ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ.୧୯୧/୧୯) ରୁଜୁ ହୋଇଛି। ପୋଲିସ ମଙ୍ଗଳବାର ଗିରଫ ଅଭିଯୁକ୍ତମାନଙ୍କୁ ସୋହେଲା କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୋହେଲା ସବ୍‌ଜେଲ ପଠାଇ ଦିଆଯାଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ହାତୁଡ଼ି ଓ ମୃତ ବିଆର୍‌ସିଙ୍କ ବାଇକ୍ ଏବଂ ପୋଡ଼ାଯାଇଥିବା ଲାପ୍‌ଟପ୍ ଜବତ୍ କରିଛି।




ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି (ବାମ)। ଅଭିଯୁକ୍ତମାନଙ୍କୁ ଧରି ପୋଲିସ ଡମ୍ପିଂୟାର୍ଡ଼ରେ ତନାଘନା ଚଲାଇଛି ।

- ■ଡମ୍ପିଂୟାର୍ଡ଼ରୁ ଉଦ୍ଧାର ହୋଇଥିଲା ମୃତଦେହ
- ■୩ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ■ଲାପ୍‌ଟପ୍, ବାଇକ୍ ଓ ହାତୁଡ଼ି ଜବତ୍

ବିଜେପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇଥିଲେ, ଗତ ୧୨ତାରିଖ ସକାଳ ପ୍ରାୟ ସାଢ଼େ ୭ଟାରେ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ନୂଆପାଲି ଗ୍ରାମସ୍ଥିତ ଘରୁ ବିଆର୍‌ସି ତରଣୀସେନ ଏକ ବୈଠକରେ ଯୋଗ ଦେବାକୁ ବିଜେପୁର ବ୍ଲକ ଅଫିସ ଯାଇଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ପରିବାର ଲୋକେ ଗାଇସିଲେଟ ଥାନାରେ ଜଣାଇଥିଲେ । ଗାଇସିଲେଟ୍ ଥାନା ପୋଲିସ ଏକ ନିଖୋଜ ମାମଲା(ନଂ.୨୭/୧୯) ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା ।

ସୋମବାର ତରଣୀସେନଙ୍କ ପଲସର୍ ବାଇକ୍(ନଂ.ଓଡ଼ି୧୭କ୍ୟୁ ୩୦୭୪) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ନିକଟ ଏକ ଢ଼ାବା ନିକଟରେ ଥିବା ଏବଂ ସେହିଦିନ ସେ ବିଜେପୁରରେ ରହିଥିବା ପରିବାର ଲୋକେ ସୂଚନା ପାଇଥିଲେ। ବାଇକ୍‌ଟି ତରଣୀସେନଙ୍କ ଜଣାପଡିବା ପରେ ତାଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକେ ସନ୍ଦେହ କରିଥିଲେ। ଘଟଣାକ୍ରମେ ବିଜେପୁର ନିକଟ ବାଉଁଶ ପୋଲାସ୍ଥିତ ଡମ୍ପିଂୟାର୍ଡ଼ରେ ଏକ ମୃତଦେହ ପୋତାଯାଇଥିବା ସୂଚନା ମିଳିଥିଲା। ପରିବାର ଲୋକେ ତରଣୀସେନଙ୍କ ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ପୋଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ପାଇଖାନା ବିଲକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା ଏବଂ ତାକୁ କେନ୍ଦ୍ର କରି ଅଭିଯୁକ୍ତ ରିକୁ ଓ ରମା ବିଜେପୁରସ୍ଥିତ ଭଡ଼ାଘରେ ବିଆର୍‌ସି ତରଣୀସେନଙ୍କୁ ହତ୍ୟା କରିଥିବାବେଳେ ମୃତଦେହ ପୋତିବାରେ ଅନ୍ୟ ଜଣେ ଅଭିଯୁକ୍ତ ଫକୀର ସହଯୋଗ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ପି ସାହୁ କହିଥିଲେ। ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ, ବିଜେପୁର ଥାନା ଆଇଆଇସି ରାଜେନ୍ଦ୍ର କୁମାର ସିଆଳ ପ୍ରମୁଖ ଉପସ୍ଥିତ ଥିଲେ।




## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

**ବ୍ରହ୍ମପୁର ଅଫିସ, ୧୫।୧୦**

**କଟକରୁ ଯୁବତୀ ଗିରଫ**



କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ବ୍ରହ୍ମପୁର ପୋଲିସ କଟକରୁ ଜଣେ ଯୁବତୀଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତା ରମ୍ଭାର ମଧୁସ୍ମିତା ମହାପାତ୍ର(୨୨)। ବୈଦ୍ୟନାଥପୁର ଥାନା ପୋଲିସ ମଧୁସ୍ମିତାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମଧୁସ୍ମିତା ନିଜକୁ ସେଣ୍ଟ୍ରାଲ ଇଲେକ୍ଟ୍ରିକାଲ ଅଥରିଟିର ଓଡ଼ିଶା ମୁଖ୍ୟ ବୋଲି ପରିଚୟ ଦେଇ ଅଧିକାଂଶ ଲୋକଙ୍କୁ ସେଠାରେ କାମ କରାଇଦେବା ନାଁରେ ୧ କୋଟି ୧୭ ଲକ୍ଷ ଟଙ୍କା ଠକେଇ କରିଥିଲେ। ତ୍ରିପୁରା ପ୍ରସାଦ ରଥଙ୍କ ସମେତ ୧୫ ଜଣ ଲୋକଙ୍କଠାରୁ ଯୁବତୀ ଜଣକ ଏହି ଟଙ୍କା ଠକି ନେଇଥିଲେ। ଏନେଇ ତ୍ରିପୁରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ଅନୁସନ୍ଧାନ କରି ମଙ୍ଗଳବାର ମଧୁସ୍ମିତାଙ୍କୁ ଗିରଫ କରିଥିଲା। ଏହି ର୍‍ୟାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ଏବେ ଖୋଳତାଡ ଚଳାଇଛି ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଛନ୍ତି।




## ୪ ପୋଲିସ କର୍ମଚାରୀ ନିଲମ୍ବିତ

**କେନ୍ଦୁଝର, ୧୫।୧୦ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା କୋର୍ଟରେ ସୋମବାର ଜାମିନ ନାମଞ୍ଜୁର ହେବାପରେ ଅଭିଯୁକ୍ତ ବାପପୁଅ ପୋଲିସ ହେପାଜତରୁ ଚମ୍ପଟ ମାରିଥିଲେ। ଏହି ଘଟଣାରେ ୪ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି (କ୍ରାଇମ) ସୁରେଶ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରି ରିପୋର୍ଟ ଦେବାପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନିଲମ୍ବିତ ପୋଲିସ କର୍ମଚାରୀମାନେ ହେଲେ କୋର୍ଟ ସବ୍‌ଇନ୍ସପେକ୍ଟର (ସିଏସଆଇ) ଦୁଷ୍ମନ୍ତ ସିଂ, କନଷ୍ଟେବଳ ରେଣୁବାଳା ମହାନ୍ତି, ଶିବାନୀ ନାୟକ, ମନୋରମା ସେଠୀ। ଇତିମଧ୍ୟରେ ପୋଲିସ ତନାଘନା ଚଳାଇ ଖସି ପଳାଇଥିବା ଅଭିଯୁକ୍ତ ପୁଅ ଅନିଲ ଖୁଣ୍ଟିଆଙ୍କୁ ଗିରଫ କରିଛି। ତାଙ୍କ ବାପା ଦାଶରଥି ଖୁଣ୍ଟିଆଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଥିବା ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ତେଲକୋଇ ଥାନା ସାରୁଆଳି ଗ୍ରାମର ଅଭିଯୁକ୍ତ ଦାଶରଥି ଓ ଅନିଲ ଏକ ଜାତିଆଣ ମାମଲାରେ ଫେରାର ଥିଲେ। ସୋମବାର ସେମାନେ କୋର୍ଟକୁ ଆସି ଆତ୍ମସମର୍ପଣ କରିଥିଲେ। ଜାମିନ ଖାରଜ ହୋଇଯିବାରୁ ପୋଲିସ ସେମାନଙ୍କୁ ନିଜ ହେପାଜତକୁ ନେଇଥିଲା। ପରେ କୌଶଳକ୍ରମେ ବାପ ପୁଅ ଖସି ପଳାଇଯାଇଥିଲେ। ଘଟଣାର ତଦନ୍ତ ପରେ ଦାୟିତ୍ୱରେ ଅବହେଳା କରିଥିବା ଅଭିଯୋଗରେ ଜଣେ ଏସଆଇଙ୍କ ସମେତ ୩ ମହିଳା କନଷ୍ଟେବଳଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।






"ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !!

-ଶ୍ରୀମା

# ସ୍ଥିରତା ଲୋଡ଼ା

ନିକଟରେ ଦେଶର ୨୦୦ରୁ ଊର୍ଦ୍ଧ୍ୱ ଜିଲାରେ ବ୍ୟାଙ୍କ ପକ୍ଷରୁ ଋଣମେଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୧୪ ଅକ୍ଟୋବରରେ ତଥ୍ୟ ଦେଇଛନ୍ତି ଯେ, ଏହି ମାସର ପ୍ରାରମ୍ଭରେ ଅନୁଷ୍ଠିତ ମେଳାରେ ପ୍ରଥମ ପର୍ଯ୍ୟାୟରେ ୮୭, ୭୮୧ କୋଟି ଟଙ୍କା ଋଣ ଦିଆଯାଇଛି। ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଏବଂ ଗୃହ, ଗାଡ଼ି ଋଣକାରୀ, ବ୍ୟକ୍ତିଗତ ଓ କୃଷକଙ୍କ ଭଳି ଖୁଚୁରା ଧାରଗ୍ରାହୀ ଏହା ପାଇଛନ୍ତି। ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାରଙ୍କ ଏଭଳି ଉଦ୍ୟମ ସ୍ୱାଗତଯୋଗ୍ୟ। କାରଣ ଦେଶରେ ମନି ସର୍କ୍ୟୁଲେଶନ ବା ମୁଦ୍ରା ସଞ୍ଚାଳନ ହେଲେ ତାହା ଆର୍ଥିକ ଜଗତକୁ ପୁଷ୍ଟ କରିବ।

ଏବେ ଭାରତ ସମେତ ପୃଥିବୀବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ସେଥିରୁ ରକ୍ଷା ପାଇବା ପାଇଁ ରାଷ୍ଟ୍ରଗୁଡ଼ିକ ଆପ୍ରାଣ ଉଦ୍ୟମ କରୁଛନ୍ତି। ଭାରତ ସରକାର ଇତିମଧ୍ୟରେ ସାଧାରଣ ବଜେଟ ବେଳେ ନିଆଯାଇଥିବା କେତେକ କଠୋର ଆର୍ଥିକ କଟକଣାକୁ କୋହଳ କରିଲେଣି। ତଥାପି ଲିକ୍ୟୁଡିଟି ବା ନଗଦ ଅର୍ଥ ଲୋକଙ୍କ ହାତକୁ ପୂର୍ବଭଳି ମିଳିପାରୁନାହିଁ। ଚଳିତବର୍ଷ ମେ ଶେଷ ଆଡ଼କୁ ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପରିସଂଖ୍ୟାନ ବାଢ଼ିଥିଲା ଯେ, ଭାରତରେ ବେକାର ହାର ୪୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ରହିଛି। ଏଭଳି ଅବସ୍ଥା ପଛରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଦୁର୍ବଳ ହେବା ସହ ନିଯୁକ୍ତି ପ୍ରଦାନକାରୀ ଅନେକ ସଂସ୍ଥା କ୍ଷତି ସହି ନିଶ୍ଚିହ୍ନ ହୋଇଯିବାକୁ ଦାୟୀ କରାଯାଉଛି। ତେଣୁ ଅର୍ଥନୀତିକୁ ପୁନର୍ଜୀବିତ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଋଣମେଳା ଆୟୋଜନ ଏକ ସକାରାତ୍ମକ ପଦକ୍ଷେପ। ଏବେ ଯେଉଁ ୮୭, ୭୮୧ କୋଟି ଟଙ୍କା ବ୍ୟାଙ୍କ ବାହାରକୁ ଆସିଲା ଓ ଋଣଧାରୀମାନେ ତାହାକୁ ବିନିଯୋଗ କରିବାର ସୁଯୋଗ ପାଇଲେ, ତାହା ଦ୍ୱାରା ମୁଦ୍ରା ସଞ୍ଚାଳନ ହେବା ସ୍ୱାଭାବିକ। ତାହା ହେଲେ ପୁନଶ୍ଚ ନୂଆ ଉଦ୍ୟୋଗ ଗଢ଼ି ଉଠିବ ବା ସୁପ୍ତ ସଂସ୍ଥା ଠିଆ ହୋଇପାରିବେ। ଏହାଦ୍ୱାରା ନିଯୁକ୍ତି ଆଶା କଅଁଳିବ। ତେବେ ଏହି ଚିନ୍ତାଧାରାକୁ ପ୍ରତିହତ କରିବା ଲାଗି ଋଣଗ୍ରାହୀ ଅର୍ଥର ଅପବ୍ୟବହାର କରିପାରନ୍ତି। ବିଗତ ଦିନରେ ଏହାର ଅସଂଖ୍ୟ ଉଦାହରଣ ଦେଖିବାକୁ ମିଳିଛି। କୁହାଯାଉଛି, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ରାଜନୈତିକ ବ୍ୟକ୍ତିଙ୍କ ଚାପ ଯୋଗୁ ଅଧିକାଂଶ ଋଣ ମଞ୍ଜୁର ହୋଇଥାଏ। କିନ୍ତୁ ବାସ୍ତବ କଥା ହେଉଛି, ଭାରତର କେତେକ ମୁଷ୍ଟିମେୟ ବଡ଼ ବ୍ୟବସାୟୀ ନେଇଥିବା ଋଣକୁ ପଇଠ କରୁ ନ ଥିବାରୁ ଏହି ଦେଶର ପ୍ରାୟ ସମସ୍ତ ବ୍ୟାଙ୍କର ଅତ୍ୟଧିକ ଏନ୍‌ପିଏ ସୃଷ୍ଟି ହୋଇଛି। ଅର୍ଥାତ୍ ବ୍ୟାଙ୍କଗୁଡ଼ିକ ଋଣଭାରରେ ବୁଡ଼ି ରହିଛନ୍ତି। ତାହା ତୁଳନାରେ କୃଷି ପାଇଁ ଋଣ ଏବଂ ସେହି ଋଣଛାଡ଼ର କୁପ୍ରଭାବ ଅତ୍ୟନ୍ତ ସୀମିତ। ପୃଥିବୀର ଅନେକ ଦେଶରେ କୃଷିଋଣ ଛାଡ଼ ହେଉଥିବାର ପରିଲକ୍ଷିତ ହୋଇଥାଏ। କିନ୍ତୁ ଅନ୍ୟ ଦେଶଗୁଡ଼ିକରେ ବୃହତ୍ ଶିଳ୍ପପତିମାନେ ଅଧିକାଂଶ ସମୟରେ ଋଣ ଶୁଝି ଦିଅନ୍ତି। ଦୁଃଖର ବିଷୟ, ଭାରତୀୟ ବ୍ୟବସାୟୀମାନେ ତାହା କରନ୍ତି ନାହିଁ। ସେମାନଙ୍କୁ ଦେଖି ସାଧାରଣ ଲୋକ ମଧ୍ୟ ବ୍ୟାଙ୍କଋଣ ଶୁଝିବାକୁ ଚାହେଁ ନାହିଁ।

ସାଧାରଣତଃ ଋଣମେଳା ମାଧ୍ୟମରେ ଦିଆଯାଉଥିବା ଅର୍ଥ ଲାଗି ବ୍ୟକ୍ତିଙ୍କଠାରୁ ବନ୍ଧକ ରଖାଯାଇ ନ ଥାଏ। ଫଳରେ ସେମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାହାକୁ ପଇଠ ନ କରିପାରିଲେ ବ୍ୟାଙ୍କ ବ୍ୟାପକ ମାତ୍ରାରେ କ୍ଷତି ସହେ। ୧୯୮୦ ଦଶକରେ ତତ୍କାଳୀନ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ୟାଙ୍କଗୁଡ଼ିକ ପକ୍ଷରୁ କରାଯାଇଥିବା ଋଣମେଳା ଆଶାନୁରୂପ ସଫଳତା ପାଇ ନ ଥିଲା। ସେହି ଅନୁଯାୟୀ ଏବେ ଦିଆଯାଇଥିବା ୮୭, ୭୮୧ କୋଟି ଟଙ୍କାର ଋଣ ମଞ୍ଜୁର ଅର୍ଥନୀତିକୁ କିଭଳି ସୁଦୃଢ଼ କରିବ ତାହା ପରେ ଜଣାପଡ଼ିବ। ଅଧିକାଂଶ ଭାରତୀୟଙ୍କ ମନ ମଧ୍ୟରେ ବସାବାନ୍ଧିଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସରକାରୀ ବ୍ୟାଙ୍କ। ସେଥିରୁ ଟଙ୍କା ଆଣି ନ ଶୁଝିଲେ ଚଳିଯିବ। ମାତ୍ର ଏହି ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମାବଳୀ ଅନୁସରଣ କରିଥାଆନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଥିବାରୁ ଏହାର ଦୁର୍ଦ୍ଦିନରେ ସରକାର ଆର୍ଥିକ ପ୍ୟାକେଜ୍ ଦେଇ ସହାୟକ ହୋଇଥାଆନ୍ତି। ଆଜିର ପରିସ୍ଥିତିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇରେ ସରକାରୀ ହସ୍ତକ୍ଷେପ ରହୁଥିବାରୁ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ବ୍ୟାଙ୍କଗୁଡ଼ିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଛାଡ଼ି ଦିଆଗଲେ ସକାରାତ୍ମକ ଫଳ ମିଳିପାରନ୍ତା।

ଅର୍ଥନୀତିକୁ ବ୍ୟବସ୍ଥିତ କରିବା ଲାଗି ପ୍ରକୃତ ଦିଗକୁ ଦୃଷ୍ଟି ଦିଆଯିବା ଦରକାର। ଋଣ ମାଧ୍ୟମରେ ମୁଦ୍ରା ସଞ୍ଚାଳନ କରାଗଲେ ଉଦ୍ୟୋଗ ଗଢ଼ି ଉଠିବ ଓ ସେଥିରେ ଅନେକେ ନିଯୁକ୍ତି ପାଇପାରିବେ। ପ୍ରଡକ୍ଟିଭ୍ ୱର୍କ ବା ଫଳପ୍ରସୂ କାର୍ଯ୍ୟ ଦ୍ୱାରା ସଂସ୍ଥାଗୁଡ଼ିକ ଲାଭ ଅର୍ଜନ କରିପାରିବେ। ସେହି ଲାଭର କିଛି ଅଂଶ ଟିକସ ଆକାରରେ ସରକାରଙ୍କୁ ଯାଇପାରିବ। ତାହା ଦ୍ୱାରା ଜନମଙ୍ଗଳ ଯୋଜନା ବା କାର୍ଯ୍ୟକ୍ରମ ପ୍ରଣୟନ କରାଯାଇ ଅର୍ଥକୁ ଲୋକଙ୍କ ହିତରେ ଲଗାଯାଇପାରିବ। କିନ୍ତୁ ସିଧାସଳଖ ଲୋକଙ୍କ ପାଖକୁ ଅର୍ଥ ଦିଆଯାଉଥିବାରୁ ସେମାନେ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ଅପରପକ୍ଷରେ ଋଣମେଳା ମାଧ୍ୟମରେ ଦିଆଯାଉଥିବା ବଡ଼ ଅର୍ଥକୁ କୌଣସି ବ୍ୟକ୍ତି ଆର୍ଥିକ ବ୍ୟବସ୍ଥା ଭିତରେ ବିନିଯୋଗ କଲାଭଳି ମନେହେଉ ନାହିଁ। ମାନ୍ଦାବସ୍ଥା ସହିତ ସରକାରଙ୍କ ପ୍ରତିଦିନ ବଦଳୁଥିବା ଏବଂ ଆୟକର ନିୟମ ବଜାରରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ସେଥିପାଇଁ ଯେଉଁମାନେ ବି ଏଭଳି ଅସ୍ଥିର ସମୟରେ ଋଣ ପାଉଛନ୍ତି, ସେମାନେ ତାହାର ତତ୍କ୍ଷଣାତ୍ ବିନିଯୋଗ କରିବା ପରିବର୍ତ୍ତେ ନିଜ ପାଖରେ ତାହାକୁ ସାଇତି ରଖିଦେଉଛନ୍ତି। ଫଳରେ ଏହା ଖର୍ଚ୍ଚଚକ୍ର ଭିତରକୁ ଆସିପାରୁ ନାହିଁ କି ଅର୍ଥନୀତିରେ ସୁଧାର ଆଣିପାରୁ ନାହିଁ। ସେଥିପାଇଁ ଅସ୍ଥିରତା ସୃଷ୍ଟି କରୁଥିବା ନୀତି ନିୟମକୁ ଦୂର କରି ସ୍ଥିର ପରିସ୍ଥିତି ଆଣିବା ଦାୟିତ୍ୱ ଆଜି ସରକାରଙ୍କ କାନ୍ଧରେ ରହିଛି।

# ମହିଳାଙ୍କ ଭରସା ନବୀନ



ମାନସ ରଞ୍ଜନ ମଙ୍ଗରାଜ

ପରିଣତ ବୟସରେ ପହଞ୍ଚିଥିବା ପ୍ରମିଳା ବିଷୋୟୀଙ୍କ ନାଁ ଯେତେବେଳେ ଆସିକା ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା ହେଲା ସେତେବେଳେ ଅନେକେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। କାରଣ ପ୍ରମିଳା ଥିଲେ ସମସ୍ତଙ୍କ ପାଇଁ ନୂଆ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମିଳାଙ୍କ ନାମ ଘୋଷଣା କରିବା ସହିତ ଓଡ଼ିଶା ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଥିଲେ। ପ୍ରମିଳା କୌଣସି ରାଜନୈତିକ ବ୍ୟକ୍ତି ନ ଥିଲେ କି ତାଙ୍କର ସେମିତି କିଛି ପ୍ରତିପତ୍ତି ନ ଥିଲା। ନିଜ ଅଞ୍ଚଳ ପାଇଁ ସେ ବି ସେଭଳି ପରିଚିତ ମୁହଁ ନ ଥିଲେ। ତାଙ୍କର ଏକମାତ୍ର ଗୁଣ ଥିଲା ନିଃସ୍ୱାର୍ଥପର ଜନସେବା। ଜୀବନସାରା ମହିଳାଙ୍କ ବିକାଶରେ ନିଜକୁ ଉତ୍ସର୍ଗ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଗାଁଗହଳର ଗରିବ ମହିଳାଙ୍କ ବିକାଶ ଲାଗି ସେ ଅଣ୍ଟା ଭିଡ଼ିଥିଲେ।

ଗୁଣ ଚିହ୍ନେ ଗୁଣିଆ ନ୍ୟାୟରେ ପ୍ରମିଳାଙ୍କ ଗୁଣ ଚିହ୍ନିଥିଲେ ନବୀନ। କିଛି ଲୋକଙ୍କ ନୀରବ ବିରୋଧ ସତ୍ତ୍ୱେ ବି ପ୍ରମିଳାଙ୍କୁ ସେ ଦିଲ୍ଲୀ ଦରବାରକୁ ପଠାଇଲେ। ସମଗ୍ର ଦେଶକୁ ଦେଲେ ମହିଳା ସଶକ୍ତୀକରଣର ବାର୍ତ୍ତା। ଅଖ୍ୟାତପଲ୍ଲୀରୁ ଯାଇ ସଂସଦରେ ପହଞ୍ଚିଥିବା ପ୍ରମିଳା ବିଖ୍ୟାତ ହେବା ସହିତ ସମସ୍ତଙ୍କ ଦୃଷ୍ଟି ବି ଆକର୍ଷଣ କଲେ। କେବଳ ପ୍ରମିଳା ବିଷୋୟୀ ନୁହନ୍ତି ଅନେକ ମହିଳାଙ୍କୁ ଘରକୋଣରୁ ଆଣି ଜନସେବା କ୍ଷେତ୍ରରେ ନିୟୋଜିତ କରିଛନ୍ତି ନବୀନ ପଟ୍ଟନାୟକ। କାରଣ ନବୀନ ଜାଣିଛନ୍ତି ଯେ ପର୍ଯ୍ୟନ୍ତ ଓଡ଼ିଶାରେ ମହିଳାଙ୍କ ବିକାଶ ନ ଘଟିଛି ସେପର୍ଯ୍ୟନ୍ତ ରାଜ୍ୟ ଆଗେଇପାରିବ ନାହିଁ। ତେଣୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିବା ସହିତ ସେମାନଙ୍କ ଆର୍ଥିକ ବିକାଶ ପାଇଁ ଯୋଜନା ପରେ ଯୋଜନା ହେଉଛି। ନବୀନଙ୍କ ସଫଳ ଦିଗ୍‌ଦର୍ଶନ ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଯୋଗୁ ରାଜ୍ୟରେ ଆଜି ପ୍ରାୟ ୭୦ଲକ୍ଷ ମହିଳାଙ୍କୁ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇପାରିଛି। ଏହି ଗୋଷ୍ଠୀଗୁଡ଼ିକ କିଭଳି ସ୍ୱାବଲମ୍ବୀ ହେବେ ସେଥିପାଇଁ ସେମାନଙ୍କୁ ବିନା ସୁଧରେ ଋଣ ସହିତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ଏଥିଯୋଗୁ ଗାଁଗହଳରେ ଅନେକ ମହିଳା ଏବେ ଆତ୍ମନିର୍ଭରଶୀଳ। ଉଭୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସେମାନେ ସ୍ୱାବଲମ୍ବୀ।

ମହିଳା ସଶକ୍ତୀକରଣ ପାଇଁ ନବୀନଙ୍କ ସବୁଠାରୁ ବଡ଼ ପଦକ୍ଷେପ ହେଉଛି ପଞ୍ଚାୟତିରାଜ ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ। ଏ କ୍ଷେତ୍ରରେ ପିତା ବିଜୁ ପଟ୍ଟନାୟକଙ୍କୁ ଟପି ଯାଇଛନ୍ତି ନବୀନ। ମହିଳାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ପଞ୍ଚାୟତିରାଜ ବ୍ୟବସ୍ଥାରେ ସେମାନଙ୍କ ଲାଗି ଏକ ତୃତୀୟାଂଶ ସ୍ଥାନ



ସଂରକ୍ଷଣ କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଯୋଗୁ ଗାଁ ଗହଳର ଅନେକ ଶିକ୍ଷିତ ମହିଳା ଏବେ ରାଜନୀତିରେ ପାଦ ଥାପି ସଫଳ ହେଉଛନ୍ତି। ମହିଳାଙ୍କ ନେତୃତ୍ୱ ଯୋଗୁ ଦୁର୍ନୀତି ହ୍ରାସ ପାଇବା ସହିତ ପୁରୁଷ ପ୍ରଧାନ ସମାଜରେ ସେମାନେ ମୁଣ୍ଡଟେକି ଚାଲିବାକୁ ସକ୍ଷମ ହେଉଛନ୍ତି। ଏହାଛଡ଼ା ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ନିମନ୍ତେ ଆସନ ସଂରକ୍ଷଣ ଲାଗି ନବୀନ ବି ଦାବି ଉଠାଇଛନ୍ତି।

କେବଳ ମହିଳାଙ୍କୁ ରାଜନୀତିକୁ ଆଣିବା ନୁହେଁ, ରାଜ୍ୟର ବାଳିକାମାନଙ୍କ ବିକାଶ କ୍ଷେତ୍ରରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି। ବାଳିକା ସ୍ୱାସ୍ଥ୍ୟସେବାର ବିକାଶ ଲାଗି କାର୍ଯ୍ୟକାରୀ ହେଉଛି 'ଖୁସି' ଯୋଜନା। ବିଦ୍ୟାଳୟରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସ୍ୱଳ୍ପ ମୂଲ୍ୟରେ ନାପକିନ୍ ଯୋଗାଣ ହେଉଛି। ବାଳିକାମାନଙ୍କୁ ବିଦ୍ୟାଳୟରେ ମାଗଣା ପୋଷାକ ସହିତ ନବମ ଶ୍ରେଣୀରେ ପଢୁଥିବା ପ୍ରତି ବାଳିକାଙ୍କୁ ସାଇକେଲ ଯୋଗାଣ ହେଉଛି। ସେହିଭଳି ପାଠପଢ଼ା କ୍ଷେତ୍ରରେ ବାଳିକାମାନଙ୍କୁ ଆଦୌ ଫି ଦେବାକୁ ପଡୁନାହିଁ। ରାଜ୍ୟର ଅଧିକରୁ ଅଧିକ ବାଳିକା ଯେଭଳି ବିଦ୍ୟାଳୟକୁ ଆସି ଶିକ୍ଷା ଗ୍ରହଣ କରିବେ ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। କାରଣ ସରକାର ଭଲ ଭାବେ ଜାଣିଛନ୍ତି ଆଜିର ଝିଅଟି ଯେତେବେଳେ କାଲି ମା' ହେବ ସିଏ ନିଶ୍ଚିତ ଭାବେ ତା'ର ପିଲାଙ୍କୁ ଶିକ୍ଷିତ କରିବ। ସେଥିପାଇଁ କୁହାଯାଇଛି- ମା' ହେଲେ ପାଠୋଇ ଦେଶ ଯିବ ଆଗେଇ।

ମହିଳାମାନେ ଯେଭଳି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗର୍ଭବତୀ ମହିଳାଙ୍କ ଲାଗି କାର୍ଯ୍ୟକାରୀ ହେଉଛି ଜନନୀ ସୁରକ୍ଷା ଯୋଜନା। ଏହି ଯୋଜନାରେ ପ୍ରସୂତିମାନଙ୍କୁ ସରକାର ୫ହଜାର ଟଙ୍କା କରି ଯୋଗାଇ ଦେଉଛନ୍ତି। କେବଳ ଅର୍ଥ ନୁହେଁ ଅଙ୍ଗନୱାଡି ଜରିଆରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ସହିତ ପ୍ରସବକାଳୀନ ସମସ୍ତ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ଏପରିକି ଘରୁ ଡାକ୍ତରଖାନାକୁ ନେବା ଆଣିବା ଖର୍ଚ୍ଚ ମଧ୍ୟ ସରକାର ତୁଲାଉଛନ୍ତି। ପ୍ରସୂତିମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ଚାଲିଛି ୧୦୨ ଆମ୍ବୁଲାନ୍ସ। ସେହିଭଳି ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟରେ ରହିଛି ମହିଳା ଥାନା। ଏଠାରେ ସମସ୍ତ ପୋଲିସ କର୍ମଚାରୀ ହେଉଛନ୍ତି ମହିଳା, ଯାହାଫଳରେ ରାତି ଅଧରେ ବି ଜଣେ ମହିଳା ବିନା ଭୟରେ ଏଠାକୁ ନ୍ୟାୟ ପାଇଁ ଯାଇପାରୁଛି। ଏହାଛଡ଼ା ମହିଳା ବ୍ୟାଙ୍କ୍ ମଧ୍ୟ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି। ଏଠାରେ ବି ସମସ୍ତ କର୍ମଚାରୀ ମହିଳା ହୋଇଥିବାରୁ ରାଜ୍ୟର ମହିଳାମାନେ ଅତି ସହଜରେ ସେଠାରେ ବ୍ୟାଙ୍କ କାରବାର କରିପାରୁଛନ୍ତି।

ମହିଳାଙ୍କ ସୁରକ୍ଷା ଓ ଆର୍ଥିକ ବିକାଶ ପାଇଁ ସରକାର ଆଉ ଗୋଟିଏ ବଡ଼ ପଦକ୍ଷେପ ନେଇଛନ୍ତି। ତାହା ହେଲା ଖାଦ୍ୟ ସୁରକ୍ଷା ଯୋଜନାର ରାଶନ କାର୍ଡଟି ମହିଳାଙ୍କ ନାଁରେ ଜାରି ହେଉଛି। ଫଳରେ ପୁରୁଷମାନେ ଯେଭଳି ଖାଦ୍ୟ ସାମଗ୍ରୀକୁ ଲୁଚାଛପାରେ ବିକ୍ରିକରି ସେହି ଅର୍ଥରେ ମଦ ପିଇ ଦେଉଥିଲେ ତାହା ଆଉ ସହଜରେ ହେଉନାହିଁ। ଫଳରେ ଅନେକ ଗରିବଙ୍କ ପରିବାର ଉଜୁଡ଼ିଯିବାରୁ ରକ୍ଷା ପାଇଯାଇଛି। ସେହିଭଳି ଜମି ପଟ୍ଟାଠାରୁ ଆରମ୍ଭକରି ବିଦ୍ୟାଳୟରେ ପିଲାଙ୍କ ସାର୍ଟିଫିକେଟରେ ମଧ୍ୟ ମା' ଓ ବାପାଙ୍କ ନାମ ରଖିବା ବାଧ୍ୟତାମୂଳକ ହୋଇଛି। ସମ୍ପତ୍ତି ଉପରେ ପୁରୁଷଙ୍କ ଭଳି ମହିଳାଙ୍କ ସମାନ ଅଧିକାର ବି ସରକାର ଦେଇଛନ୍ତି।

ମହିଳାଙ୍କୁ ସୁରକ୍ଷା, ସେମାନଙ୍କ ଆର୍ଥିକ ବିକାଶ, ଅଧିକାର ପ୍ରଦାନ ଆଦି ସବୁ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ଯୋଗୁ ରାଜ୍ୟର ମହିଳାଙ୍କ ଭରସା ତାଙ୍କ ଉପରେ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ମଧ୍ୟ ପ୍ରତି ନିର୍ବାଚନରେ ଦେଖିବାକୁ ମିଳୁଛି। ରାଜ୍ୟର ଅଧିକାଂଶ ମହିଳା ଭୋଟ ନବୀନଙ୍କ ନିକଟକୁ ଯାଉଛି। ବିଜେଡି ସପକ୍ଷରେ ଅନେକ ମହିଳା ବାହାରୁଛନ୍ତି। କାରଣ ସେମାନେ ଜାଣିଛନ୍ତି ବିଗତ ଦିନରେ ସରକାରମାନେ ସେମାନଙ୍କ ଲାଗି ଯେତେ ପଦକ୍ଷେପ ଗ୍ରହଣ କରିବେ ତାହାଠାରୁ ଢେର ଅଧିକ ନବୀନ କାର୍ଯ୍ୟକାରୀ କରିଛନ୍ତି। ନବୀନଙ୍କ ଉପରେ ରାଜ୍ୟର ମହିଳାଙ୍କ ଭରସା ଥିବାବେଳେ ମୁଖ୍ୟମନ୍ତ୍ରୀ ବି ସେମାନଙ୍କ ଲାଗି ନୂଆ ନୂଆ ଯୋଜନା ଘୋଷଣା କରୁଛନ୍ତି। ଧାନ କିଣା ହେଉ ବା ବିଦ୍ୟୁତ୍ ବିଲ୍ ସଂଗ୍ରହ ଦାୟିତ୍ୱ ସବୁକିଛି ମହିଳାଙ୍କ ହାତରେ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସମଗ୍ର ଦେଶରେ ଏଭଳି ନିଆରା ପଦକ୍ଷେପ ଏବେ ମହିଳାଙ୍କ ଭରସାକୁ ଆହୁରି ବଢ଼ାଇବାରେ ଲାଗିଛି। ଆଗାମୀ ଦିନରେ ଯେ ଏହା ଆହୁରି ବୃଦ୍ଧି ପାଇବ ଏଥିରେ କୌଣସି ଦ୍ୱିମତ ନାହିଁ।

- ଗଣମାଧ୍ୟମ ଉପଦେଷ୍ଟା, ଓଡ଼ିଶା ସରକାର

# ସ୍କୁଲ ଅପମିଶ୍ରଣ ଓ ଆତଙ୍କିତ ଶିକ୍ଷକ



ଅଞ୍ଜନ ଚାନ୍ଦ

କିଛିଦିନ ତଳେ ଏଠାରେ ଗୋଟିଏ ଦୁଃଖଦ ଘଟଣା ଘଟିଲା। ଦୁଇଜଣ ସ୍କୁଲ ପିଲା ମଧ୍ୟାହ୍ନଭୋଜନ ବିରତି ବେଳେ ସ୍କୁଲ ପାଖ କେନାଲରେ ଖସିପଡ଼ିଲେ। ସେମାନଙ୍କୁ ପାଣିରୁ ଉଦ୍ଧାର କରି ଡାକ୍ତରଖାନା ନିଆଗଲା। କିନ୍ତୁ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇ ସାରିଥିଲା। ମୃତ୍ୟୁଖବର ଶୁଣିବା ପରେ ଗାଁର ଲୋକମାନେ ଉତ୍କ୍ଷିପ୍ତ ହୋଇ ସ୍କୁଲକୁ ମାଡ଼ିଆସିଲେ। ଶିକ୍ଷକମାନଙ୍କୁ ଗାଳିଗୁଲଜ, ଠେଲାପେଲା କଲେ। ସମସ୍ତଙ୍କୁ ଗୋଟିଏ ଘରେ ପୂରାଇ ତାଲା ପକାଇ ଦେଲେ। ନିକଟବର୍ତ୍ତୀ ଥାନାର ଜଣେ ମହିଳା ଅଧିକାରୀ ଚତୁରତାର ସହିତ ଲୋକମାନଙ୍କୁ ବୁଝାଇ ରାତି ନଅଟା ସମୟରେ ସେମାନଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ନେଇଆସିଲେ। ସେହି ରାତିଯାକ ଏବଂ ତା' ପରଦିନ ସେମାନେ ଥାନାରେ ରହିଲେ। ଆମେ ଦିନ ବାରଟା ସମୟରେ ସେଠାକୁ ଯାଇଥିଲୁ। ସେଠାରୁ ଗାଁ ଭିତରକୁ ଗଲୁ। ଠିକ୍ ସେତେବେଳେ ପିଲା ଦୁହିଁଙ୍କର ମୃତଦେହ ପୋଷ୍ଟମର୍ଟମ ହୋଇ ଗାଁକୁ ଫେରିଥିଲା। ଚାରିଆଡେ କାନ୍ଦବୋବାଳି। ତା' ସହିତ ଶିକ୍ଷକମାନଙ୍କୁ ଭର୍ତ୍ସନା। ପରିସ୍ଥିତି ଅସମ୍ଭାଳ ଓ ହୃଦୟବିଦାରକ ଥିଲା। ଏକମାତ୍ର ପୁଅକୁ ହରାଇ ଶୋକାତୁର ହୋଇପଡିଥିବା ମା'ବାପାଙ୍କୁ ସାନ୍ତ୍ୱନା ଦେବା ପାଇଁ ଭାଷା ବୋଧହୁଏ କାହାରି ପାଖରେ ନ ଥିଲା।

ସେଠାରୁ ଆମେ ସ୍କୁଲ ପାଖକୁ ଗଲୁ। ତାହା ଗୋଟିଏ ନୋଡ଼ାଲ ସ୍କୁଲ। ପ୍ରାୟ ଦୁଇଶହ ମିଟର ଦୂରରେ ଥିବା ପ୍ରାଇମେରୀ ସ୍କୁଲଟିକୁ ହାଇସ୍କୁଲ ସହିତ ମିଶାଇ ଦିଆଯାଇଛି। ବିଶାଳ ପରିସର ଅଥଚ ପାଚେରି କିମ୍ବା ବାଡ଼ କିଛି ନାହିଁ। ମଧ୍ୟାହ୍ନଭୋଜନ ରୋଷେଇ ହାଇସ୍କୁଲରେ ହୁଏ। ପ୍ରାଇମେରୀ ପିଲାମାନେ ସେଠାକୁ ଯିବାଆସିବା କରନ୍ତି। ନିକଟରେ କେନାଲ, ଦୁଇପଟେ ପଥର ବସାଯାଇଛି। ବର୍ଷା ଦିନେ ପାଣି ଭର୍ତ୍ତିହୋଇ ରହିଛି। ଘଟଣା ଦିନ ହାଇସ୍କୁଲରୁ ମଧ୍ୟାହ୍ନଭୋଜନ ଖାଇ ପିଲାମାନେ ପ୍ରାଇମେରୀ ସ୍କୁଲକୁ ଫେରୁଥିଲେ। କେଜାଣି କେଉଁ କାରଣରୁ ସେ ପିଲା ଦୁହେଁ କେନାଲ ପାଖକୁ ଚାଲିଗଲେ। ପଥରରେ ଗୋଡ ଖସି ପାଣିରେ ପଡିଗଲେ। ଦୂରରୁ ଦେଖି ପିଲାମାନେ ପାଟିକରି ଉଠିଲେ। ପାଟି ଶୁଣି ଲୋକମାନେ ଧାଇଁ ଆସିଲେ। ପାଣିରୁ ଉଦ୍ଧାର କରି ଡାକ୍ତରଖାନାକୁ ନେଲେ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ପିଲାଦୁହେଁ ଜୀବନ ଫେରିପାଇଲେ ନାହିଁ ଏବଂ ସେଥିପାଇଁ ଦାୟୀ ହେଲେ ଶିକ୍ଷକ। ମାସାଧିକ ସମୟ ବିତିଗଲାଣି। ଏବେ ବି ସେଠାରେ ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଦୁଇଜଣ ଶିକ୍ଷକ ସସ୍‌ପେଣ୍ଡ ହୋଇଛନ୍ତି। କେତେଜଣ ଭୟରେ ସ୍କୁଲକୁ ଯାଉନାହାନ୍ତି। ବଦଳି ହୋଇଯିବାକୁ ଚାହୁଁଛନ୍ତି। କିନ୍ତୁ ସେମାନଙ୍କ ବଦଳରେ କୌଣସି ଶିକ୍ଷକ ସେଠାକୁ ଯିବାକୁ ରାଜି ହେଉନାହାନ୍ତି।

ଉପଯୁକ୍ତ ଭିତ୍ତିଭୂମି ନ ଥାଇ ସ୍କୁଲଗୁଡ଼ିକୁ ଯେପରି ତରବରରେ ଅପମିଶ୍ରଣ କରାଯାଇଛି ତାହାର କୁପରିଣତିର ଏହା ଏକ ବାସ୍ତବ ନମୁନା। ଆହୁରି ଏମିତି ଅନେକ ସ୍କୁଲ ଅଛି ଯେଉଁଠି ହାଇସ୍କୁଲରୁ ଚାହିଁଲେ ଦିଶେନାହିଁ ପ୍ରାଇମେରୀ ସ୍କୁଲ। ଏସବୁ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କର କାଗଜ କାମ ଅଧିକ। ଦଶଟାରୁ ଚାରିଟା ନିଜ ଟେବୁଲ ଉପରେ ମୁହଁମାଡି ପଡ଼ିବାକୁ ହୁଏ। ପ୍ରାଇମେରୀ ସ୍କୁଲରେ କ'ଣ ଚାଲିଛି ତାହା ଦେଖିବାକୁ ସମୟ ମିଳେନାହିଁ। କେବେ କେମିତି ଛୋଟ ମୋଟ ଦୁର୍ଘଟଣା ଘଟେ। ଶିକ୍ଷକମାନେ ଆତଙ୍କିତ ଅବସ୍ଥାରେ ରୁହନ୍ତି।

ରାଜଧାନୀରେ ସଚିବଙ୍କଠାରୁ ବ୍ଲକ୍‌ରେ ଅତିରିକ୍ତ ଶିକ୍ଷାଧିକାରୀ ପର୍ଯ୍ୟନ୍ତ ଶିକ୍ଷା ବିଭାଗରେ ଅସଂଖ୍ୟ ଅଧିକାରୀ। ବର୍ଷଯାକ କେତେ ଯୋଜନା, କେତେ ନୀତିନିୟମ ଲାଗୁ ହେଉଛି। ଶିକ୍ଷା ବ୍ୟବସ୍ଥା ସୁଧୁରୁଛି ବୋଲି ଡିଣ୍ଡିମ ପିଟାଯାଉଛି। କିନ୍ତୁ ପର୍ଯ୍ୟବେକ୍ଷଣରେ ଯେତେବେଳେ ଦେଖାଯାଉଛି ଶିକ୍ଷାର ମାନ ଅଧିକ ହ୍ରାସ ପାଇଛି, ସବୁ ଦୋଷ ଶିକ୍ଷକମାନଙ୍କ ମୁଣ୍ଡ ଉପରେ ଲଦି ଦିଆଯାଉଛି। ବର୍ତ୍ତମାନ ଗଣଶିକ୍ଷାରେ ପ୍ରଚଳିତ କେତେକ ବିଚିତ୍ର ନୀତି ଦେଖନ୍ତୁ। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ କ୍ଲାସ୍ ପରୀକ୍ଷାରେ ଫେଲ କରାଯାଇପାରିବ ନାହିଁ କିନ୍ତୁ ଦଶମ ବୋର୍ଡ ପରୀକ୍ଷାରେ ସେମାନେ ଫେଲ୍ ହେଲେ ଶିକ୍ଷକଙ୍କ ଦରମା ବନ୍ଦ ହେବ। ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯିବ ନାହିଁ କିନ୍ତୁ ଯେଉଁ ବିଷୟରେ ପିଲା ଫେଲ ହେବେ ସେ ବିଷୟ ପଢାଉଥିବା ଶିକ୍ଷକମାନଙ୍କୁ ଦରମା ଦିଆଯିବ ନାହିଁ। ସ୍କୁଲରେ ପ୍ରଧାନ ଶିକ୍ଷକ ନାହାନ୍ତି କିନ୍ତୁ ପରୀକ୍ଷା ଫଳ ଖରାପ ହେଲେ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଇନ୍‌କ୍ରିମେଣ୍ଟ ବନ୍ଦ ହେବ। ପିଲାମାନେ ପଢ଼ିଆରେ ଖେଳିବେ କିନ୍ତୁ ଦୈବାତ୍ ପଡ଼ିଯାଇ ଆହତ ହେଲେ ଦାୟୀ ହେବେ ଶିକ୍ଷକ। ପିଲାମାନେ ବିଶୃଙ୍ଖଳିତ ହେବେ କିନ୍ତୁ ଶୃଙ୍ଖଳା ପାଇଁ ଶାସନ କଲେ ଶିକ୍ଷକ ନିଲମ୍ବିତ ହେବେ। ସ୍କୁଲରେ ବଗିଚା ହେବ, ସ୍କୁଲ ହତା ସଫା ରହିବ କିନ୍ତୁ ପିଲାମାନେ କୌଣସି କାମରେ ହାତ ଲଗାଇବେ ନାହିଁ। ସ୍କୁଲରେ ପୂଜା, ଉତ୍ସବ ହେବ, ପିଲାମାନେ ଭୋଜି ଖାଇବେ କିନ୍ତୁ ସେମାନେ ଚାନ୍ଦା ଦେବେ ନାହିଁ କି ସେଦିନ ମଧ୍ୟାହ୍ନଭୋଜନ ହେବନାହିଁ। ବିଚରା ଶିକ୍ଷକମାନଙ୍କର ଜୀବନ ଭୟଭ୍ରାନ୍ତିରେ ବିତୁଛି, ସେମାନେ ଉତ୍ତମ ଶିକ୍ଷାଦାନ କରିବେ କିପରି ?

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ-୯୪୭୭୨୯୬୮୬୪

## ଏଇ ଭାରତରେ

ଅଦିନିଆ ବର୍ଷାରୁ ଫସଲକୁ ରକ୍ଷା କରିବା ପାଇଁ ଗୁଜରାଟର ବିଭିନ୍ନ ସ୍ଥାନରେ ଚାଷୀମାନେ ଅଜବ ପରମ୍ପରା ପାଳନ କରନ୍ତି। ବର୍ଷା ବନ୍ଦ କରିବାକୁ ସେମାନେ 'ଅଲାଦ୍ରା ଭୋ' ନାମକ ପର୍ବ ପାଳନ କରିଥାନ୍ତି। ଏହିଦିନ ଗାଁର କୌଣସି ଲୋକ ରୋଷେଇ କରନ୍ତିନି, ପାଣି ଆଣନ୍ତିନି କି ଗୋଦୋହନ କରନ୍ତିନି । ବସ୍ତ୍ର ମଧ୍ୟ ସଫା କରନ୍ତି ନାହିଁ। ଘରର କିଛି କାମ ନ କରି କେବଳ ଦିନସାରା ସମସ୍ତେ ପ୍ରାର୍ଥନା କରିଥାନ୍ତି। ଏହାର ପୂର୍ବଦିନରୁ ସେମାନେ ଖାଦ୍ୟ ପ୍ରସ୍ତୁତ କରିଦିଅନ୍ତି। ଯଦି ଏତକ କରାଯିବା ପରେ ବର୍ଷା ବନ୍ଦ ନ ହୁଏ ତେବେ ଗାଁ ମୁଖିଆଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗାଁ ସୀମାରେ ପହଞ୍ଚିବା ପରେ ବର୍ଷାଦେବଙ୍କୁ ପୂଜା କରାଯାଏ। ଅନେକ ସ୍ଥାନରେ ମଣିଷ ହାଡ଼ରେ ତିଆରି କରାଯାଇଥିବା ଏକ ଚକକୁ ଜଣେ ବ୍ୟକ୍ତି ବିପରୀତ ଦିଗରେ ବୁଲାଇଲେ ବର୍ଷା ବନ୍ଦ ହୋଇଯାଏ ବୋଲି କେତେକ ସ୍ଥାନରେ ଚାଷୀମାନଙ୍କର ବିଶ୍ୱାସ ରହିଛି। ଆଉ କେତେକ ଜାଗାରେ ପାନଖେତକୁ ବର୍ଷା ଦାଉରୁ ରକ୍ଷା କରିବା ଲାଗି ଚାଷୀମାନେ କନିଷ୍ଠାଙ୍ଗୁଳିରୁ ରକ୍ତ ବାହାର କରି ଜମିର ସୀମାରେ ପକାନ୍ତି। ଆଉ କେତେକ ସ୍ଥାନରେ ଚାଷୀମାନେ ବର୍ଷା ନ ହେବା ପାଇଁ ତାନ୍ତ୍ରିକଙ୍କୁ ଡାକି ତାହାକୁ ଉଡାଇ ଦିଅନ୍ତି। ବେଳେବେଳେ ସେମାନେ ଜଳନ୍ତା ନିଆଁକୁ ବାଦଲ ଆଡ଼କୁ ଫିଙ୍ଗନ୍ତି। ବର୍ଷା ବନ୍ଦ କରିବା ପାଇଁ ପତ୍ରରେ ତିଆରି ଏକ ଛତାକୁ ବର୍ଷାରେ ଓଲଟାଇ ରଖାଯାଏ। ପୁଣି କେତେକ ସ୍ଥାନରେ ଚାଷୀମାନେ କିଛି ପୋଷାକ ପିନ୍ଧି ନ ଥିବା ଜଣେ ବାଳକଙ୍କୁ ଘରର ଚାଳକୁ ବାଡ଼େଇବାକୁ କୁହନ୍ତି। ଅଶ୍ଳେଷା ଓ ମଘା ନକ୍ଷତ୍ରରେ ବର୍ଷା ବେଶି କ୍ଷତି କରୁଥିବାରୁ ତାହାକୁ ଇନ୍ଦ୍ରଙ୍କ କୋପ ମନେକରି ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ବଳି ଦେବା ପ୍ରଥା ଏବେ ବି ପ୍ରଚଳିତ ରହିଛି।

## ଚିରନ୍ତନୀ

"କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା ?

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | A | | | 5 | | | D | | E | 2 | 8 |
| | | | B | | | | 9 | | 6 | | | | | |
| 3 | | | | | | | | | | | | | 9 | A |
| D | 9 | | | | | | A | C | 5 | B | | | | |
| C | A | | 2 | E | | 0 | | 3 | | | 8 | | | D |
| 7 | | 6 | | 2 | | | | | | | | | 5 | 9 |
| | | | | | | | | | 9 | A | | | 7 | |
| B | 3 | | 8 | 6 | | 2 | | | | | | | | |
| 8 | | A | C | 4 | | | | | D | | 1 | | 6 | E |
| | 0 | E | | | | | | 1 | | | 4 | D | | |
| 1 | 6 | B | 3 | | | | E | | 8 | C | | | A | |
| | | | | | | 4 | | A | 7 | | | | | |
| | | | A | | 8 | | | | E | | | | B | 2 |
| 9 | 2 | | | | 6 | | | 7 | | | | 1 | | 3 |
| | | D | | 9 | 2 | | | | | 5 | 3 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | E | 7 | 9 | 3 | B | D | 8 | A | 2 | 6 | C | 5 | 0 |
| 0 | B | 6 | 8 | 4 | 5 | C | 3 | 2 | E | D | 7 | 9 | 1 | A |
| 5 | C | D | A | 1 | E | 9 | 6 | 0 | 3 | B | 4 | 2 | 8 | 7 |
| 3 | 2 | A | 0 | D | C | 5 | E | 7 | 9 | 8 | 1 | B | 6 | 4 |
| 8 | 9 | 7 | B | 6 | 2 | A | 4 | 1 | C | 5 | 0 | 3 | D | E |
| 7 | 6 | 3 | D | C | A | 2 | 0 | 4 | 5 | 1 | 9 | E | B | 8 |
| B | D | 2 | 9 | 0 | 6 | 1 | A | 3 | 8 | 4 | E | 7 | C | 5 |
| 9 | A | 5 | 4 | 3 | 8 | D | C | E | 0 | 7 | B | 1 | 2 | 6 |
| E | 0 | 1 | 2 | B | 7 | 8 | 9 | 5 | 6 | 3 | C | 4 | A | D |
| 4 | 8 | C | E | 5 | 1 | 7 | B | 6 | 2 | A | D | 0 | 3 | 9 |
| 2 | 1 | 4 | 3 | 7 | 0 | 6 | 5 | D | B | E | A | 8 | 9 | C |
| D | 5 | 8 | 6 | E | B | 4 | 7 | 9 | 1 | C | 3 | A | 0 | 2 |
| C | 3 | 0 | 5 | A | 4 | E | 8 | B | D | 9 | 2 | 6 | 7 | 1 |
| A | 7 | B | 1 | 8 | 9 | 0 | 2 | C | 4 | 6 | 5 | D | E | 3 |
| 6 | E | 9 | C | 2 | D | 3 | 1 | A | 7 | 0 | 8 | 5 | 4 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକଙ୍କ ପାଇଁ ଅଜବ ସମୟ ନିର୍ଘଣ୍ଟ

ମହାଶୟ,

ଏବେ ସରକାର ବା ଶିକ୍ଷା ବିଭାଗ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ସାଢେ ସାତ ଘଣ୍ଟା ସମୟ ନିର୍ଘଣ୍ଟ ସ୍ଥିର କରିଛନ୍ତି। କର୍ମଚାରୀମାନେ ତାଙ୍କ ଚାକିରି ବଞ୍ଚାଇ ଦରମା ନେବା ପାଇଁ ଏ ନିର୍ଘଣ୍ଟ ଅନୁଯାୟୀ ରହିବେ। କିନ୍ତୁ ଛାତ୍ରୀଛାତ୍ରମାନେ ଏତେ ଦୀର୍ଘ ସମୟ ପାଇଁ ସ୍ଥିରମନା ରହିବେ ତ ! କିଛିଦିନ ତଳେ ଗଣିତ, ବିଜ୍ଞାନ ଓ ଇଂଲିଶ ବିଷୟ ପାଇଁ ଶିକ୍ଷାଦାନ ନିର୍ଘଣ୍ଟ ଦେଢ ଘଣ୍ଟା ହେବାର ଆଦେଶ ଦିଆଯାଇଥିଲା। ଏବେ ପୁଣି ଏ ସାଢେ ସାତ ଘଣ୍ଟା ରହିବାର ଆଦେଶ। ଏସବୁ ଆଦେଶ ଅଜବ ପରି ମନେହେଉଛି। ଯେଉଁ ଦିନଠାରୁ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଓ ଶିକ୍ଷକଙ୍କ ବିରୋଧରେ ଜଣାଇବା ପାଇଁ ଟୋଲ ଫ୍ରି ନମ୍ବର ବିଦ୍ୟାଳୟ କାନ୍ଥରେ ଲେଖାଗଲାଣି ସେହିଦିନଠାରୁ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲାଣି।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଅଫିସ ଦଲାଲମୁକ୍ତ ହେବା ସ୍ୱାଗତଯୋଗ୍ୟ

ଅତୀତରେ ଓଡ଼ିଶା ସରକାରଙ୍କ ଆର୍‌ଟିଓ ଓ ମେଡିକାଲଗୁଡିକରେ ଯେଉଁ ଦଲାଲମାନେ ରହି ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କୁ ହାତ କରି ଜନସାଧାରଣଙ୍କଠାରୁ ଅର୍ଥ ଲୁଟୁଥିଲେ ତାହା ଦୂର କରିବା ପାଇଁ ସରକାର ଅଫିସଗୁଡ଼ିକୁ ଦଲାଲମୁକ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି। ତାହା ସ୍ୱାଗତଯୋଗ୍ୟ। ଏହା ସହିତ ସଡକ ଓ ପରିବହନ ମନ୍ତ୍ରୀ ଦଲାଲଙ୍କ ଜରିଆରେ ଅସାଧୁ କର୍ମଚାରୀଙ୍କୁ ମଧ୍ୟ ଧରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହିଭଳି ସରକାରଙ୍କ ସବୁ ଅଫିସରେ ସ୍ୱଚ୍ଛତା ବଜାୟ ରହିଲେ ସରକାର ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ।

ବିନୋଦ ଚନ୍ଦ୍ର ଜେନା, ପାରଳା ଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

■ ପିଡି-ଡିଆରଡିଏଙ୍କ ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଘାଟିତ

# ଲୋକଙ୍କ ଆସ୍ଥାଭାଜନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ



ପିଡି ଡିଆରଡିଏଙ୍କ ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ସାଂଗଠନିକ ଦକ୍ଷତା ଓ ନିଷ୍ଠାପର ଦାୟିତ୍ୱ ସମ୍ପାଦନ ଅପରିହାର୍ଯ୍ୟ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଠାରେ ମଙ୍ଗଳବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି ଡିଆରଡିଏ)ଙ୍କ ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ଅଧିକାରୀମାନଙ୍କୁ ଏହା କହିଛନ୍ତି। ଏଥିପାଇଁ ସ୍ୱଚ୍ଛତା, ପ୍ରଯୁକ୍ତି, ଦଳଗତ ମନୋଭାବ, ସମୟାନୁବର୍ତ୍ତିତା ଓ ପରିବର୍ତ୍ତନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଜନସାଧାରଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା 'ମୋ ସରକାର' କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ପଦକ୍ଷେପ ନେବାକୁ ସେ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ବିଭାଗର ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଯଥା ଗ୍ରାମୀଣ ବାସଗୃହ, ଏମଜିଏନଆରଇଜିଏ, ପାନୀୟ ଜଳ ଓ ପରିମଳ, ଓଡ଼ିଶା ଜୀବିକା ମିଶନ ଇତ୍ୟାଦିକୁ ପଞ୍ଚାୟତସ୍ତରରେ ଅଧିକ କ୍ରିୟାଶୀଳ କରାଇ ଜନସାଧାରଣଙ୍କ ନିକଟରେ ଉନ୍ନତ ମୌଳିକ ସେବା ଉପଲବ୍ଧ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଜନତାଙ୍କୁ ଉତ୍ତମ ସେବା ପ୍ରଦାନରେ ଅସଫଳ ହେଲେ ଅଥବା ଦୁର୍ନୀତିରେ ଲିପ୍ତ ରହି ନିଜର କର୍ତ୍ତବ୍ୟରେ ଅବହେଳା କଲେ ଯେତେବଡ଼ ଅଧିକାରୀ ହେଲେ ବି ଦଣ୍ଡବିଧାନ କରାଯିବ ବୋଲି ମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାରସିଂହ ଉତ୍ତମ ସେବା ପ୍ରଦାନରେ ୫–ଟି ଓ 'ମୋ ସରକାର'କୁ ସଫଳତାର ସହ କାର୍ଯ୍ୟ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ରୂପା ମିଶ୍ର ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ କରିବା ସହ ପ୍ରତି ସୋମବାର ଅଭିଯୋଗ ଶୁଣାଣି କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେଇଥିଲେ । ଭିନ୍ନକ୍ଷମ, ଗର୍ଭବତୀ ମହିଳା ଓ ବରିଷ୍ଠ ନାଗରିକଙ୍କ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରି ସେଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଏହି ଦୁଇ ଦିନିଆ ସମ୍ମିଳନୀର ପ୍ରଥମ ଦିନରେ ଗ୍ରାମୀଣ ବାସଗୃହ, ଏମଜିଏନଆରଇଜିଏ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଆମ ଗାଁ ଆମ ବିକାଶ ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଦ୍ୱିତୀୟ ଦିବସରେ ଓଡ଼ିଶା ଜୀବିକା ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ରୁର୍ବାନ ଓ ସାଂସଦ ଆଦର୍ଶ ଗ୍ରାମଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ମିଶନ ଓ ଦକ୍ଷତା ବିକାଶ, ପାନୀୟ ଜଳ ଓ ପରିମଳ, ଗ୍ରାମ ପଞ୍ଚାୟତ ବିକାଶ ଯୋଜନା, ଅର୍ଥ କମିଶନ ଅନୁଦାନ ସମ୍ପର୍କରେ ଆଲୋଚନା ହେବ। ଏହି ସମ୍ମିଳନୀରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକରପାଟିଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଦାଶ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ସମସ୍ତ ଜିଲାର ପିଡି ଡିଆରଡିଏମାନେ ଯୋଗ ଦେଇଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଚନ୍ଦ୍ରମା ହୋତା



ରୂପକ କୁମାର ବରାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଓପିଟିସିଏଲ୍: ପୂରଣ ହେବ ବିଭିନ୍ନ ନିର୍ଦ୍ଦେଶକ ପଦ

■ ଅନ୍ୟ ଖାଲି ପଦବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ
■ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାକୁ ଦାବି

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ରାଜ୍ୟ ସରକାର ନିକଟରେ ଓପିଟିସିଏଲ୍‌ର ସମସ୍ତ ନିର୍ଦ୍ଦେଶକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପୂର୍ବରୁ ରହିଥିବା କୌଣସି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇନାହିଁ। ଏହିପରି ନିଷ୍ପତ୍ତି ସଂସ୍ଥା ଓ ବିଭାଗରେ ସ୍ୱଚ୍ଛତା ଆଣିବ ବୋଲି କୁହାଯାଇଛି। ସେହିପରି ଅନ୍ୟ କେତେକ ମୌଳିକ ସମସ୍ୟା ନେଇ ଅଲ୍ ଇଣ୍ଡିଆ ଅନ୍‌ଅର୍ଗାନାଇଜ୍ଡ ୱାର୍କର୍ସ କଂଗ୍ରେସ(ଓଡ଼ିଶା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି।

ସେହିପରି ଗ୍ରୀଡ୍‌କୋ ସିଏମ୍‌ଡି ସରକାରଙ୍କୁ ୩ଟି ନିର୍ଦ୍ଦେଶକ ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାକୁ ଚିଠି ଲେଖିଥିଲେ, ଏଯାବତ୍ ୨ଟି ପଦବୀ ପୂରଣ ପାଇଁ ବିଜ୍ଞପ୍ତି ବାହାରିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନିର୍ଦ୍ଦେଶକ(ବାଣିଜ୍ୟ) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେଣୁ ଏହି ପଦବୀ ବୃଦ୍ଧିର ସୁଯୋଗ ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଚଳିତ ନଭେମ୍ବର ୧୫ରେ ଏହି ପଦବୀର କାର୍ଯ୍ୟକାଳ ସରୁଥିବାବେଳେ ଏହାର ବିଜ୍ଞପ୍ତି ନ ବାହାରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀ ଉପରେ ୪୨୩୪ କୋଟି ଟଙ୍କା ବକେୟା ରହିଛି। ଓଏଚ୍‌ପିସିରେ ଦୁର୍ନୀତିଗ୍ରସ୍ତ କେତେକ ଅଧିକାରୀ ସଂସ୍ଥାକୁ ବଦନାମ କରୁଥିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ନିଖିଳ ଓଡ଼ିଶା ବିଦ୍ୟୁତ୍ ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ ମଧ୍ୟ ଶକ୍ତି ବିଭାଗର ବିଭିନ୍ନ ଅନିୟମିତତା ନେଇ ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଜାଣିଶୁଣି ବିଭାଗ ତଥା ବିଭାଗୀୟ ସଂସ୍ଥା ପକ୍ଷରୁ ନିମ୍ନମାନର ଉପକରଣ କିଣାଯାଇ ବ୍ୟବହାର କରାଯାଉଥିବା ଅଭିଯୋଗ କରାଯାଇଛି। ଗ୍ରୀଡ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଭାବେ ସୋମବାର ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଛନ୍ତି। ଆଶିଷ ଡିସକମ୍‌ମାନଙ୍କର ନୋଡାଲ ଅଫିସରଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ମହାସଂଘର ସାଧାରଣ ସମ୍ପାଦକ ଓ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ନିର୍ଦ୍ଦେଶକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସଂସ୍ଥାର ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ଆଲୋଚନା କରିଛନ୍ତି।

# ବିମାନ ବନ୍ଦରରୁ ୧୨ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ ଜବତ

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ବିମାନରେ ବେଆଇନ ସୁନା ପରେ ଏବେ ବିଦେଶୀ ସିଗାରେଟ ଚାଲାଣ ଧରାପଡ଼ିଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ରାଜସ୍ୱ ଗୋଇନ୍ଦା ବିଭାଗ (ଡିଆର୍‌ଆଇ) ମଙ୍ଗଳବାର ୧୨ଲକ୍ଷ ଟଙ୍କାର ସିଗାରେଟ ଜବତ କରିଛି। ୪୦୦ ପ୍ୟାକେଟରେ ରହିଥିବା ୮୦ହଜାର ସିଗାରେଟ କୁଆଲାଲମ୍ପୁରରୁ କଲିକତା ଚାଲାଣ ହେଉଥିଲା। ଭୁବନେଶ୍ୱରରୁ ବସ୍ କିମ୍ବା

■ ଏୟାର ଏସିଆରୁ ମିଳିଲା ୪୦୦ ପ୍ୟାକେଟ
■ କୁଆଲାଲମ୍ପୁରରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା
■ ୨ଜଣ ଚାଲାଣକାରୀଙ୍କୁ ଧରିଲା ଡିଆର୍‌ଆଇ

ଟ୍ରେନ୍‌ରେ ପଶ୍ଚିମବଙ୍ଗ ଯାଇଥାନ୍ତା। ସିଗାରେଟ ଚାଲାଣ କରୁଥିବା ୨ଜଣଙ୍କୁ ଡିଆର୍‌ଆଇର ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି। ସେମାନଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ଏହି ଅନ୍ତର୍ଜାତୀୟ ର୍‍ୟାକେଟର ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି।

ଡିଆର୍‌ଆଇ ଅଧିକାରୀଙ୍କ ସୂଚନାନୁସାରେ, ଜବତ ସିଗାରେଟ 'ମାର୍ଲବୋର୍' ବ୍ରାଣ୍ଡର। କୁଆଲାଲମ୍ପୁରରେ ଏହାର ଦାମ ଖୁବ୍ କମ୍। କିନ୍ତୁ ଓଡିଶା, ପଶ୍ଚିମବଙ୍ଗ ସମେତ ଭାରତର ଅନ୍ୟ ରାଜ୍ୟରେ ଗୋଟିଏ ସିଗାରେଟ ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଛି। ରହିଥିବା ଆଇନ ଅନୁଯାୟୀ ଆମଦାନୀ କଲେ ବିଭିନ୍ନ ଟିକସ ଓ ସବୁ ଖର୍ଚ୍ଚ ମିଶିଲେ ସିଗାରେଟ ଗୋଟାପ୍ରତି କିଣା ୧୫ରୁ ଊର୍ଦ୍ଧ୍ୱ ଟଙ୍କା ପଡ଼ିଯିବ। ତେଣୁ ଧରାପଡ଼ିଥିବା ଦୁଇଜଣ ଦଲାଲ କୁଆଲାଲମ୍ପୁରରୁ କମ୍ ଦାମ୍‌ରେ ସିଗାରେଟ କିଣି ବେଆଇନ ଭାବେ ଲଗେଜ୍ ପାର୍ସଲରେ ବିମାନରେ ଆଣୁଥିଲେ। ସେମାନେ ସୋମବାର ଏୟାର ଏସିଆ ବିମାନ ଏକେ–୩୧ରେ କୁଆଲାଲମ୍ପୁର ବିମାନବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଏ ସମ୍ପର୍କରେ ଡିଆର୍‌ଆଇଙ୍କ ନିକଟରେ ସୂଚନା ପହଞ୍ଚିବା ପରେ ଧରିବାକୁ ଯୋଜନା ହୋଇଥିଲା। ରାତି ପ୍ରାୟ ୯ଟାରେ ସମ୍ପୃକ୍ତ ଦୁଇଜଣ ଯାତ୍ରୀ ବିମାନରୁ ଓହ୍ଲାଇ ମୁଖ୍ୟ ଗେଟ୍ ଦେଇ ବାହାରକୁ ବାହାରିବା ସମୟରେ ଡିଆର୍‌ଆଇ ଅଧିକାରୀମାନେ ଯାଞ୍ଚ କରିଥିଲେ। ସେମାନଙ୍କ ଲଗେଜରୁ ୪ଶହ ପ୍ୟାକେଟ ବିଦେଶୀ ସିଗାରେଟ ମିଳିଥିଲା। ପଚରାଉଚରାବେଳେ ସେମାନେ କହିଛନ୍ତି ଯେ, କୁଆଲାଲମ୍ପୁରକୁ ନିୟମିତ ଭାବେ ଯାଇ ହୋଟେଲରେ ରୁହନ୍ତି। କମ୍ ଦାମରେ ମିଳୁଥିବା ସିଗାରେଟ ଓ ଅନ୍ୟ ସାମଗ୍ରୀ କିଣି ବିମାନଯୋଗେ ପଶ୍ଚିମବଙ୍ଗ ଚାଲାଣ କରନ୍ତି। କିନ୍ତୁ ବିଜୁପଟ୍ଟନାୟକ ବିମାନ ବନ୍ଦର ଦେଇ ପୂର୍ବରୁ କେବେ ସିଗାରେଟ କାରବାର କରିନାହାନ୍ତି। ଏବେ କଲିକତା ସମେତ ଅନ୍ୟ ବିମାନବନ୍ଦରରେ ଯାଞ୍ଚ କଡାକଡି ହେଉଥିବାରୁ ପ୍ରଥମଥର ବିଜୁପଟ୍ଟନାୟକ ବିମାନ ବନ୍ଦର ଦେଇ ଚାଲାଣ କରିବାକୁ ଯୋଜନା କରିଥିଲେ ବୋଲି ସେମାନେ ଡିଆରଆଇ ଅଧିକାରୀଙ୍କୁ କହିଛନ୍ତି।




ଜବତ ସିଗାରେଟ୍ ପ୍ୟାକେଟ୍।

ଗତ କିଛିମାସ ହେବ ପଶ୍ଚିମବଙ୍ଗ ସହ ଓଡିଶାରେ ଏହି ସିଗାରେଟ ଚାହିଦା ବଢ଼ି ଚାଲିଛି। ଫଳରେ ଏହି ଦୁଇଜଣ ଦଲାଲ ସେମାନଙ୍କ ବ୍ୟବସାୟକୁ ବଢ଼ାଇ ଚାଲିଛନ୍ତି। ସେମାନେ କୁଆଲାଲମ୍ପୁରରୁ ବିଦେଶୀ ସିଗାରେଟ କିମ୍ବା ଅନ୍ୟ ସାମଗ୍ରୀ ବେଆଇନ ଭାବେ ଓଡିଶା ଦେଇ କେତେଥର ଆଣିଛନ୍ତି, ଏହାକୁ କେଉଁମାନଙ୍କୁ ଦେଇଛନ୍ତି, ସେମାନଙ୍କର ମୁଖ୍ୟ କିଏ ତାହାର ଖୋଳତାଡ଼ ଆରମ୍ଭ କରିଛି ଡିଆର୍‌ଆଇ। ଏହାସହ ଦୁଇଜଣଙ୍କ ପ୍ରକୃତ ପରିଚୟ ମଧ୍ୟ ଯାଞ୍ଚ ଚାଲିଛି। ଅନ୍ୟପକ୍ଷରେ ବିମାନରେ ବେଆଇନ ଭାବେ ବିଭିନ୍ନ ସାମଗ୍ରୀ ଚାଲାଣ କରାଯାଉଥିବାରୁ ଏହା ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ENGG/2019-20, ତା: 04.10.2019

(1) ଇ-ଟେଣ୍ଡର ସଂ. 23-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ - ଟିଟିଲାଗଡ଼ ସେକ୍ସନରେ ଆବାସିକ ବିଲ୍ଡିଂ ଏବଂ ସର୍ଭିସ୍ ବିଲ୍ଡିଂ ଗୁଡ଼ିକର ହ୍ୱାଇଟ୍ ୱାସିଂ, ଡ଼ିସ୍‌ଟେମ୍ପରିଙ୍ଗ୍ ଏବଂ କବାଟ ଓ ଝରକା ଗୁଡ଼ିକର ପେଣ୍ଟିଂ ସହିତ ନିର୍ଦ୍ଦିଷ୍ଟକାଳିକ ଫିନିସିଙ୍ଗ୍ କାର୍ଯ୍ୟର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,19,72,335.67, EMD : ₹ 2,09,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

(2) ଇ-ଟେଣ୍ଡର ସଂ. 25-eT-SDENE-SBP-19
କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ବିଭିନ୍ନ ଚିହ୍ନିତ ପ୍ୟାଚ୍ ଗୁଡ଼ିକରେ ବହିଃସ୍ରୋତ ମାଧ୍ୟମରେ ଭାରତୀୟ ରେଲୱେ ଷ୍ଟାଣ୍ଡାର୍ଡ ତଥା ରେଳ ଏବଂ ୱେଲ୍ଡ (ସଂଶୋଧିତ - 2012) ର ଅଲ୍‌ଟ୍ରାସୋନିକ୍ ପରୀକ୍ଷଣର ବିନିର୍ଦ୍ଦେଶନ ଅନୁଯାୟୀ ଡ଼ିଜିଟାଲ୍ ଅଲ୍‌ଟ୍ରାସୋନିକ୍ ଫ୍ଲ ଡ଼ିଟେକ୍ଟର (USFD) ଦ୍ୱାରା ରେଳ ଏବଂ ୱେଲ୍ଡ ଗୁଡ଼ିକର ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ଏବଂ ଏହାର ସୂଚନା ପ୍ରଦାନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 7,09,26,173.76, EMD : ₹ 5,04,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 24 (ଚବିଶି) ମାସ।

(3) ଇ-ଟେଣ୍ଡର ସଂ. 26-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ବଲାଙ୍ଗୀରଙ୍କ ଅଧିକାର କ୍ଷେତ୍ର ଅଧିନରେ CMS, DUOMATIC, UNIMAT ଦ୍ୱାରା ୟାର୍ଡ଼ ଲାଇନ୍, ବ୍ରିଜ୍ ଆପ୍ରୋଚ୍, ପଏଣ୍ଟ୍ ଏବଂ ଟର୍ଣ୍ଣଆଉଟ୍ ଓ ଲେଭେଲ୍ କ୍ରସିଙ୍ଗ୍ ଆପ୍ରୋଚ୍ ଗୁଡ଼ିକର ଏବଂ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଟ୍ୟାମ୍ପିଂ କାର୍ଯ୍ୟ ଗୁଡ଼ିକର ମାନୁଆଲ୍ ଡ଼ିପ୍ ସ୍କ୍ରିନିଂ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 1,82,94,003.60, EMD : ₹ 2,41,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

(4) ଇ-ଟେଣ୍ଡର ସଂ. 27-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way)/ଅନଗୁଳଙ୍କ ଅଧିକାର କ୍ଷେତ୍ର ଅଧିନରେ ବାମୁର (In) - ଅନଗୁଳ (Ex) ମଧ୍ୟରେ ଥିବା ସେକ୍ସନରେ ତା 30.09.2020 ରିଖ ସୁଦ୍ଧା ସମାପ୍ତ ହେଉଥିବା ସମୟାବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 98,74,498.54, EMD : ₹ 1,97,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 30.09.2020

(5) ଇ-ଟେଣ୍ଡର ସଂ. 26-eT-DENC-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା (Ex) - ବରଗଡ଼ ରୋଡ୍ (In) ସେକ୍ସନରେ ବିଭିନ୍ନ ୟାର୍ଡ଼ରେ 54 ସେଟ୍ 12 ରେ 1 / 8.5 ରେ 1 ସୁଇଚ୍ ଏବଂ କ୍ରସିଂ ଗୁଡ଼ିକର ନବୀକରଣ ନିମନ୍ତେ ବଳକା କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 57,10,260.51, EMD : ₹ 1,14,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 10 (ଦଶ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 04.11.2019 ରିଖ 1500 ଘ. ରେ (ସମସ୍ତ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-431/K/19-20



## ଜିଲା ଚିଠି
## ବୌଦ୍ଧ
# ଷ୍ଟାଡିୟମ ନିର୍ମାଣ

ଗଡ଼ଜାତ ବୌଦ୍ଧ ଜିଲା କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କ୍ରୀଡା କ୍ଷେତ୍ରରେ ବି ଏହି ଜିଲା ପଛରେ ପଡିନାହିଁ। ଏଠାକାର କ୍ରୀଡାବିତ୍‌ମାନେ ରାଜ୍ୟ ଓ ରାଜ୍ୟ ବାହାରେ ଖେଳି ଗୌରବ ଆଣିପାରିଛନ୍ତି । ହେଲେ କ୍ରୀଡାବିତ୍‌ମାନଙ୍କ ପାଇଁ ନିର୍ମାଣ ଚାଲିଥିବା ଏକମାତ୍ର ଷ୍ଟାଡିୟମ କେବେ ସରିବ ସେ ନେଇ କାହା ପାଖରେ ଉତ୍ତର ନାହିଁ । ୨୦୦୬ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମା ତଥା ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ପଞ୍ଚାୟତ ମହାବିଦ୍ୟାଳୟ ପଡ଼ିଆରେ ଏହି ଷ୍ଟାଡିୟମ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ଇତିମଧ୍ୟରେ ୧୩ ବର୍ଷ ବିତିବାକୁ ବସିଛି। ହେଲେ ଷ୍ଟାଡିୟମ ନିର୍ମାଣ କାମ ସରିବାର ନା ନେଉନି । ଜିଲାରେ ଏକ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ ହେବ କଥା ଘୋଷଣା ପରେ କ୍ରୀଡାବିତ ଓ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା । କିନ୍ତୁ ନିର୍ମାଣରେ ବିଳମ୍ବ ନେଇ କ୍ରୀଡାପ୍ରେମୀ ଓ କ୍ରୀଡାବିତ୍‌ଙ୍କ ମନରୁ ସେହି ଉତ୍ସାହ କମିବାରେ ଲାଗିଛି। ଷ୍ଟାଡିୟମ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ସେ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକମାତ୍ର କଚେରି ପଡିଆରେ ରାଜ୍ୟସ୍ତରୀୟ ଖେଳ ଅନୁଷ୍ଠିତ ହୋଇ ଆସୁଛି । ହେଲେ ସେହି ପଡ଼ିଆରେ ଅଧିକାଂଶ ସମୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଫଳରେ ସେହି ପଡ଼ିଆରେ କ୍ରୀଡ଼ାବିତ୍‌ମାନଙ୍କୁ ଖେଳିବାକୁ ସୁଯୋଗ ମିଳୁନାହିଁ । ପ୍ରାୟ ୧୦ ଏକର ପରିମିତ ଜାଗାରେ ଏହି ଷ୍ଟାଡିୟମ ନିର୍ମାଣ ଚାଲିଛି। ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଓ ବୌଦ୍ଧ ପଞ୍ଚାୟତ ସମିତି ନେଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଗ୍ୟାଲେରି ଓ ପାଚେରି ନିର୍ମାଣ କରାଯାଇଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ଷ୍ଟାଡିୟମର ମୁଖ୍ୟ ପ୍ରବେଶ ତୋରଣ ନିର୍ମାଣ କରାଯାଇଛି । ଗ୍ୟାଲେରି, ପାଚେରି ଓ ତୋରଣ ନିର୍ମାଣ ସରିଥିବା ବେଳେ ଖେଳ ପଡିଆ କାର୍ଯ୍ୟ ଶେଷ ହୋଇପାରିନାହିଁ । ଷ୍ଟାଡିୟମ ନିକଟରେ ମଧ୍ୟ ଏକ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକ୍ଷମ ଅଛି । ଏଥିପାଇଁ ବହୁ ଟଙ୍କା ଖର୍ଚ୍ଚ ହୋଇସାରିଲାଣି । କିନ୍ତୁ ଷ୍ଟାଡିୟମ କାମ ସରୁନି। ଫଳରେ ଖେଳାଳିଙ୍କ ଆଶା ଆଶାରେ ରହିଯାଇଛି। ଏଣେ ନିର୍ମାଣ ସରିଥିବା ଗ୍ୟାଲେରି ନଷ୍ଟ ହେବାକୁ ବସିଛି । ନିର୍ମାଣାଧୀନ ଷ୍ଟାଡିୟମ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି । ଯଦି ପ୍ରଶାସନ ପକ୍ଷରୁ ଷ୍ଟାଡିୟମ କାର୍ଯ୍ୟକ୍ଷମ ପ୍ରତି ଗୁରୁତ୍ୱ ଦିଆ ନ ଯାଏ ଆଗାମୀ ଦିନରେ ଯାହା ନିର୍ମାଣ କରାଯାଇଛି, ସେତକ ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

– ଅଜିତ୍ କୁମାର ବାରିକ

# 'ଫ–ଟି' ସଚିବଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ

**କେନ୍ଦ୍ରାପଡା ଅଫିସ, ୧୫।୧୦**

ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା କେନ୍ଦ୍ରାପଡା ସହର ନିକଟ ଶାମଗୁଡିଆଠାରେ ନିର୍ମାଣାଧୀନ ଶିଶୁ ଓ ମାତୃମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ସାରି ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କୁ ହସ୍ତାନ୍ତର କରିବା ପାଇଁ ୫ ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡି ଓ ଡାଇଲିସିସ୍ ସେଣ୍ଟରର କେତେକ ଅଭାବ ତୁରନ୍ତ ପୂରଣ କରାଯିବ ବୋଲି ଜଷ୍ଟିଲୋ ଆଇବି ଠାରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ପ୍ରକାଶ କରିଛନ୍ତି ।

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ୫ ଟି ସଚିବ ପାଣ୍ଡିଆନ୍ କେନ୍ଦ୍ରାପଡା ଜିଲା ଗସ୍ତରେ ଆସି ପୂର୍ବାହ୍ନ ୧୧ଟା ୪୫ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ । ତାଙ୍କ ସହିତ ରାଜ୍ୟ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଯାଇ ଚିକିତ୍ସାଳୟର ପ୍ରସୂତି ବିଭାଗ, ମହିଳା ଓ ଶିଶୁ ବିଭାଗ, ପୁରୁଷ ସର୍ଜରି ବିଭାଗ,



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍, ଜିଲାପାଳ ସମର୍ଥ ବର୍ମା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ।

ପାଥୋଲ୍ୟାବ ଆଦି ବୁଲି ଦେଖିଥିଲେ । ଏହି ଅବସରରେ ପାଣ୍ଡିଆନ୍ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ସ୍ୱାସ୍ଥ୍ୟସେବା ସଂପର୍କରେ ପଚାରି ବୁଝିଥିଲେ । ବିଶେଷ କରି ନିରାମୟରୁ ଔଷଧ ମିଳୁଛି କି ନାହିଁ , ସରକାରୀ ପାଥୋଲାବରେ ହେଉଥିବା ଟେଷ୍ଟ, ଡାକ୍ତରଖାନା କର୍ମଚାରୀଙ୍କ ଅର୍ଥ କାରବାର ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିବା ସହିତ ନିକଟସ୍ଥ ଶାମଗୁଡିଆରେ ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ ଶିଶୁ ଓ ମାତୃମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଠିକାସଂସ୍ଥା ଇପିଆଇର ଲୋକାଲ ମ୍ୟାନେଜର ଏବଂ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ। ଏହାର ଗ୍ରାଉଣ୍ଡ ଫ୍ଲୋର ନିର୍ମାଣ ଆସନ୍ତା ୪ ମାସ ମଧ୍ୟରେ ସାରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜଷ୍ଟିଲୋ ଯାଇ ଜିଲାପାଳ , ସିଡିଏମଓ ଡା. ଉର୍ମିଳା ମିଶ୍ର ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଯୋଗ ଦେଇ ଅପରାହ୍ନରେ ଫେରି ଯାଇଥିଲେ । ସଚିବ ପାଣ୍ଡିଆନ୍‌ଙ୍କ ଗସ୍ତ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ୫–ଟି ସଚିବଙ୍କ ଏହା ଅଚାନକ ଗସ୍ତ ଥିଲା । ଏହି ଗସ୍ତ ଅବସରରେ ସଚିବ ମୋ

**ମାର୍ଚ୍ଚ ସୁଦ୍ଧା ଶାମଗୁଡିଆ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସାରିବାକୁ ନିର୍ଦ୍ଦେଶ**

ସରକାର କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ଦେଇଛନ୍ତି । ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରତ୍ୟହ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୧୭୫ ଶଯ୍ୟା ଥିବାରୁ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଶାମଗୁଡିଆ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଉପରେ ସଚିବ ଗୁରୁତ୍ୱ ଦେଇଥିବା ଜିଲାପାଳ ସୂଚନା ଦେଇଛନ୍ତି ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



■ ତାତିଲେ ପଞ୍ଚାୟତ ପ୍ରତିନିଧି

# ବ୍ଲକ, ତହସିଲ ଅଫିସରେ ତାଲା ପକାଇଲେ

ରିଆମାଳ,୧୫।୧୦(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକରେ ଦୀର୍ଘମାସ ହେଲା ବିଡିଓ, ଅତିରିକ୍ତ ବିଡିଓ, ଜିପିଇଓ,ସହକାରୀ ଯନ୍ତ୍ରୀ ଓ ବରିଷ୍ଠ କିରାଣୀ ପଦବୀ ଖାଲି ପଡିଛି। ବିଭିନ୍ନ ସମୟରେ ଏ ନେଇ ଦାବି କରାଯାଇ ଆସୁଥିଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରାଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ରିଆମାଳ ବ୍ଲକର ପଞ୍ଚାୟତ ପ୍ରତିନିଧିମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ସେମାନେ ପ୍ରତିବାଦ କରିଛନ୍ତି । ପୂର୍ବାହ୍ନରେ ରିଆମାଳ ବ୍ଲକ ଅଧ୍ୟକ୍ଷା ରିତାଞ୍ଜଳୀ ହାତୀ ଓ ଉପାଧ୍ୟକ୍ଷ ବୈକୁଣ୍ଠ ପାଇକରାୟଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଅଫିସରେ ଥିବା କର୍ମଚାରୀମାନଙ୍କୁ ବାହାରକୁ ଡାକି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ପରେ ସେମାନେ ନିକଟରେ ଥିବା ତହସିଲ କାର୍ଯ୍ୟାଳୟରେ ମଧ ତାଲା ପକାଇ ଦେଇଥିଲେ । ଏହି ଅବସରରେ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ ଯେ, କର୍ମଚାରୀ ଅଭାବରୁ ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛଇ। ହିତାଧିକାରୀମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଛନ୍ତି। ବ୍ଲକ ଅଧ୍ୟକ୍ଷା ଏବଂ ପଞ୍ଚାୟତ ପ୍ରତିନିଧିମାନେ ଏନେଇ ଦୃଷ୍ଟି ଅକର୍ଷଣ କରି ଆସିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଅନ୍ଦୋଳନରେ ବ୍ଲକ ଉପାଧ୍ୟକ୍ଷ ବୈକୁଣ୍ଠ ପାଇକରାୟ, ତାବଡା ସରପଞ୍ଚ ପାଞ୍ଜିଆ ଭୋଇ,ରିଆମାଳ ସମିତି ସଭ୍ୟ ଗାନ୍ଧୀଚରଣ ନାୟକ, ଉଟୁଣିଆ ସରପଞ୍ଚ ତରଣୀସେନ ପ୍ରଧାନ, ସମିତି ସଭ୍ୟ ସଞ୍ଜୟ କୁମାର ସାହୁ, ମଳେହିପଡା ସରପଞ୍ଚ ହାବିଲ କୁମାର ସାହୁ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ, ଗୁଣ୍ଡିଆପାଲି ସରପଞ୍ଚ ଚାନ୍ଦମଣି ଗଡନାୟକଙ୍କ ସମେତ ବ୍ଲକର ବହୁ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ)ସୁଶାନ୍ତ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ସ୍ଥାୟୀ ବିଡିଓ ଅବସ୍ଥାପିତ ନ ହେବା ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଚାଲିବ ବୋଲି ଆନ୍ଦୋଳନକାରୀ ପଞ୍ଚାୟତ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।



ପଞ୍ଚାୟତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି ।

**ରିଆମାଳ ବ୍ଲକ**

■ ବିଡିଓଙ୍କ ସମେତ ବିଭିନ୍ନ ପଦବୀ ଖାଲି

■ ପଦବୀ ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ କହିଲି ମୋର ମୋର,**
**ସେ ହେଲା ପୁଣି ସାତପର ।**

ଯାହା ପ୍ରତି ମନରେ ଭଲ ପାଇବା, ସ୍ନେହ, ଆଦର ତଥା ଦରଦ ଭାବ ରହିଥାଏ ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ ଦେବେ ଜଗାବଳିଆ,**
**ତା'ଘରେ ଚାଉଳ ଓଳିଆ ଓଳିଆ ।**

ଜଗତର ନାଥ ଜଗନ୍ନାଥଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ। ପ୍ରଭୁଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ, ସକଳ ସୁଖସମ୍ପଦ ଭୋଗ ହୁଏ। ତାଙ୍କ କୃପା ବିନା କିଛି ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘର ଭାଙ୍ଗିବା ନେଇ ଥାନାରେ ଅଭିଯୋଗ

କୋଲାବିରା,୧୫।୧୦(ଡି.ଏନ୍.ଏ.)

କୋଲାବିରା ତହସିଲ ଅନ୍ତର୍ଗତ ଶିରିଆପାଲି ମୌଜାର କୁରେବଗା ଗ୍ରାମର ନରେନ୍ଦ୍ର ନାଏକ, ରାଜେଶ ନାଏକ ଏବଂ ଚନ୍ଦନ ନାଏକଙ୍କ ବାସଗୃହକୁ ବେଦାନ୍ତ କମ୍ପାନୀ ପକ୍ଷରୁ ବୁଲ୍ଡୋଜର ଲଗେଇ ଭାଙ୍ଗି ଦେଇଥିବା ନେଇ କୋଲାବିରା ଥାନା ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ତେବେ ପ୍ରକୃତରେ ସେମାନଙ୍କ ଘରଥିବା ସ୍ଥାନଟି କାହାର ତାହା ସ୍ପଷ୍ଟ ହୋଇନଥିବାରୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଉକ୍ତ ସ୍ଥାନ ବିଷୟରେ ସ୍ପଷ୍ଟ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋଲାବିରା ଥାନାଧିକାରୀ ଶୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

ସୂଚନାମତେ କୁରେବଗା ଗ୍ରାମର ନରେନ୍ଦ୍ର ନାଏକ, ରାଜେଶ ନାଏକ ଏବଂ ଚନ୍ଦନ ନାଏକ ମୌଜା ଶିରିଆପାଲି ଖାତା ନମ୍ବର୧୦୨, ପ୍ଲଟ ସଂଖ୍ୟା୧୦୪୬ରେ ଘର କରି ରହିଛନ୍ତି। ଉକ୍ତ ସ୍ଥାନକୁ ବେଦାନ୍ତ ପକ୍ଷରୁ ଅଧିଗ୍ରହଣ କରାଯାଇନାହିଁ ବୋଲି ସେମାନେ ଦାବି କରିଛନ୍ତି। ଏହାସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ପୂର୍ବସୂଚନା ନ ଦେଇ ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ସୋମବାର ବୁଲ୍ଡୋଜର ଲଗେଇ ସେମାନଙ୍କ ବାସଗୃହ ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଉକ୍ତ ପରିବାରମାନେ କୋଲାବିରା ତହସିଲଦାର ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଗରିବ ଶ୍ରେଣୀର ହୋଇଥିବା ବେଳେ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିଲେ। ପ୍ରଶାସନ ଘଟଣାର ସୁବିଚାର କରି ନ୍ୟାୟ ପ୍ରଦାନ ପାଇଁ ଏମାନେ ଦାବି କରିଛନ୍ତି।

# ବିସ୍ଥାପିତଙ୍କ ପୁନର୍ବାସକୁ ନେଇ ଆର୍‌ପିଡିଏସି ବୈଠକ

**ଝାରସୁଗୁଡା ଅଫିସ/ଲଖନପୁର, ୧୫।୧୦ (ଡି.ଏନ୍.ଏ.):** ଜିଲା ପ୍ରଶାସନ ତରଫରୁ ଏମ୍‌ସିଏଲ୍‌ର ବହୁବିଧ ସମସ୍ୟାକୁ ନେଇ ୨ବର୍ଷ ପରେ ମଙ୍ଗଳବାର ଝାରସୁଗୁଡ଼ା ଡିଏମ୍‌ଏଫ୍ ସଭାଗୃହରେ ପୁନର୍ବାସ ଓ ପାରିପାର୍ଶିକ ଉନ୍ନୟନ ଉପଦେଷ୍ଟା କମିଟି(ଆର୍‌ପିଡିଏସି)ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଆର୍‌ଡିସି ଟେମ୍‌ଜେନ୍ ଓାପଙ୍ଗ ଅଧ୍ୟକ୍ଷତା କରିଥିଲେ। ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ୍, ଜିଲାପାଳ ସରୋଜ ସାମଲ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଏସ୍‌ପି ଅଶ୍ୱିନୀ ମହାନ୍ତି, ବରଗଡ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଏମ୍‌ସିଏଲ୍ ତରଫରୁ ସିଏମ୍‌ଡି ବି.ଏନ୍. ଶୁକ୍ଲା, ଲଖନପୁର କ୍ଷେତ୍ର ଜିଏମ୍ ଅନିଲ କୁମାର ସିଂ, ଇବ୍ ଭ୍ୟାଲି କ୍ଷେତ୍ର ଜିଏମ୍ ମଧୁସୂଦନ ଶର୍ମା, ଓରିଏଣ୍ଟ କ୍ଷେତ୍ର ଜିଏମ୍ ଅରବିନ୍ଦ ସିଂ ପ୍ରମୁଖ ଅଧିକାରୀମାନେ ବୈଠକରେ ଉପସ୍ଥିତଥିଲେ। ବିସ୍ଥାପିତ ଓ ପୁନର୍ବାସ ସମସ୍ୟାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ରହିଥିଲା ନିଯୁକ୍ତି, ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ଆଦି ମୁଖ୍ୟ ପ୍ରସଙ୍ଗ। ଏସବୁର ଅନୁଧ୍ୟାନ କରାଯାଇ ସବ୍‌କମିଟି ମାଧ୍ୟମରେ ସମାଧାନ କରାଯିବ। ପ୍ରତି ୩ ମାସରେ ସବ୍‌କମିଟି ବୈଠକ ବସିବ ଓ ଏହାକୁ ଜିଲାପାଳ ତଦାରଖ କରିବେ। କମ୍ପାନୀ କର୍ତ୍ତୃପକ୍ଷ ଦୀର୍ଘବର୍ଷ ହେଲା ଜମି ଅଧିଗ୍ରହଣ କରିଛନ୍ତି। ହେଲେ ଅନେକ ବିସ୍ଥାପିତ ଲୋକ ଏପର୍ଯ୍ୟନ୍ତ ସୁବିଧା ସୁଯୋଗ ପାଇନାହାନ୍ତି। ଫଳରେ ଅନେକ ବିସ୍ଥାପିତଙ୍କ ଚାକିରି ବୟସସୀମା ଅତିକ୍ରାନ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୧୯ ଜାନୁଆରୀ ୧ତାରିଖିକୁ କଟ୍‌ଅଫ୍ ଡେଟ୍ ଭାବେ ନିର୍ଦ୍ଧାରଣ କରାଯାଇଛି। ବିସ୍ଥାପିତଙ୍କ ଯେଉଁ ପୂର୍ବସମସ୍ୟା ସବୁ ରହିଛି ସେ ସବୁକୁ ଜିଲା ପ୍ରଶାସନ ଓ ଏମ୍‌ସିଏଲ୍ ଦ୍ୱାରା ପୁରୁଣା କେସ୍ ସବୁ ପୁନର୍ବାର ସର୍ଭେ କରାଯାଇ ସମାଧାନ କରାଯିବ। ଆର୍‌ଡିସି ଏହାର ତଦାରଖ କରିବେ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପରିବେଶ, ପାନୀୟଜଳ ଯୋଗାଣ, ପ୍ରଦୂଷଣ ନିୟନ୍ତ୍ରଣ ଆଦି ମୌଳିକ ସେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋଲାବିରା,୧୫।୧୦(ଡି.ଏନ୍.ଏ.)- ନେହେରୁ ଯୁବକ ସଂଘ ପରମାଣପୁର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଝାରସୁଗୁଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା.ସୁରେଶ ଚନ୍ଦ୍ର ଗୋଖରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅଧାପକ ସୁରେନ କୁମାର ପଧାନ, ଶାରୀରିକ ଖେଳ ଶିକ୍ଷକ ବଂଶୀଧର ପଶାୟତ, ଅଧାପକ ମାନସ ପୁରୋହିତ, ଜିଲା ଯୁବକେନ୍ଦ୍ର ସଂଯୋଜକ ରମେଶ କୁମାର ସୋନୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଗ୍ରୀଷ୍ମକାଳୀନ ଶିବିର, ଚାରାରୋପଣ ସହ ଭାରତ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୪୦ଟି ୟୁଥ୍ କ୍ଲବର ସଭାପତି ଏବଂ ସମ୍ପାଦକ ଭାଗନେଇଥିଲେ। କୋଲାବିରା ୟୁଥ୍ ସ୍ୱେଚ୍ଛାସେବୀ ଦୀପକ ରଞ୍ଜନ ନାଏକ, ପୂଜାବାଇ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ସମର୍ଥନ

**କଣ୍ଟାବାଞ୍ଜି, ୧୫।୧୦(ଡି.ଏନ.ଏ.):** ହାଇକୋର୍ଟର ସ୍ଥାୟୀବେଞ୍ଚ ବଲାଙ୍ଗୀରରେ ସ୍ଥାପନ ଆନ୍ଦୋଳନକୁ କଣ୍ଟାବାଞ୍ଜି ଓକିଲ ସଂଘ ସମର୍ଥନ କରିଛି। ବଲାଙ୍ଗୀର ଜିଲା ଓକିଲ ସଂଘର ନିଷ୍ପତ୍ତିକୁ ସମର୍ଥନ କରିବ କଣ୍ଟାବାଞ୍ଜି ଓକିଲ ସଂଘ। ୧୬ ଓ ୧୭ ତାରିଖ ଦୁଇଦିନ କଣ୍ଟାବାଞ୍ଜିର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ ରଖିବା ପାଇଁ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇଛି । କଣ୍ଟାବାଞ୍ଜି ଓକିଲ ସଂଘ ନିଷ୍ପତ୍ତି ଅନୁସାରେ ସିଭିଲ କୋର୍ଟ, ତହସିଲ ଅଫିସ, ସବ୍‌ରେଜେଷ୍ଟ୍ରି ଅଫିସ, ସବ୍ ଟ୍ରେଜେରୀ ଅଫିସ ସହିତ ରେଳବାଇ କୋର୍ଟ, ରେଳବାଇର ସମସ୍ତ କାର୍ଯ୍ୟାଳୟ, ଟେଲିଫୋନ, ପୋଷ୍ଟ ଅଫିସ, ଏଲଆଇସି ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ ରଖାଯିବ। ଏ ନେଇ ସଂଘ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ବନ୍ଦରେ ଟ୍ରେନ ଚଳାଚଳ, ବସ୍ ଯାତାୟାତ ସହିତ ସ୍କୁଲ କଲେଜ ଖୋଲିବା ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କୁହାଯାଇଛି ।


# CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
**MAHINDRA FINANCE**
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ|40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
**CITY FINANCE**
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

**BARSA FINANCE**
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 9853098836, 9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**Tower Vision Network Company**
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

**Hi-Tech Tower Company**
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

**ଦୀପାବଳି ଧମାକା**
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

**FINANCE**
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

**Indus Tower**
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

FINANCE

**FINANCE COMPANY**
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

**TARIFF**

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**GTL Telecom Network Company**
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
**SHREERAM FINANCE**
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





“ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ



### ସୁନୀତାଙ୍କୁ ଡାକ ବିଭାଗର ସର୍ବୋଚ୍ଚ ପୁରସ୍କାର ‘ମେଘଦୂତ’

ସମ୍ବଲପୁର,୧୫।୧୦(ବ୍ୟୁରୋ) ଦିଲ୍ଲୀ ବିଜ୍ଞାନ ଭବନରେ ଡାକ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ଡାକ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସର କର୍ମଚାରୀ ସୁନିତା ପ୍ରିୟଦର୍ଶନୀ ସାମନ୍ତରାଙ୍କୁ ପୁରସ୍କୃତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ରବି ଶଙ୍କର ତାଙ୍କୁ ଡାକ ବିଭାଗର ସର୍ବୋଚ୍ଚ ସମ୍ମାନ ମେଘଦୂତ ସମ୍ମାନରେ ସମ୍ମାନିତ କରିଛନ୍ତି। ଗ୍ରାହକ ସେବା, ବାଣିଜ୍ୟ ବଢ଼ାଇବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଡାକ ବୀମା ବିକ୍ରି ଆଦି କାମରେ ସୁନିତା ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ବିଭାଗ ପକ୍ଷରୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିଲା। ସୁନିତା ମାତ୍ର ୪ ବର୍ଷ କାମ କରି ଏହି ସଫଳତା ହାତେଇ ପାରିଛନ୍ତି । ଏହା ପଶ୍ଚିମ ଓଡିଶା ଡାକ ବିଭାଗ କର୍ମଚାରୀଙ୍କ ମଧ୍ୟରେ ପ୍ରଥମ ଓ ପ୍ରେରଣା ମଧ୍ୟ। ସୁନୀତା ସମ୍ବଲପୁର ନିବାସୀ ଅବସରପ୍ରାପ୍ତ ଟେଲିକମ୍ ବିଭାଗ ଅଧିକାରୀ ଡି.ସି. ସାମନ୍ତରାୟ ଓ ସରୋଜିନୀ ସାମନ୍ତରାୟଙ୍କ ଝିଅ। ସୁନିତାଙ୍କୁ ନେଇ ତାଙ୍କ ଉଚ୍ଚପଦସ୍ଥ ଅଧିକାର ଓ ସହକର୍ମୀ ବେଶ ଉତ୍ସାହିତ ହୋଇଛନ୍ତି ।

### ୫-ଟି ସଚିବଙ୍କୁ ଡର

ସମ୍ବଲପୁର,୧୫।୧୦(ବ୍ୟୁରୋ): ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିଭିନ୍ନ ଜିଲା ବୁଲି ସମସ୍ୟା ଉପରେ ସମୀକ୍ଷା କରୁଛନ୍ତି। ମୁଖ୍ୟତଃ ମେଡିକାଲକୁ ଯାଉଛନ୍ତି। ମେଡିକାଲ ପରିସର ସଫା ସୁତୁରା, ଔଷଧ ବଣ୍ଟନ ବ୍ୟବସ୍ଥା ଦେଖିବା ସହ ରୋଗୀ ଓ ସମ୍ପର୍କୀୟଙ୍କ ସହ ସିଧା ସଳଖ କଥା ହେଉଛନ୍ତି। ସମସ୍ୟା ଓ ସେବା ଉପରେ ପଚାରି ବୁଝୁଛନ୍ତି। ଦୁଇ ଦିନ ତଳେ ସୁନ୍ଦରଗଡ ସିଡିଏମଓଙ୍କୁ ନିଲମ୍ବନ କରାଯାଇଛି । ବୁଧବାର ସେ ସମ୍ବଲପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ନେଇ ମଙ୍ଗଳବାର ଜିଲା ସଦର ମେଡିକାଲ ପରିସରରେ ସଫେଇ କରାଯାଇଛି । ବିଭିନ୍ନ ସ୍ଥାନରେ ରଙ୍ଗ ଲାଗାଯାଉଥବା ଦେଖିବାକୁ ମିଳିଛି। ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ନିଜ କାର୍ଯ୍ୟ ଠିକ୍ ଭାବେ କରିବାକୁ କୁହାଯାଇଛି। ଅଧିକାରୀ ଓ କର୍ମଚାରୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଯାଇଛି । ହେଲେ ଏ ସମ୍ପର୍କରେ ସିଡିଏମଓ ପଙ୍କଜିନୀ ପଣ୍ଡାଙ୍କୁ ପଚାରିବାରୁ କହିଥିଲେ ଯେ, ଆମ ପାଖରେ ସେମିତି କିଛି ସୂଚନା ନାହିଁ । ମେଡିକାଲ ପକ୍ଷରୁ ଯଥା ସମ୍ଭବ ରୋଗୀ ସେବା ଓ ଅନ୍ୟ ଦିଗରେ ନିୟମିତ କାମ କରାଯାଉଛି ବୋଲି କହିଥିଲେ।

# ରାଜସ୍ୱ ପାଇଁ ବିପଦରେ ଲୋକେ

ସମ୍ବଲପୁର,୧୫।୧୦(ବ୍ୟୁରୋ) ଯୁଯୁମୁରା ତହସିଲ ଅଞ୍ଚଳରେ ଅଧିକାଂଶ ପଥର ଖାଦାନ ବେନିୟମ ଭାବେ ଲିଜ୍ ପ୍ରଦାନ କରାଯାଇଛି । ହେଲେ ସରକାରୀ ନିୟମ ଓ ମାଇନିଂ ନିୟମକୁ ପାଳନ କରାଯାଉ ନାହିଁ । କେବଳ ରାଜସ୍ୱ ପାଇଁ ଗ୍ରାମବାସୀଙ୍କ ଜୀବନ ବିପଦକୁ ଠେଲି ଦିଆଯାଉଛି। ଖାଦାନଗୁଡିକରେ ବିସ୍ଫୋରଣ ହେବାରୁ ନିକଟସ୍ଥ ଗ୍ରାମରେ ଲୋକଙ୍କ ଘର ଫାଟି ଯାଉଛି । ସେମାନେ ଭୟଭୀତ ରହୁଛନ୍ତି । ହେଲେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାନ୍ତି। ଖାଦାନରୁ ୫ ମିଟର ଗଭୀର ପର୍ଯ୍ୟନ୍ତ ପଥର ଉତ୍ତୋଳନ କରାଯାଇ ପାରିବ ବୋଲି ନିୟମ ଅଛି। ହେଲେ ଅଧିକାଂଶ ଖାଦାନରୁ ୨୦ରୁ ୨୫ ମିଟର ଗଭୀର ପର୍ଯ୍ୟନ୍ତ ପଥର ଉତ୍ତୋଳନ କରି ନିଆ ଯାଉଛି, ଯାହା ନିୟମ ବିରୁଦ୍ଧ। ଏହାର ଏକ ଉଦାହରଣ ହାତୀବାରୀ ୧ ନମ୍ବର ପଥର ଖାଦାନ। ସେହିଭଳି ବାର୍ଲେଠାରେ ଥିବା ଜୟଗୁରୁ କ୍ରଶର ସହ ଅନେକ କ୍ରଶର ମଧ୍ୟ ପ୍ରଦୂଷଣ ବିଭାଗ ନିୟମ ପାଳନ କରୁନାହିଁ । ପ୍ରଦୂଷଣ ବିଭାଗ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏ ନେଇ ଅନେକ ଥର ପ୍ରଶାସନ ପାଖରେ ଅଭିଯୋଗ ହୋଇଛି । ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଛି। ହେଲେ କିଛି ଲାଭ ହେଉନି। ତହସିଲକୁ ପଥର ଖାଦାନ ସମ୍ପର୍କରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ମଧ୍ୟ ଠିକ୍‌ରେ ତଥ୍ୟ ମିଳୁନି। ଅନେକ ସମୟରେ ତହସିଲ ଓ ପ୍ରଦୂଷଣ ବିଭାଗ ଯେଉଁ ତଥ୍ୟ ଦେଉଛି ସେଥିରେ ତାଳମେଳ ରହୁନାହିଁ। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ପୂର୍ବତନ ସରପଞ୍ଚ ସଞ୍ଜୟ ଛୁରିଆ ଏଭଳି ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପଣ୍ଡା କହିଛନ୍ତି ଯେ, ଯୁଯୁମୁରା ତହସିଲଦାରଙ୍କୁ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଯୁଯୁମୁରା ତହସିଲ ଅଧୀନରେ ଥିବା ଏକ ପଥର ଖାଦାନ ।

# ଅବସରର ୪ ବର୍ଷ ପରେ ବି ପେନ୍‌ସନ୍ ମିଳୁନି

ସମ୍ବଲପୁର,୧୫।୧୦(ବ୍ୟୁରୋ)

ଅବସର ଗ୍ରହଣ ପରେ ଅନେକ ବ୍ୟକ୍ତି ପେନସନ ପାଇବାକୁ ହଇରାଣ ହେଉଛନ୍ତି। ଏ ଅଫିସରୁ ସେ ଅଫିସ ଧାଇଁ ଧାଇଁ ଚପଲ ଛିଡୁଛି। ଏଭଳିକି ଅନେକ ଅବସରପ୍ରାପ୍ତ କର୍ମଚାରୀ ପେନଶନ ଆଶା ନେଇ ଭୁବନେଶ୍ୱରରେ ଥିବା ବିଭାଗୀୟ ଦପ୍ତରକୁ ଯାଇ ଖର୍ଚ୍ଚାନ୍ତ ହୁଅନ୍ତି। ଅନ୍ୟପକ୍ଷେ ପେନଶନ ମିଳୁ ମିଳୁ ଅନେକ ଏ ଦୁନିଆରେ ଆଉ ନ ଥାନ୍ତି ମଧ୍ୟ। ସରକାରୀ ଚାକିରିରୁ ଅବସର ପରେ ପେନଶନ ଟଙ୍କାରେ ବାକି ଜୀବନଟା ଭଲରେ କଟିଯିବ ଆଉ ପରିବାର ଚଳିବ ବୋଲି ଆଶା ଥାଏ। ହେଲେ ସେ ସବୁ ଅନକଙ୍କ କ୍ଷେତ୍ରରେ ସହଜ ହୁଏନି। ସମ୍ବଲପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବିନୋଦ ବିହାରୀ ନାଏକଙ୍କ କ୍ଷେତ୍ରରେ ଏଭଳି ଘଟିଛି। ସେ ରାତି ଜଗୁଆଳି ଭାବେ କାମ କରୁଥିଲେ। ୨୦୧୫ ଜୁଲାଇରୁ ଅବସର ନେଲେଣି। ହେଲେ ଆଜି ପର୍ଯ୍ୟନ୍ତ ସେ ୪ ବର୍ଷ ପୂରିବାକୁ ବସିଲାଣି ଅଥଚ ପେନସନ ପାଇ ପାରୁ ନାହାନ୍ତି। ଏବେ ରୋଗରେ ଆକ୍ରାନ୍ତ। ଔଷଧ ଖାଇବାକୁ ଟଙ୍କା ନାହିଁ। ପରିବାର ଚଳାଇବା ମଧ୍ୟ କଷ୍ଟ କର ହୋଇ ପଡିଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଭେଟି ତୁରନ୍ତ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଜଣେ ଅଧିକାରୀଙ୍କ ଅବହେଳାରୁ ପେନଶନ ମିଳିବାରେ ବିଳମ୍ବ ହେଉଛି ବୋଲି ମଧ୍ୟ ସିଧାସଳଖ ଅଭିଯୋଗ କରିଛନ୍ତି। ହେଲେ କଥା ଉଠୁଛି ଯେ, ଅତିରିକ୍ତ ଜିଲାପାଳ କେତେଦୂର ତାଙ୍କ ଦୁଃଖ ସମାଧାନ କରିବେ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନେବେ ନା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରିବେ।



ସମ୍ବଲପୁର ଜିଲାପାଳ ଅଫିସ ପରିସରରେ ସମ୍ପର୍କୀୟଙ୍କ ସହ ବିନୋଦ ବିହାରୀ ନାଏକ (ମଝି)।

# ପ୍ରଫେସର ଦୀପକ ବେହେରା ମେଡିକାଲ ଉପଦେଷ୍ଟା ପରିଷଦ ସଦସ୍ୟ ମନୋନୀତ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ନ୍ୟାଶନାଲ ମେଡିକାଲ କମିଶନର ଉପଦେଷ୍ଟା ପରିଷଦର ସଭ୍ୟ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କୁ ରାଜ୍ୟ ସରକାର ମନୋନୀତ କରିଛନ୍ତି । ଏନେଇ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ବିଧିବଦ୍ଧ ଭାବେ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିଛି। ନ୍ୟାଶନାଲ ମେଡିକାଲ କମିଶନ ଆଇନ-୨୦୧୯ ଅନୁସାରେ ପ୍ରତ୍ୟେକ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟର ଜଣେ କୁଳପତିଙ୍କୁ କାଉନସିଲ ସଦସ୍ୟ ଭାବେ ମନୋନୀତ କରାଯାଇଥାଏ । ମନୋନୀତ ସଦସ୍ୟମାନେ ଦେଶର ମେଡିକାଲ ଶିକ୍ଷା ସମ୍ପର୍କିତ ନୀତି ନିର୍ଦ୍ଧାରଣ ପକ୍ରିୟାରେ ରାଜ୍ୟ ସରକାରଙ୍କ ମତ ଉପସ୍ଥାପନ କରିଥାନ୍ତି।



ଦୀପକ କୁମାର ବେହେରା

### ବୈଜାମୁଣ୍ଡା, ସାନସିଂହାରୀରେ ପୂଜାର୍ଚ୍ଚନା

ଚିପିଲିମା, ୧୫।୧୦ (ଡି.ଏନ.ଏ)

ବୁର୍ଲା ଥାନା ବୈଜାମୁଣ୍ଡା ଓ ସାନସିଂହାରୀରେ କୁମାର ପୂର୍ଣ୍ଣିମା ଅବସରରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୈଜାମୁଣ୍ଡାରେ ଗ୍ରାମଦେବୀ ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ମାନସିକଧାରୀ ପୂଜା ସାମଗ୍ରୀ ନେଇ ମାଁଙ୍କ ପୂଜାର୍ଚ୍ଚନା କରିଥିଲେ। ଗାଁ ଝାଙ୍କର ପୂଜା ପରିଚାଳନା କରିଥିଲେ। ସାନସିଂହାରୀରେ ଗ୍ରାମଦେବୀ ଛୁଟାପାଟ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ କର୍ଡୋଲା ଓ ବରଗଡ ପିପିଲିପାଲିରୁ ନିମନ୍ତ୍ରିତ କୃଷ୍ଣଗୁରୁ ଦଳ ମଧ୍ୟରେ ବୈଠକି ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଲବ ବର୍ଗର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ମାନେଶ୍ୱର-ଗୁଣ୍ଡେରପୁର ରାସ୍ତା ଶୋଚନୀୟ

ସମ୍ବଲପୁର,୧୫।୧୦(ବ୍ୟୁରୋ)

ମାନେଶ୍ୱର ଛକଠାରୁ ଗୁଣ୍ଡେରପୁର ରାସ୍ତାର ଏକ ବ୍ରିଜ ନିକଟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତା ଉପରେ ମାଟି ଧୋଇଯାଇ ବଡ ବଡ ଦୁଇଟି ଗର୍ତ୍ତ ସୃଷ୍ଟି ହୋଇଛି। ପ୍ରାୟ ଏକ ମାସ ରାସ୍ତା ଅବସ୍ଥା ଏଭଳି ହୋଇଥିବା ବେଳେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରାଯାଉ ନାହିଁ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ମରାମତି କାମ କରାଯାଉନି। ଏହି ରାସ୍ତା ସୋନପୁର ଜିଲାକୁ ସଂଯୋଗ କରୁଛି। ସୋମବାର ୫ଟି ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ବି ସେଭଳି ବଡ ଧରଣର ବିପଦ ଘଟିନି। ତେବେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ଖୁବ ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।



ମାନେଶ୍ୱର-ଗୁଣ୍ଡେରପୁର ରାସ୍ତାର ବଡ ଗର୍ତ୍ତ ସୃଷ୍ଟି ହୋଇଛି ।



ବୁର୍ଲା ଭୀମ୍‌ସାରରେ ଡିନ୍ ଓ ଜେଡିୟୁର ବୈଠକ ।

# ଭିମ୍‌ସାରକୁ ପାର୍କିଂ ଫି ମୁକ୍ତ କରିବାକୁ ଜେଡିୟୁର ପ୍ରସ୍ତାବ

ସମ୍ବଲପୁର,୧୫।୧୦(ବ୍ୟୁରୋ)

ବୁର୍ଲା ଭୀମ୍‌ସାର ପରିସରରେ ଡିନ୍ ଓ ଜୁନିୟର ଡାକ୍ତର ସଂଘ (ଜେଡିୟୁ)ର ଏକ ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ମେଡିକାଲ ପରିସର ପାର୍କିଂ ଫି ମୁକ୍ତ କରିବାକୁ ଏଥିରେ ଜେଡିୟୁ ପ୍ରସ୍ତାବ ଦେଇଛି। ତେବେ ମେଡିକାଲ ପରିସରକୁ ଆମ୍ବୁଲାନ୍ସ ଓ ଜରୁରୀ ରୋଗୀ ଥିବା ଗାଡିକୁ ପ୍ରବେଶ କରାଯାଇ ପାରିବ। ହେଲେ ଅନ୍ୟ ଘରୋଇ ଗାଡି ଉପରେ ରୋକ ଲଗାଯିବ । ଭିତରେ ଥିବା ଟ୍ୟାକ୍ସି ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବ। ମହାନଗର ନିଗମ ସହିତ ପାର୍କିଂ ଓ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ରୋଗୀଙ୍କ ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରାଯାଉ ବୋଲି ଜେଡିୟୁ ପକ୍ଷରୁ ମଧ୍ୟ ଦାବି କରାଯାଇଛି। ସେହିଭଳି ପାର୍କିଂ ଫି ନେଉଥିବା ଏଜେନ୍ସିକୁ ଏକ ମାସ ପାଇଁ ନୋଟିସ ଜାରି କରାଯାଇ ପରେ ବନ୍ଦ କରାଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବଗ୍ରାହୀ ରଥ, ସୁପରିଣ୍ଟେଣ୍ଡେଣ୍ଟ ଜୟଶ୍ରୀ ଡୋରା, ଆକାଉଣ୍ଟ ଅଫିସର ସୁବ୍ରତ ନାଏକ, ମେଡିକାଲ ମ୍ୟାନେଜର କେ. ମହାନ୍ତ, ଜେଡିୟୁ ସଭାପତି ଡାକ୍ତର ସଞ୍ଜୀବ କୁମାର ମିଶ୍ର, ଉପସଭାପତି ଡାକ୍ତର ଦୁର୍ଗାଦତ୍ତ ପଟ୍ଟନାୟକ, ଡାକ୍ତର ଚିଦାନନ୍ଦ ମିଶ୍ର ଉପସ୍ଥିତ ଥିଲେ।

### ଡାଲବ ହାଟପଦାରେ ଗଜଲକ୍ଷ୍ମୀ ପୂଜା

ଅତାବିରା,୧୫।୧୦(ଡି.ଏନ.ଏ.) - ବରଗଡ଼ ଜିଲା ଭେଡେନ ବ୍ଲକ ଡାଲବ ହାଟପଦା ଗଜଲକ୍ଷ୍ମୀ ପୂଜା ଉତ୍ସବ ମୁଖର ହୋଇଉଠିଛି । ମା’ ଗଜଲକ୍ଷ୍ମୀଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ଏହି ଅବସରରେ ଶିଶୁଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଚେତନା କଳାପରିଷଦ ସୋହେଲା, ଚୁମକୁ ଚୁମା କଳାପରିଷଦ ସେଙ୍ଗେନପାଲି ଏବଂ ଭଜନ ମଣ୍ଡଳୀ ସନ୍ତୁଟିକ୍ରାର ଭଜନ ସନ୍ଧ୍ୟା ବେଶ ଆକର୍ଷଣୀୟ ହେଉଛି। ବୁଧବାର ଗିରୀଗୋବର୍ଦ୍ଧନ କୃଷ୍ଣଗୁରୁ ଦୁଲମପୁରର କାର୍ଯ୍ୟକ୍ରମ ରହିଥିବା ବେଳେ ଉଦ୍‌ଯାପନୀ ଦିବସରେ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଛି।

### ଯୁଯୁମୁରା ବ୍ଲକ୍ ଅଫିସରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ସମ୍ବଲପୁର,୧୫।୧୦(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କୀତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସରୋଜ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏପିଓ ବିଶ୍ୱରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ମୋଟ ୪୧୨୨ ପ୍ରକଳ୍ପ ହାତକୁ ନିଆଯାଇଥିଲା । ସେଥିମଧ୍ୟରୁ ୨୮୨୩ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସାରିଛି। ଶ୍ରମିକଙ୍କୁ ପ୍ରାପ୍ୟ ବାବଦକୁ ୪ କୋଟି ୧୫ ଲକ୍ଷ ଟଙ୍କା ଓ ସାମଗ୍ରୀ କିଣା ବାବଦକୁ ୩ କୋଟି ୨୧ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୭ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବ୍ଲକର ୧୮ଟି ପଞ୍ଚାୟତରେ ମୋଟ ୬୫୭୫ ଜବକାର୍ଡଧାରୀ ରହିଛନ୍ତି। ସମସ୍ତ ପଞ୍ଚାୟତରେ ମୋଟ ୨ ଲକ୍ଷ ୫୨ ହଜାର ୫୧୫ ଶ୍ରମ ଦିବସ ସୃଷ୍ଟି ହୋଇଛି। ୪୫ ପରିବାର ୧୦୦ ଦିନ କାମ କରିଛନ୍ତି ବୋଲି ଏଥିରେ ସୂଚନା ଦିଆ ଯାଇଛି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାଏକଙ୍କ ସମେତ ସମସ୍ତ ସରପଞ୍ଚ, ଶ୍ରମିକ ନେତା ଓ ଜିଆରଏସମାନେ ଉପସ୍ଥିତ ଥିଲେ।

# ଧୁଚୁରାପଡାକୁ ହରାଇ କୁରେଇଟୋଲା ବିଜୟୀ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲା ସ୍ତରୀୟ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ କୁରେଇଟୋଲା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କୁରେଇଟୋଲା ବନାମ ଧୁଚୁରାପଡା ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ କୁରେଇଟୋଲା ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫରି ମନୋଜ ଭୋଇ, ମଥୁରା ଓରାମ, ରାଜାରାମ ଓରାମ, ପଦ୍ମନାଭ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା କ୍ରୀଡା ସଂଘ ଆଥଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ ମୁଖ୍ୟଅତିଥି, ଇଦ୍ରିଶ ମଲ୍ଲିକ, ରାଜେନ୍ଦ୍ର ରାଉତ ଓ ସୁବାଷ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗଙ୍ଗା ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।



ମଙ୍ଗଳବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ଗଙ୍ଗା ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

# ଝସକେତନ ସାହୁ ସୁଇମିଂ ପୁଲରେ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ ମଙ୍ଗଳବାର ଜିଲା ଶିକ୍ଷା ଅଫିସ ପକ୍ଷରୁ ସ୍କୁଲ ସମୂହ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ । ୫୦, ୧୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲ, ବ୍ୟାକଷ୍ଟ୍ରୋକ, ବ୍ରେଷ୍ଟ ଷ୍ଟ୍ରୋକ ଓ ବଟର ଫ୍ଲାଏ ଇଭେଣ୍ଟ ହୋଇଥିଲା। ଏଥିସହ ୨୦୦ ମିଟର ବ୍ୟକ୍ତିଗତ ମିଡଲେ ପ୍ରତିଯୋଗିତା ହୋଇଥିଲା । ଜାତୀୟ ସନ୍ତରଣବିତ ଆର୍ତ୍ତତ୍ରାଣ ମାଝି ମୁଖ୍ୟଅତିଥି, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତରଣ ପ୍ରଶିକ୍ଷକ ଈଶ୍ୱର ପ୍ରସାଦ ବାରିକ, କିଶୋର ଲୁହା, ମନୋଜ ବନଛୋର, ଶୁଭ୍ରତ ସାହୁ, ରାଜେଶ କଲାରି, ଅନନ୍ତ ବେରିହା, ପ୍ରଦୀପ ପଣ୍ଡା, ଖେଳ ଶିକ୍ଷକ ରମଣୀରଞ୍ଜନ ସାହୁ, ଲକ୍ଷ୍ମଣ ନାଥ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟନାରାୟଣ ପଣ୍ଡା, ନାରାୟଣ ପ୍ରଧାନ, ତ୍ରିବିକ୍ରମ ରଣା, ପ୍ରଫୁଲ୍ଲ ଗହିର, ପି ସୁଧାଂଶୁ, ରମେଶ ବରିହା ଇଭେଣ୍ଟ ପରିଚାଳନା କରିଥିଲେ । ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ ସୁନ୍ଦରମଣୀ ବାରିକ, ରଙ୍କନିଧି ସେଠ, ଦାଶରଥି ପଟେଲ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଝସକେତନ ସାହୁ ସୁଇମିଂ ପୁଲରେ ରାଜ୍ୟ ସ୍କୁଲ ସମୂହ ସନ୍ତରଣ ପ୍ରତିଯୋଗିତା ହେବ । ଏଥିରେ ଜିଲା ଦଳ ଅଂଶ ଗ୍ରହଣ କରିବ। ଏହାକୁ ଦୃଷ୍ଟିରେ ରଖି ସ୍କୁଲ ସମୂହ ସନ୍ତରଣ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।



ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲରେ ଆୟୋଜିତ ସ୍କୁଲ ସମୂହ ସନ୍ତରଣ ପ୍ରତିଯୋଗିତାର ପ୍ରତିଯୋଗୀ, ଅତିଥି ଓ କର୍ମକର୍ତ୍ତାମାନେ।

# ନୀଳରୁ ସବୁଜିମା

ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ...

-ଡା.ବୀର କିଶୋର ପରିଡ଼ା



ଆମ ଜୀବନ ଧାରଣ ପାଇଁ ପ୍ରଥମ ମୌଳିକ ଆବଶ୍ୟକତା ହେଉଛି ଖାଦ୍ୟ । ଖାଦ୍ୟ କେବଳ ବଞ୍ଚିବାରେ ସାହାଯ୍ୟ କରେ ତାହା ନୁହେଁ, ଏହା ଶରୀରର ଗଠନରେ ସହାୟକ ହେବା ସଙ୍ଗେ ସଙ୍ଗେ ଶରୀରକୁ କାର୍ଯ୍ୟକ୍ଷମ ହେବା ଲାଗି ଶକ୍ତି ଯୋଗାଇଥାଏ। ଶରୀରର ସର୍ବାଙ୍ଗୀନ ବିକାଶ ସହିତ ପ୍ରଜନନ ଦକ୍ଷତା, ଉତ୍ପାଦନ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ନିମନ୍ତେ ସୁଷମ ଖାଦ୍ୟର ବେଶ୍ ଆବଶ୍ୟକତା ରହିଛି । ତେଣୁ ଆମ ସମସ୍ତଙ୍କୁ ବଞ୍ଚିବା ପାଇଁ ଖାଦ୍ୟ ଯେପରି ଆବଶ୍ୟକ, ସେହିପରି ସୁଲଭ ଖାଦ୍ୟପ୍ରାପ୍ତି ମଧ୍ୟ ଜରୁରୀ । ତେବେ ଆମର ଦୈନନ୍ଦିନ ଖାଦ୍ୟର ଆବଶ୍ୟକତା ମଧ୍ୟରେ ବିଭିନ୍ନ ଖାଦ୍ୟଶସ୍ୟ, ଡାଲି, ପନିପରିବା, ମାଛ, ମାଂସ, ଅଣ୍ଡା ଇତ୍ୟାଦିର ଚାହିଦା ଢେର ରହିଛି । ତେଣୁ କୃଷି ଓ ଆନୁଷଙ୍ଗିକ କୃଷି ଯଥା ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ବିଶ୍ୱବାସୀଙ୍କ କ୍ଷୁଧା ବିରୋଧରେ ସଂଗ୍ରାମ ସହିତ ଖାଦ୍ୟର ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତା ସମ୍ପର୍କିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ଖାଦ୍ୟ ଓ ବିଶ୍ୱ କୃଷି ସଂଗଠନ ମିଳିତ ଆନୁକୂଲ୍ୟରେ ୧୯୮୧ ଠାରୁ ଅକ୍ଟୋବର ୧୬ତାରିଖରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇ ଆସୁଅଛି। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା – ଯେପରି ଏହି ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ କିମ୍ବା ଅନାହାରରେ ମୃତ୍ୟୁବରଣ କରିବେ ନାହିଁ। ବିଶ୍ୱଖାଦ୍ୟ ଦିବସ ହେଉଛି ବିଶ୍ୱକୁ କ୍ଷୁଧାମୁକ୍ତ କରିବା ନିମନ୍ତେ କାର୍ଯ୍ୟ କରିବାର ଦିନ । ଯଦ୍ୱାରା ଆଗାମୀ ୨୦୩୦ ବର୍ଷ ସୁଦ୍ଧା ବିଶ୍ୱରେ କ୍ଷୁଧାମୁକ୍ତ ବା ଜିରୋ ହଙ୍ଗର ସୃଷ୍ଟି କରାଯାଇପାରିବ।

ବିଶ୍ୱକୁ କ୍ଷୁଧାମୁକ୍ତ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା – ଜିରୋ ହଙ୍ଗର ଦ୍ୱାରା ବାର୍ଷିକ ୩.୧ ମିଲିୟନ ଶିଶୁଙ୍କ ଜୀବନରକ୍ଷା କରିବାରେ ସହାୟକ ହେବ । –ହୃଷ୍ଟପୁଷ୍ଟ ବା ସୁସ୍ଥ ସବଳ ମା'ଙ୍କଠାରୁ ଜନ୍ମିତ ଶିଶୁ ବା ସନ୍ତାନ ସ୍ୱାସ୍ଥ୍ୟବାନ ହେବେ ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ରହିବ । –ଜୀବନ ଗଠନ ପ୍ରାରମ୍ଭରେ ଯଦି ଉପଯୁକ୍ତ ପୁଷ୍ଟି ସାଧନ ହୋଇପାରିବ, ତେବେ ଜୀବନକାଳ ମଧ୍ୟରେ ୪୬ ପ୍ରତିଶତ ଅଧିକ ରୋଜଗାରକ୍ଷମ ହୋଇପାରିବ । – ଲୌହ ଅଭାବ ବା ରକ୍ତହୀନତା ଦୂର ହେଲେ କାର୍ଯ୍ୟଦକ୍ଷତା ୨୦ ପ୍ରତିଶତ ବୃଦ୍ଧି ପାଇପାରିବ । – ପୁଷ୍ଟିହୀନତା ଯୋଗୁ ଶିଶୁ ମୃତ୍ୟୁ ହାର ରୋକାଯାଇ ପାରିଲେ ୯.୪ ପ୍ରତିଶତ କାର୍ଯ୍ୟବଳ ବୃଦ୍ଧି ପାଇପାରିବ।– କ୍ଷୁଧାମୁକ୍ତ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଅଧିକ ସୁଖସମୃଦ୍ଧି ଗଢ଼ି ତୋଳିବାରେ ସହାୟକ ହୋଇପାରିବ । –ଶିଶୁଙ୍କ ପୁଷ୍ଟିହୀନତା ଦୂର ଦ୍ୱାରା ବିକାଶଶୀଳ ଦେଶରେ ମୋଟ ଘରୋଇ ଉତ୍ପାଦନ ହାର ୧୬.୫ ପ୍ରତିଶତ ବୃଦ୍ଧି ପାଇପାରିବ ।

ବିଶ୍ୱ ଖାଦ୍ୟ ଦିବସର ପ୍ରକୃତ ଉଦ୍ଦେଶ୍ୟ ହେଉଛି – କୃଷିଭିତ୍ତିକ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ମନୋନିବେଶ କରିବା ନିମନ୍ତେ ଉତ୍ସାହିତ କରିବା। – ବିକାଶଶୀଳ ଦେଶ ମଧ୍ୟରେ ଆର୍ଥିକ ଓ ବୈଷୟିକ ସହଯୋଗର ହାତ ବଢ଼ାଇବା ପାଇଁ ଉତ୍ସାହିତ କରିବା। – ଜୀବିକା ନିର୍ବାହ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିଷ୍ପତ୍ତି ଓ କାର୍ଯ୍ୟକଳାପରେ ଗ୍ରାମାଞ୍ଚଳ ବିଶେଷ କରି ମହିଳା ଓ ଅବହେଳିତ ଗୋଷ୍ଠୀଙ୍କୁ ସାମିଲ କରିବା। –ବିଶ୍ୱରେ କ୍ଷୁଧା ସମସ୍ୟା ସମ୍ପର୍କିତ ଜନସଚେତନତା ସୃଷ୍ଟି କରିବା। –ବିକାଶଶୀଳ ବିଶ୍ୱରେ ବୈଷୟିକ ଜ୍ଞାନକୌଶଳ ସ୍ଥାନାନ୍ତର କରିବା ନେଇ ଉତ୍ସାହିତ କରିବା। – କ୍ଷୁଧା, ପୁଷ୍ଟିହୀନତା ଦୂରୀକରଣ ଓ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ ଜାରି ରଖିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସଂହତିକୁ ସୁଦୃଢ଼ୀକରଣ କରିବା ଏବଂ କୃଷିର ଉନ୍ନତି ଓ ଖାଦ୍ୟ ଉତ୍ପାଦନରେ ପ୍ରଗତି ହାସଲ କରିବା ନିମନ୍ତେ ମନଯୋଗ ଦେବା।

## ଏବର୍ଷର ବାର୍ତ୍ତା

ଚଳିତ ବର୍ଷ ଖାଦ୍ୟ ଦିବସ ଲାଗି ବାର୍ତ୍ତା ରହିଛି – 'ନୀଳରୁ ସବୁଜ ବଳୟକୁ ପରିବର୍ତ୍ତନ' । ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଦେଖା ଦେବା ଯୋଗୁ ଖାଦ୍ୟ ନିରାପତ୍ତା ପ୍ରତି ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଜାତୀୟ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା କମିଶନ, କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ, ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ଖାଦ୍ୟ କମିଟିର ମିଳିତ ଆନୁକୂଲ୍ୟରେ ବିଶ୍ୱ ଖାଦ୍ୟ ଦିବସର ବିଷୟ ବସ୍ତୁକୁ ଆଧାର କରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟ କରିବାଲାଗି ଆହ୍ୱାନ ଦିଆଯାଇଛି। ବିଶ୍ୱ ଖାଦ୍ୟ ଦିବସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି – ଆନ୍ତର୍ଜାତିକ ଓ ଜାତୀୟ ସଂହତିର ସୁଦୃଢ଼ୀକରଣ ସହିତ କ୍ଷୁଧା, ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ କରିବା ସହିତ ଖାଦ୍ୟ ଉତ୍ପାଦନ ଓ କୃଷି ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା। କ୍ଷୁଧା ମୁକ୍ତ ବିଶ୍ୱ ବା କ୍ଷୁଧା ଶୂନ୍ୟର ଅର୍ଥ ହେଉଛି – ନିରାପଦ, ସ୍ୱାସ୍ଥ୍ୟକର ଓ ପୁଷ୍ଟିବର୍ଦ୍ଧକ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ପ୍ରତ୍ୟେକ ଲୋକ ପ୍ରତ୍ୟେକ ସ୍ଥଳରେ ଖାଦ୍ୟ ପାଇବାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ରହିବା ଆବଶ୍ୟକ।



ଜଳବାୟୁ ପରିବର୍ତ୍ତନ ଯୋଗୁ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବା ସହିତ ଖାଦ୍ୟଶସ୍ୟର ସମୁଦାୟ ଉତ୍ପାଦନ ପରିମାଣ କମିଯିବା ସଙ୍ଗେ ସଙ୍ଗେ ଖାଦ୍ୟର ଗୁଣାତ୍ମକମାନ ଓ ପୁଷ୍ଟିକାରିତା ଗୁଣ ମଧ୍ୟ କମି ଯାଉଛି।

ପରିବର୍ତ୍ତିତ ଜଳବାୟୁର କୁପ୍ରଭାବ ସହିତ ଖାପ ଖୁଆଇ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଖାଦ୍ୟର ଚାହିଦା ମେଣ୍ଟାଇବାକୁ ପଡ଼ିବ। ସେଥିପାଇଁ ବିଶ୍ୱସ୍ତରରେ ୨୦୫୦ ସୁଦ୍ଧା ଆହୁରି ୬୦ ପ୍ରତିଶତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ଦେଖାଯାଉଛି ଯେ – ଆମର ବିଶ୍ୱସ୍ତରରେ ଉତ୍ପାଦିତ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ବା ୩୦ ପ୍ରତିଶତ ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସମୟରେ ବା ଉତ୍ପାଦନଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗ ସମୟ ମଧ୍ୟରେ ନଷ୍ଟ ହେଉଛି। ତେଣୁ ସେହି ସୀମିତ ବା କମ୍ ଜମିରେ ଖାଦ୍ୟ ଶସ୍ୟ ବା ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଖାଦ୍ୟ ନଷ୍ଟ ନ କରିବାକୁ ଆମେ ସମସ୍ତେ ଏବେଠାରୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ। ଅବଶ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଆମକୁ ସମସ୍ତ ପ୍ରାକୃତିକ ଉତ୍ସ ବା ଉତ୍ପତ୍ତିସ୍ଥଳର ସୁବିନିଯୋଗ କରିବା ସହିତ ଖାଦ୍ୟ ନଷ୍ଟ ରୋକିବାକୁ ହେଲେ ବିଭିନ୍ନ ପଦକ୍ଷେପ ଯଥା– ଉନ୍ନତ ଅମଳ ପ୍ରଣାଳୀ, ଉତ୍ତମ ସଂରକ୍ଷଣ, ପ୍ୟାକିଂ, ପରିବହନ, ଭିତ୍ତିଭୂମିର ବିକାଶ, ଶୀତଳୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ବିକ୍ରିବଟାର ସୁବିଧା ସୁଯୋଗ, ଆଇନଗତ ଆଧାର ପ୍ରଣାଳୀ ଆମକୁ ଅବଲମ୍ବନ କରିବାକୁ ହେବ। ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ବିଶ୍ୱରେ ପ୍ରତିବର୍ଷ ୧୩୦ (୧.୩ ବିଲିଅନ୍) କୋଟି ଟନ୍ ଖାଦ୍ୟ ନଷ୍ଟ ହେଉଛି। ଖାଦ୍ୟ ପଚି ନଷ୍ଟ ହେବା ଯୋଗୁ ଯେଉଁ ପରିମାଣର ମିଥେନ୍ ଗ୍ୟାସ୍ ସୃଷ୍ଟି ହେଉଛି ତାହା ଅଙ୍ଗାରକାମ୍ଳ ଗ୍ୟାସ୍ ଠାରୁ ୨୩ ଗୁଣ ଶକ୍ତିଶାଳୀ। ଆମର ବଞ୍ଚିବା ପାଇଁ ୪ଗୋଟି ମୌଳିକ ଆବଶ୍ୟକତା ରହିଛି। ତାହା ହେଲା– ଖାଦ୍ୟ, ବସ୍ତ୍ର, ଜଳ ଓ ବାସସ୍ଥାନ। ଖାଦ୍ୟ ଜୀବନ ଧାରଣ କରିବାର ଏକ ଅବିଚ୍ଛେଦ୍ୟ ଅଂଶ। ଖାଦ୍ୟ ବିନା କେହି ବଞ୍ଚି ପାରିବେ ନାହିଁ। ଜୀବନ ଧାରଣ କରିବାରେ ସହାୟକ ହେଉଥିବା ଖାଦ୍ୟ ବିନା କୌଣସି ଜୀବଜଗତ ଏ ଧରା ପୃଷ୍ଠରେ ବଞ୍ଚିରହିବା ସମ୍ଭବପର ନୁହେଁ। ଖାଦ୍ୟ ହେଉଛି ଔଷଧ ସ୍ୱରୂପ । ଅଧିକ ଓ କମ୍ ମାତ୍ରାର ଔଷଧ ବ୍ୟବହାର କଲାଭଳି ଖାଦ୍ୟ ଅଧିକ ବା କମ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

ଖାଦ୍ୟ ନିରାପତ୍ତାର ଅର୍ଥ ସୁଦୂରପ୍ରସାରୀ। ଖାଦ୍ୟ ମିଳିବାଠାରୁ ଆରମ୍ଭକରି ନ ମିଳିବା ଓ ପୁଷ୍ଟିହୀନତା ଲକ୍ଷଣ ପ୍ରକାଶ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତାର ଅର୍ଥ ହିଁ ବୁଝାଇଥାଏ। ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନି ଗୋଟି ବିଷୟକୁ ନେଇ ପର୍ଯ୍ୟବସିତ। (୧) ଖାଦ୍ୟ ଉତ୍ପାଦନ ଓ ତା'ର ସହଜ ଉପଲବ୍ଧତା (୨) ଖାଦ୍ୟ କ୍ରୟ କରିବାର କ୍ଷମତା (୩) ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇବା ପାଇଁ ସ୍ୱାସ୍ଥ୍ୟକର ପରିବେଶରୁ ଖାଦ୍ୟ ଉପଲବ୍ଧ। ସଭ୍ୟତା ଓ ସଂସ୍କୃତିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଖାଦ୍ୟ ନିରାପତ୍ତାର ଏକାନ୍ତ ଜରୁରୀ। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ଖାଦ୍ୟ ନିରାପତ୍ତାର ଅର୍ଥ ହେଉଛି– ଯେତେବେଳେ ସମସ୍ତ ଲୋକ ସବୁବେଳେ ସ୍ୱାସ୍ଥ୍ୟକର ଓ ସୁସ୍ଥ ଜୀବନଯାପନ ନିମନ୍ତେ ସମଗ୍ର ଖାଦ୍ୟର ଚାହିଦା ଓ ପସନ୍ଦ ମୁତାବକ ଯଥେଷ୍ଟ ନିରାପଦ ଏବଂ ସୁସ୍ୱାଦୁ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇପାରିବେ। ସଂକ୍ଷେପରେ କହିବାକୁ ଗଲେ, ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନିଗୋଟି ଅଂଶ ବିଶେଷକୁ ହିଁ ବୁଝାଇଥାଏ। ତାହାହେଲା –ଖାଦ୍ୟର ସହଜ ଉପଲବ୍ଧତା ,–ଖାଦ୍ୟ ବ୍ୟବହାର କରିବାର ସୁଯୋଗ (ଆକ୍‌ସେସ୍) ଓ ଅବଶୋଷଣ (ଆବ୍‌ଜର୍‌ପ୍‌ସନ)। ସ୍ୱାସ୍ଥ୍ୟକର ଖାଦ୍ୟ କହିଲେ ପ୍ରତ୍ୟେକ ବ୍ୟକ୍ତିବିଶେଷର ସକ୍ରିୟ ଜୀବନଧାରଣ ଓ ରୋଗର ବିପଦରୁ କମାଇବା ନିମନ୍ତେ ଯଥେଷ୍ଟ ପରିମାଣର ନିରାପଦଦାୟକ, ପୁଷ୍ଟିସାରଯୁକ୍ତ ଖାଦ୍ୟ ଓ ବିଭିନ୍ନ ପ୍ରକାର ଖାଦ୍ୟର ଉପଲବ୍ଧତା ଦ୍ୱାରା ଶରୀର ପୁଷ୍ଟିସାଧନର ଆବଶ୍ୟକତା ମେଣ୍ଟାଇବାକୁ ହିଁ ବୁଝାଇଥାଏ।

*–ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ – ୯୪୩୭୬୦୭୩୧୨*

## ଗୋପାଳନ ସମ୍ପର୍କରେ...



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ଣ୍ଣ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରି ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ।

## ମାଛଚାଷ



ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଜାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ସୂର୍ଯ୍ୟମୁଖୀ କିସମ



ସୂର୍ଯ୍ୟମୁଖୀ ଏକ ଲାଭଜନକ ତୈଳବୀଜ ଫସଲ । ତେବେ ଏଥିରୁ ଅଧିକ ଲାଭ ପାଇଁ ଏହାର ଉନ୍ନତ କିସମ ଯଥା–ମର୍ଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ଶଙ୍କର ଜାତୀୟ ପି.ଏ.ସି.–୩୬ ଓ ଏମ୍.ଏସ୍.ଏଫ୍.ଏଚ୍.–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

–୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା କ୍ୟାପ୍‌ଟାନ୍ ଗୁଣ୍ଡ ମିଶାଇ ବିହନ ବିଶୋଧନ କରନ୍ତୁ କିମ୍ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

## କୁକୁଡ଼ା ପାଳନ

–ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ। ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ ।

–ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ ।



–କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଆବଶ୍ୟକ ।

–ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ମୂଷା ଉପଦ୍ରବର ନିରାକରଣ

(ଦ୍ୱିତୀୟ ଭାଗ)

ଓଡ଼ିଶାରେ ସାଧାରଣତଃ ଯେଉଁ ପ୍ରଜାତିର ମୂଷା ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟ ନଷ୍ଟ କରନ୍ତି,ସେମାନେ ହେଲେ ଘରୁଆମୂଷା, ଚାଲୁଆ ମୂଷା ଓ କ୍ଷେତମୂଷା।

ଘରୁଆ ମୂଷା: ସାଧାରଣତଃ ପୃଥିବୀର ସବୁ ରାଷ୍ଟ୍ରରେ ଦେଖାଯାଏ। ଏମାନେ ଘର ଓ ଭଣ୍ଡାର ଘରେ ରହୁଥିବା ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟକୁ ଖାଇ ବଞ୍ଚିରହନ୍ତି। ଜଳ ବିନା ଏମାନେ ଅନେକ ଦିନ ବଞ୍ଚିରହନ୍ତି। ଏମାନେ ଘରର କାନ୍ଥ ଉପରେ ଚଢ଼ି ବୁଲାବୁଲି କରନ୍ତି।

ଚାଲୁଆ ମୂଷା: ଏମାନଙ୍କୁ ମଧ୍ୟ ଗଛଚଢ଼ା ମୂଷା, ଦୌଡ଼ିବା ମୂଷା, କଳା ମୂଷା, ଦାନବ ମୂଷା, ଛାତ ମୂଷା ଏବଂ ଘରୁଆ ମୂଷା କୁହାଯାଏ। ଏମାନେ ସବୁସ୍ଥାନରେ ରହିପାରନ୍ତି। କ୍ଷେତ ମୂଷା: ସାଧାରଣତଃ ଜଳସେଚିତ ଫସଲରେ କ୍ଷତି ଘଟାନ୍ତି। ଏମାନେ ପାଣିରେ ସହଜରେ ପହଁରିପାରନ୍ତି। ଏମାନେ ମଧ୍ୟ ବନ୍ୟା ପ୍ଲାବିତ ଅଞ୍ଚଳର ଧାନ ଫସଲକୁ ନଷ୍ଟ କରନ୍ତି। ଏମାନେ ଫସଲ କିଆରିରେ ଅନେକ ଗାତ କରି ସେଥିରେ ପ୍ରାୟ ୧୦ କିଲୋ ଖାଦ୍ୟଶସ୍ୟ ମହଜୁଦ କରି ରଖନ୍ତି। ଆଉ ଏକ ପ୍ରକାର କ୍ଷେତ ମୂଷା ଜଳସେଚିତ ଫସଲରେ କ୍ଷତି ଘଟାନ୍ତି। ଏମାନେ ଭାରତର ସବୁ ରାଜ୍ୟରେ ରୁହନ୍ତି।

**ମୂଷା ନିରାକରଣ ଉପାୟ:**

ମୂଷା ନିରାକରଣ ଦୁଇ ପ୍ରକାର ପଦ୍ଧତି ଦ୍ୱାରା କରାଯାଏ। ପ୍ରଥମଟି ପ୍ରତିରୋଧକ ଏବଂ ଦ୍ୱିତୀୟଟି ପ୍ରତିଷେଧକ ଉପାୟ।

**ପ୍ରତିରୋଧକ ଉପାୟ:** ଫସଲ କରିବା ପୂର୍ବରୁ ଜମିକୁ ଭଲ ଭାବେ ପରିଦର୍ଶନ କରି ମୂଷାଗାତଗୁଡ଼ିକୁ ଦେଖିବା ଏବଂ ମୂଷା ଗାତରେ ଆଲୁମିନିୟମ ଫସଫାଇଡ୍ ଏକ ଗାତରେ ୨ଟି କରି ବଟିକା ରଖି ଗାତଗୁଡ଼ିକୁ ମାଟି ବା ଗୋବର ଦ୍ୱାରା ବନ୍ଦ କରିବା ଆବଶ୍ୟକ। ବଟିକାକୁ ଓଦା କପଡ଼ାରେ ରଖିବା ଦରକାର। ଏହାଦ୍ୱାରା ଫସଫିନ ଗ୍ୟାସ୍ ନିର୍ଗତ ହୁଏ ଯେଉଁ ଗ୍ୟାସ୍ ମୂଷାର ଶ୍ୱାସକ୍ରିୟାରେ ବିଷ ଭରିଦିଏ। ଏହାଦ୍ୱାରା ମୂଷା ବିନାଶ ହୁଏ। ଏହି ପ୍ରକ୍ରିୟା ସମସ୍ତ ଚାଷୀମାନେ ଏକ ସମୟରେ ଚାଲୁରଖିବା ଆବଶ୍ୟକ। ଶୁଖିଲା ଶସ୍ୟ କ୍ଷେତରେ ମୂଷା ଉପଦ୍ରବ ଉପଲବ୍ଧ ହେଲେ ଜଳସେଚନ କରିବା ଦରକାର। ଏହାଦ୍ୱାରା ମୂଷାମାନେ ଗାତରୁ ବାହାରକୁ ବାହାରିଆସନ୍ତି। ଏହାପରେ ସେମାନଙ୍କୁ ବିନାଶ କରାଯାଏ। କିଆରିରେ ଫସଲ କରିବା ସମୟରେ ଶସ୍ୟର ମଞ୍ଜିଗୁଡ଼ିକୁ ଧାଡ଼ିରେ ବୁଣିବା ଦରକାର। ପନିପରିବା ଓ ଧାନତଳି ଧାଡ଼ିରେ ଲଗାଇବା ଆବଶ୍ୟକ। ଫସଲ କିଆରିର ହିଡ଼ରୁ ଘାସମରା ଔଷଧ ପ୍ରୟୋଗକରି ସମସ୍ତ ତୃଣ ବିନାଶ ହେବା ଜରୁରୀ। ଫସଲ କିଆରିରେ ସମସ୍ତ ତୃଣ ସଂଗ୍ରହ କରି ପୋଡ଼ିଦେବା ଦରକାର। ସେହିପରି ଖାଦ୍ୟଶସ୍ୟ ଭଣ୍ଡାର ଘରେ କିମ୍ବା ସରକାରୀ ଭଣ୍ଡାରଘରେ ରଖିବା ପୂର୍ବରୁ ଖାଦ୍ୟଶସ୍ୟରୁ ଅନ୍ୟାନ୍ୟ ମିଶ୍ରିତ ମଞ୍ଜିଗୁଡ଼ିକୁ ଅଲଗା କରିବା ଆବଶ୍ୟକ। ଖଦ୍ୟଶସ୍ୟଗୁଡ଼ିକୁ ସୂର୍ଯ୍ୟକିରଣରେ ୨ରୁ ୩ ଦିନ ଶୁଖିଲା ପରେ ଅଖା ବା ଗନିବ୍ୟାଗ୍‌ରେ ରଖିବା ଜରୁରୀ। ଅଖା ବା ଗନିବ୍ୟାଗ୍‌ଗୁଡ଼ିକୁ ଭାଡ଼ିରେ ରଖନ୍ତୁ। ଏହା ମଧ୍ୟଦେଇ ଯିବାଆସିବା କରିବା ପାଇଁ ସ୍ଥାନଛାଡନ୍ତୁ। ଖାଦ୍ୟଶସ୍ୟର ଜଳୀୟାଂଶ ୧୨ ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ। ଭଣ୍ଡାର ଘରର ଚଟାଣ ଏବଂ କାନ୍ଥଗୁଡ଼ିକରେ କୌଣସି କଣା ବା ଗାତ ରହିବା ଉଚିତ ନୁହେଁ। ଭଣ୍ଡାର ଘରକୁ ମାଲାଥିୟନ ଦ୍ୱାରା ସିଞ୍ଚନ କରନ୍ତୁ। ଏଥିପାଇଁ ଏକ ଲିଟର ପାଣିରେ ୧ ମିଲିମିଟର ମାଲାଥିୟନ ୫୦ ପ୍ରତିଶତ ଦ୍ରବଣ ମିଶାଇବାକୁ ପଡ଼େ। ସମସ୍ତ ଗାତ ବା କଣାଗୁଡ଼ିକୁ ସିମେଣ୍ଟ ଦ୍ୱାରା ପ୍ଲାଷ୍ଟରିଙ୍ଗ କରନ୍ତୁ। ପ୍ରତିଷେଧକ ବ୍ୟବସ୍ଥା ଏସବୁ କରିବା ସତ୍ତ୍ୱେ ଯଦି ମୂଷାଙ୍କର ଉପସ୍ଥିତି ଖାଦ୍ୟଦ୍ରବ୍ୟ ଓ ଖାଦ୍ୟଶସ୍ୟ ମହଜୁଦ କରିବା ଗୃହରେ ଉପଲବଧ ହୁଏ, ତେବେ ବିଭିନ୍ନ ଯନ୍ତାରେ ମୂଷା ଖାଉଥିବା



ବିସ୍କୁଟ କିମ୍ବା ପାଚିଲା କଦଳୀ କିମ୍ବା ବରା, ଗୁଲ୍‌ଗୁଲା ଆଦି ରାତିରେ ରଖି ମୂଷାଙ୍କୁ ଯନ୍ତା ପ୍ରତି ଆକର୍ଷଣ କରାଇ ପରଦିନ ସକାଳେ ସେମାନଙ୍କୁ ବିନାଶ କରାଯାଏ। କିଛି ବର୍ଷ ପୂର୍ବେ ମୂଷା ବିଷ ଥୋପରେ ଜିଙ୍କ ଫସଫାଇଡ ଗୁଣ୍ଡ ବ୍ୟବହାର ହେଉଥିଲା। ଏହାଦ୍ୱାରା ମୂଷାମାନେ ଭଣ୍ଡାରଘରେ ମୃତ୍ୟୁମୁଖରେ ପଡୁଥିଲେ। ତେଣୁ ଭଣ୍ଡାର ଘରେ ମୃତ ମୂଷାଙ୍କ ଯୋଗୁ ଦୁର୍ଗନ୍ଧ ବାଷ୍ପ ଅନୁଭୂତ ହେଉଥିଲା। ଏହାକୁ ଦୂର କରାଯାଇ ବର୍ତ୍ତମାନ ପରିସ୍ଥିତିରେ ବ୍ରୋମାଡ଼ିଓଲୋନ ନାମକ ମୂଷା ବିଷ ବିସ୍କୁଟ ଆକାରରେ ବଜାରରେ ମିଳୁଅଛି। ମୂଷାମାନେ ଯେଉଁ ସ୍ଥାନରେ ରହି ଖାଦ୍ୟଶସ୍ୟ ଖାଉଥିବେ ସେହି ସ୍ଥାନରେ ବ୍ରୋମାଡିଓଲୋନ ବିସ୍କୁଟକୁ ଖଣ୍ଡ ଖଣ୍ଡ କରି ସନ୍ଧ୍ୟାବେଳେ ଭଣ୍ଡାର ଘରେ ରଖାଯାଏ। ବ୍ରୋମାଡିଓଲୋନ୍‌ରେ ଏକପ୍ରକାର ମୂଷା ଆକର୍ଷକ ପଦାର୍ଥ ମିଶି ରହିଥାଏ। ଏହାଯୋଗୁ ମୂଷାମାନେ ବ୍ରୋମାଡିଓଲୋନ୍ ପ୍ରତି ଆକର୍ଷିତ ହୁଅନ୍ତି ଏବଂ ବିଭିନ୍ନ ଖଣ୍ଡଗୁଡ଼ିକୁ ଖାଇଦିଅନ୍ତି। ବ୍ରୋମାଡିଓଲୋନ୍‌କୁ ପ୍ରାୟ ୩ରୁ ୪ ଦିନ ପର୍ଯ୍ୟନ୍ତ ଭଣ୍ଡାର ଘରେ ରଖାଯାଏ। ମୂଷାମାନେ ଏଗୁଡ଼ିକୁ ୩ରୁ ୪ ଦିନ ଖାଇଲାପରେ ସେମାନେ ଭଣ୍ଡାର ଘରେ ନ ରହି ବାହାରକୁ ଆସନ୍ତି ଏବଂ ଭଣ୍ଡାର ଘର ବାହାରେ ମୃତ୍ୟୁବରଣ କରନ୍ତି। ଏହାବ୍ୟତୀତ ମୂଷାମାନଙ୍କୁ ଭଣ୍ଡାର ଘରେ ଧରିବା ପାଇଁ ଟ୍ରବୁଲ ଗମ୍ ନାମକ ଏକ ଯନ୍ତା ବ୍ୟବହାର ହେଉଛି। ଟ୍ରବୁଲ ଗମ ମୂଷାମାନଙ୍କୁ ଯନ୍ତାରେ ଧରିରଖେ ଏବଂ ସେଥିରୁ ମୂଷାମାନେ କସ୍ମିନ୍‌କାଳେ ମୁକ୍ତ ହୋଇପାରନ୍ତି ନାହିଁ। ଏହି ଟ୍ରବୁଲ ଗମ ମଧ୍ୟ ବଜାରରେ ମିଳୁଅଛି।

–ଡ. ବିଷ୍ଣୁ ଚରଣ ଜେନା
ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬

## ରାଶିର ଉନ୍ନତ ବିହନ



ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ ୩ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୨ ଗ୍ରାମ୍ ଥିରାମ ଗୋଳାଇ ବିଶୋଧନ କରନ୍ତୁ ।

–ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।



"୩୭୦ ଧାରାକୁ ନେଇ କଂଗ୍ରେସ ନେତାମାନେ ଗୁଜବ ସୃଷ୍ଟି କରୁଛନ୍ତି, ଭୋଟରମାନେ ସେମାନଙ୍କୁ ଉଚିତ ଶାସ୍ତି ଦେବା ଦରକାର।"
-ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ୨ ଆତଙ୍କବାଦୀ ଗିରଫ

**ଶ୍ରୀନଗର/ଜମ୍ମୁ,୧୫।୧୦(ପି.ଟି.):** ଜମ୍ମୁ-କଶ୍ମୀରର ଗଣ୍ଡେରବାଲ୍ ଜିଲାରୁ ସୋମବାର ହିଜବୁଲ ମୁଜାହିଦିନ ସଂଗଠନର ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାଁ ଚାନ୍ଦି ଖଟାନା ଓ ୱାଜିଦ୍ ଅଲି ଖଟାନା ଏବଂ ଘର ରାଜୌରୀ ଜିଲାର ଜଣ୍ଡିୱାଡା ବୋଲି ଜଣାପଡିଛି। ସେମାନେ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ଆତଙ୍କବାଦୀ ଆକ୍ରମଣରେ ସହଯୋଗ କରୁଥିଲେ। ଏଥିସହିତ ସେମାନେ ଉକ୍ତ ଅଞ୍ଚଳରେ ହିଜବୁଲ୍ ସଂଗଠନର ନେଟ୍‌ୱର୍କ ବଢ଼ାଉଥିଲେ। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ ଓ ସୁରକ୍ଷା ବାହିନୀ ପକ୍ଷରୁ ମିଳିତ ଚଢ଼ାଉ କରି ଦୁଇ ଆତଙ୍କବାଦୀଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି।

### ସୀମାନ୍ତରେ ପାକ୍‌ର ସେଲ୍ ମାଡ଼: ମହିଳା ମୃତ

**ଜମ୍ମୁ,୧୫।୧୦(ପି.ଟି.):** ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ପୁଞ୍ଛ୍ ଜିଲାର ସୀମାନ୍ତ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନୀ ସେନା ଜୋରଦାର ସେଲ୍ ମାଡ଼ କରିବାରୁ ଜଣେ ୨୪ ବର୍ଷୀୟା ମହିଳା ପ୍ରାଣ ହରାଇଛନ୍ତି। ଶାହପୁର ସେକ୍ଟର ଅନ୍ତର୍ଗତ ନୁନା-ବଣ୍ଡି ଗ୍ରାମରେ ରହୁଥିବା ଏହି ମହିଳାଙ୍କ ନାଁ ଶମିମା ଅଖତର ବୋଲି ଜଣାପଡିଛି। ପାକ୍ ସେନାର ଆକ୍ରମଣରେ ୪ଟି ମଇଁଷି ମଧ ମରିଛନ୍ତି। ମଙ୍ଗଳବାର ସକାଳେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ପୁଞ୍ଛ୍ ଜିଲାର କସ୍‌ବା ଓ କିର୍‌ନି ସେକ୍ଟରରେ ମୋର୍ଟାର ଓ ଛୋଟ ଅସ୍ତ୍ରଶସ୍ତ୍ର ମାଡ଼ କରିଥିଲା। ଭାରତୀୟ ସେନା ଏହାର ପାଲଟା ଜବାବ ଦେଇଥିଲା। ତେବେ ପାକିସ୍ତାନ ପଟେ କେହି ମୃତାହତ ହୋଇଛନ୍ତି କି ନାହିଁ ତାହା ହଠାତ୍ ଜଣାପଡି ନ ଥିବା ପ୍ରତିରକ୍ଷା ବିଭାଗ ମୁଖପାତ୍ର କହିଛନ୍ତି।

ପାକ୍ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରି ସୀମାନ୍ତବର୍ତ୍ତୀ ଗାଁଗୁଡ଼ିକୁ ଟାର୍ଗେଟ କରୁଥିବାରୁ ସେଠାର ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସେଲ୍ ମାଡ଼ ଯୋଗୁ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଗତ ୪ ଦିନରେ ପାକ୍ ସେନାର ଗୁଳି ଓ ସେଲ୍ ମାଡ଼ରେ ତିନି ଜଣଙ୍କର ମୃତ୍ୟୁ ଘଟିଲାଣି। ଶୁକ୍ରବାର ରାଜୌରୀ ଜିଲାର ନୌଶେରା ସେକ୍ଟର ଓ ରବିବାର ବାରମୁଲା ଜିଲାର ଉରି ସେକ୍ଟରରେ ଦୁଇଜଣ ଯବାନ ପାକ୍ ସେନା ଗୁଳିରେ ଶହୀଦ ହୋଇଥିଲେ।

### ନଭଲଖାଙ୍କୁ ୪ ସପ୍ତାହ ଗିରଫରୁ ମୁକ୍ତି



**ନୂଆଦିଲ୍ଲୀ,୧୫।୧୦(ପି.ଟି.):** ଭୀମା କୋରେଗାଁଓ ହିଂସା ମାମଲାରେ ନାଗରିକ ଅଧିକାର କର୍ମୀ ଗୌତମ ନଭଲଖାଙ୍କୁ ଗିରଫଦାରିରୁ ୪ ସପ୍ତାହ ଅନ୍ତରୀଣ ସୁରକ୍ଷା ମିଳିଛି। ଜଷ୍ଟିସ୍ ଅରୁଣ ମିଶ୍ର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ମାମଲାରେ ଆଗୁଆ ଜାମିନ ପାଇଁ ସମ୍ପୃକ୍ତ ଅଦାଲତଙ୍କୁ ଯିବା ଲାଗି ନଭଲଖାଙ୍କୁ କହିଛନ୍ତି। ତାଙ୍କ ଅନ୍ତରୀଣ ସୁରକ୍ଷାକୁ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ତେବେ ରାଜ୍ୟ ସରକାର ତାଙ୍କୁ କ'ଣ ପାଇଁ ବର୍ଷେ ହେଲା ଜେରା କରି ନାହାନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପୂର୍ବରୁ ସର୍ବୋଚ୍ଚ ଅଦାଲତ ନଭଲଖାଙ୍କୁ ଅନ୍ତରୀଣ ସୁରକ୍ଷା ଅକ୍ଟୋବର ୪ରୁ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

ଇତିହାସର ଆଇନାରେ

### ଅକ୍ଟୋବର ୧୬ର ପ୍ରମୁଖ ଘଟଣା

୧୯୯୬ ଅକ୍ଟୋବର ୧୬ରେ ଗୁଏଟ୍‌ମାଲାର ମାଟିଓ ଫ୍ଲୋର୍ସ ନ୍ୟାଶନାଲ ଷ୍ଟାଡିୟମରେ ବିଶ୍ୱକପ ଫୁଟବଲର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଚାଲିଥିବାବେଳେ ପ୍ରବଳ ଜନଗହଳି ଯୋଗୁ ଦଳାଚକଟା ଘଟି ଶତାଧିକ ବ୍ୟକ୍ତି ପ୍ରାଣ ହରାଇଥିଲେ।

୨୦୧୭ ଅକ୍ଟୋବର ୧୬ରେ ସାମୁଦ୍ରିକ ଝଡ଼ 'ଓଫେଲିଆ' ବ୍ରିଟେନ ଓ ଆୟର୍ଲାଣ୍ଡରେ ତାଣ୍ଡବ ରଚିଥିଲା। ଏଥିରେ ଅନେକ ଲୋକ ମୃତାହତ ହୋଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

■ ଅଯୋଧ୍ୟା ମାମଲାରେ ହିନ୍ଦୁ ପକ୍ଷଙ୍କ ଯୁକ୍ତି

# ଐତିହାସିକ ଭୁଲ୍‌ର ସଂଶୋଧନ ଆବଶ୍ୟକ

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**



ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାରେ ମଙ୍ଗଳବାର ହିନ୍ଦୁ ପକ୍ଷ ସୁପ୍ରିମକୋର୍ଟରେ ସେମାନଙ୍କ ଯୁକ୍ତି ରଖିଥିଲେ। ଅଯୋଧ୍ୟାରେ ଭଗବାନ ରାମଙ୍କ ଜନ୍ମସ୍ଥାନରେ ସମ୍ରାଟ ବାବର ମସ୍‌ଜିଦ ନିର୍ମାଣ କରି ଯେଉଁ ଐତିହାସିକ ଭୁଲ୍ କରିଛନ୍ତି, ତାହାର ସଂଶୋଧନ ହେବା ଆବଶ୍ୟକ ବୋଲି ହିନ୍ଦୁ ପକ୍ଷର ଓକିଲ କହିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ହିନ୍ଦୁ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ଆଟର୍ନି ଜେନେରାଲ ତଥା ବରିଷ୍ଠ ଆଇନଜୀବୀ କେ. ପରାସରନ କହିଥିଲେ, ଅଯୋଧ୍ୟାରେ ଅନେକ ମସ୍‌ଜିଦ ରହିଛି। ସେଠାରେ ମୁସଲମାନମାନେ ନମାଜ ପାଠ କରିପାରିବେ। କିନ୍ତୁ ଭଗବାନ ରାମଙ୍କ ଜନ୍ମସ୍ଥାନକୁ ହିନ୍ଦୁମାନେ ପରିବର୍ତ୍ତନ କରିପାରିବେ ନାହିଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

ବାବର ଭାରତକୁ ନିଜ ଶାସନାଧୀନକୁ ନେବା ପରେ ନିଜକୁ ଆଇନର ଊର୍ଦ୍ଧ୍ୱରେ ବୋଲି ଦର୍ଶାଇବା ପାଇଁ ରାମଙ୍କ ଜନ୍ମସ୍ଥାନରେ ମସ୍‌ଜିଦ ନିର୍ମାଣ କରିଥିଲେ ବୋଲି ପରାସରନ କହିଥିଲେ। ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ଅଯୋଧ୍ୟାର ୨.୭୭ ଏକର ବିବାଦୀୟ ଜମିରୁ କିପରି ମୁସଲମାନମାନଙ୍କୁ ବେଦଖଲ କରାଯିବ ବୋଲି ସେମାନେ ପରାସରନଙ୍କୁ ପ୍ରଶ୍ନ କରିଥିଲେ। ୧୯୯୨ ଡିସେମ୍ବର ୬ରେ ବାବ୍ରୀ ମସ୍‌ଜିଦକୁ ଭାଙ୍ଗିଦିଆଯାଇଥିଲା। ଏକଦା ମସ୍‌ଜିଦ ଥିବାରୁ ସେଠାରେ ସବୁଦିନ ପାଇଁ ମସ୍‌ଜିଦ ରହିଛି ବୋଲି ଧରାଯିବ। ଏଥିରେ ଏକମତ କି ବୋଲି ପରାସରନଙ୍କୁ ସାମ୍ବିଧାନିକ ପୀଠ ପ୍ରଶ୍ନ କରିଥିଲେ। ସେ ଏହାକୁ ସମର୍ଥନ କରନ୍ତି ନାହିଁ। ମସ୍‌ଜିଦ ପୂର୍ବରୁ ସେଠାରେ ମନ୍ଦିର ଥିବାରୁ ସବୁବେଳେ ଏହାକୁ ମନ୍ଦିର ଭାବେ ଧରାଯିବ ବୋଲି ସେ ଜବାବ ରଖିଥିଲେ। ବିବାଦୀୟ ସ୍ଥାନରେ ଏବେ ମନ୍ଦିର କିମ୍ବା ମସ୍‌ଜିଦ ନାହିଁ। ମୁସଲମାନ ପକ୍ଷ ସମ୍ପତ୍ତି ଉପରେ ଡିକ୍ରୀ ଘୋଷଣା ଲାଗି ଯୁକ୍ତି କରିଆସୁଛନ୍ତି ବୋଲି ଅଦାଲତ କହିଥିଲେ। ଏହିପରି ପରାସରନଙ୍କୁ ସେମାନେ ଏକାଧିକ ପ୍ରଶ୍ନ କରିବା ପରେ ହିନ୍ଦୁ ପକ୍ଷଙ୍କୁ ଯଥେଷ୍ଟ ପ୍ରଶ୍ନ କରାଗଲା କି ବୋଲି ସିଜେଆଇ ମୁସଲମାନ ପକ୍ଷର ଓକିଲ ରାଜୀବ ଧାୱନଙ୍କୁ ପଚାରିଥିଲେ। ସୂଚନାଯୋଗ୍ୟ ସୋମବାର ଶୁଣାଣି ବେଳେ ହିନ୍ଦୁ ପକ୍ଷଙ୍କୁ ପ୍ରଶ୍ନ କରାଯାଉ ନ ଥିବା ଧାୱନ ଅଭିଯୋଗ କରିଥିଲେ।

## ଆଜି ସରିପାରେ ଶୁଣାଣି

**ନୂଆଦିଲ୍ଲୀ,୧୫।୧୦**

ସୁପ୍ରିମକୋର୍ଟରେ ଅଯୋଧ୍ୟା ଜମି ବିବାଦ ମାମଲାର ଶୁଣାଣି ଗୁରୁବାର ପରିବର୍ତ୍ତେ ବୁଧବାର ଶେଷ ହୋଇପାରେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସୂଚନା ଦେଇଛନ୍ତି। ଶେଷ ଦିନରେ ହିନ୍ଦୁ ପକ୍ଷଙ୍କୁ ୪୫ ମିନିଟ ଓ ମୁସଲମାନ ପକ୍ଷଙ୍କୁ ୧ ଘଣ୍ଟା ଯୁକ୍ତି ଉପସ୍ଥାପନ ଲାଗି ସିଜେଆଇ ଅନୁମତି ଦେଇଛନ୍ତି। ପରେ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୪ଟି ପକ୍ଷଙ୍କୁ ୪୫ ମିନିଟ ଲେଖାଏ ସମୟ ଦିଆଯାଇଥିବା ମାମଲା ସହ ସମ୍ପୃକ୍ତ ଜଣେ ଆଇନଜୀବୀ କହିଛନ୍ତି। ନଭେମ୍ବର ୧୭ ସୁଦ୍ଧା ଚୂଡାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି।

■ ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲା

# ଚିଦାମ୍ବରମଙ୍କୁ ଜେରା ଲାଗି ଇଡିକୁ ଅନୁମତି

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**



■ ଆବଶ୍ୟକ ହେଲେ ଗିରଫ କରିପାରେ

■ ଜାମିନ ପାଇଁ ସୁପ୍ରିମକୋର୍ଟ ଗଲେ ପୂର୍ବତନ ଅର୍ଥମନ୍ତ୍ରୀ

ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ତିହାର ଜେଲ୍‌ରେ ଜେରା କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ବୁଧବାର ଇଡି ତାଙ୍କୁ ଜେରା କରିବା ସହ ଆବଶ୍ୟକ ହେଲେ ଗିରଫ କରିପାରେ ବୋଲି ସ୍ୱତନ୍ତ୍ର ବିଚାରପତି ଅଜୟ କୁମ୍ୟାର କୁହାର ଅନୁମତି ଦେଇଛନ୍ତି। ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଚିଦାମ୍ବରମ ୧୭ ପର୍ଯ୍ୟନ୍ତ ତିହାର ଜେଲ୍‌ରେ ରହିଛନ୍ତି। କୋର୍ଟଙ୍କ ରାୟ ପରେ ଚିଦାମ୍ବରମଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟ ପରିସରରେ ଜେରା ପାଇଁ ଅନୁମତି ଦେବାକୁ ଇଡି ନିବେଦନ କରିଥିଲା। ତେବେ କୋର୍ଟ ଏହାକୁ ଖାରଜ କରିଦେଇ ଉକ୍ତ ବ୍ୟକ୍ତିଙ୍କର ସେଭଳି ମର୍ଯ୍ୟାଦା ନ ଥିବା କହିଥିଲେ। ତାଙ୍କୁ ସର୍ବସାଧାରଣଙ୍କ ଆଗରେ ଗିରଫ କରିବା ପାଇଁ ମଧ କୋର୍ଟ ଅନୁମତି ଦେଇଥିଲେ।

ଅନ୍ୟପକ୍ଷରେ ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଜାମିନ ପାଇଁ ଚିଦାମ୍ବରମ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ହଇରାଣ କରିବା ଲାଗି ସିବିଆଇ ହାଜତରେ ରଖିବାକୁ ଚାହୁଁଥିବା ସେ ଅଦାଲତଙ୍କୁ ଜଣାଇଥିଲେ। ମାମଲାର କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବା ଲାଗି ଚିଦାମ୍ବରମ କିମ୍ବା ତାଙ୍କ ପରିବାର ସଦସ୍ୟ ଉଦ୍ୟମ କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଙ୍ଘଭି କୋର୍ଟଙ୍କୁ ଜଣାଇଥିଲେ। ସିବିଆଇ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବୁଧବାର କୋର୍ଟରେ ଯୁକ୍ତି ଉପସ୍ଥାପନ କରିବେ।



ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡଃ ଏ.ପି.ଜେ ଅବ୍ଦୁଲ କଲାମଙ୍କ ଜନ୍ମବାର୍ଷିକୀରେ ପାଟନାର ବସ୍ତି ପିଲାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

### ପଶ୍ଚିମବଙ୍ଗ ରାଜ୍ୟପାଳ ଅପମାନିତ

**କୋଲକାତା, ୧୫।୧୦**

ପଶ୍ଚିମବଙ୍ଗରେ ଶୁକ୍ରବାର ଅନୁଷ୍ଠିତ ଦୁର୍ଗାପୂଜା ମହୋତ୍ସବ ବେଳେ ରାଜ୍ୟପାଳ ଜଗଦୀପ ଧନ୍‌ଖାର୍‌ଙ୍କୁ ଅପମାନିତ କରାଯାଇଥିବା ଜଣାପଡ଼ିଛି। ସେ ଏହା ପ୍ରକାଶ କରିଥିବାବେଳେ ଏହାର କାରଣ ସମ୍ପର୍କରେ କିଛି କହିନାହାନ୍ତି। ଟିଏମ୍‌ସି ଦ୍ୱାରା କୋଲକାତାରେ ଆୟୋଜନ କରାଯାଇଥିବା ମହୋତ୍ସବରେ ତାଙ୍କୁ ଗୁରୁତ୍ୱ ଦିଆ ନ ଯାଇ ଏକ କୋଣରେ ବସାଯିବା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ସେ ଠିକ୍ ଭାବେ ଦେଖିପାରି ନ ଥିଲେ। ଏହା ମୋ ପ୍ରତି ଅପମାନ ନୁହେଁ ବରଂ ରାଜ୍ୟବାସୀଙ୍କ ଲାଗି ଅପମାନଜନକ ବୋଲି ସେ ମତ ଦେଇଛନ୍ତି। ଏହା ମୋ ସାମ୍ବିଧାନିକ ପଦ ଉପରେ କୌଣସି ଫରକ ପକାଇବ ନାହିଁ ବୋଲି ଧନ୍‌ଖାର୍ କହିଛନ୍ତି। ପ୍ରକାଶଥାଉ କି, ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କେତେକ ମନ୍ତ୍ରୀମାନେ ଯୋଗଦେଇଥିଲେ।

■ ଦାଉଦ୍ ସହଯୋଗୀଙ୍କ ସହ ସମ୍ପତ୍ତି କାରବାର

# ପ୍ରଫୁଲ୍ଲ ପଟେଲଙ୍କୁ ଇଡି ସମନ

**ମୁମ୍ବାଇ,୧୫।୧୦(ପି.ଟି.)**



ଅଭିଯୋଗକୁ ଖଣ୍ଡନ କଲେ ଏନ୍‌ସିପି ନେତା

ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ର ସହଯୋଗୀ ତଥା ଗ୍ୟାଙ୍ଗଷ୍ଟର ଇକ୍‌ବାଲ ମିର୍ଚି ସହ ସମ୍ପତ୍ତି କାରବାର ଅଭିଯୋଗରେ ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ମିର୍ଚିର ବେଆଇନ ସମ୍ପତ୍ତି ସହ ମନିଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଥିବା ଇଡି ୧୮ ତାରିଖରେ ହାଜର ହେବା ଲାଗି ପ୍ରଫୁଲ୍ଲଙ୍କୁ ନୋଟିସ ଦେଇଛି। ଇଡି ପାଖରେ କିଛି କାଗଜପତ୍ର ଥାଇପାରେ, ଯାହା ତାଙ୍କ ନଜରକୁ ଆସିନାହିଁ ବୋଲି ଏନ୍‌ସିପି ନେତା କହିବା ସହ ମିର୍ଚିଙ୍କ ସହ ତାଙ୍କର ଡିଲ୍‌କୁ ଖଣ୍ଡନ କରିଛନ୍ତି। ଏହାକୁ ସେ ଗୁଜବ କହିଛନ୍ତି। ଡ୍ରଗ୍ ମାଫିଆ ମିର୍ଚିଙ୍କର ୨୦୧୩ରେ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ହାଜ୍‌ରା ମେମନ ପ୍ରଫୁଲ୍ଲଙ୍କ ସହ ଜମିଜମା ଡିଲ୍ କରିଥିଲେ ବୋଲି ଅଭିଯୋଗ ହେଉଛି।

ଇଡି ଅଧିକାରୀଙ୍କ କହିବା ଅନୁଯାୟୀ ପ୍ରଫୁଲ୍ଲଙ୍କ ମିଲେନିୟମ ଡେଭେଲପର୍ସ ପ୍ରା.ଲିଃ ୨୦୦୬-୦୭ରେ ସିଜୟ ହାଉସ୍ ନାମରେ ଏକ ଅଟ୍ଟାଳିକା ନିର୍ମାଣ କରିଥିଲା, ଯାହାର ତୃତୀୟ ଓ ଚତୁର୍ଥ ମହଲା ହାଜ୍‌ରାଙ୍କ ନାମରେ କରାଯାଇଛି। ମିଲେନିୟମ ଡେଭେଲପର୍ସ କମ୍ପାନୀ ତାଙ୍କ ପରିବାର ମାଲିକାନାରେ ରହିଛି ଏବଂ ସେଥିରେ କେହି ଅଂଶୀଦାର ନ ଥିବା ଏନ୍‌ସିପି ନେତା କହିଛନ୍ତି।

# ୪୨୦ ହାଇକୋର୍ଟ ବିଚାରପତି ପଦ ଖାଲି

**ନୂଆଦିଲ୍ଲୀ, ୧୫।୧୦**

ଆଇନ ମନ୍ତ୍ରଣାଳୟର ରିପୋର୍ଟ

୪୩ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଛି

ଭାରତରେ ଥିବା ବିଭିନ୍ନ ହାଇକୋର୍ଟରେ ବିଚାରପତି ସଂଖ୍ୟା ବହୁ କମ ରହିଛି। ଫଳରେ ବିଚାର ପ୍ରକ୍ରିୟା ବିଳମ୍ବ ହେଉଛି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୧ରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ଦେଶର ୨୫ ହାଇକୋର୍ଟରେ ଆବଶ୍ୟକ ସଂଖ୍ୟକ ବିଚାରପତି ନାହାନ୍ତି। ଆବଶ୍ୟକଠାରୁ ୪୨୦ ବିଚାରପତି ପଦ ଖାଲିପଡ଼ିଛି। ହାଇକୋର୍ଟଗୁଡ଼ିକ ଲାଗି ମୋଟ ୧୦୭୯ ବିଚାରପତିଙ୍କ ଆବଶ୍ୟକତା ରହିଥିବାବେଳେ ଏବେ ମାତ୍ର ୬୫୯ ବିଚାରପତି କାର୍ଯ୍ୟ କରୁଛନ୍ତି। ଗତ ସେପ୍ଟେମ୍ବରରେ ୨୫ ହାଇକୋର୍ଟରେ ୪୧୪ ବିଚାରପତି ପଦ ଖାଲି ଥିଲା। ଏବେର ସ୍ଥିତି ସବୁଠାରୁ ଜଟିଳ ରହିଥିବା କୁହାଯାଉଛି। ବିଭିନ୍ନ ହାଇକୋର୍ଟରେ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ବିଚାର ନ ହୋଇ ପଡ଼ିରହିଥିବାବେଳେ ବିଚାରପତି ପଦ ଖାଲିପଡ଼ିବା ପରିତାପର ବିଷୟ। ହାଇକୋର୍ଟ କଲେଜିୟମ ପକ୍ଷରୁ ବିଚାରପତିଙ୍କ ନାମ ଅନୁମୋଦନ କରାଯାଇ ଆଇନ ମନ୍ତ୍ରଣାଳୟକୁ ପଠାଯିବା କଥା। ଆଇନ ମନ୍ତ୍ରଣାଳୟ ଏହାର ତର୍ଜମା କରି ସୁପ୍ରିମକୋର୍ଟ କଲେଜିୟମଙ୍କୁ ରିପୋର୍ଟ ଦେଲେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। କୌଣସି ବିଚାରପତି ଅବସର ନେଲେ କିମ୍ବା ଇସ୍ତଫା ଦେଲେ ଖାଲିପଡୁଥିବା ପଦ ତୁରନ୍ତ ପୂରଣ କରିବା କଥା। ହେଲେ ଏଥିରେ ବିଳମ୍ବ ଯୋଗୁ ମାମଲାଗୁଡ଼ିକ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ିରହୁଛି। ସୁପ୍ରିମକୋର୍ଟରେ ଗତ ସେପ୍ଟେମ୍ବରରେ ନୂଆ ୪ ବିଚାରପତି ନିଯୁକ୍ତି ହେବା ପରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ହେଲେ ବିଭିନ୍ନ ହାଇକୋର୍ଟରେ ବିଚାରପତିଙ୍କ ଅଭାବ ଯୋଗୁ ସମସ୍ୟା ଭୋଗିବାକୁ ପଡୁଛି।

### ଫାରୁକଙ୍କ ଭଉଣୀ, ଝିଅ ଅଟକ

**ଶ୍ରୀନଗର,୧୫।୧୦(ପି.ଟି.)**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପ୍ରତିବାଦରେ ବିକ୍ଷୋଭବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ଭଉଣୀ ଓ ଝିଅଙ୍କ ସମେତ କେତେଜଣ ମହିଳା କର୍ମୀଙ୍କୁ ପୋଲିସ ମଙ୍ଗଳବାର ଅଟକ ରଖିଛି। ଅବଦୁଲ୍ଲାଙ୍କ ଭଉଣୀ ସୁରେୟା ଏବଂ ଝିଅ ସାଫିୟା ମହିଳା ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଉଥିଲେ। ପୋଲିସର ବାରଣ ସତ୍ତ୍ୱେ ଧାରଣାରେ ବସିବାରୁ ପୋଲିସ ସେମାନଙ୍କୁ ଗାଡ଼ିରେ ବସାଇ ଅନ୍ୟତ୍ର ନେଇଯାଇଥିଲା।

# କଶ୍ମୀରରେ ମୋବାଇଲ ସେବା ଆରମ୍ଭ ପରେ ଏସ୍‌ଏମ୍‌ଏସ୍ ବନ୍ଦ

**ଶ୍ରୀନଗର,୧୫।୧୦(ପି.ଟି.)**

ଜମ୍ମୁ-କଶ୍ମୀରରେ ସୋମବାରଠାରୁ ପୋଷ୍ଟପେଡ୍ ମୋବାଇଲ ସେବା ଆରମ୍ଭ ହୋଇଥିଲାବେଳେ କିଛି ସମୟ ପରେ ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଦିଆଯାଇଛି। ୭୨ ଦିନ ବନ୍ଦ ରହିବା ପରେ ସୋମବାର ମଧ୍ୟାହ୍ନରୁ କେବଳ ପୋଷ୍ଟପେଡ୍ ଗ୍ରାହକମାନଙ୍କ ନିମନ୍ତେ ମୋବାଇଲ ସେବା ଉପଲବ୍ଧ ହୋଇଥିଲା। ତେବେ କୌଣସି ଇଣ୍ଟରନେଟ ସୁବିଧା ଦିଆଯାଇ ନ ଥିଲା। ଅପରାହ୍ଣ ୫ଟାରୁ ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଦିଆଯାଇଥିଲା। ମୋବାଇଲ ସେବା ଆରମ୍ଭ ହୋଇଥିବାରୁ ଉପତ୍ୟକାରେ ଆନନ୍ଦର ଲହରି ଖେଳିଯାଇଥିଲାବେଳେ ଏସ୍‌ଏମ୍‌ଏସ୍ ସେବା ବନ୍ଦକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସତର୍କତାମୂଳକ ପଦକ୍ଷେପ ଲାଗି ଏସ୍‌ଏମ୍‌ଏସ୍ ସେବା ବନ୍ଦ କରିଦିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ମୋବାଇଲ ଓ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଥିଲା।

# ଦୁର୍ଘଟଣାରେ ୭ ତୀର୍ଥଯାତ୍ରୀ ମୃତ

**ଅମରାବତୀ, ୧୫।୧୦**

ଆନ୍ଧ୍ରପ୍ରଦେଶରେ ଏକ ସଡ଼କ ଦୁର୍ଘଟଣା ଯୋଗୁ କର୍ଣାଟକର ୭ ତୀର୍ଥଯାତ୍ରୀ ପ୍ରାଣ ହରାଇଥିବାବେଳେ ୫ ଗୁରୁତର ଥିବା ଜଣାପଡ଼ିଛି। ଇଷ୍ଟ ଗୋଦାବରୀ ଜିଲାର ପାର୍ବତ୍ୟାଞ୍ଚଳରେ ଏକ ବସ୍ ଯୋଗେ ସେମାନେ ଯାତ୍ରା କରୁଥିବାବେଳେ ମଙ୍ଗଳବାର ଏଭଳି ଦୁର୍ଘଟଣା ଘଟିଥିଲା। ମୃତାହତମାନେ ଚିତ୍ରଦୁର୍ଗ ଜିଲା ଚେଲେକେରୀର ବୋଲି ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ ଲାଗି ସେମାନେ ଏକ ମିନି ବସ୍‌ରେ ଆସିଥିଲେ। ତେଲେଙ୍ଗାନାର ଭଦ୍ରାଚଲମ୍ ଶିବମନ୍ଦିର ବୁଲିସାରିବା ପରେ ସେମାନେ ଆନ୍ଧ୍ରପ୍ରଦେଶର ଆନ୍ନାବରମସ୍ଥିତ ସତ୍ୟନାରାୟଣ ସ୍ୱାମୀ ମନ୍ଦିର ବୁଲିବାକୁ ଯାଉଥିଲେ। ଚିନ୍ତୁରୁଘାଟର ବାଲ୍ମୀକି କୋଣ୍ଡାଠାରେ ଦୁର୍ଘଟଣା ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ୬ ତୀର୍ଥଯାତ୍ରୀ ଦୁର୍ଘଟଣା ସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲ ଯିବା ବାଟରେ ପ୍ରାଣ ହରାଇଥିଲେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଏନେଇ ଦୁଃଖ ପ୍ରକାଶ କରିଥିବାବେଳେ ଆହତଙ୍କୁ ଠିକ୍ ଚିକିତ୍ସା ଯୋଗାଇ ଦେବା ଲାଗି ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



### ୨ ଜମାକାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

ପିଏମ୍‌ସି ବ୍ୟାଙ୍କ ଦୁର୍ନୀତି

**ମୁମ୍ବାଇ,୧୫।୧୦:** ପଞ୍ଜାବ ଓ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମ୍‌ସି) ବ୍ୟାଙ୍କ ଦୁର୍ନୀତି ଯୋଗୁ ଟଙ୍କା ଉଠାଣ ଉପରେ କଟକଣା ଲାଗୁ ହୋଇଥିବାରୁ ସୋମବାର ଦୁଇଜଣ ଜମାକାରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଜେଟ ଏୟାରୱେଜ୍ ଚାକିରି ହରାଇଥିବା ସଞ୍ଜୟ ଗୁଲାଟି ପିଏମ୍‌ବି ବ୍ୟାଙ୍କରେ ତାଙ୍କର ଜୀବନବ୍ୟାପୀ ସଞ୍ଚୟ ୯୦ ଲକ୍ଷ ଟଙ୍କା ଫେରିପାଇବାରେ ଅନିଶ୍ଚିତତା ଆଶଙ୍କା କରି ମ୍ରିୟମାଣ ହୋଇପଡିଥିଲେ। ତାଙ୍କର ଭିନ୍ନକ୍ଷମ ପୁଅଙ୍କ ଚିକିତ୍ସା ପାଇଁ ନିୟମିତ ଟଙ୍କା ଦରକାର ଥିଲା। ଉକ୍ତ ବ୍ୟାଙ୍କ ଦୁର୍ନୀତି ବିରୋଧରେ ବିକ୍ଷୋଭ ସମାବେଶରେ ସଞ୍ଜୟ ଯୋଗ ଦେଇ ଫେରିବାର କିଛି ସମୟ ପରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ମୁମ୍ବାଇର ଅନ୍ୟ ଜଣେ ପିଏମ୍‌ସି ବ୍ୟାଙ୍କ ଜମାକାରୀ ଫତ୍ତୋମାଲ ପଞ୍ଜାବୀଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି।

# 'ସ୍ୱଦେଶୀ ଅସ୍ତ୍ରରେ ପରବର୍ତ୍ତୀ ଯୁଦ୍ଧ ଜିତିବୁ'

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**



ବିପିନ ରାୱତ

ସଶସ୍ତ୍ର ବାହିନୀରେ ସ୍ୱଦେଶୀ ଜ୍ଞାନକୌଶଳକୁ ଅଧିକ ମାତ୍ରାରେ ସାମିଲ କରିବା ଉପରେ ସେନାମୁଖ୍ୟ ଜେନେରାଲ ବିପିନ ରାୱତ ଗୁରୁତ୍ୱାରୋପ କରିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ର ବ୍ୟବସ୍ଥାରେ ଭାରତ ପରବର୍ତ୍ତୀ ଯୁଦ୍ଧ ଲଢ଼ି ଜିତିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଡିଆର୍‌ଡିଓର ୪୧ତମ ନିର୍ଦ୍ଦେଶକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜେନେରାଲ ରାୱତ କହିଥିଲେ, ଭବିଷ୍ୟତ ଯୁଦ୍ଧକୁ ଦୃଷ୍ଟିରେ ରଖି ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଏଥିପାଇଁ ଆମକୁ ସାଇବର ସ୍ପେସ୍, ଲେଜର, ଇଲେକ୍ଟ୍ରୋନିକ ଯୁଦ୍ଧ ସରଞ୍ଜାମ ଏବଂ ରୋବୋଟ ବିଜ୍ଞାନ ସମେତ କୃତ୍ରିମ ବୈଦ୍ଧିକତାର ବିକାଶ କରାଯିବା ଜରୁରୀ। ଏ ସମ୍ପର୍କରେ ଏବେଠାରୁ ଚିନ୍ତା ନ କଲେ ବହୁତ ବିଳମ୍ବ ହୋଇଯିବ ବୋଲି ସେନାମୁଖ୍ୟ କହିଛନ୍ତି।

ଏହି ଅବସରରେ ସେନାମୁଖ୍ୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ସଫଳତାକୁ ନେଇ ଉଚ୍ଚ ପ୍ରଶଂସା କରିଥିଲେ। ଭାରତ ଅନ୍ୟତମ ସର୍ବାଧିକ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ରାଷ୍ଟ୍ର। ସ୍ୱାଧୀନତାର ୭ ଦଶନ୍ଧି ପରେ ଏଭଳି ମନ୍ତବ୍ୟ ଦେବା ଆଦୌ ଗର୍ବର କଥା ନୁହେଁ। ତେବେ ଗତ କିଛି ବର୍ଷ ମଧ୍ୟରେ ଏଥିରେ ପରିବର୍ତ୍ତନ ଆସିପାରିଛି। ସ୍ୱଦେଶୀ ଜ୍ଞାନକୌଶଳରେ ସେନାର ଆବଶ୍ୟକତା ପୂରଣ କରିବା ଲାଗି ଡିଆର୍‌ଡିଓ ପ୍ରତିଶ୍ରୁତିବଦ୍ଧ ଓ ସେ ଦିଗରେ କାର୍ଯ୍ୟ ଜାରି ରଖିଛି ବୋଲି ଜେନେରାଲ ରାୱତ କହିଥିଲେ।

ଡିଆର୍‌ଡିଓର ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ବାୟୁସେନା ମୁଖ୍ୟ ଆର୍.କେ.ଏସ୍. ଭଦୌରିଆ, ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ, ଡିଆର୍‌ଡିଓ ମୁଖ୍ୟ ଜି. ସଥିଶ ରେଡ୍ଡୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲମ୍ୟାନ୍ ଏପିଜେ ଅବଦୁଲ କଲାମଙ୍କ ୮୮ତମ ଜନ୍ମବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଡିଆର୍‌ଡିଓ ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜ୍ଞାନର ଅଗ୍ରଗତି ମାଧ୍ୟମରେ ଦେଶର ବିକାଶ ଲାଗି କଲାମ ଦେଖିଥିବା ସ୍ୱପ୍ନକୁ ଅନୁଭବ କରିବା ସହ ତାଙ୍କ ଜୀବନୀ ଓ କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହେବା ଲାଗି ରାଜନାଥ ଆହ୍ୱାନ ଦେଇଥିଲେ। ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ଲାଗି ସ୍ୱଦେଶୀ ସିଷ୍ଟମର ବିକାଶ ଉପରେ ସେ ଜୋର ଦେଇଥିଲେ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବସ୍ ଧକ୍କାରେ ମା, ଝିଅ ଗୁରୁତର

ବାମରା, ୧୫।୧୦ (ଡି.ଏନ୍.ଏ.)

ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତ ତୁରିପଡା ଛକ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ବସ୍ (ଓଆର୍ ୧୬ ସି- ୯୩୪୫) ସହ ଧକ୍କା ହୋଇ ମା, ଝିଅ ଗୁରୁତର ଆହତ ହୋଇଛନ୍ତି । ଏମାନେ ହେଲେ ଚାରିଚୁଆଁ ଗ୍ରାମର ତପସ୍ୱିନୀ ନାଏକ (୪୭) ଓ ତାଙ୍କ ଝିଅ ରୀତା ନାଏକ (୨୩) । ଗୋବିନ୍ଦପୁର ପୋଲିସ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲା। ସେହିଭଳି ବସ୍ ଡ୍ରାଇଭର ଅଜୟ ତିର୍କୀଙ୍କୁ ଲୋକଙ୍କୁ କବଳରୁ ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି ଯେ, ରଙ୍ଗିଆଟିକ୍ରା ପଞ୍ଚାୟତ ଅଫିସରୁ ତପସ୍ୱିନୀ ବିଧବା ଭତ୍ତା ଓ ଚାଉଳ ନେଇ ତାଙ୍କ ଝିଅ ରୀତାଙ୍କ ସହ ସ୍କୁଟି (ଓଡି ୧୫ ଏଲ- ୩୪୩୭)ରେ ବାହାରିଥିଲେ। ଏହି ସମୟରେ କୁଚିଣ୍ଡାରୁ ରାଉରକେଲା ଅଭିମୁଖେ ଯାଉଥିବା ତାଜ ବସ୍ ସେମାନଙ୍କୁ ଧକ୍କା ହୋଇଥିଲା। ଫଳରେ ମା, ଝିଅ ରାସ୍ତା ଉପରେ ଛିଟିକି ପଡିଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ବାମରା ଡାକ୍ତରଖାନାକୁ ପଠା ଯାଇଥିଲା। ସେଠାରୁ ତପସ୍ୱିନୀଙ୍କୁ ସୁନ୍ଦରଗଡ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ରୀତା ଘରକୁ ଫେରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ବସ୍ ଓ ସ୍କୁଟିକୁ ଜବତ କରିଛି।







ରେଢାଖୋଲ କଇଥସାହି, ଖନ୍ଦାଡିପ ଓ ରଥସାହିରେ ଗଜଲକ୍ଷ୍ମୀ ପୂଜା ପାଇଁ ନିର୍ମିତ ତୋରଣ ।

# ଗଜଲକ୍ଷ୍ମୀ ପୂଜାରେ ରେଢ଼ାଖୋଲ ଚଳଚଞ୍ଚଳ

ରେଢ଼ାଖୋଲ,୧୫।୧୦(ଡି.ଏନ.ଏ.)

ରେଢ଼ାଖୋଲରେ ମହାସମାରୋହରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ସହର ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି। ସହରର ପ୍ରାୟ ୧୩ରୁ ଉର୍ଦ୍ଧ୍ୱ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ନାମ ସଂକୀର୍ତ୍ତନ, ଢୋଲ, ନିଶାଣ ବଜାଇ ପୂଜା କମିଟି କର୍ମକର୍ତ୍ତା କଳସ ବରଣ ଶୋଭାଯାତ୍ରାରେ ଯାଇ ଗଜ ଲକ୍ଷ୍ମୀଙ୍କ ପୂଜା କରାଯାଇଛି। ସହରର ଖନ୍ଦାଡିପ, ଗଣେଶନଗର, କଳିନ୍ଦର, ରଥସାହି, ଯଦୁମଣିପାଟଣା, ଦେହୁରୀ ସାହି, ଡିମିରିକୁଦା, କୁରୁମଟିକିରା, କଇଥସାହି, ନୂଆଁ ସାହି, ଅମ୍ବେଦକରନଗର, ଶୁଣ୍ଢିମୁଣ୍ଡା, ବିଜେପୁର ପ୍ରଭୃତି ପଡାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ସେହିପରି ବ୍ଲକର କଦଳୀଗଡ, କୁକୁଡାବାହାଲି, ତ୍ରୀବଣପୁର, ଚାରମାଲ, ବାରବାଙ୍କ, ଲୁହାପଙ୍କ ହେଲେଇ, ବଡମାଳ ଆଦି ଗ୍ରାମରେ ମଧ୍ୟ ପୂଜା ଅନୁଷ୍ଠିତ ହେଉଛି। ତେବେ ରେଢ଼ାଖୋଲରେ ବହୁ ବର୍ଷ ଧରି ଆଡମ୍ବରପୂର୍ଣ୍ଣ ପୂଜା ଅନୁଷ୍ଠିତ ହୋଇ ଆସୁଛି। ପ୍ରତି ବର୍ଷ ପ୍ରତିଯୋଗିତା ମୂଳକ ଭାବେ ବିଭିନ୍ନ ପୂଜା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ମୂର୍ତ୍ତି ନିର୍ମାଣ କରାଯାଉଛି। ତୋରଣ, ଆଲୋକ ସାଜସଜ୍ଜା କରାଯାଉଛି। ଚଳିତ ବର୍ଷ କିନ୍ତୁ କେତେକ ପୂଜାମଣ୍ଡପରେ ନିରାଡମ୍ବର ଭାବେ ପୂଜା ଅନୁଷ୍ଠିତ ହେଉଛି। ଓଡିଶାର ବ୍ରହ୍ମପୁର, କଟକ, ଫୁଲବାଣୀ ପ୍ରଭୃତି ଅଞ୍ଚଳରୁ କାରିଗରମାନେ ଆସି ମୂର୍ତ୍ତି, ଲାଇଟ ଓ ତୋରଣ ନିର୍ମାଣ କରିଛନ୍ତି। ପ୍ରାୟ ୧୦ ଦିନଧରି ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ରେଢ଼ାଖୋଲ ସହର ଉତ୍ସବ ମୁଖର ହୋଇ ଉଠିଛି। ଚଳିତ ବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବେଆଇନ ଚାନ୍ଦାମଗାକୁ ରୋକ୍ ଲଗାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂଜାମଣ୍ଡପ ଗୁଡିକରେ ପୋଲିସ ବନ୍ଦୋବସ୍ତ କରାଯାଇଛି। ଆସନ୍ତା ୨୩ ତାରିଖ ବିସର୍ଜନ କରାଯିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଆଜି ଗୋଧିଢ଼ିପ ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି, ବିସର୍ଜନ



ଗୋଧିଢ଼ିପରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

ନାକଟିଦେଉଳ, ୧୫।୧୦ (ଡି.ଏନ.ଏ)

ନାକଟିଦେଉଳ ବ୍ଲକର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି। ଗୋଧିଢ଼ିପସ୍ଥିତ ମହାଲକ୍ଷ୍ମୀ ପୂଜାମଣ୍ଡପରେ ଶନିବାରଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏଥିରେ ଗୋଧିଢ଼ିପ, ମାରୁଆଡିମୁଣ୍ଡା ଏବଂ ନାଟୁଆବୁରୀ ଗ୍ରାମବାସୀ ସହଯୋଗ କରୁଛନ୍ତି। ଏହି ଅବସରରେ ଟିକିରା ଏବଂ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପକୁ ଆସିଥିଲେ। ଅକ୍ଷୟ ରାଉଳ ସପତ୍ନୀକ ଏଥିରେ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ବୁଧବାର ପୂର୍ଣ୍ଣାହୂତି ପଡିବା ସହ ସନ୍ଧ୍ୟାରେ ବିସର୍ଜନ କରାଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି । ଏହି ଅବସରରେ ପୂଜା ମଣ୍ଡପକୁ ସୁନ୍ଦର ଭାବେ ସାଜସଜ୍ଜା କରାଯିବା ସହ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି । ପୂଜା ମଣ୍ଡପରେ ପ୍ରତ୍ୟହ ଲକ୍ଷ୍ମୀପୁରାଣ ପାଠସହ ନାମ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଉଛି। ସନ୍ଧ୍ୟାରେ ବାଦ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଜଗନ୍ନାଥ ପ୍ରସାଦ, ଝାରବେଡା, ରେଙ୍ଗାଲିପଞ୍ଝୁ, ବାଟଗାଁ, ଗୋବିନ୍ଦପୁର, ଗଦାଧରପୁର, ବସାଲୋଇ, କେଉଟବେର୍ଣ୍ଣା, ବଳମ, କଞ୍ଚନପୁର, ଶିମିଳିପାଳ, ଲଣ୍ଡିମାଳ, ଡଇଁଚା, ହିତସରା, ଲଇଜା ଆଦି ଗାଁରେ ମଧ୍ୟ ପୂଜା ବେଶ୍ ଯାକଜମକରେ ଆୟୋଜିତ ହେଉଛି । ଏଥିପାଇଁ ପୂଜା ମଣ୍ଡପକୁ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ପୂଜା କମିଟି ଗୁଡିକ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଛି। ସନ୍ଧ୍ୟାରେ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି ।

# ଗାଡ଼ି ଚାଳକ, ଯାତ୍ରୀଙ୍କୁ ସଡକ ସୁରକ୍ଷା ନିୟମ ଉପରେ ସଚେତନ କରାଗଲା

ଜମନକିରା, ୧୫। ୧୦ (ଡି.ଏନ୍.ଏ)

ଜମନକିରା ବ୍ଲକ୍ ଭୋଜପୁରଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧୀୟ 'ରକ୍ଷକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଚିଣ୍ଡା ସବ୍‌ଇନସ୍ପେକ୍ଟର ବିଦୁଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଜପୁର ପଞ୍ଚାୟତ ସରପଞ୍ଚ ଟିକେଶ୍ୱର ପାତ୍ର ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରତାପ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ଼ ଧରି ଗାଁ ପରିଭ୍ରମଣ କରିଥିଲେ। ଭୋଜପୁର ଛକରେ ଏକତ୍ରିତ ହୋଇ ଗାଡ଼ି ଚାଳକ ଓ ଯାତ୍ରୀଙ୍କୁ ସଡକ ସୁରକ୍ଷା ଓ ନିୟମ ଉପରେ ବୁଝାଇଥିଲେ। ମ୍ରିନାଲ ଦେବନାଥ, ରାଜୀବ ନାୟକ, ସୁବ୍ରତ କୁମାର ପଟେଲ, ନିରୁ ବାଘ, ଶିବ ସୁନାନୀ, ପଙ୍କଜ ବେହେରା, ଶରତ ନାଏକ, ମିଲି ନାୟକ, କୃଷ୍ଣ ଚନ୍ଦ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।



ଜମନକିରାରେ ଗାଡ଼ି ଚାଳକ, ଯାତ୍ରୀଙ୍କୁ ସଡକ ସୁରକ୍ଷା ନିୟମ ଉପରେ ସଚେତନ କରିବାକୁ ଶୋଭାଯାତ୍ରା ବାହାରିଛି ।

# ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ କଲାମ ଜୟନ୍ତୀ



ସମ୍ବଲପୁର ଜିଲା ସ୍କୁଲ ଛକସ୍ଥିତ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ମାଲ୍ୟାର୍ପଣ ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷ।

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବୁର୍ଲା ଏନଏସି କଲେଜର ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କଲାମଙ୍କ ବୈଜ୍ଞାନିକ ଜୀବନୀ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ସରୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଗୌରିଦାସ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବେନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ଓଡିଶା ସାଂସ୍କୃତିକ ସମାଜ ବରିଷ୍ଠ ସଭ୍ୟ ରଘୁନାଥ ମିଶ୍ର ଜିଲା ସ୍କୁଲ ଛକସ୍ଥିତ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶିକ୍ଷାବିତ ଅରବିନ୍ଦ ମିଶ୍ର, ଚାଷୀନେତା ଶଶିଭୂଷଣ ତ୍ରିପାଠୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ହରିଶଙ୍କର ପଣ୍ଡା, ଶିବ ପ୍ରସାଦ ମେହେର, ନରେନ୍ଦ୍ର ପାଣିଗ୍ରାହୀ, ଲଳିତ ବୈବର୍ତ୍ତା, ମୋତିଲାଲ ଦୋରା, ସୁରେଖା ସାହୁ, କଳ୍ପନା ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ଡ. ବିଜୟ କୁମାର ପ୍ରଧାନ, ଲୋକନାଥ ପାଣ୍ଡେଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସେଠାରେ ଉପସ୍ଥିତ ଥିଲେ।

# ସମସ୍ତଙ୍କୁ ମସଗୁଲ କଲା ଦାଣ୍ଡିଆ



ବାମରାରେ ଦାଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଆୟୋଜକ ।

ବାମରା, ୧୫।୧୦ (ଡି.ଏନ.ଏ.)

ବାମରା ମାରୱାଡି ମହିଳା ସମିତି ପକ୍ଷରୁ ସ୍ଥାନୀୟ କାଳୀ ମଣ୍ଡପଠାରେ ଦାଣ୍ଡିଆ ଓ ଗରବାରାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶିଖା ଦୁବେ, ରାଧିକା ଚୌଧୁରୀ, ରୋମା ଚୌଧୁରୀ, ସଞ୍ଜନା କୁମାରୀ, ରାଧିକା ଲାଠ, ଅସ୍ମିତା ଶର୍ମା, ମନିଷା ଓ ପ୍ରୀତି ପ୍ରମୁଖ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିଲେ। ସେହିଭଳି ମେଧା ଚୌଧୁରୀ, ଅଞ୍ଜନା ଖଣ୍ଡେଲୱାଲ, ପାୟଲ ରାଣା, ପୂଜା, ଅନୁରାଧା, ରାକ୍ଷୀ, କାଜଲ, ବୈଷ୍ଣବି ଓ ଇତିଶ୍ରୀ ପ୍ରମୁଖ ମଧ୍ୟ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ରଶ୍ମି ଅଗ୍ରୱାଲ ଓ ଜ୍ୟୋତ୍ସ୍ନା ଲାଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାନ୍ତା ଖଣ୍ଡେଲୱାଲ, ଭାରତୀ ଖଣ୍ଡେଲୱାଲ, ଗୁଣବନ୍ତି ୱାଡେର ଓ ମମତା ଅଗ୍ରୱାଲ ନିର୍ଣ୍ଣାୟକ ମଣ୍ଡଳୀରେ ସାମିଲ ହୋଇଥିଲେ । ବିଷ୍ଣୁ ଅଗ୍ରୱାଲ, ସୁନୀଲ ଲାଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳସ ମୁଣ୍ଡେଇଲେ ମହିଳା ଜନ ପ୍ରତିନିଧି

ଚିପିଲିମା, ୧୫।୧୦ (ଡି.ଏନ.ଏ.)

ବୁର୍ଲା ନିକଟ କର୍ଡୋଲା, ଅନ୍ଧାରୀପତ୍ରା ଓ ଝାରମୁଣ୍ଡା ଗ୍ରାମରେ ମାଁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଛି। କର୍ଡୋଲାରେ ମହାନଦୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ସଂଯୁକ୍ତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ସ୍ଥାନୀୟ ସରପଞ୍ଚ ବିଶ୍ୱବନ୍ଧ୍ୟା ବଡ଼ାଇ ସାମିଲ ହୋଇ କଳସ ବୋହିଥିଲେ। ପ୍ରଫୁଲ୍ଲ କୁମାର ନାୟକ ପୂଜାର୍ଚ୍ଚନା କରିଥିବାବେଳେ କର୍ତ୍ତା ଭାବରେ ଗ୍ରାମର ଅଶୋକ ପ୍ରଧାନ ସପତ୍ନୀକ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ବୁଧବାର ପୂର୍ଣ୍ଣାହୂତି ପଡିବ। ସୁସଜ୍ଜିତ ରଙ୍ଗୀନ ଆଲୋକ ସଜ୍ଜାରେ ଗାଁ ଝଲସି ଉଠିବା ସହ ଚଳଚଞ୍ଚଳ ହୋଇ ଉଠିଛି । ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ସହ ବିଭିନ୍ନ ଦୋକାନ ବଜାର ବସିଛି। ସେହିପରି ଅନ୍ଧାରୀପତ୍ରା ଓ ଝାରମୁଣ୍ଡାରେ ମଧ୍ୟ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି।

# ହାତ ଧୋଇବାକୁ ସଚେତନ କାର୍ଯ୍ୟକ୍ରମ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମଙ୍ଗଳବାର ଲପଙ୍ଗା ବୋମାଲୋଇ ଉଚ୍ଚ ପ୍ରାଥମିକ ସ୍କୁଲ ଓ ସେବାଶ୍ରମଠାରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ଜଣ ଛାତ୍ରୀଛାତ୍ର, ଶିକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ସାମିଲ ଥିଲେ । ଛାତ୍ରୀଛାତ୍ର କିପରି ଭାବେ ୭ଟି ସୋପାନରେ ହାତ ଧୋଇବେ ସେ ନେଇ ସୂଚନା ଦିଆ ଯାଇଥିଲା । ରେଙ୍ଗାଲି ବ୍ଲକର ୬ଟି ପଞ୍ଚାୟତ ଅନ୍ତର୍ଗତ ୧୨ଟି ସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବୋମାଲୋଇ ସରପଞ୍ଚ ଶେଷଦେବ ପ୍ରଧାନ, ସମିତି ସଭ୍ୟ ସତ୍ୟନାରାୟଣ ଅଗ୍ରୱାଲ, ସଂଗ୍ରାମ ସାରା, ଶ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେରା ଯୋଗଦେଇ ହାତ ଧୁଆ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର ସଚେତନତା ରାଲିରେ ସାମିଲ ଥିଲେ ।




ବିଶ୍ୱ ହାତଧୁଆ ଦିବସ ସଚେତନତା ରାଲି ।

## ଫଟୋରେ ଖବର








ସମ୍ବଲପୁର ରେଲୱେ କମ୍ୟୁନିଟିଠାରେ ମଙ୍ଗଳବାର ସର୍ବଭାରତୀୟ ରେଲୱେ ସୁରକ୍ଷା ବଳ ଦ୍ୱାରା ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ (ବାମ) । ପିଲାକନ୍ଦେଇ ପଡାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଏନଏସଏସ ପକ୍ଷରୁ ମଙ୍ଗଳବାର ଶିକ୍ଷା ସଚେତନତା ରାଲି କରାଯାଉଛି (ମଝି) । ପଡିଆବାହାଲ କଲୋନୀପଡାରେ କୈଳାଶୀ ଯାତ୍ରା



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ସଂକ୍ଷେପରେ

### ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ଜୁନାଗଡ,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତଳମଲା ମାହାରପଡାରେ ବେକରେ ଦଉଡ଼ି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଶରତ ଚନ୍ଦ୍ର ନାଏକ (୩୫)। ସୋମବାର ସନ୍ଧ୍ୟା ୭ଟାରେ ଘରେ କେହି ନ ଥିଲେ ଶରତ ଭିତରପଟୁ କବାଟ ବନ୍ଦ କରି ବେକରେ ଦୌଡିଦେଇ ଆତ୍ମହତ୍ୟା କରିଥିଲେ। ପରେ ପରିବାରବର୍ଗ ଜୁନାଗଡ ପୋଲିସରେ ଖବର ଦେଇଥିଲେ। ମଙ୍ଗଳବାର ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଗତ ଏକବର୍ଷ ହେବ ସ୍ତ୍ରୀ ଭାଗ୍ୟ ଓ ଝିଅଙ୍କୁ ଶଶୁର ଘର ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଲମ ଗାଁରେ ଛାଡି ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରୁ ଏବେ କିଛି ଦିନ ହେଲା ସେ ଘରକୁ ଫେରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୫-ଟି ସଚିବଙ୍କ ସମ୍ଭାବ୍ୟ ଗସ୍ତକୁ ନେଇ ତତ୍ପରତା

# ଜିଲା ଡାକ୍ତରଖାନାକୁ କରାଯାଉଛି ଚକାଚକ୍



ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ରଙ୍ଗ ଦିଆଯାଉଛି।



କୋଠାରେ ଲାଇଟ୍ ଓ ଫ୍ୟାନ୍ ଲଗାଯାଉଛି।

**ଦେବଗଡ,୧୫।୧୦(ଡି.ଏନ.ଏ.)**

କିଛିଦିନ ତଳେ ସୁନ୍ଦରଗଡ ଜିଲାକୁ ଅଚାନକ ଗସ୍ତ କରି ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିୟାନ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଡାକ୍ତରଖାନାରେ ଚିକିତ୍ସାରେ ଅବ୍ୟବସ୍ଥା ନେଇ ସୁନ୍ଦରଗଡ଼ ଜିଲା ଭାରପ୍ରାପ୍ତ ସିଡିଏମଙ୍କୁ ନିଲମ୍ବିତ ହେବାକୁ ପଡିଥିଲା। ଏହାର ସିଧା ପ୍ରଭାବ ପଡିଛି ଦେବଗଡ ଜିଲା ମୁଖ୍ୟ ଡାକ୍ତରଖାନା ଉପରେ। ଖବର ମୁତାବକ କାଲେ ଦେବଗଡକୁ ୫-ଟି ସଚିବ ଅଚାନକ ଗସ୍ତରେ ଆସିଯିବେ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଡାକ୍ତରଖାନା କୋଠା ରଙ୍ଗ କରାଯାଉଛି। କୋଠାରେ ନୂତନ ଫ୍ୟାନ, ଲାଇଟ ଲଗାଯିବା ସହ ସଫାସୁତୁରା ଜୋରସୋରରେ କରାଯାଉଛି । ଏପଟେ ସହରର ପାନ, ଚା ଦୋକାନ ଏବଂ ବିଭିନ୍ନ ଜନଗହଳି ସ୍ଥାନରେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ଏହିପରି ପ୍ରତ୍ୟେକ ମାସରେ ସଚିବ କି ମନ୍ତ୍ରୀ ଯଦି ଆସନ୍ତେ ଜିଲା ମୁଖ୍ୟ ଡାକ୍ତରଖାନା ଅବସ୍ଥା ପୁରା ସୁଧୁରି ଯାଆନ୍ତା।

### ଉପନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ବରଗଡ଼ ଅଫିସ୍/ବିଜେପୁର,୧୫।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉମାତ୍ର ୬ଦିନ ବାକି। ଉପନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏହି କ୍ରମରେ ମଙ୍ଗଳବାର ବିଜେପୁରରେ ପୋଲିସର ଫ୍ଲାଗମାର୍ଚ୍ଚ ହୋଇଛି। ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଫ୍ଲାଗମାର୍ଚ୍ଚରେ ସିଆର୍‌ପିଏଫ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ। ନିର୍ବାଚନ ମଣ୍ଡଳୀରେ ମୋଟ ୧୩୫ଟି ଭୋଟକେନ୍ଦ୍ର(ବୁଥ୍)କୁ ସମ୍ବେଦନ ଓ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୬ଟି ବୁଥ୍ ଉପାନ୍ତ ତଥା ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ରହିଥିବା ଦୃଷ୍ଟିରୁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ସାହୁ କହିଛନ୍ତି । ସେହିପରି ନିର୍ବାଚନ ମଣ୍ଡଳୀର ୧୧ଟି ସ୍ଥାନରେ ନାକାପୋଷ୍ଟ କରାଯାଇ ଯାଞ୍ଚ ଚାଲିଥିବା ବେଳେ ମାଇକ୍ରୋ ଅବଜର୍ଭରମାନେ ମଧ୍ୟ ସବୁଦିଗ ପ୍ରତି ନଜର ରଖିଥିବା ଏସ୍‌ପି ପ୍ରକାଶ କରିଛନ୍ତି ।

# ରୋଡ୍ ଶୋ' କରିବେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍/ବିଜେପୁର,୧୫।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ଓ ୧୮ତାରିଖ ଦୁଇଦିନିଆ ଗସ୍ତରେ ବରଗଡ଼ ଆସୁଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ତାଙ୍କ ଏହି ଗସ୍ତ ଅବସରରେ ଗୁରୁବାର ପୂର୍ବାହ୍ଣ ପ୍ରାୟ ୧୦ଟା ୪୫ମିନିଟ୍‌ରେ ବିଜେପୁର ବ୍ଲକ ଲାଉମୁଣ୍ଡାର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ସେଠାରୁ ରୋଡ୍ ଶୋରେ ବାହାରି କୁରକୁଟା, ପଥର୍ଲା, ବଡ଼ବାଉଁଶେନ, ସାଇପାଲି, ଖରମୁଣ୍ଡା, ଟି-ଗଣ୍ଡପାଲି, ଚାରପାଲି, କଲଙ୍ଗାପାଲି, ଗୁଡ଼ିମୁଣ୍ଡା, ବିଜେପୁର ଦେଇ ବନ୍ଧପାଲି, ଗୋପେଇପାଲି, ବରଗାଁ ଛକକୁ ଯାଇ ବାଟରେ ସମବେତ ଜନତାଙ୍କ ସମ୍ମୁଖରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣ ୧ଟା ୨୪ମିନଟ୍‌ରେ ବରପାଲି ଡାକବଙ୍ଗଳାରେ ପହଞ୍ଚି ସାଢ଼େ ୩ଟା ପର୍ଯ୍ୟନ୍ତ ରହିବେ । ପରେ ପୁଣି ସେଠାରୁ ରୋଡ୍ ଶୋରେ ବାହାରି ମୁଖ୍ୟମନ୍ତ୍ରୀ ରେମତା, କୁମ୍ଭାରୀ, ପାଟକୁଲୁଣ୍ଡା, କାଇଁଶିର, ବାରଙ୍ଗପାଲି, ସିର୍କିଡ଼ି, ସତଲମା, ହଲଦୀପାଲି, ଭଟିଗାଁ, ବାରଗୁଡ଼ା, ମହଦା, ତିନକାନୀ ଛକ, ଆଗଲପୁର, ତିଲେଇମାଲ ଛକ, ତେଜଙ୍ଗ, ରକ୍ସାରେ ପ୍ରଚାର ସାରି ରାତ୍ରି ପ୍ରାୟ ୭ଟା ୪୦ମିନିଟ୍‌ରେ ବରଗଡ଼ ପିଡବ୍ଲୁଡ଼ି ଡାକବଙ୍ଗଳା ପହଞ୍ଚି ରାତ୍ରିଯାପନର କାର୍ଯ୍ୟକ୍ରମ ରହିଛି ।

ଅନୁରୂପ ଭାବେ ଶୁକ୍ରବାର ପୂର୍ବାହ୍ଣ ୯ଟା ୩୦ମିନିଟ୍‌ରେ ବରଗଡ଼ ପିଡବ୍ଲୁଡ଼ି ଡାକବଙ୍ଗଳାରୁ ବାହାରି ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡ୍‌ରୁ ହେଲିକ୍ୟାପ୍ଟର ଯୋଗେ ଯାଇ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲି ଯାତ୍ରା ପଡ଼ିଆରେ ଦିନ ୧୦ଟାରେ ଓହ୍ଲାଇବେ । ସେଠାରୁ ପୂର୍ବଦିନ ଭଳି ରୋଡ୍ ଶୋରେ ବାହାରି କେନ୍ଦୁଭଟା ଛକ, ଗୋରୁମୁଣ୍ଡା ଛକ, ଗାଇସିଲେଟ୍ ମନ୍ଦିର ଛକ, କନ୍ଧମୁଣ୍ଡା, କଠଉମାଲ, ବଡ଼ସାହାଜବାହାଲ, ଜଗଲପାଟ, ଭାଙ୍ଗମୁଣ୍ଡା, ଡାଙ୍ଗବାହାଲ, ଶରଧାପାଲି, କରଞ୍ଜାପାଲି ଶହୀଦ ଛକ, କେର୍ମେଲି ଚାରିଛକ, କୁଣ୍ଡାଖାଇ, ଗୁଦେରପାଲିରେ ପ୍ରଚାର କରିବେ । ଗୁଦେରପାଲିରେ ପୂର୍ବାହ୍ଣ ୧ଟା ୪୫ମିନିଟ୍‌ରେ ପ୍ରଚାର ସାରିବେ ଏବଂ ଅପରାହ୍ଣ ୨ଟା ୧୫ମିନିଟ୍‌ରେ ସେଠାକାର ଅସ୍ଥାୟୀ ହେଲିପ୍ୟାଡ୍‌ରୁ ହେଲିକ୍ୟାପ୍ଟର ଯୋଗେ ନବୀନ ନିବାସ ଫେରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ ମରାମତି ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ପାଇଁ ଉଦ୍ଦିଷ୍ଟ ବସ୍ ମଧ୍ୟ ମଙ୍ଗଳବାର ବିଜେପୁର ପହଞ୍ଚି ସାରିଛି । ବସ୍ ଏଠାକୁ ପହଞ୍ଚିବା ପରେ ମଙ୍ଗଳବାର ବିଜେପୁରରୁ ଖରମୁଣ୍ଡା ମାମାଛକ ପର୍ଯ୍ୟନ୍ତ ଟ୍ରାଏଲ ପାଇଁ ଯାଇଥିବା ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି ।

# ଜେଲ୍ ଅନ୍ତେବାସୀଙ୍କୁ ନେଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୫।୧୦ (ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାର ପରିସରରେ ମଙ୍ଗଳବାର ଶାନ୍ତିନଗର ସାଇ ଚରଣ ମନ୍ଦିର ପକ୍ଷରୁ ସବ୍‌କା ମାଲିକ୍ ଏକ୍ ତଥା ସର୍ବଧର୍ମ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅମୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମନ୍ଦିର ଟ୍ରଷ୍ଟି ସୌଗତା ଷଡଙ୍ଗୀ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ଶିରିଡି ସାଇନାଥଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସର୍ବଧର୍ମ ଭଜନ ପରିବେଷଣ କରାଯାଇଥିଲା । ନୃତ୍ୟଗୁରୁ ଆନନ୍ଦ ପଣ୍ଡା ଏକକ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଆଳତି ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା ।



ସମ୍ବଲପୁର ମଣ୍ଡଳ କାରାଗାରରେ ମଙ୍ଗଳବାର ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନ୍ତେବାସୀମାନେ।



ଦେବଗଡ଼ ସହର ପୁରୁଣାଗଡ଼ ଚଷା ସାହି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ନିର୍ମିତ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପ୍ରତିମା।



ଦେବଗଡ଼ ସହର ନିଉ କଲୋନି ପଣ୍ଡାସାହି ପୂଜା କମିଟି ପକ୍ଷର ନିର୍ମିତ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପ୍ରତିମା।

### ବରପାଲିରେ ଭାଜପାର ମହିଳା ସମାବେଶ

**ବରପାଲି, ୧୫।୧୦ (ଡି.ଏନ.ଏ)**

ଉପନିର୍ବାଚନକୁ ଆଉ ଅଳ୍ପ ଦିନ ଥିବା ବେଳେ ନିର୍ବାଚନ ବାତାବରଣ ଉଷ୍ମ ହେବାରେ ଲାଗିଛି । ଏହି ଅବସରରେ ବରପାଲି ୱାର୍ଡ ନଂ. ୪ସ୍ଥିତ ଗାନ୍ଧୀ ପାଠାଗାରରେ ଭାଜପାର ଏକ ମହିଳା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଦଳୀୟ ପ୍ରାର୍ଥୀ ସନତ ଗଡତିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଇରାଶିଶ ଆଚାର୍ଯ୍ୟ ପ୍ରମୁଖ ଦଳୀୟ କର୍ମୀ ତଥା ଦଳର ମହିଳାନେତ୍ରୀଙ୍କୁ ନେଇ ସହରର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ପରେ ଦୁବେପଡା, ମେହେରପଡାରେ ଆୟୋଜିତ ବୈଠକରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ ।

# ବିଶ୍ୱ ହାତଧୁଆ ଦିବସ ପାଳିତ

**ଦେବଗଡ଼,୧୫।୧୦(ଡି.ଏନ୍.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ଦେବଗଡ଼ ନେହେରୁ ଯୁବକେନ୍ଦ୍ର ଓ ସୁଗୁଡ଼ା ନେତାଜୀ କ୍ଲବର ମିଳିତ ସହଯୋଗରେ ଅପୂର୍ବ ସରକାରୀ ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କୁମୁଦ ଚନ୍ଦ୍ର ଶତପଥୀ, ପ୍ରଧାନ ଶିକ୍ଷକ ଦେବାନନ୍ଦ ପ୍ରଧାନ, ସହକାରୀ ଶିକ୍ଷକ ଦାଶରଥି ପ୍ରଧାନ, ନଳିନୀ କୁମାର ଭୋଇ, ପ୍ରାଣବନ୍ଧୁ ଘଡ଼େଇ, ଭବାନୀକାନ୍ତ ପ୍ରଧାନ, ତ୍ରିବେଣୀକାନ୍ତ ସାହୁ, କ୍ଲବ ସଭାପତି ସନୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ହାତଧୁଆ ଦିବସର ତାତ୍ପର୍ଯ୍ୟ ଏବଂ ସ୍ୱଚ୍ଛତା ବିଷୟରେ ବିଭିନ୍ନ ଉପଦେଶ ଦେଇଥିଲେ। ଏପରି କି ହାତ ଧୋଇବାର ୬ଟି ସୋପାନ ଶିଖାଇଥିଲେ। ଏହି ଅବସରରେ ସ୍ୱଚ୍ଛତା ସମ୍ପର୍କିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସାମାଜିକ କର୍ମୀ ଯଶୋବନ୍ତ ଭୋଇ, କେଶବ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ।



ବିଶ୍ୱ ହାତଧୁଆ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

### ଫସଲ ବୀମା, ଇନ୍‌ପୁଟ୍ ସବ୍‌ସିଡି ଦାବିରେ ତାତିଲେ ଚାଷୀ

# ବୀମା କମ୍ପାନୀ ଆଗରେ ସରକାର ନତମସ୍ତକ

**ସମ୍ବଲପୁର,୧୫।୧୦ (ବ୍ୟୁରୋ)**

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବୀମା କମ୍ପାନୀ ଆଗରେ ନତ ମସ୍ତକ ହୋଇ ରହୁଛନ୍ତି । ବୀମା କମ୍ପାନୀ ସହ ଚୁକ୍ତି କରୁଛନ୍ତି। ହେଲେ କମ୍ପାନୀ ଖିଲାପ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ଉଭୟ ସରକାର ସାହସ କରି ପାରୁନାହାନ୍ତି । ଫସଲ ନଷ୍ଟ ହେଲା। ବୀମା କମ୍ପାନୀ ପରିସଂଖ୍ୟାନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରି ବୀମା ଟଙ୍କା ଦେବାକୁ ଘୋଷଣା କଲେ । ହେଲେ ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଚାଷୀ ଟଙ୍କା ପାଇ ପାରିଲା ନାହିଁ । ଏଥିପାଇଁ ଜିଲା ତଥା ପଡୋଶୀ ଜିଲାରେ ମଧ୍ୟ ଚାଷୀମାନେ ଦୀର୍ଘ ୯ ମାସ ହେଲା ଧାରାବାହିକ ଭାବେ ବିଭିନ୍ନ ଉପାୟରେ ଆନ୍ଦୋଳନ କରି ଆସୁଛନ୍ତି । ହେଲେ ସରକାର ପଥର ପରି ରହିଛନ୍ତି । ଏଭଳି ହେଲେ ଆଗାମୀ ଦିନରେ ଏକ ମହା ଆନ୍ଦୋଳନ ରୂପ ନେବାକୁ ଯାଉଛି। ଏଥିପାଇଁ ସରକାର ଦାୟୀ ରହିବେ । ଅନ୍ୟପଟେ ଧାନ କିଣାବିକା ହେଉ କି ଚାଷ ସହ ଜଡିତ କୌଣସି ବୈଠକରେ ଚାଷୀମାନଙ୍କୁ ସାମିଲ କରାଯାଉ ନାହିଁ । ଧାନ କିଣା ବିକାରେ ମଧ୍ୟ ସମସ୍ୟା ହୋଇ ଆସୁଛି । ଏବେ ବିଲରେ କାମ କରିବା ସମୟରେ ଚାଷୀମାନେ ଆନ୍ଦୋଳନ ଓ ବୈଠକ କରୁଛନ୍ତି। ମାନେଶ୍ୱର ବ୍ଲକ ସେସୁଁଆତଳଠାରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏକ ବୈଠକରେ ଚାଷୀମାନେ ସରକାରଙ୍କ ଉପରେ ଉପରେ ଏଭଳି ବର୍ଷିଛନ୍ତି। ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହାକ ଅଶୋକ ପ୍ରଧାନଙ୍କ, ବ୍ୟୋମକେଶ ଠାକୁର, ଉପସଭାପତି ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ସରୋଜ, କୁଶଧ୍ୱଜ ଚୌଧୁରୀ ପ୍ରମୁଖ ଏଥିରେ ସରକାରଙ୍କ ଅପାରଗତା ଉପରେ ବର୍ଷିଛନ୍ତି। ୨୦୧୮ ଖରିଫ ଋତୁରେ ଫସଲ ନଷ୍ଟ ହୋଇଯାଇଥିଲା । ତେଣୁ ବୀମା ଓ ଇନପୁଟ ସବସିଡି ଦେବାକୁ ଘୋଷଣା ହୋଇଥିଲା। ହେଲେ ପ୍ରାୟ ଏକ ବର୍ଷ ହେବ ବୀମା ଟଙ୍କା ମିଳି ନାହିଁ କି ଇନପୁଟ ସବସିଡି ସରକାର ଦେଇ ନାହାନ୍ତି। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବନୋସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି । ରାଜ୍ୟ ସରକାର ବୀମା ଟଙ୍କା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଦେଉଛନ୍ତି । ହେଲେ ଚାଷୀମାନେ ରାଜ୍ୟ ସରକାରଙ୍କ ସମବାୟ ସମିତି ଓ ଲ୍ୟାମ୍ପସ ଗୁଡିକରେ ବୀମା ପଲିସି ଟଙ୍କା ଜମା କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି।



ସେଁସଆତଳଠାରେ ଚାଷୀଙ୍କ ବୈଠକରେ ନେତୃମଣ୍ଡଳି।

## ସଂକ୍ଷେପରେ

### ବିଧାନସଭା ଗ୍ରନ୍ଥାଗାର କମିଟି ୪ର୍ଥ ବୈଠକ

## ଗ୍ରନ୍ଥାଗାର ନବୀକରଣ ପାଇଁ ପ୍ରାରମ୍ଭିକ ଅଟକଳ ଦାଖଲ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ): ବିଧାନସଭା ଗ୍ରନ୍ଥାଗାର କମିଟିର ଚତୁର୍ଥ ବୈଠକ ବିଧାୟକ ପ୍ରଦୀପ ମହାରଥୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ, ବିଧାନସଭା ଗ୍ରନ୍ଥାଗାର ଭବନ ନବୀକରଣ କାର୍ଯ୍ୟର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରାଯାଇଛି। ପୁରୁଣା ଗ୍ରନ୍ଥାଗାରରେ ସ୍ଥାନାଭାବ ଦେଖାଦେଇଥିବାରୁ ଏହାର ସମ୍ପ୍ରସାରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ତ୍ତ ବିଭାଗ ଏହି ସମ୍ପ୍ରସାରଣ କୋଠା ନିମନ୍ତେ ପ୍ରାରମ୍ଭିକ ଅଟକଳ କମିଟି ନିକଟରେ ଦାଖଲ କରିଛି। ଏହି ବୈଠକରେ କମିଟି ସଦସ୍ୟ ଥିବା ବିଧାୟକମାନଙ୍କ ସମେତ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରାହ୍ମଣି ଗ୍ରାମରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୩ ଗିରଫ

ରେଢାଖୋଲ ୧୫।୧୦ (ଡି.ଏନ.ଏ.): ରେଢାଖୋଲ ଥାନା ବ୍ରାହ୍ମଣି ଗ୍ରାମରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୨୨୮/୧୯) ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛବିଳ ଦେହୁରୀ (୩୭), ବିପିନ ଦେହୁରୀ (୩୭) ଓ ବିଷ୍ଣୁ ଦେହୁରୀ (୨୩)। ଏସ୍‌ଡିଜେଏମ୍ ଅଞ୍ଜଳି ମଚ୍ଛଖଣ୍ଡ ଅଭିଯୁକ୍ତମାନଙ୍କ ପକ୍ଷରୁ କରାଯାଇଥିବା ଜାମିନ ଆବେଦନକୁ ନାମଞ୍ଜୁର କରି ଦେଇଛନ୍ତି। ଫଳରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ କହିଛି ଯେ, ୧୩ ତାରିଖ ସନ୍ଧ୍ୟାରେ ବ୍ରାହ୍ମଣି ଗ୍ରାମରେ ଜହ୍ନିଓଷା ଉଦ୍‌ଯାପନୀ ଉତ୍ସବ ଚାଲିଥିଲା। ଏଥିରେ ଯୋଗ ଦେବାକୁ ଆସିଥିବା ସଂକୀର୍ତ୍ତନ ଦଳ ବସିବାକୁ ଏକ ଦରି ଆବଶ୍ୟକ ପଡିଥିଲା। ଏହି ଦରି ମଗାକୁ ହିଁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୋଗକାରୀ ବ୍ରଜ ଦେହୁରୀ ଓ ତାଙ୍କ ଝିଅ ଜ୍ୟୋତ୍ସ୍ନାଙ୍କୁ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଅନ୍ୟପକ୍ଷେ ବ୍ରଜ, ଜ୍ୟୋତ୍ସ୍ନା ଓ ଉପେନ୍ଦ୍ର ଦେହୁରୀ ମଧ ଅଭିଯୁକ୍ତମାନଙ୍କୁ ମାଡ ମରିଥିବା ଥାନାରେ ପାଲଟା ଅଭିଯୋଗ ହୋଇଛି। ଏଣୁ ଗିରଫ ଅଭିଯୁକ୍ତ ବିପିନଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ.୨୨୭/୧୯) ରୁଜୁ ହୋଇଛି।






ନୂଆଦିଲ୍ଲୀରୁ ରେଳମନ୍ତ୍ରୀ ପୀୟୁଷ ଗୋୟଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଭୁବନେଶ୍ୱର-ନୟାଗଡ଼ ଟାଉନ୍ ସେବା ଏକ୍ସପ୍ରେସ୍‌କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭ ଉଦ୍‌ଘାଟନ କରୁଥିବାବେଳେ ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥିମାନେ।

### '୫-ଟି' ପ୍ରତିନିଧିଙ୍କ ଜିଲା ଚିକିତ୍ସାଳୟ ଗସ୍ତ ପ୍ରସଙ୍ଗ

# ମନ୍ତ୍ରୀ, ସଚିବଙ୍କୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଓଡ଼ିଶାର ସ୍ୱାସ୍ଥ୍ୟସେବାର ବାସ୍ତବ ଚିତ୍ରକୁ ଲୁଚାଇବା ପାଇଁ ରାଜ୍ୟ ସରକାର ନୂଆ ନୂଆ ଭେଳିକି ଦେଖାଉଛନ୍ତି। ମୋ ସରକାର ଯୋଜନା ପୂର୍ବରୁ ଓଡ଼ିଶାରେ କେଉଁ ସରକାର ଥିଲା ଏବଂ କାହାର ଭାବମୂର୍ତ୍ତି ବୃଦ୍ଧି କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି ବୋଲି ପ୍ରଶ୍ନ ଉଠାଇଛି ଭାଜପା । '୫-ଟି' ପ୍ରତିନିଧି ଦଳର ମାରାଥନ ଗସ୍ତ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ କାହିଁକି ଯାଉନାହାନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ।

କାରଣ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଥିଲେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପଦାରେ ପଡିଥାନ୍ତା । ତେଣୁ ଭାବମୂର୍ତ୍ତି ମଳିନ ନ ପଡିବା ପାଇଁ ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ଲାଗୁ କରୁନାହାନ୍ତି । ରାଜ୍ୟରେ କେବଳ ଅମଲା ଶାସନ ଚାଲିଛି, ଯାହା ପ୍ରମାଣିତ ହୋଇଛି । ରାଜଧାନୀ ଏବଂ ଭଦ୍ରକରେ ସ୍ୱାସ୍ଥ୍ୟସେବାରେ ବିକଳ ଚିତ୍ର ଦେଖାଯାଇଛି ବୋଲି ସମୀର କହିଛନ୍ତି । ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, କାର୍ଯ୍ୟରେ ଅବହେଳା ପାଇଁ ସୁନ୍ଦରଗଡ ଏସ୍‌ଡିଏମ୍‌ଓଙ୍କୁ ନିଲମ୍ବନ କରାଯାଇଛି । ମାତ୍ର ସେହି ହସ୍ପିଟାଲରେ ୬ଜଣ ଲାବରେଟୋରି ଟେକ୍‌ନିସିଆନ୍ ଅଛନ୍ତି । ତେବେ ହସ୍ପିଟାଲକୁ ମାସରେ ୨୫ ହଜାର ଲୋକ ଆସୁଥିବା ବେଳେ ୬ ଜଣ ଲାବରେଟୋରି ଟେକ୍‌ନିସିଆନ୍‌ଙ୍କ ଦ୍ୱାରା ସମସ୍ତଙ୍କ ପରୀକ୍ଷା ହେବା ପ୍ରଶ୍ନ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି, ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତଳଆଡୁ ୩ ନମ୍ବରରେ ଅଛି । ୨୦ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ଶାସନ ପରେ ୨୦୧୫-୧୬ ତୁଳନାରେ ୨୦୧୭-୧୮ରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ୩.୪୬ ପ୍ରତିଶତ ପଛେଇଛି । ଏହାର ପ୍ରମୁଖ କାରଣ ପୂର୍ବବର୍ଷ ଟିକାଦାନ ହାର ୮୫.୩ ଥିବାବେଳେ ଏହା ୫୯.୮କୁ ଖସିଆସିଛି । ଆନୁଷ୍ଠାନିକ ପ୍ରସବ ହାରରେ ରାଜ୍ୟ ଗତବର୍ଷ ତୁଳନାରେ ୭୩ରୁ ୭୦ ପଏଣ୍ଟକୁ ଖସିଛି । ଟିବି ନୋଟିଫିକେଶନ ରେଟ୍ ପ୍ରତି ୧ ଲକ୍ଷ ଲୋକରେ ୧୫୯ରେ ପହଞ୍ଚିଛି, ଯାହା ପୂର୍ବରୁ ୯୯ ଥିଲା । ପିଏଚସିଗୁଡିକରେ ମେଡିକାଲ ଅଫିସରଙ୍କ ଖାଲିପଦ ୩୧.୯ ପ୍ରତିଶତରେ ପହଞ୍ଚିଛି । ୧୮ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ନାହିଁ । ୨୫ ପ୍ରତିଶତ ପିଏଚସିରେ ସ୍ୱାସ୍ଥ୍ୟ ସହାୟକ ପଦବୀ ଖାଲିପଡିଛି । ଏଥିରୁ ଓଡ଼ିଶାର ବାସ୍ତବ ସ୍ୱାସ୍ଥ୍ୟ ଚିତ୍ର ସମ୍ପୂର୍ଣ୍ଣ ପ୍ରତିଫଳିତ ହେଉଛି ବୋଲି ଗୋଲକ କହିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ




ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି ଓ ଗୋଲକ ମହାପାତ୍ର

### ଅସୂୟାଭାବ ପ୍ରଦର୍ଶନ କରୁଛି ଭାଜପା

'ମୋ ସରକାର' କାର୍ଯ୍ୟକ୍ରମ ପ୍ରତି ଭାଜପା ଅସୂୟା ଭାବ ପ୍ରଦର୍ଶନ କରୁଥିବା ବିଜେଡି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଭାଜପା ଜନସାଧାରଣଙ୍କୁ ବିଭ୍ରାନ୍ତି କରିବାକୁ ଚେଷ୍ଟା କରୁଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ଭାଜପା 'ମୋ ସରକାର' ଇସ୍ତାହାର ଯଦି ଥରେ ପଢ଼ନ୍ତେ, ତେବେ ଏପରି ବିବୃତି ଦିଅନ୍ତେ ନାହିଁ। ଯଦିଓ ବିରୋଧୀ ଭିତ୍ତିଭୂମି ଏବଂ ଡାକ୍ତର ପଦବୀ ସମ୍ପର୍କରେ ଅଭିଯୋଗ ଆଣୁଛନ୍ତି। ସେମାନେ ଜାଣିବା ଉଚିତ ଯେ, 'ମୋ ସରକାର' ହେଉଛି କାର୍ଯ୍ୟରତ ଡାକ୍ତର ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବ୍ୟବହାର ସମ୍ପର୍କିତ ମତାମତ ଗ୍ରହଣ କରିବା। ସରକାର ସେମାନଙ୍କୁ ସମ୍ମାନର ସହ ଲୋକମାନଙ୍କର ଚିକିତ୍ସା କରିବା ପାଇଁ ପ୍ରବର୍ତ୍ତାଉଥିବା ଲେନିନ କହିଛନ୍ତି। ସେହିପରି 'ମୋ ସରକାର' ହେଉଛି ଗୋଟିଏ ମତାମତ ସଂଗ୍ରହକାରୀ ବ୍ୟବସ୍ଥା । ଏହା ସରକାରଙ୍କୁ ଠିକ୍ ପଦକ୍ଷେପ ନେବାରେ ସହାୟକ ହୁଏ । ଏପରି କାର୍ଯ୍ୟକ୍ରମକୁ ଭାଜପା ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବା ଉଚିତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।

## ପ୍ରସୂତି ଜନ୍ମଦେଲେ ୩ ସନ୍ତାନ

### ଶିଶୁମାନେ ଏସଏନସିୟୁରେ ଚିକିତ୍ସାଧୀନ

ନବରଙ୍ଗପୁର, ୧୫।୧୦ (ବି.ପ୍ର.) ନବରଙ୍ଗପୁର ସହରରେ ଥିବା ଖ୍ରୀଷ୍ଟିୟାନ ହସ୍ପିଟାଲରେ ଜଣେ ପ୍ରସୂତି ଗତ ୨ ତାରିଖରେ ୩ ସନ୍ତାନ ଜନ୍ମ ଦେଇଛନ୍ତି। ନବଜାତକଙ୍କ ମଧ୍ୟରେ ୨ ଶିଶୁପୁତ୍ର ଓ ଜଣେ ଶିଶୁକନ୍ୟା ରହିଛନ୍ତି। ପ୍ରସୂତି ଜଣକ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଭରସୁଣ୍ଡି ସବସେଣ୍ଟରର ସ୍ୱାସ୍ଥ୍ୟକର୍ମୀ ଶ୍ୟାମବତୀ ଗଣ୍ଡ । ଗତ ୨ ତାରିଖ ରାତି ୧୨ଟା ୧୫ ମିନିଟରେ ଗୋଟିଏ ଶିଶୁପୁତ୍ର, ୨ଟା ୨୮ ମିନିଟରେ ଆଉ ଏକ ଶିଶୁପୁତ୍ର ଓ ୩ ତାରିଖରେ ଗୋଟିଏ ଶିଶୁ କନ୍ୟା ଶ୍ୟାମବତୀ ଜନ୍ମ ଦେଇଥିବା ଜିଲା ସଦର ମହକୁମା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ତେବେ ଶିଶୁମାନଙ୍କ ଓଜନ କମ ରହିଥିବାରୁ ୨ ଶିଶୁପୁତ୍ର ଓ ଗୋଟିଏ ଶିଶୁ କନ୍ୟାକୁ ଜିଲା ସଦର ମହକୁମା ଡାକ୍ତରଖାନାର ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର (ଏମସିଏଚ) ପରିସର ଏସଏନସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ତିନୋଟି ସନ୍ତାନର ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ରହିଛି।

## ବିଶୃଙ୍ଖଳିତ କନଷ୍ଟେବଳଙ୍କ ବଦଳି

କଟକ ଅଫିସ, ୧୫।୧୦: କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳିତ ଆଚରଣ ଯୋଗୁ କନଷ୍ଟେବଳ ଗେଡେଲା ଶ୍ରୀକାନ୍ତ କୁମାରଙ୍କୁ ସୁନ୍ଦରଗଡ଼କୁ ବଦଳି କରାଯାଇଛି। ତାଙ୍କୁ ସୁନ୍ଦରଗଡ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ଶ୍ରୀକାନ୍ତ ରାୟଗଡ଼ା ଜିଲାରେ କାର୍ଯ୍ୟ କରୁଥିଲେ। ତେବେ ଦାୟିତ୍ୱରେ ଅବହେଳା ଓ ବିଶୃଙ୍ଖଳା ଲାଗି ତାଙ୍କୁ ରାୟଗଡ଼ା ଏସ୍‌ପି ନିଲମ୍ବିତ କରିଥିଲେ। ପୋଲିସ ଡିଜି ବିଜୟ କୁମାର ଶର୍ମା ଏହାକୁ ଅତି ଗୁରୁତ୍ୱର ସହ ନେଇ ଶ୍ରୀକାନ୍ତଙ୍କୁ ସୁନ୍ଦରଗଡ଼ ରିଜର୍ଭ ଇନ୍ସପେକ୍ଟରଙ୍କ ଅଧୀନରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**PARADIP PORT TRUST**
**e-TENDER CALL NOTICE**
Name of the work: **"Construction of 4-Lane road from L&T Junction at Fishery Harbour Road to Gate No.1"**. Estimated Cost : **₹ 4,75,72,335/-**. Last date & time of submission: **01.11.2019** upto **17:00** hrs. Refer our website for details **eprocure.gov.in/eprocure/app**
**Executive Engineer, PRD**
**PPT/PR/388/19-20 Dt. 14.10.2019**

## ନୀତି ଆୟୋଗ ଭିଜନ୍-୨୦୩୫ କମିଟିରେ ଜଗଦାନନ୍ଦ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)



ନୀତି ଆୟୋଗ-୨୦୩୫ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ଗଠିତ ଡ୍ରାଫ୍ଟିଂ କମିଟିର ଜଣେ ବିଶେଷଜ୍ଞ ସଦସ୍ୟ ଭାବେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ମନୋନୀତ ହୋଇଛନ୍ତି। ୨୦୩୫ରେ ଭାରତର ବିକାଶ ରୂପରେଖ ଉପରେ ପର୍ଯ୍ୟବସିତ ଭିଜନ୍ ଡକ୍ୟୁମେଣ୍ଟର ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଜଣେ ଓଡ଼ିଆଙ୍କୁ ଏଭଳି ଏକ ଗୁରୁଦାୟିତ୍ୱ ମିଳିଛି। ଦେଶର ନିରନ୍ତର ବିକାଶ ସାଧନ, ଯୋଜନାର ନୀତି ନିର୍ଦ୍ଧାରଣ ଓ ସଫଳ କାର୍ଯ୍ୟକାରିତା ଦିଗରେ ନୀତି ଆୟୋଗ କାର୍ଯ୍ୟ କରୁଥିବାବେଳେ ବିଭିନ୍ନ ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ, ଯୋଜନାକୁ ଲାଗୁ କରିବା କ୍ଷେତ୍ରରେ ଥିବା ସମସ୍ୟା ଦୂରୀକରଣ ଏବଂ ବିକାଶ କ୍ଷେତ୍ରରେ ପଛୁଆ ଦେଶର ୧୧୭ ଜିଲାର ନିରନ୍ତର ବିକାଶ ଦିଗରେ ଏହି ଭିଜନ୍ ଡକ୍ୟୁମେଣ୍ଟ ବିଶେଷଭାବେ ଉପାଦେୟ ହେବ। ଅନ୍ୟପକ୍ଷରେ ଭିଜନ୍ ଡକ୍ୟୁମେଣ୍ଟ-୨୦୩୫ରେ 'ଜାତୀୟ ବିକାଶ କାର୍ଯ୍ୟକ୍ରମରେ ସାମାଜିକ ଅନୁଷ୍ଠାନଗୁଡ଼ିକର ଭୂମିକା ତଥା ସହଭାଗିତା' ସମ୍ପର୍କିତ ଏକ ସ୍ୱତନ୍ତ୍ର ନିବନ୍ଧ ପ୍ରସ୍ତୁତି ପାଇଁ ଜଗଦାନନ୍ଦଙ୍କୁ ଦାୟିତ୍ୱ ଦିଆଯାଇଛି। ଜଗଦାନନ୍ଦ ୨୦୧୮ରୁ ନୀତି ଆୟୋଗ ସିଭିଲ ସୋସାଇଟି ୱାର୍କିଂ କମିଟିର ସଦସ୍ୟଭାବେ କାର୍ଯ୍ୟ କରିବାସହ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଅନୁଦାନରେ ସ୍ୱଚ୍ଛତା, କ୍ରିୟାନୁଶୀଳତା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ସୂଚନା କମିଶନର ସହ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟଭାବେ ମଧ ସେ ପୂର୍ବରୁ କାର୍ଯ୍ୟ କରିଛନ୍ତି। ସିୱାଇଏସ୍‌ଡି ସଂଗଠନ ମାଧ୍ୟମରେ ସେ ଗ୍ରାମୀଣ ତଥା ଆଦିବାସୀ ଅଞ୍ଚଳର ବିକାଶ ପାଇଁ ତୃଣମୂଳସ୍ତରରେ ଯୋଜନାର ରୂପାୟନ ତଥା ନୀତି ନିର୍ଦ୍ଧାରଣ ପାଇଁ କାର୍ଯ୍ୟ କରୁଛନ୍ତି।

**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**
ପତ୍ର ସଂଖ୍ୟା: ୧୭୫୮ — ତାରିଖ: ୧୫।୧୦।୨୦୧୯
**ବିଜ୍ଞାପନ**
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜିରେ ବସବାସ କରୁଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (FFSM-Faesal Sludge & Septage Management) ୨୦୧୮ ଅଧିନିୟମ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ରାଜପତ୍ର (Odisha Gazette) ଗତ ୦୪।୧୦।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି, ଅଭିଯୋଗ କିମ୍ବା ପରାମର୍ଶ ଥାଏ ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ଏକ ମାସ (୧୬।୧୦।୨୦୧୯ରିଖରୁ ୧୫।୧୧।୨୦୧୯ରିଖ) ମଧ୍ୟରେ ସେମାନଙ୍କ ଆପତ୍ତି, ଅଭିଯୋଗ କିମ୍ବା ପରାମର୍ଶ ଲିଖିତ ଭାବରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ଅତିକ୍ରମ ପରେ କୌଣସି ଆପତ୍ତି, ଅଭିଯୋଗ କିମ୍ବା ପରାମର୍ଶ ଗ୍ରହଣ କରାଯିବ ନାହିଁ।
**ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**

No.134 & 135/SUDA, Date.15.10.2019
CAD-468
SUDA requires Travel Agent to provide vehicle on monthly & daily basis.
For further details please visit our website- www.sudaodisha.org.
13036/11/0004/1920

**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING**
**PANTHANIVAS (OLD BLOCK): LEWIS ROAD: BHUBANESWAR-14**
CAD-466
**INVITATIONS FOR BIDS (IFB)**
Letter No.- 6153 — Date:11.10.2019
**NOTICE INVITATION FOR BIDS (NIFB)**
**e-Procurement Notice No. S.E /11/2019-20 dt. 11.10.2019**
1. Nature of Work : Repair renovation & Electrical Works etc.
2. Total No.of Works : 3 Nos.
3. Value of Works : Rs. 14.28 lakhs to 49.00 lakhs
4. Bid Security : As per NIT
5. Class of Contractor: As Per NIT
6. Period of Completion: 1(One) month to 3 (Months)
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd. | S.E/11/2019-20 dt. 11.10.2019 | From 16.10.2019 | To 25.10.2019 | 11.30 Hours of dt.26.10.2019 in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website **www.etenderodisha.gov.in**
37002/11/0010/1920 — Sd/- **Superintending Engineer O.T.D.C. L.td., BBSR**

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN: 761108
Primary Email: eo-nacsurada@gov.in, Secondary Email: officerexecutive14@yahoo.com
Phone: 06819-270129, Fax: 06819-270129
Letter No. 845/NAC — **E-Procurement Notice** — Date: 15.10.19
**Tender Call Notice No.- SURADA/NAC/2019-20/02**
**TENDER ID- 2019_ORULB_56744**
1. Name of the work : Construction of Material Recovery Facility Center Under SBM at Surada NAC.
2. No. of works put to tender : 01 (One) number of work.
3. Estimated cost : Rs. 11,00,000/- (Including GST @12%)
4. Value of Work : Rs. 9,82,376/-
5. Period of Completion : 90 days
6. Date & time of availability of bid documents in the portal : From 10.00 hours of dtd. 16.10.2019 to 17.30 hours of dtd: 26.10.2019.
7. Last Date/time for receipt of bids in the portal : 17.30 hours of 26.10.2019
8. Date for documents submission : 28.10.2019 (from 10.00 hours to 17.30 hours)
9. Date and time of opening of bid : 29.10.2019 at 11.00 hours at Conference Hall, NAC, Surada
10. Name and address of the officer Inviting Bid : Executive Officer, Surada NAC, Surada
Further details can be seen from the e-procurement portal https://tendersorissa.gov.in
*Sd./- Executive Officer, NAC, Surada, Ganjam*

**नालको NALCO**
**National Aluminium Company Limited**
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
**1- NIT No. OMC-5105**
**Name of the work:** Construction of Structural Shed for Covering of Open Area ( Mandir Side) of Kalyan Mandap in Nalconagar Township.
**2- NIT No. OMC-5106**
**Name of the work:** Capital Repair of Pot Shell in NALCO Smelter Plant..
**3- NIT No. OMC-5108**
**Name of the work:** Assistance in Mechanical Maintenance Jobs in Potline.
**4- NIT No. OMC-5098**
**Name of the work:** PTM Overhauling & Miscellaneous Electrical Maintenance Job at Potline.
**5- NIT No. OMC-5111**
**Name of the work:** Refractory Maintenance Work of Anode Bake OVen-II & III ( For Package-A) & Refractory Maintenance Work of Anode Bake Oven-I ( For Package-B)
For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to **www.nalcoindia.com** & **http://eprocure.gov.in**
**DGM (Mech.)-T&C**

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 39 | 667 | 0.04 | 0.04 | ଡାହି ଏକ | ରାସବିହାରୀ ମହାକୁଡ, ପି: ଗଣେଶର ମହାକୁଡ, ଜା: ଗଉଡ, ବା: ନିଜଗାଁ | |
| | 669 | 0.11 | 0.11 | ଡାହି ଏକ | | |
| | 681 | 0.05 | 0.05 | ଘରବାରୀ | | |
| | 733 | 0.09 | 0.09 | ଶାରଦ ତିନି | | |
| | 739 | 0.06 | 0.06 | ଶାରଦ ତିନି | | |
| | 746 | 0.10 | 0.10 | ଶାରଦ ଦୁଇ | | |
| | 783 | 0.05 | 0.05 | ଡାହି ଏକ | | |
| | 859 | 0.10 | 0.10 | ଶାରଦ ତିନି | | |
| | 892 | 0.26 | 0.26 | ଡାହି ଏକ | | |
| | 894 | 0.11 | 0.11 | ଡାହି ଏକ | | |
| | 898 | 0.02 | 0.02 | ଡାହି ଏକ | | |
| | 900 | 0.14 | 0.14 | ଡାହି ଏକ | | |
| | 976 | 0.35 | 0.35 | ଡାହି ଏକ | | |
| | 1088 | 0.19 | 0.19 | ଶାରଦ ଏକ | | |
| | 1112 | 0.21 | 0.21 | ଡାହି ଦୁଇ | | |
| 41 | 558 | 0.25 | 0.25 | ଘରବାରୀ | ଲାଣ୍ଡା ନାଏକ, ସାନକଲେଇ ନାଏକ, ପି: ବର୍ଗି ନାଏକ, ଜା : କୋହ୍ଲ, ବା: ନିଜଗାଁ | |
| 42 | 67 | 0.51 | 0.51 | ଶାରଦ ଦୁଇ | ସମୀ କୋହ୍ଲ, ପି: ସାନ ପାଇକରାୟ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| | 68 | 0.03 | 0.03 | ଶାରଦ ଏକ | | |
| | 70 | 0.80 | 0.80 | ଶାରଦ ଦୁଇ | | |
| | 82 | 0.18 | 0.18 | ଡାହି ଦୁଇ | | |
| | 90 | 0.09 | 0.09 | ଶାରଦ ଏକ | | |
| | 698 | 0.18 | 0.18 | ଘରବାରୀ | | |
| | 775 | 0.08 | 0.08 | ଡାହି ଏକ | | |
| | 788 | 0.06 | 0.06 | ଡାହି ଏକ | | |
| | 789 | 0.07 | 0.07 | ଡାହି ଏକ | | |
| | 802 | 0.04 | 0.04 | ନାଳ | | |
| | 818 | 0.26 | 0.26 | ଡାହି ଏକ | | |
| | 819 | 0.10 | 0.10 | ଡାହି ଏକ | | |
| | 821 | 0.21 | 0.21 | ଶାରଦ ଦୁଇ | | |
| | 824 | 0.60 | 0.60 | ଶାରଦ ଏକ | | |
| | 825 | 0.10 | 0.10 | ଶାରଦ ଏକ | | |
| | 826 | 0.23 | 0.23 | ଶାରଦ ଏକ | | |
| | 827 | 0.53 | 0.53 | ଶାରଦ ତିନି | | |
| | 885 | 0.19 | 0.19 | ଶାରଦ ତିନି | | |
| | 912 | 0.15 | 0.15 | ଶାରଦ ତିନି | | |
| | 915 | 0.14 | 0.14 | ଶାରଦ ତିନି | | |
| | 943 | 0.43 | 0.43 | ଡାହି ଏକ | | |
| | 974 | 0.42 | 0.42 | ଡାହି ଏକ | | |
| 43 | 592 | 0.41 | 0.41 | ଆଶୁ | ସାଦ କାଲୁଣ୍ଡିଆ, ପି: ରାମ କାଲୁଣ୍ଡିଆ, ଜା: କୋହ୍ଲ, ବା: ନିଜଗାଁ | |
| 44 | 59 | 0.36 | 0.36 | ଶାରଦ ଏକ | ସାଦୁ କୋହ୍ଲ, ପି: ରାମ କୋହ୍ଲ, ରାମ କୋହ୍ଲ, ପି: ମାହାନ୍ତି କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| | 132 | 0.04 | 0.04 | ଘରବାରୀ | | |
| | 241 | 0.12 | 0.12 | ଶାରଦ ତିନି | | |
| | 243 | 0.23 | 0.23 | ଶାରଦ ତିନି | | |
| | 245 | 0.16 | 0.16 | ଶାରଦ ତିନି | | |
| | 247 | 0.22 | 0.22 | ଶାରଦ ତିନି | | |
| | 250 | 0.30 | 0.30 | ଶାରଦ ତିନି | | |
| | 252 | 0.13 | 0.13 | ଡାହି ଏକ | | |
| | 741 | 0.10 | 0.10 | ଶାରଦ ଦୁଇ | | |
| | 835 | 0.07 | 0.07 | ଶାରଦ ତିନି | | |
| | 968 | 0.18 | 0.18 | ଡାହି ଏକ | | |
| | 1003 | 0.09 | 0.09 | ଶାରଦ ତିନି | | |
| | 1019 | 0.12 | 0.12 | ଡାହି ଏକ | | |
| | 1020 | 0.01 | 0.01 | ଶାରଦ ଦୁଇ | | |
| | 1023 | 0.16 | 0.16 | ନଦୀ | | |
| 45 | 11 | 0.74 | 0.74 | ଆଶୁ | ଶିବୁ କୋହ୍ଲ, ପି: ସାନକଲେଇ କୋହ୍ଲ, ରାନ୍ଦାଇ କୋହ୍ଲ, ପି: ଫୁର୍ମୁ କୋହ୍ଲ, ନାରାୟଣ କୋହ୍ଲ, ପି : ଯାମଦାର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| | 36 | 0.04 | 0.04 | ଶାରଦ ଏକ | | |
| | 119 | 0.28 | 0.28 | ଆଶୁ | | |
| | 167 | 2.06 | 2.06 | ଶାରଦ ଦୁଇ | | |
| | 202 | 1.06 | 1.06 | ଶାରଦ ଏକ | | |
| | 213 | 0.05 | 0.05 | ଶାରଦ ଦୁଇ | | |
| | 222 | 0.05 | 0.05 | ଶାରଦ ତିନି | | |
| | 317 | 0.34 | 0.34 | ଶାରଦ ଏକ | | |
| | 319 | 0.11 | 0.11 | ଶାରଦ ଏକ | | |
| | 680 | 0.05 | 0.05 | ଘରବାରୀ | | |
| | 682 | 0.02 | 0.02 | ଘରବାରୀ | | |
| | 686 | 0.09 | 0.09 | ଆଶୁ | | |
| | 696 | 0.05 | 0.05 | ଘରବାରୀ | | |
| | 699 | 0.22 | 0.22 | ଘରବାରୀ | | |
| | 776 | 0.10 | 0.10 | ଡାହି ଏକ | | |
| | 784 | 0.05 | 0.05 | ଡାହି ଏକ | | |
| | 785 | 0.03 | 0.03 | ଡାହି ଏକ | | |
| | 909 | 0.19 | 0.19 | ଡାହି ଏକ | | |
| | 910 | 0.45 | 0.45 | ଶାରଦ ତିନି | | |
| | 925 | 0.35 | 0.35 | ଡାହି ଏକ | | |
| | 929 | 0.13 | 0.13 | ଶାରଦ ତିନି | | |
| | 932 | 0.44 | 0.44 | ଡାହି ଏକ | | |
| | 933 | 0.31 | 0.31 | ଡାହି ଏକ | | |
| | 971 | 0.53 | 0.53 | ଡାହି ଏକ | | |
| | 978 | 0.19 | 0.19 | ଡାହି ଏକ | | |
| | 1010 | 0.08 | 0.08 | ଡାହି ଦୁଇ | | |
| | 1039 | 0.14 | 0.14 | ନଦୀ | | |
| | 1040 | 0.43 | 0.43 | ଡାହି ଏକ | | |
| | 1104 | 0.03 | 0.03 | ଡାହି ଦୁଇ | | |
| | 1105 | 0.17 | 0.17 | ଡାହି ଦୁଇ | | |
| | 1106 | 0.05 | 0.05 | ଡାହି ଦୁଇ | | |
| | 1107 | 0.75 | 0.75 | ଡାହି ଦୁଇ | | |
| | 1109 | 0.06 | 0.06 | ଡାହି ଦୁଇ | | |
| | 924/1124 | 0.04 | 0.04 | ନାଳ | | |
| | 930/1125 | 0.02 | 0.02 | ଶାରଦ ଦୁଇ | | |
| 46 | 133 | 0.08 | 0.08 | ଘରବାରୀ | ଶିରିଶ କାଲୁଣ୍ଡିଆ, ବିଶ୍ୱନାଥ କାଲୁଣ୍ଡିଆ, ଗୁରୁବାରୀ କାଲୁଣ୍ଡିଆ, ପି: ମାହାନ୍ତି କାଲୁଣ୍ଡିଆ, ସାବିତ୍ରୀ କାଲୁଣ୍ଡିଆ, ସ୍ୱା: ମାହାନ୍ତି କାଲୁଣ୍ଡିଆ, ଜା: କୋହ୍ଲ, ବା: ନିଜଗାଁ | |
| | 232 | 0.14 | 0.14 | ଶାରଦ ଏକ | | |
| | 236 | 0.06 | 0.06 | ଶାରଦ ଏକ | | |
| | 380 | 0.34 | 0.34 | ଶାରଦ ଦୁଇ | | |
| | 391 | 0.04 | 0.04 | ରାସ୍ତା | | |
| | 416 | 0.11 | 0.11 | ଶାରଦ ତିନି | | |
| | 476 | 0.10 | 0.10 | ଶାରଦ ଦୁଇ | | |
| | 477 | 0.04 | 0.04 | ଶାରଦ ଦୁଇ | | |
| | 518 | 0.37 | 0.37 | ଘରବାରୀ | | |
| | 519 | 0.22 | 0.22 | ଘରବାରୀ | | |
| | 530 | 0.13 | 0.13 | ଶାରଦ ତିନି | | |
| | 536 | 0.08 | 0.08 | ଆଶୁ | | |
| | 537 | 0.20 | 0.20 | ଶାରଦ ତିନି | | |
| | 538 | 0.05 | 0.05 | ଶାରଦ ତିନି | | |
| | 756 | 0.19 | 0.19 | ଶାରଦ ଦୁଇ | | |
| | 757 | 0.10 | 0.10 | ରାସ୍ତା | | |
| | 790 | 0.11 | 0.11 | ଡାହି ଏକ | | |
| | 796 | 0.20 | 0.20 | ଡାହି ଏକ | | |
| | 1049 | 0.10 | 0.10 | ଶାରଦ ଏକ | | |
| 47 | 982 | 0.68 | 0.68 | ଡାହି ଏକ | ଶ୍ରୀପତି କୋହ୍ଲ, ପି: ବୈଷ୍ଣବ କୋହ୍ଲ, ଜା : କୋହ୍ଲ, ବା: ନିଜଗାଁ | |
| 48 | 560 | 0.14 | 0.14 | ଘରବାରୀ | ଗିରିଧାରୀ କାଲୁଣ୍ଡିଆ, ଗଙ୍ଗାରାମ କାଲୁଣ୍ଡିଆ, ପି: ହରିଚରଣ କାଲୁଣ୍ଡିଆ, ଜା: କୋହ୍ଲ, ବା: ନିଜଗାଁ | |
| | 1051 | 0.15 | 0.15 | ଡାହି ଏକ | | |
| 49 | 993 | 0.33 | 0.33 | ନଦୀ | ହରି ଚରଣ କୋହ୍ଲ, ଶ୍ରୀପତି କୋହ୍ଲ, ଗଣପତି କୋହ୍ଲ, ପି: ବୈଷ୍ଣବ କୋହ୍ଲ, ବିଶ୍ୱନାଥ କୋହ୍ଲ, ପି: ମଧୁସୂଦନ କୋହ୍ଲ, ହରିଶ ଚନ୍ଦ୍ର କୋହ୍ଲ, ପ୍ରତାପ କୋହ୍ଲ, ପି: ଲକ୍ଷ୍ମୀ ନାରାୟଣ କୋହ୍ଲ, ବିରସିଂ କୋହ୍ଲ, ଆନନ୍ଦ କୋହ୍ଲ, ମହାନ୍ତି କୋହ୍ଲ, ପି: ମଧୁ ଚରଣ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| 50 | 17 | 0.43 | 0.43 | ଶାରଦ ତିନି | ହରିଶ ଚନ୍ଦ୍ର କୋହ୍ଲ, ପ୍ରତାପ କୋହ୍ଲ, ପି: ଲକ୍ଷ୍ମୀନାରାୟଣ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| | 131 | 0.03 | 0.03 | ଘରବାରୀ | | |
| | 156 | 0.08 | 0.08 | ଘରବାରୀ | | |
| | 159 | 0.11 | 0.11 | ଡାହି ଏକ | | |
| | 163 | 0.06 | 0.06 | ଡାହି ଏକ | | |
| | 181 | 0.42 | 0.42 | ଶାରଦ ଦୁଇ | | |
| ସମପରିମାଣ ଗୋଚର ପ୍ରତିବଦଳ | | | | | | |
| 23 | 495 | 0.14 | 0.14 | ଶାରଦ ତିନି | ବଡ ବ୍ରଜ କୋହ୍ଲ, ବଲାଇ କୋହ୍ଲ, ପି: ମାନୀୟ କୋହ୍ଲ, ସାନ ବ୍ରଜ କୋହ୍ଲ, ଟିରୁମ କୋହ୍ଲ, ଘନଶ୍ୟାମ କୋହ୍ଲ, ପି: ଶିବୁ କୋହ୍ଲ, ଜା: କୋହ୍ଲ, ବ: ନିଜଗାଁ | |
| | 500 | 1.60 | 1.27 | ଶାରଦ ତିନି | | |
| ସମପରିମାଣ ଦେବସ୍ଥଳୀ ପ୍ରତିବଦଳ | | | | | | |
| 12 | 505 | 0.96 | 0.51 | ଶାରଦ ତିନି | ଗୋବିନ୍ଦ କୋହ୍ଲ, ମାନା କୋହ୍ଲ, ପି: ଚିନ୍ତାମଣି କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| 46 | 506 | 0.63 | 0.63 | ଶାରଦ ତିନି | ଶିରିଶ କାଲୁଣ୍ଡିଆ, ବିଶ୍ୱନାଥ କାଲୁଣ୍ଡିଆ ଗୁରୁବାରୀ କାଲୁଣ୍ଡିଆ, ପି: ମାହାନ୍ତି କାଲୁଣ୍ଡିଆ, ସାବିତ୍ରୀ କାଲୁଣ୍ଡିଆ, ସ୍ୱା: ମାହାନ୍ତି କାଲୁଣ୍ଡିଆ, ଜା: କୋହ୍ଲ, ବା: ନିଜଗାଁ | |
| | 507 | 0.08 | 0.08 | ଶାରଦ ତିନି | | |
| ସର୍ବ ମୋଟ | 671 ପ୍ଲଟ୍‌କୁ | ଏ. 200.38 | ଏ. 198.15 | | | |

24001/14/0213/1920

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଭିକ୍ଷଦେବ



ଶୁଭାଶିଷ



ବିନାୟକ



ହିମାଂଶୁ



ଅବ୍ଦୁଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ରାଜ୍ୟପାଳଙ୍କ ଭାବବିନିମୟ

# ଜୀବିକାର୍ଜନ ପାଇଁ ନୁହେଁ, ଜୀବନ ପାଇଁ ଶିକ୍ଷା ଆବଶ୍ୟକ

**ସୁନ୍ଦରଗଡ଼, ୧୫।୧୦ (ଡି.ଏନ୍.ଏ.)**

ସୂର୍ଯ୍ୟର ଆଲୋକ ପରି ନିଜକୁ ଆଲୋକିତ କର। ଜ୍ଞାନର ଆଲୋକରେ ନିଜକୁ ଆଲୋକିତ କରି ଅନ୍ଧାର, ଅସତ୍ୟକୁ ଦୂର କରିବାର ସାମର୍ଥ୍ୟ ନିଜ ମଧ୍ୟରେ ସୃଷ୍ଟିକର। ଶିକ୍ଷା କେବଳ ଜୀବିକାର୍ଜନ ପାଇଁ ନୁହେଁ, ଜୀବନ ପାଇଁ ଆବଶ୍ୟକ ବୋଲି ମଙ୍ଗଳବାର ସୁନ୍ଦରଗଡ଼ ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ପ୍ରକାଶ କରିଛନ୍ତି। ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜୀବିକାର୍ଜନ ପାଇଁ ଶିକ୍ଷା ବ୍ୟବସ୍ଥା ଥିବାବେଳେ ଜୀବନ ପାଇଁ ଶିକ୍ଷା ଦିଆଯାଉ ନାହିଁ। ସମ୍ପ୍ରତି ବିଶ୍ୱରେ ବିଭିନ୍ନ ଅସ୍ଥିରତା ଦେଖାଦେଇଛି। ଏଥିମଧ୍ୟରେ ସୁବିଧାବାଦ, ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା, ଅହଂଭାବ, କ୍ଷମତାର ମୋହ, ଶୋଷଣ ଆଦି ସମସ୍ୟାର ସମାଧାନ ପାଇଁ ମନୁଷ୍ୟର ହସର ଆବଶ୍ୟକତା ରହିଛି। ବିଶ୍ୱର ପ୍ରତ୍ୟେକ ସ୍ଥାନର ବେଶପୋଷାକ, ଭାଷା, ଖାଦ୍ୟପେୟର ବିବିଧତା ରହିଥିବା ବେଳେ ମନୁଷ୍ୟର ହସର ଭାଷା ଏକ। ଛାତ୍ରୀଛାତ୍ରମାନଙ୍କୁ ସ୍ୱାମୀ ବିବେକାନନ୍ଦ, ଚାଣକ୍ୟ, କନ୍‌ଫୁସିୟସ ପ୍ରମୁଖ ମହାପୁରୁଷଙ୍କ ଦର୍ଶନ ସମ୍ପର୍କରେ ଉଦାହରଣ ଦେଇ ଦୃଢ଼ ଇଚ୍ଛାଶକ୍ତି, କଠୋର ସାଧନା ବଳରେ ନିଜର ଲକ୍ଷ୍ୟପଥରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ନିଜ ମଧ୍ୟରେ ଥିବା ଚେତନାକୁ ଜାଗ୍ରତ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ସୁନ୍ଦରଗଡ଼ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇଥିଲେ। ସେ କହିଲେ, ତାଙ୍କର କେନ୍ଦ୍ରମନ୍ତ୍ରୀତ୍ୱ ସମୟରେ ଜନଜାତି ଛାତ୍ରୀଛାତ୍ରମାନଙ୍କର ଶିକ୍ଷାର ବିକାଶ ପାଇଁ ଦେଶରେ ୧୯୯୯ରେ ଏଭଳି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ସୁନ୍ଦରଗଡ଼ ଜିଲାରେ ୪ଟି ଏଭଳି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାର ଆଦିବାସୀବହୁଳ ଜିଲାଗୁଡିକରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଏଭଳି ବିଦ୍ୟାଳୟ ପ୍ରତିଷ୍ଠା କରିବାର ଯୋଜନା ରଖିଥିବା ସେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢ଼ୀ, ଜିଲାପାଳ ନିଖିଲ ପୱନ କଲ୍ୟାଣ, ଏସ୍‌ପି ସୌମ୍ୟା ମିଶ୍ରା ଏହି ସଭାରେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ରାଜ୍ୟପାଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବଡେଇ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଓ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହିତ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରମାନଙ୍କ ସହ ସ୍ମାର୍ଟ କ୍ଲାସ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ରାଉରକେଲାରେ ପହଞ୍ଚିଥିଲେ। ସେଠାରୁ ସଡ଼କପଥରେ ଆସି କାଂଶବାହାଲ ଲାଇଙ୍ଗସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରଥମେ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ।




ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ଓ ଅନ୍ୟମାନେ ମଞ୍ଚାସୀନ।

■ଅଭିଯୁକ୍ତଙ୍କ ସହ ସେଲ୍‌ଫି ମହଙ୍ଗା ପଡିଲା

# ନିଲମ୍ବିତ ହେଲେ ଚନ୍ଦ୍ରଭାଗା ଥାନାଧିକାରୀ

**ପୁରୀ ଅଫିସ, ୧୫।୧୦ :** ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ବହୁ ଚର୍ଚ୍ଚିତ ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡ ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତଙ୍କ ସହ ସେଲ୍‌ଫି ନେବା ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଅପରାଧୀଙ୍କ ସହ ଥାନାଧିକାରୀଙ୍କ ସେଲ୍‌ଫି ଖବର ଦୈନିକ ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା। ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ରିପୋର୍ଟକୁ ଅଧାର କରି ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଅପରାଧୀଙ୍କ ସହ ସେଲଫି ନେଇଥିବା ଚନ୍ଦ୍ରଭାଗା ଥାନାଧିକାରୀ ବୁଲୁ ମୁଣ୍ଡାଙ୍କୁ ପୁରୀ ଏସ୍‌ପି ସୋମବାର ବିଳମ୍ବିତ ରାତିରେ ଜିଲା ମୁଖ୍ୟାଳୟ(ଡିପିଓ)କୁ ବଦଳି କରିଥିଲେ। ବୁଲୁ ଚନ୍ଦ୍ରଭାଗା ସହିତ ରାମଚଣ୍ଡୀ ଥାନା ଦାୟିତ୍ୱରେ ରହିଥିଲେ। ତାଙ୍କ ସ୍ଥାନରେ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନଙ୍କୁ ଚନ୍ଦ୍ରଭାଗା ଏବଂ ଡିପିଓରେ ଆଇୟୁସିଏଡବ୍ଲ୍ୟୁ ସେଲର ଆଇଆଇସି ସୁଜିତ କୁମାର ଦାଶଙ୍କୁ ରାମଚଣ୍ଡୀ ଥାନା ଦାୟିତ୍ୱ ଦିଆଯାଇଥିବା ନେଇ ଏସ୍‌ପି ଦାଶ କହିଛନ୍ତି। ଏନେଇ ଏସ୍‌ପି କୁହନ୍ତି, କୌଣସି ଅପରାଧୀଙ୍କ ସହିତ ପୋଲିସ ସେଲ୍‌ଫି ନେବା ବେଆଇନ ଏବଂ ଏହା ଗ୍ରହଣୀୟ ନୁହେଁ। ପ୍ରକାଶଥାଉ କି, ଅକ୍ଟୋବର ୫ତାରିଖରେ ଘଟିଥିବା ଦିଲୀପ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଧାମୋହନ ବିଶ୍ୱାଳ ଓରଫ ମୁନା ଫେରାର ଥିଲେ। ତାଙ୍କୁ ଗିରଫ କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ, ଅସ୍ତରଙ୍ଗ ମେରାଇନ୍, ରାମଚଣ୍ଡୀ, ଚନ୍ଦ୍ରଭାଗା ମେରାଇନ ଓ ନିମାପଡ଼ା ଥାନାଧିକାରୀଙ୍କୁ ନେଇ ୨ଟି ଟିମ୍ ଗଠନ ହୋଇଥିଲା। ଏହି ଟିମ୍‌ରେ ରହିଥିଲେ ଚନ୍ଦ୍ରଭାଗା ଥାନାଧିକାରୀ ବୁଲୁ। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବାବେଳେ ସୋମବାର ଅପରାହ୍ନରେ ତାଙ୍କୁ ଗିରଫ କରିଥିଲେ। ପରେ ବୁଲୁ ତାଙ୍କୁ ପୋଲିସ ଭ୍ୟାନରେ ବସାଇ ନିମାପଡ଼ା ଯାଉଥିବାବେଳେ ଅଭିଯୁକ୍ତଙ୍କ ସହ ନେଇଥିବା ସେଲ୍‌ଫି ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା।

## ଆଜି କ'ଣ କେଉଁଠି

**କଣ୍ଟାବାଞ୍ଜି**
■ମେଗା ରକ୍ତଦାନ ଶିବିର, ହରି ଭବନ, ପୂର୍ବାହ୍ନ ୯ଟା।

**ଟିଟିଲାଗଡ**
■ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, କଲ୍ୟାଣ ମଣ୍ଡନ, ପୂର୍ବାହ୍ନ ୯ଟା।

**କର୍ଲାମୁଣ୍ଡା**
■ ବିଶ୍ୱ ଖାଦ୍ୟ ଦିବସ, ତେରେକେଲା ଦେବୀପୀଠ, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
■୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା, ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

**ନୂଆପଡା**
■ନବୀନ ପଟ୍ଟନାୟକଙ୍କ ଜନ୍ମ ଉତ୍ସବ, ସ୍ଥାନୀୟ ହସ୍ପିଟାଲ କ୍ୟାମ୍ପସ, ପୂର୍ବାହ୍ନ ୯ଟା।

**ଲୋଇସିଂହା**
■ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଭାଲିଆମୁଣ୍ଡା, ଅଗଲାପାଲି, ସନ୍ଧ୍ୟା ୯ଟା।

**ସୁନ୍ଦରଗଡ**
■ବ୍ଲକ ସ୍ତରୀୟ କୃଷକ ସମ୍ପର୍କ ମେଳା, କିରେଇ କୃଷି ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦।୩୦।
■ବିଜେଡି ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର, ଜିଲା ମୁଖ୍ୟ ଡାକ୍ତରଖାନା ରେଡକ୍ରସ ରକ୍ତଭଣ୍ଡାର, ସକାଳ ୮ଟା।

**ସମ୍ବଲପୁର**
■ବିଜେଡି ପକ୍ଷରୁ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ଜ୍ୱଳନ କାର୍ଯ୍ୟକ୍ରମ, ସମଲେଇ ମନ୍ଦିର, ସକାଳ ୭ଟା।
■ଜୀବନ ବିନ୍ଦୁ କାର୍ଯ୍ୟକ୍ରମ, ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟ, ପୂର୍ବାହ୍ନ ୯ଟା।
■ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା।
■ସର୍ବ ଭାରତୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗୀତା, ରେଳୱେ କମ୍ୟୁନିଟି ସେଣ୍ଟର, ଅପରାହ୍ନ ୪ଟା।

**ଦେବଗଡ଼**
■ନୃତ୍ୟ ପ୍ରତିଯୋଗିତା, ବଣିଆସାହି ଲକ୍ଷ୍ମୀପୂଜା କମିଟି, ସନ୍ଧ୍ୟା ୮ଟା।
■ଫୁଟବଲ ମ୍ୟାଚ୍, କଣ୍ଡଳ ଗ୍ରାମ ପଡ଼ିଆ, ଅପରାହ୍ନ ୩ଟା, ମେଲୋଡ଼ି କାର୍ଯ୍ୟକ୍ରମ, ସନ୍ଧ୍ୟା ୭ଟା।
■ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, କଲ୍ୟାଣ ମଣ୍ଡପ, ଦେବଗଡ଼, ସକାଳ ୮ଟା।

# ମଧ୍ୟାହ୍ନଭୋଜନ ହଡ଼ପ: ପ୍ରଧାନଶିକ୍ଷକ ନିଲମ୍ବିତ

**ରେଢାଖୋଲ,୧୫।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳୀଗଡ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ନିଲମ୍ବନ ହୋଇଛନ୍ତି। ୮୬ ଜଣ ଛାତ୍ରୀଛାତ୍ରଙ୍କ ଗୋଟିଏ ଦିନର ମଧ୍ୟାହ୍ନ ଭୋଜନ ହେରଫେର କରିଥିବା ଅଭିଯୋଗରେ ସମ୍ବଲପୁର ଜିଲା ଶିକ୍ଷାଧିକାରୀ ତାଙ୍କୁ ନିଲମ୍ବନ କରିଛନ୍ତି। ଗତ ଜୁଲାଇ ୯ରେ କଦଳୀଗଡ ହାଇସ୍କୁଲରେ ପାଠ ପଢୁଥିବା ୧୦୭ ଜଣ ଛାତ୍ରୀଛାତ୍ର ଗ୍ରାମର ଏକ ମନ୍ଦିରରେ ଭୋଗ ଖାଇଥିଲେ। ହେଲେ ଏହି ଦିନ ସ୍କୁଲର ୮୬ ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇଥିବା ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରିପୋର୍ଟ ପ୍ରଦାନ କରିଥିଲେ। ଏହା ଜଣାପଡିବା ପରେ ସ୍କୁଲ ଶିକ୍ଷା କମିଟି ଓ ଗ୍ରାମବାସୀ ୧୪ ତାରିଖରେ ରେଢାଖୋଲ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବ୍ଲକ ଶିକ୍ଷାଧିକାରୀ ଘଟଣାର ତଦନ୍ତ କରିବାକୁ ଏବିଇଓ ଚନ୍ଦ୍ରମଣି ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବିଇଓ ତଦନ୍ତ କରିବା ପରେ ଉକ୍ତ ଦିନ ଛାତ୍ରୀଛାତ୍ର ସ୍କୁଲରୁ ଯାଇ ମନ୍ଦିରରେ ଭୋଗ ଖାଇଥିବା ପ୍ରମାଣିତ ହୋଇଥିଲା। ବିଇଓଙ୍କୁ ତଦନ୍ତ ରିପୋର୍ଟ ଦେବା ପରେ ବିଇଓ ପତ୍ର ସଂଖ୍ୟା ୧୦୬୬ରେ ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଅନୁଧ୍ୟାନ କରିବା ପରେ ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାସ ପତ୍ର ସଂଖ୍ୟା ୯୧୩୫ରେ ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାହୁଙ୍କୁ ନିଲମ୍ବନ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଭଗବାନ ବାଙ୍କିରା ଏହି ସୂଚନା ଦେଇଛନ୍ତି।

# ବଡ଼ଭାଇ ଖଣ୍ଡା ଚୋଟରେ ସାନଭାଇ ମୃତ

**ସିମୁଳିଆ, ୧୫।୧୦(ଡି.ଏନ.ଏ.)**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମଙ୍ଗଳବାର ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ବିଷ୍ଣୁପୁର ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ କୈଳାସ ମାଝି(୫୦)ଙ୍କ ଖଣ୍ଡା ଚୋଟରେ ସାନଭାଇ ସୁରେଶ(୩୭)ଙ୍କର ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ମୃତ ସୁରେଶଙ୍କ ସ୍ତ୍ରୀ ସବିତା ଥାନାରେ ତାଙ୍କ ଦେଢ଼ଶୁର କୈଳାସ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ଝିଅ ସାବିତ୍ରୀ, ବଡ଼ପୁଅ ହେମନ୍ତ ଓ ସାନପୁଅ ସୁଶାନ୍ତଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୨୯୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କୈଳାସ ଫେରାର ହୋଇଯାଇଥିବାରୁ ପୋଲିସ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଓ ଝିଅ ସାବିତ୍ରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଜମିବାଡ଼ି ନେଇ ପୂର୍ବରୁ ଦୁଇ ଭାଇଙ୍କ ମଧ୍ୟରେ ମତାନ୍ତର ଥିଲା। ତେବେ ସୁରେଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଘର ଲାଗି କାର୍ଯ୍ୟାଦେଶ ପାଇଥିଲେ। ସେ ଉକ୍ତ ଜମିରେ ପକ୍କା ଘର ନିର୍ମାଣ ଲାଗି ଉଦ୍ୟମ କରୁଥିବା ବେଳେ ବଡ଼ଭାଇ କୈଳାସ ତାଙ୍କ ମୁଣ୍ଡ, ବେକ ଓ ହାତକୁ ଖଣ୍ଡାରେ ଚୋଟ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ରାତିରେ ଦେଢ଼ଶୁର କୈଳାସ ନିଜ ଗ୍ରାମର ଦୁଇ ସହଯୋଗୀ ମୃତ୍ୟୁଞ୍ଜୟ ଦାସ ଓ ମନୋଜ ଦାସଙ୍କ ସହଯୋଗରେ ସୁରେଶଙ୍କୁ ମାଡ଼ ମାରିଥିବାର ସବିତା ଏତଲାରେ ଦର୍ଶାଇଛନ୍ତି।

# ବସ୍ ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,୧୫।୧୦(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ- ଖିଚିଂ ରାସ୍ତାର କାଶିଆ ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ବସ୍ ଧକ୍କାରେ ୨ ବାଇକ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ଯାଜପୁର ଜିଲା ବ୍ରାହ୍ମଣୀପାଳ ଥାନା ଅନ୍ତର୍ଗତ ଖସାପୋଡ଼ା ଗ୍ରାମର ଶ୍ୟାମ ତିରିଆ ଓ ବ୍ରଜମୋହନ ସିଂ ବୋଲି ପୋଲିସ କହିଛି। ମଧ୍ୟାହ୍ନ ୧୨ଟା ସମୟରେ ଖିଚିଂରୁ କରଞ୍ଜିଆ ଆସୁଥିବା ବସ୍‌ଟି ଏକ ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ବ୍ରଜମୋହନଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରରୁଆଁ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**REQUIRED**
Experienced Marketing Groups / Managers for a Real Estate Company.
Walk-on 16.10.19, 17.10.19 & 21.10.19 (11 A.M. to 7 P.M.) at
A/61, Kharavel Nagar, BBSR
Ph.: 7653060821

**PART / FULL TIME**
ଘରକାମ/ରୋଷେଇ/ ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
Contact : 9090909300 7381222430

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଭୁବନେଶ୍ୱରରେ ଏକ ମହିଳା ହଷ୍ଟେଲ୍ ପାଇଁ ୱାର୍ଡେନ୍ (ମହିଳା) ଆବଶ୍ୟକ। ଭଲ ଦରମା ଏବଂ ରହିବା, ଖାଇବା ମାଗଣା।
ବୟସ ସୀମା ୨୦ ବର୍ଷରୁ ଉର୍ଦ୍ଧ୍ୱ।
Contact : 10 A.M. to 7 P.M.
9556514837
7978508564

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୧୦୦୦/-
Ph : 7894458655
(Call Timing : 12.00-6.00 ମଧ୍ୟରେ)

**REQUIRED**
Requirement for a JCBOPERATOR
Contact: Eminence Network Solutions
M.: 7609050333, 7682089514
Paikanagar, Plot No.- 192(p), Lane-1, Bhubaneswar
Walk-in on 16th, 17th, 18th, 19th, 21st & 22nd Oct. 2019, Time: 11.30 AM - 4.30 PM

**ଆୟା ଆବଶ୍ୟକ**
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9861188280, 9583125591

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 10 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615

**URGENT REQUIRED**
MANAGER - 4 Nos.
SALESMAN - 4 Nos.
Unit of Timber & Furniture Company.
V.S.S. Nagar, Bhubaneswar
Contact : 9778239557

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରଟ, ଗୁଜୁରାଟ
M : 9157312448, 9157012447

**REQUIRED**
2 Nos. Smart, Good looking girl for a Nutrition Club at
Canal Road, Bomikhal, BBSR.
Contact : 9439203686 7978312081

**SHRILEKHA ENTERPRISES**
ଏକ ଘରୋଇ Notebook Manufacturing କମ୍ପାନୀ ପାଇଁ
Marketing Executive ଆବଶ୍ୟକ।
ଆବଶ୍ୟକ ଯୋଗ୍ୟତା: ▸ ମାଟ୍ରିକ୍ ପାସ୍ ▸ ଭୁବନେଶ୍ୱର ବାସିନ୍ଦା ▸ ନିଜର ମୋଟରସାଇକେଲ ଥିବା ଆବଶ୍ୟକ।
Interview Date: 18.10.2019 (10.30-2.00PM)
L-113, GGP Colony, Rasulgarh, BBSR, Odisha, Mob: 7609044994

**Required Directly**
1. Office In-charge, Front Office- Smart Lady, Civil Engineer (M/F), PA Lady (B.Tech/MBA), Marketing (M/F) Electrician, Architect, Supervisor, IT Engineer, Electrical Engineer.
Contact : 0674 2973254
9238482524, 9090732020

**Urgent job in Private Bank**
Qualification :- +2 & any Graduate. Age below 30 yrs.
Salary : Rs.12,000/- to Rs.18,000/- Per Month
Location : All over Odisha
Mobile No.: 7749931264

**CLASSIFIED DISPLAY**
on Every
Tuesday and Friday

**URGENT REQUIRED**
HOTEL JOB
INDIAN COOK - 2 Nos., CHINESE COOK - 1 No., ALL ROUNDER - 2 Nos., HELPER - 2 Nos., WAITER - 1 No.
Contact : 7008447669, 7008593032, 9861990534

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.54 (31) | 38,506.09 (291.62) | 11,428.30 (87.15) | 39,105.00 (₹5) | 46,809.00 (₹91) |



## ସଂକ୍ଷେପରେ

### ଏସ୍‌ବିଆଇର ଡେବିଟ କାର୍ଡ ଇଏମ୍‌ଆଇ ସୁବିଧା




**ଭୁବନେଶ୍ୱର,୧୫-୧୦:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ପିଓଏସ୍‌ରେ ଡେବିଟ କାର୍ଡ ଇଏମ୍‌ଆଇ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ସୁଲଭରେ ଶପିଂ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ବ୍ୟାଙ୍କ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ଏହି ସେବା ଅଧୀନରେ ଗ୍ରାହକମାନେ ୬ରୁ ୧୮ ମାସ ଇଏମ୍‌ଆଇ ଅବଧି ବିକଳ୍ପ ଚୟନ କରିପାରିବେ। ଦେଶର ୧୫୦୦ରୁ ଅଧିକ ସହରରେ ୪ ଲକ୍ଷରୁ ଅଧିକ ମର୍ଚ୍ଚାଣ୍ଟ ଷ୍ଟୋରରେ ଉକ୍ତ ସୁବିଧାର ଲାଭ ଉଠାଇପାରିବେ। ଉତ୍ସବ ଋତୁରେ ଗ୍ରାହକମାନେ ଏହାର ଲାଭ ଉଠାଇପାରିବେ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି। ଡେବିଟ କାର୍ଡ ବ୍ୟବହାର କରି ଗ୍ରାହକ ବିଭିନ୍ନ ମର୍ଚ୍ଚାଣ୍ଟ ଷ୍ଟୋରରେ ଇଏମ୍‌ଆଇରେ କଞ୍ଜ୍ୟୁମର ଡ୍ୟୁରେବୁଲ କିଣିପାରିବେ। ଗ୍ରାହକ ସନ୍ତୁଷ୍ଟି ଏବଂ ସୁବିଧା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଅଧ୍ୟକ୍ଷ କୁମାର କହିଛନ୍ତି।

### ଇଭି ପକ୍ଷରୁ ଡିଲର ସମ୍ମିଳନୀ

**ଭୁବନେଶ୍ୱର,୧୫-୧୦:** ଇ-ଯାନ ନିର୍ମାତା ଇଭି ପକ୍ଷରୁ ଭୁବନେଶ୍ୱରରେ ଡିଲରମିଟ ତଥା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପ୍ରଡକ୍ଟ ରେଞ୍ଜ, ବୈଶିଷ୍ଟ୍ୟ, ସୁବିଧା, ଗ୍ରାହକ ଆବଶ୍ୟକତା, ବିକ୍ରୟ ଧାରା ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ରୋଲ୍ ପ୍ଲେ, କ୍ଲାସ ରୁମ୍ ଟ୍ରେନିଂ, ଟେଷ୍ଟ ଡ୍ରାଇଭ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ତାଲିମ ବିଶେଷଜ୍ଞ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତ ଗ୍ରୁପର ଷ୍ଟାର୍ଟ ଅପ୍ କମ୍ପାନୀ ଓମ୍ ଜୟ ଇଭି ପକ୍ଷରୁ ନୂଆ ସ୍କୁଟର ମଡେଲଗୁଡିକ ବଜାରରେ ଉପଲବ୍ଧ କରାଯାଉଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ ଏବଂ ନର୍ଥ ଇଷ୍ଟରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଇବା ନେଇ ଯୋଜନା ରଖିଛି। ଏହାବାଦ ୩୦ ଡିଲରଶିପ ସହ ସେବା ଯୋଗାଣ ହେଉଛି।

> ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟ ମୁତାବକ ବର୍ଷେ ସୁଦ୍ଧା ଡାକ ବିଭାଗ ଆକାଉଣ୍ଟ ସଂଖ୍ୟା ୧୭ରୁ ୨୫ କୋଟିକୁ ଛୁଇଁବା ଦିଗରେ କାର୍ଯ୍ୟ କରୁ।
> – ରବି ଶଙ୍କର ପ୍ରସାଦ, କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ



> କମ୍ପାନୀଗୁଡିକ ଡାଟାକୁ ସମ୍ମାନ କରିବାର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ।
> – ଗୋପାଳ ଭିତ୍ତଲ, ଭାରତୀ ଏୟାରଟେଲ ଏମ୍‌ଡି



# ଅଭିବୃଦ୍ଧି ପୂର୍ବାନୁମାନ ଖସାଇଲା ଆଇଏମ୍‌ଏଫ୍




- ୬.୧% ରହିବ ଭାରତର ବିକାଶ ହାର
- ୨୦୨୦ରେ ଜିଡିପି ଅଭିବୃଦ୍ଧି ୨୦% ରହିବା ଆଶାୟୀ
- ନିକଟରେ ବିଶ୍ୱବ୍ୟାଙ୍କ ଆକଳନ କମାଇଥିଲା

**ଆର୍ଥିକ ମାନ୍ଦାବସ୍ଥା ଚକ୍ରୀୟ: ପୀୟୂଷ ଗୋୟଲ**

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହା ଚକ୍ରୀୟ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମଙ୍ଗଳବାର କହିଛନ୍ତି। ଏହା ଠିକ୍ ହୋଇଯିବ। ଅଭିବୃଦ୍ଧି ଫେରିବା ଆଗରୁ ବର୍ତ୍ତମାନ ନିବେଶର ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି। ଏହା ସହ ଗତ ଦୁଇ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ଅନେକ ହାରରେ ହ୍ରାସ ଘଟି ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିବା ପ୍ରସଙ୍ଗକୁ ସେ ମାନିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ବିପୁଳ ସମ୍ଭାବନା ରହିଛି। ଏହାକୁ ସାମ୍ନା କରିବାରେ ଭାରତ ସକ୍ଷମ ହେବ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ସହ କୌଣସି ବାଣିଜ୍ୟ କ୍ଷେତ୍ରରେ କୌଣସି ବିବାଦ ନାହିଁ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

**ନୂଆଦିଲ୍ଲୀ,୧୫-୧୦**

ବିଶ୍ୱ ବ୍ୟାଙ୍କ ପରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ଖସାଇଛି। ୨୦୧୯ରେ ଭାରତର ଅଭିବୃଦ୍ଧି ହାର ୬.୧% ରହିବ ବୋଲି ଆଇଏମ୍‌ଏଫ୍ କହିଛି। ସେହିଭଳି ଦେଶର ଅର୍ଥ ବ୍ୟବସ୍ଥା ୨୦୨୦ରେ ୭% ଛୁଇଁବା ନେଇ ଆଇଏମ୍‌ଏଫ୍ ପକ୍ଷରୁ ଏହାର ସଦ୍ୟତମ ୱାର୍ଲଡ ଇକୋନୋମିକ ଆଉଟଲୁକ୍ ପ୍ରୋଜେକ୍ଟରେ ସୂଚନା ଦିଆଯାଇଛି। ଏହା ସହ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ବଜାୟ ରଖିବାକୁ ସକ୍ଷମ ହୋଇଥିବା ଏହା କହିଛି। ଏହି ସମୟରେ ଚାଇନା ମଧ୍ୟ ସମାନ ଅଭିବୃଦ୍ଧି ହାସଲ କରିବ। ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ୭.୩% ରହିବ ବୋଲି ଏହା ଏପ୍ରିଲରେ କହିଥିଲା। ଦ୍ରୁତ ଅଭିବୃଦ୍ଧି ହ୍ରାସକୁ ବିଚାରକରି ଏହା ତିନିମାସ ପରେ ବିକାଶ ଅନୁମାନକୁ ୦.୩% କମ୍ କରିଥିଲା। ୨୦୧୮ରେ ଭାରତର ଜିଡିପି ଅଭିବୃଦ୍ଧି ୬.୮% ରହିଛି।

ରବିବାର ବିଶ୍ୱବ୍ୟାଙ୍କ ପକ୍ଷରୁ ଦକ୍ଷିଣ ଏସିଆ ଇକୋନୋମିକ ଫୋକସ୍‌ର ସଦ୍ୟତମ ରିପୋର୍ଟ ପ୍ରକାଶ ପାଇଥିଲା। ଅଭିବୃଦ୍ଧି ଆକଳନକୁ ଏଥିରେ ୬.୯%ରୁ ୬%କୁ ହ୍ରାସ କରାଯାଇଛି। ଚଳିତ ବର୍ଷ ଏପ୍ରିଲରେ ଆଇଏମ୍‌ଏଫ୍ କରିଥିବା ପୂର୍ବାନୁମାନ ତୁଳନାରେ ଚଳିତ ବର୍ଷ ଲାଗି ଆକଳନକୁ ୧.୨% ପଏଣ୍ଟ ଏବଂ ୨୦୨୦ ଲାଗି ୦.୫% ହ୍ରାସ କରିଛି। ଘରୋଇ ଚାହିଦା ଅପେକ୍ଷାକୃତ କମିବା ସହ ଅନ୍ୟାନ୍ୟ କାରଣରୁ ଆକଳନ ହ୍ରାସ କରାଯାଇଥିବା ଆଇଏମ୍‌ଏଫ୍ କହିଛି। ସେହିଭଳି ଭାରତ ସରକାର ଗ୍ରହଣ କରୁଥିବା କର୍ପୋରେଟ ଟିକସ ହ୍ରାସ ପଦକ୍ଷେପ, ମୁଦ୍ରାନୀତି ପଦକ୍ଷେପ ଗ୍ରାମାଞ୍ଚଳ ଚାହିଦା ବଢାଇବା ଦିଗରେ କାର୍ଯ୍ୟ କରିବ ବୋଲି ଆଇଏମ୍‌ଏଫ୍ ପ୍ରକାଶ କରିଛି।

୨୦୧୮ରେ ଚାଇନାର ଅଭିବୃଦ୍ଧି ୬.୬% ରହିଥିବା ବେଳେ ଏହା ଚଳିତ ବର୍ଷ ୬.୧% ଏବଂ ୨୦୨୦ରେ ୫.୮% ରହିବ ବୋଲି ପୂର୍ବାନୁମାନରେ କୁହାଯାଇଛି। ସେହିଭଳି ଦ୍ୱିତୀୟ ତ୍ରୈମାସରେ ଭାରତର ଅଭିବୃଦ୍ଧି ହାର କମିବ ବୋଲି ଏହା ପ୍ରକାଶ କରିଛି। ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ, ଅଟୋମୋବାଇଲ ଏବଂ ରିୟଲ ଇଷ୍ଟେଟ ଭଳି କ୍ଷେତ୍ରଗୁଡିକରେ ସମସ୍ୟା ଲାଗି ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିବ ବୋଲି ଏହା କହିଛି। ଆଇଏମ୍‌ଏଫ୍ ଏବଂ ୱାର୍ଲଡ ବ୍ୟାଙ୍କର ବାର୍ଷିକ ବୈଠକ ପୂର୍ବରୁ ଏଭଳି ରିପୋର୍ଟ ଆସିଛି। କର୍ପୋରେଟ ଏବଂ ପରିବେଶ ନିୟାମକ କ୍ଷେତ୍ରରେ ଅନିଶ୍ଚିତତା, ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକର ସମସ୍ୟା ଏବଂ ଚାହିଦା ହ୍ରାସ ଅଭିବୃଦ୍ଧିକୁ ମନ୍ଥର କରିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ଘରୋଇ ବଜାରର ଆତ୍ମବିଶ୍ୱାସ ଫେରାଇ ଆଣିବା ଲାଗି ବିସ୍ତୃତ ଭାବେ ସଂସ୍କାର ଧାରା ଜାରି ରଖିବାକୁ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ମଧ୍ୟବର୍ତ୍ତୀ ସମୟ ଲାଗି ସରକାରଙ୍କ ଋଣକୁ ଏକ ସୁଚିନ୍ତିତ ଯୋଜନା ଦ୍ୱାରା ହ୍ରାସ କରାଯିବାର ଆବଶ୍ୟକତା ରହିଛି। ଟିକସ ବୃଦ୍ଧି, ସବ୍‌ସିଡି ଯୋଜନାଗୁଡିକରେ ହେଉଥିବା ଅର୍ଥ ଖର୍ଚ୍ଚ ହ୍ରାସ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗଭର୍ନାନ୍ସରେ ଉନ୍ନତି, ଋଣ ଯୋଗାଣ ଧାରାକୁ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବାଦ ଭିତ୍ତିଭୂମି ଉନ୍ନତୀକରଣ, ଜମି ସଂସ୍କାର ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦିଗରେ ସରକାର କାର୍ଯ୍ୟ କରନ୍ତୁ ବୋଲି ଏହା ରିପୋର୍ଟରେ ମତ ରଖିଛି।

## ଆୟୁଷ୍ମାନ ଖୁରାନ ଟାଇଟାନ ଆଇପ୍ଲସ୍‌ର ବ୍ରାଣ୍ଡ ଆମ୍ବାସାଡର




**ଭୁବନେଶ୍ୱର,୧୫-୧୦**

ଟାଇଟାନ ଆଇୱେର ବିଜନେସ ପକ୍ଷରୁ ବଲିଉଡ ଅଭିନେତା ଆୟୁଷ୍ମାନ ଖୁରାନାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। କମ୍ପାନୀର ଫ୍ରେମ, ସନଗ୍ଲାସେସ ଏବଂ ଲେନ୍ସକୁ ଆୟୁଷ୍ମାନ ପ୍ରମୋଶନ କରିବେ। କମ୍ପାନୀର ଆଗାମୀ ମଲ୍ଟି ମିଡିଆ କ୍ୟାମ୍ପେନରେ ସେ ନଜର ଆସିବେ ବୋଲି ଟାଇଟାନ ପକ୍ଷରୁ ସୂଚନା ଦିଆଯାଇଛି। ୬ରୁ ୬୦ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବର୍ଗ ଲାଗି କମ୍ପାନୀ ପକ୍ଷରୁ ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି। କମ୍ପାନୀର ଆଇୱେର ବିଜନେସକୁ ପ୍ରମୋଟ କରାଇବା ଲାଗି ଆୟୁଷ୍ମାନଙ୍କ ସହ ଚୁକ୍ତିରେ ସାମିଲ ହୋଇ ଅତ୍ୟନ୍ତ ଖୁସି ବୋଲି ଟାଇଟାନ ଆଇୱେର ଡିଭିଜନ ସିଇଓ ରୋନି ତାଲାତି କହିଛନ୍ତି।

## ଡ୍ୟୁକ୍ ପକ୍ଷରୁ ୱିଣ୍ଟର କଲେକ୍ସନ

**ଭୁବନେଶ୍ୱର, ୧୫-୧୦**

ଡ୍ୟୁକ୍ ପକ୍ଷରୁ ନୂଆ ୱିଣ୍ଟର କଲେକ୍ସନ ବଜାରକୁ ଆସିଛି। କମ୍ପାନୀ ଆଣିଥିବା ନୂଆ ଏଡବ୍ଲ୍ୟୁ-୧୯ କଲେକ୍ସନ ଷ୍ଟାଇଲ ଏବଂ ଆରାମକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ପୁରୁଷ,ମହିଳା ଏବଂ ଶିଶୁଙ୍କ ବର୍ଗରେ ପୋଷାକପତ୍ର ଏଥିରେ ସାମିଲ ରହିଛି। ଏଥିରେ ଉନ୍ନତ ରଙ୍ଗ, ଟେକ୍ସଚର, ପ୍ରିଣ୍ଟ, ୱେଷ୍ଟର୍ନ କଟ୍ ସ୍ଥାନିତ ହୋଇଛି। ଏହା ଯୁବବର୍ଗଙ୍କ ଦ୍ୱାରା ଆଦୃତ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୮୪୯ ଟଙ୍କାରୁ ୪୯୯୯ ଟଙ୍କା ମୂଲ୍ୟରେ ଗ୍ରାହକ ଏହାକୁ ଲାଭ କରିପାରିବେ। ଏଥିରେ ଓଲେନଟପ୍ସ, ସ୍ୱେଟର, ସ୍ୱିଟ ସାର୍ଟ, ହାର୍ଟ



ରିଟେନସନ ସ୍ୱିଟର, ପରଫରମାନ୍ସ ପୋଲୋ ଏବଂ ବମ୍ବର ଜ୍ୟାକେଟ ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆ କଲେକ୍ସନ ବଜାରକୁ ଆସିଥିବା ଡ୍ୟୁକ ଫ୍ୟାଶନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।

### ବିଏନ୍‌ଆଇର ଦ୍ୱିତୀୟ ଚାପ୍ଟର ଶୁଭାରମ୍ଭ

**କଟକ,୧୫-୧୦:** ବିଜନେସ ନେଟ୍‌ୱର୍କ ଇଣ୍ଟରନ୍ୟାଶନାଲ (ବିଏନ୍‌ଆଇ) ପକ୍ଷରୁ କଟକଠାରେ ନୂଆ ଚାପ୍ଟର ଶୁଭାରମ୍ଭ ହୋଇଛି। ଶୁଭାରମ୍ଭ ଦିନଠାରୁ ଏହା ୫୦ ଲକ୍ଷ ଟଙ୍କାର ବାଣିଜ୍ୟ ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଛି। କଟକ ରିଜିଅନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲ, ମିଷ୍ଟର ସାହାସମି, ମିଷ୍ଟର ରାହୁଲ କେଶରୀ ଏହାକୁ ଆରମ୍ଭ କରିଥିଲେ। ୨୦୨୦ ସୁଦ୍ଧା ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଯୋଡିବା ନେଇ ଲକ୍ଷ୍ୟ ରଖାଯାଇଥିବା ଆଞ୍ଚଳିକ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି। ସଦସ୍ୟମାନଙ୍କ ମିଳିତ ସହଯୋଗରେ ବାଣିଜ୍ୟ ସୁଯୋଗ ସୃଷ୍ଟି ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ବିଶ୍ୱର ସର୍ବବୃହତ୍ ବିଜନେସ ନେଟ୍‌ୱର୍କିଂ ଏବଂ ରେଫରାଲ ମାର୍କେଟିଂ ଅର୍ଗାନାଇଜେଶନ ଭାବେ ଏହା ବେଶ୍ ପରିଚିତ।

## କଲ୍ୟାଣ ଜୁଏଲର୍ସର ଦିୱାଲି ଅଫର

**ଭୁବନେଶ୍ୱର,୧୫-୧୦**

କଲ୍ୟାଣ ଜୁଏଲର୍ସ ପକ୍ଷରୁ ଦିୱାଲି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ସାରା ବିଶ୍ୱରେ ଗ୍ରାହକଙ୍କ ଲାଗି କମ୍ପାନୀ ପକ୍ଷରୁ ଏହାର ଶୋ'ରୁମଗୁଡିକରେ ୩ ଲକ୍ଷ ଗୋଲ୍ଡ କଏନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ସାପ୍ତାହିକ ଲକି ଡ୍ର ସହ ଗ୍ରାହକଙ୍କ ଲାଗି ଜଣେ ଭାଗ୍ୟଶାଳୀ ବିଜେତା ଘୋଷଣା କରାଯିବ। ସୁନା ଗହଣାର ଗଢାମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ପ୍ରତି ୮ ଗ୍ରାମ ସୁନା କ୍ରୟ ଉପରେ ୧୦୦୦ ଟଙ୍କାର ରିହାତି ସୁବିଧା କରାଯାଇଛି।


## ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ
### ୨୦୧୯-୨୦

65-L

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତିର ନିର୍ମାଣ / ପରିକଳ୍ପନା କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ ।

ରାଜ୍ୟସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ ୩ ଟି ଲେଖାଏଁ ଏବଂ ଅଭିନବ ପରିକଳ୍ପନା ପାଇଁ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବ । ସେହିପରି ଜିଲ୍ଲାସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ଏବଂ ଅଭିନବ ପରିକଳ୍ପନା ପାଇଁ (୧ ଜଣ ଜିଲ୍ଲା ପ୍ରତି) ୩୦ ଜଣଙ୍କୁ ପୁରସ୍କୃତ କରାଯିବ ।

| | ଅଭିନବ ଯନ୍ତ୍ରପାତି | ଅଭିନବ ପରିକଳ୍ପନା |
|---|---|---|
| ପ୍ରଥମ ପୁରସ୍କାର ରାଶି | ୨ ଲକ୍ଷ ଟଙ୍କା | ୫୦ ହଜାର ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | ୧ ଲକ୍ଷ ୫୦ ହଜାର ଟଙ୍କା | ୩୫ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | ୧ ଲକ୍ଷ ଟଙ୍କା | ୧୫ ହଜାର ଟଙ୍କା |
| ଜିଲ୍ଲାସ୍ତରୀୟ ପୁରସ୍କାର ରାଶି | ୧୫ ହଜାର ଟଙ୍କା | ୫ ହଜାର ଟଙ୍କା |

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ ଅଭିନବ କୃଷି ଯନ୍ତ୍ରପାତି / ପରିକଳ୍ପନାଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in**ରେ ଉପଲବ୍ଧ । ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଲିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡ଼ିଓ / ସଂଶ୍ଲିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ **ଜାନୁୟାରୀ ୩୧ ତାରିଖ** ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ **'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର'** (FIAC)ର ଡ୍ରପ ବାକ୍ସରେ ଦାଖଲ କରିପାରିବେ ।

01034/11/0024/1920

**ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



**GOVERNMENT OF ODISHA**
**STEEL & MINES DEPARTMENT**
**DIRECTORATE OF GEOLOGY, ODISHA**
**BHU-BIGYAN BHAWAN, BHUBANESWAR-751001**
**Phone : 06742392374, Fax : 06742391776, Email : directorgeology_odisha@yahoo.in**

**1st CORRIGENDUM TO TENDER CALL NOTICE**

**No. GXVIII (e)-04/19-DG(Investigation)-Outsourcing of Diamond Core Drilling of Karabira Graphite Prospect, Dhenkanal District**

**No.15-G:-** It is hereby informed that with reference to the Tender Call Notice for outsourcing of diamond core drilling of Karabira graphite prospect, the undersigned felt necessary to delete the point 14 f. at P-8 reflected under Chapter-II of the Tender Document. Further, the point 14 e. is modified as "For payment, minimum 90% core recovery in the ore zone and 80% in other formation will be considered. However, for overall core recovery of below 80%, no payment shall be made".

The Tender Document has been modified and the same has been up-loaded in the Govt. Website **"http://www.orissaminerals.gov.in"**. All the interested Bidders are requested to download the modified Tender Document for outsourcing of diamond core drilling of Karabira graphite prospect and submit their bids accordingly.

All other Terms & Conditions, the **last date & time of submission of Tender and the date of opening of the Tender remain unchanged.**

**30003/11/0002/1920** **DIRECTOR OF GEOLOGY, ODISHA**



**OFFICE OF THE COLLECTOR & DISTRICT MAGISTRATE, NABARANGPUR**
**(ST & SC DEVELOPMENT SECTION)**

**No. 2290/ 2019** **Date: 09.10.2019**

**No.40-V:-** Application in prescribed form are invited from the eligible for filling up various Posts of OMTES on contractual basis in Ekalabya Model Residential School, Hirli, Nabarangpur managed by OMTES under ST & SC Development Department, Govt. of Odisha. The candidates can submit the application forms along with copies of relevant certificates by **Registered Post or Speed Post only in a sealed cover addressed to the District Welfare Officer, Nabarangpur on or before 31.10.19 up to 5.00 PM.** The details of the Advertisement and the selection criteria may be obtained from office notice Board of District Welfare Office, Nabarangpur and District Website **www.nabarangpur.nic.in**.

By Order of Collector, Nabarangpur
**Sd./- District Welfare Officer, Nabarangpur**

**24165/11/0005/1920**



**DISTRICT PROJECT OFFICE, SAMAGRA SHIKSHYA, NUAPADA**

**No.2506 /Plg/19** **Date: 15.10.19**

**TENDER CALL NOTICE**

**(A)** Sealed tenders are invited in plain paper from intending suppliers having valid registered STCC, PAN and having GST Registration Certificate for supply of 1000 numbers of bedding 2294 numbers of School Bag, 2294 numbers of Towel, 2294 numbers of Water Bottle, 2294 numbers of Pencil Box, 2294 numbers of Story Books/Work Books, 2294 numbers of Drawing/ Art Materials Kit, 55 numbers of Toys/Sport Materials Kit for Seasonal Hostels 2019-20. The tender papers containing detailed specification which can be obtained from the District Project Office, Samagra Shikshya, Nuapada during office hours of any working day between dt. 15.10.19 to 29.10.19 (till 1:00 P.M.) on payment of Rs.500/- (Rupees Five Hundred) only towards cost of tender paper in shape of demand draft to be pledged in favour of DPC, SSA Nuapada. The same is also available in OSEPA webisite **http://opepa.odisha.gov.in** & District website **www.nuapada.nic.**in. The suppliers interested to download the tender paper from the websites have to deposit the cost of tender paper in shape of demand draft alongwith tender paper. The cost of tender paper is non refundable. The sealed tender can be sent by Registered Post/ Speed Post only to the District Project Office, Samagra Shikshya, Nuapada, CT School Campus, At/ Po/Dist-Nuapada, Pin-766105, before 1.00 P.M. dt.29.10.19 and will be opened on the same day at 3.00 P.M. in the office of the Collector, Nuapada in presence of the bidders or their authorized representatives. The tenders received after 29.10.19 by 1.00 P.M. will not be entertained. The authority reserves the right to cancel the tenders without assigning any reason thereof.

**(B)** Expression of interests are invited from firms having EPM rate contract for supply of 1000 Beds to Seasonal Hostels of five Blocks. The details terms, conditions and specification is available in OSEPA website **http://opepa.odisha.gov.in** & District website **www.nuapada.nic.in.**

**By order of Collector-cum-Chairperson, Samagra Shikshya, Nuapada**
**Sd./-**
**District Project Coordinator, Samagra Shikshya, Nuapada**



**Directorate of Mines**
**Steel & Mines Department**
**Government of Odisha**
**Email: directormines1@orissaminerals.gov.in**
**Date: October 14, 2019**

**Notice Inviting Tender**

**"Invitation of bids for grant of Mining Lease for Iron Ore and Manganese Minerals"**

**No.16-G:-** In exercise of the powers conferred by Section 10 (B) of the Mines and Minerals (Development and Regulation) Act, I957 and in accordance with the Mineral (Auction) Rules, 2015 as amended from time to time notified thereunder, the Government of Odisha has identified 10 (ten) Minerals Blocks [5 (Five) blocks of Iron Ore, 3 (Three) blocks of Iron Ore and Manganese and 2 (Two) blocks of Manganese] for electronic auction and hereby invites tenders for the purposes of grant of Mining Lease.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Last date for purchase of Tender Document after payment of a tender fee on website of e-auction platform provider is Friday, November 22, 2019 and the last date for submission of the bid is Thursday, November 28, 2019 on or before 12.00 Noon (IST).

**List of Mineral Blocks for Auction**

| Sl. No. | Block Name | Mineral | Type of Concession | Tender Fee (In. Rs) |
|---|---|---|---|---|
| 1 | Gorumahisani Iron Ore Block | Iron Ore | Mining Lease | 5,00,000 |
| 2 | Badampahar Iron Ore Block | Iron Ore | Mining Lease | 5,00,000 |
| 3 | Jajang Iron Ore Block | Iron Ore | Mining Lease | 5,00,000 |
| 4 | Nadidih Iron Ore Block (BICO) | Iron Ore | Mining Lease | 5,00,000 |
| 5 | Balda Iron Ore Block | Iron Ore | Mining Lease | 5,00,000 |
| 6 | Katasahi Manganese Block | Manganese | Mining Lease | 5,00,000 |
| 7 | Kanther-Koira Manganese Block | Manganese | Mining Lease | 5,00,000 |
| 8 | Nadidih Iron Ore & Manganese Block (FEEGRADE) | Iron Ore & Manganese | Mining Lease | 5,00,000 |
| 9 | Teherai Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 10 | Kolmong Iron Ore and Manganese Block | Iron Ore | Mining Lease | 5,00,000 |

**Sd./-Director of Mines, Odisha, Bhubaneswar**

**30004/11/0008/1920**

“ଷ୍ଟିଭ୍ ସ୍ମିଥ୍ ଦିନେ ନା ଦିନେ ଅଧିନାୟକ ପଦବୀକୁ ଫେରିବେ ବୋଲି ମୋର ଆଶା, ଯଦି ତାହା ଘଟେ ତେବେ ମୁଁ ସମର୍ଥନ କରିବି।

–ଟିମ୍ ପେନ୍, ଅଷ୍ଟ୍ରେଲୀୟ କ୍ରିକେଟ ଅଧିନାୟକ



“ପାକିସ୍ତାନ ଦଳରେ କେତେଜଣ ଖେଳାଳି ଅଛନ୍ତି, ଯେଉଁମାନେ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି କୁଣ୍ଠିତ।

–ମିସ୍‌ବା ଉଲ୍ ହକ୍, ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା



## ସଂକ୍ଷେପରେ

### ଡେନ୍‌ମାର୍କ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରମୋଦ ଦ୍ୱିତୀୟ ରାଉଣ୍ଡରେ

**ଭୁବନେଶ୍ୱର, ୧୫।୧୦(କ୍ରୀଡ଼ା ପ୍ରତିନିଧି):** ଡେନ୍‌ମାର୍କର କୋପେନହାଗେନଠାରେ ମଙ୍ଗଳବାର ଆରମ୍ଭ ହୋଇଛି ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ପ୍ରମୋଦ ଭଗତ ପ୍ରଥମ ରାଉଣ୍ଡରେ ୟୁକ୍ରେନର ଆଲେକଜାଣ୍ଡର ଚିର୍କୋଭଙ୍କୁ ୧୮-୨୧, ୨୧-୧୬, ୨୨-୨୦ ପଏଣ୍ଟରେ ପରାସ୍ତ କରିଛନ୍ତି। ବୁଧବାର ସେ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡ ଓ ଡବଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିବେ।

### ଭାରତରେ ଟି୨୦ ଟୁର୍ନାମେଣ୍ଟ ଖେଳିବେ ଲାରା, ସଚିନ

**ମୁମ୍ବାଇ, ୧୫।୧୦ (ପି.ଟି.):** କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର, ବ୍ରାଏନ ଲାରାଙ୍କ ପରି କିଛି ମହାନ ପୂର୍ବତନ କ୍ରିକେଟର୍ ଭାରତରେ ଆସନ୍ତା ବର୍ଷ ହେବାକୁ ଥିବା ରୋଡ୍ ସେଫ୍‌ଟି ବିଶ୍ୱ ସିରିଜ ଟି୨୦ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଫେବୃୟାରୀ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସ୍ଥାନରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର୍ ତିଲକରତ୍ନେ ଦିଲଶାନ, ଦକ୍ଷିଣ ଆଫ୍ରିକାର ଜଣ୍ଟି ରୋଡ୍ସ, ଅଷ୍ଟ୍ରେଲିଆର ବ୍ରେଟ୍ ଲି, ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ନଜରକୁ ଆସିବେ। ରୋଡ୍ ସେଫ୍‌ଟି ବିଶ୍ୱ ସିରିଜ ଏକ ବାର୍ଷିକ ଟି୨୦ ଟୁର୍ନାମେଣ୍ଟ। ଯେଉଁଥିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ଭାରତର ପୂର୍ବତନ କିମ୍ବଦନ୍ତୀ ଖେଳାଳିମାନେ ଅଂଶଗ୍ରହଣ କରିଥାନ୍ତି। ଟୁର୍ନାମେଣ୍ଟ ଅବସରରେ ଏହି ଖେଳାଳିମାନେ ସଡ଼କ ସୁରକ୍ଷା ଉପରେ ମେସେଜ୍ ଦେଇଥାନ୍ତି।

### ଅଷ୍ଟ୍ରେଲିଆ ପୁରୁଷ, ମହିଳା ଟି୨୦ ଦଳକୁ ସମାନ ପୁରସ୍କାର ରାଶି ମିଳିବ

**ସିଡନୀ, ୧୫।୧୦(ଏଏଫ୍‌ପି):** କ୍ରିକେଟ ଅଷ୍ଟ୍ରେଲିଆ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆସନ୍ତାବର୍ଷ ଘରୋଇ ପରିବେଶ୍‌ରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଉଭୟ ପୁରୁଷ ଓ ମହିଳା ଦଳ ପାଇଁ ସମାନଭାବେ ପୁରସ୍କାର ରାଶି ଦିଆଯିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ଘୋଷଣା କରିଛି। ଅର୍ଥାତ୍ ବିଶ୍ୱକପ୍ ଜିତିଲେ ପୁରୁଷ ଓ ମହିଳା ଦଳକୁ ସମାନ ଭାବେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ସୋମବାର ୨୦୨୦ ମହିଳା ବଶ୍ୱକପ୍‌ର ପୁରୁସ୍କାର ରାଶିରେ ୩୨୦ ପ୍ରତିଶତ ବୃଦ୍ଧି କରିଛି। ଏଥର ମହିଳା ଚାମ୍ପିୟନ ଦଳ ୧ ମିଲିୟନ ବା ୧୦ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ହାସଲ କରିବ। ଅନ୍ୟପଟେ ରନର୍ସଅପ୍ ଦଳ ୫ ଲକ୍ଷ ଡଲାର ପୁରସ୍କାର ପାଇବ ବୋଲି ଆଇସିସି ସ୍ପଷ୍ଟ କରିଛି। ଯଦି ଆସନ୍ତା ବର୍ଷ ମହିଳା ଦଳ ଟି୨୦ ବିଶ୍ୱକପ୍ ହାସଲ କରିବ ତାହାଲେ ଅତିରିକ୍ତ ୬ ଲକ୍ଷ ଡଲାର ପୁରସ୍କାର ରାଶି ଦେବ। ସେହିପରି ଦଳ ରନର୍ସଅପ୍ ହେଲେ ଅତିରିକ୍ତ ୫ ଲକ୍ଷ ଡଲାର ପୁରସ୍କାର ରାଶି ହାସଲ କରିବ। ଏହି ଅତିରିକ୍ତ ପୁରସ୍କାର ରାଶି ମଳିଲେ ପୁରୁଷ ଓ ମହିଳା ଦଳର ପୁରସ୍କାର ରାଶି ସାମାନ ହେବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ କହିଛି। ମହିଳା ଓ ପୁରୁଷ କ୍ରିକେଟରଙ୍କ ମଧ୍ୟରେ ଥିବା ଅସମାନତାକୁ ଦୂର କରିବା ପାଇଁ ଆମେ ବଦ୍ଧପରିକର ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କେଭିନ ରବର୍ଟ୍ସ କହିଛନ୍ତି। ଆମ ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କ ଆର୍ଥିକ ଅବସ୍ଥା ସୁଧାରିବାକୁ ପ୍ରୟାସ ଜାରି ରଖିବୁ। ତେବେ ଏଥିପାଇଁ ଆମକୁ ଆହୁରି ବହୁତ କିଛି କରିବାକୁ ପଡିବ। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସମାନତା ଅଣିବା ଉପରେ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ଦୁଇ ବର୍ଷ ତଳେ କ୍ରିକେଟ ଅଷ୍ଟ୍ରେଲିଆ ଓ ଅଷ୍ଟ୍ରେଲିଆନ କ୍ରିକେଟର୍ସ ଆସୋସିଏଶନ ଗୋଟିଏ ବୁଝାମଣା କରିଥିଲେ। ମହିଳା ଓ ପୁରୁଷ କ୍ରିକେଟରଙ୍କ ପାଇଁ ସମାନ ଆଭିମୁଖ୍ୟ ପୋଷଣ କରାଯିବ ବୋଲି ଦୁଇ ସଂସ୍ଥା ସହିମତିରେ ପହଞ୍ଚିଥିଲେ। ଟପ୍ ର୍ୟାଙ୍କର ଅଷ୍ଟ୍ରେଲିଆ ମହିଳା ଦଳ ଏଥର ଟି୨୦ ବିଶ୍ୱକପ୍‌ରେ ହଟ୍ ଫେଭରାଇଟ୍ ବିବେଚିତ ହେଉଛି। ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ମହିଳା ଦଳ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ୩ ବର୍ଷ ପରେ ବାରବାଟୀକୁ ଫେରିଲା ରଣଜୀ

# ଘରୋଇ ଗ୍ରାଉଣ୍ଡରେ ୫ ମ୍ୟାଚ୍ ଖେଳିବ ଓଡ଼ିଶା

**କଟକ ଅଫିସ,୧୫।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚଳିତ ଘରୋଇ କ୍ରିକେଟ ଟୁର୍ନାମେଣ୍ଟର ଭେନ୍ୟୁ ତାଲିକା ଘୋଷଣା କରାଯାଇଛି। ଆସନ୍ତା ଡିସେମ୍ବର ୯ରୁ ଆରମ୍ଭ ହେବ ରଣ୍‌ଜୀ ସିଜନ ୨୦୧୯-୨୦। ଚଳିତ ସଂସ୍କରଣରେ ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ୫ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇବ। ୩ବର୍ଷର ବ୍ୟବଧାନ ପରେ ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ରଣ୍‌ଜୀ ମ୍ୟାଚ୍ ଦେଖିବାକୁ ମିଳିବ। ଲୋଧା କମିଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟ କ୍ରିକେଟ ସଂଘର ଅଚଳାବସ୍ଥା ଯୋଗୁ ଏଠାରେ ମ୍ୟାଚ୍ ଆୟୋଜନ କରିବା ପାଇଁ ଓସିଏ କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଉଥିଲେ। ଘୋଷିତ ମ୍ୟାଚ୍ ସୂଚୀରେ ବାରବାଟୀ ଷ୍ଟାଡିୟମରେ ୨ଟି, ଡ୍ରିମ୍ସ ଗ୍ରାଉଣ୍ଡରେ ୨ଟି ଓ କିଟ୍‌ରେ ଗୋଟିଏ ମ୍ୟାଚ୍ ହେବ ବୋଲି ଉଲ୍ଲେଖ ରହିଛି।

୨୦୧୬-୧୭ ସିଜନରେ ବାରବାଟୀ ଷ୍ଟାଡିୟମରେ ଶେଷଥର ପାଇଁ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଖେଳାଯାଇଥିଲା। ଏହି ସିଜନର ୩ଟି ମ୍ୟାଚ୍ ଏଠାରେ ହୋଇଥିଲା। ୨୦୧୬ ନଭେମ୍ବର ୨୯ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ହୋଇଥିବା କେରଳ-ତ୍ରିପୁରା ମ୍ୟାଚ୍ ହେଉଛି ବାରବାଟୀରେ ଶେଷ

**ରଣ୍‌ଜୀ ଭେନ୍ୟୁ ଘୋଷିତ**

ରଣଜୀ ମ୍ୟାଚ୍। ସେହିବର୍ଷ ନଭେମ୍ବର ୫ରୁ ୮ ଛତିଶଗଡ଼-ଗୋଆ, ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ହରିୟାଣା-ଜମ୍ମୁ କଶ୍ମୀର ମ୍ୟାଚ୍ ଏଠାରେ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ୪ବର୍ଷ ବ୍ୟବଧାନ ପରେ ଓଡ଼ିଶା ଦଳ ରଣଜୀ ଟ୍ରଫି ଖେଳିବାର ସୁଯୋଗ ପାଇବ। ୨୦୧୫ ଅକ୍ଟୋବର ୧୫ରେ ଓଡ଼ିଶା ଏହାର ଶେଷ ମ୍ୟାଚ୍ ଆସାମ ବିପକ୍ଷରେ ଏଠାରେ ଖେଳିଥିଲା ଓ ୮ ଉଇକେଟରେ ବିଜୟୀ ମଧ୍ୟ ହୋଇଥିଲା। ୨୦୧୫ ସଂସ୍କରଣରେ ଓଡ଼ିଶା-ମହାରାଷ୍ଟ୍ର ଲିଗ ପର୍ଯ୍ୟାୟ ମ୍ୟାଚ୍ ଓ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା।

ଡିସେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଓଡ଼ିଶା ଛତିଶଗଡ଼ ବିପକ୍ଷରେ ଛତିଶଗଡ଼ ଗ୍ରାଉଣ୍ଡରେ ଆସନ୍ତା ରଣ୍‌ଜୀ ଟ୍ରଫିର ପ୍ରଥମ ମ୍ୟାଚ୍ ଖେଳିବ। ପରେ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଡିସେମ୍ବର ୧୭ରୁ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମ୍ୟାଚ୍‌ରେ ଓଡ଼ିଶାର ମୁକାବିଲା ସର୍ଭିସେସ ସହିତ ହେବ। ଡିସେମ୍ବର ୨୫ରୁ ୨୮ ଓଡ଼ିଶାର ପରବର୍ତ୍ତୀ ମ୍ୟାଚ୍ ମଧ୍ୟ ଡ୍ରିମ୍ସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ବିପକ୍ଷରେ ଖେଳାଯିବ। ଜାନୁୟାରୀ ୩ ଓ ୧୧ ତାରିଖରେ ଯଥାକ୍ରମେ ତ୍ରିପୁରା, ହରିୟାଣା ବିପକ୍ଷରେ ଓଡ଼ିଶା ବିପକ୍ଷ ଦଳର ଘରୋଇ ମାଟିରେ ମ୍ୟାଚ୍ ଖେଳିବ। ଜାନୁୟାରୀ ୧୯ରୁ ୨୨ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ବିପକ୍ଷ ଓ ୨୭ରୁ ୩୦ ଆସାମ ବିପକ୍ଷ ୨ଟି ଯାକ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଫେବୃୟାରୀ ୪ରୁ ମହାରାଷ୍ଟ୍ର ଗ୍ରାଉଣ୍ଡରେ ଘରୋଇ ମହାରାଷ୍ଟ୍ର ଦଳକୁ ଭେଟିବ ଓଡ଼ିଶା। ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଓଡ଼ିଶା ଝାଡ଼ଖଣ୍ଡ ବିପକ୍ଷରେ ଖେଳିବାକୁ ଥିବା ବେଳେ ଏହା କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

**ଓଡ଼ିଶାର ରଣ୍‌ଜୀ ମ୍ୟାଚ୍ ସୂଚୀ**

| ତାରିଖ | ବିପକ୍ଷ | ଭେନ୍ୟୁ |
|---|---|---|
| ଡିସେମ୍ବର ୯ରୁ ୧୨ | ଛତିଶଗଡ଼ | ଛତିଶଗଡ଼ |
| ଡିସେମ୍ବର ୧୭ରୁ ୨୦ | ସର୍ଭିସେସ | ଡ୍ରିମ୍ସ |
| ଡିସେମ୍ବର ୨୫ରୁ ୨୮ | ଉତ୍ତରାଖଣ୍ଡ | ଡ୍ରିମ୍ସ |
| ଜାନୁୟାରୀ ୩ରୁ ୬ | ତ୍ରିପୁରା | ତ୍ରିପୁରା |
| ଜାନୁୟାରୀ ୧୧ରୁ ୧୪ | ହରିୟାଣା | ହରିୟାଣା |
| ଜାନୁୟାରୀ ୧୯ରୁ ୨୨ | ଜମ୍ମୁ-କଶ୍ମୀର | ବାରବାଟୀ |
| ଜାନୁୟାରୀ ୨୭ରୁ ୩୦ | ଆସାମ | ବାରବାଟୀ |
| ଫେବୃୟାରୀ ୪ରୁ ୭ | ମହାରାଷ୍ଟ୍ର | ମହାରାଷ୍ଟ୍ର |
| ଫେବୃୟାରୀ ୧୨ରୁ ୧୫ | ଝାଡ଼ଖଣ୍ଡ | କିଟ୍ |



### ଦିନିକିଆ ର୍ୟାଙ୍କିଙ୍ଗ୍ ଶୀର୍ଷ ମାନ୍ୟତା ହରାଇଲେ ମନ୍ଧାନା

**ଦୁବାଇ, ୧୫।୧୦ (ପି.ଟି.)**

ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ବ୍ୟାଟ୍ସଓମ୍ୟାନ ସ୍ମୃତି ମନ୍ଧାନା ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ମାନ୍ୟତା ହରାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ବ୍ୟାଟିଂ ତାଲିକାରେ ମନ୍ଧାନାଙ୍କୁ ପଛରେ ପକାଇ ନ୍ୟୁଜିଲାଣ୍ଡର ଆମି ସାଟର୍ଥୱେଟ୍ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଆଘାତଜନିତ ସମସ୍ୟା ଲାଗି ମନ୍ଧାନା ନିକଟରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଅନୁଷ୍ଠିତ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳିପାରି ନ ଥିଲେ। ଏହି ସିରିଜକୁ ଭାରତ ୩-୦ରେ କ୍ଲିନ ସୁଇପ୍ କରିଥିଲା। ସିରିଜରୁ ବାଦ୍ ପଡ଼ିବା ଫଳରେ ମନ୍ଧାନାଙ୍କ ର୍ୟାଙ୍କିଙ୍ଗ୍‌ରେ ଏହାର ପ୍ରଭାବ ପଡ଼ିଛି। ୨୩ ବର୍ଷୀୟା ଏହି ବାମହାତୀ ବ୍ୟାଟ୍ସଓମ୍ୟାନ ବର୍ତ୍ତମାନ ୭୫୫ ପଏଣ୍ଟ ସହ ବ୍ୟାଟିଂ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ଅନ୍ୟ ଭାରତୀୟ କ୍ରିକେଟର୍‌ଙ୍କ ମଧ୍ୟରେ ଅଧିନାୟିକା ମିଥାଲି ରାଜ ୭ମ ସ୍ଥାନକୁ ଖସି ଯାଇଥିବାବେଳେ ହର୍‌ମନପ୍ରୀତ୍ କୌର ୧୭ତମ ସ୍ଥାନକୁ ଉଠିଛନ୍ତି। ବୋଲିଂ ତାଲିକାରେ ଝୁଲଣ ଗୋସ୍ୱାମୀ, ଶିଖା ପାଣ୍ଡେ ଓ ପୁନମ ଯାଦବ ଯଥାକ୍ରମେ ୬ଷ୍ଠ, ୮ମ ଓ ୯ମ ସ୍ଥାନରେ ରହିଛନ୍ତି।

## ଜାତୀୟ ଜୁନିୟର ରୋଇଂ: ଓଡ଼ିଶା ରନର୍ସଅପ

**କଟକ ଅଫିସ,୧୫।୧୦**

ମଧ୍ୟପ୍ରଦେଶର ଭୋପାଳଠାରେ ୪୦ତମ ଜୁନିୟର ଜାତୀୟ ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ସମେତ ମୋଟ ୩ଟି ପଦକ ବିଜୟୀ ହେବା ସହ ରନର୍ସଅପ ହୋଇଛି। ପ୍ରତିଯୋଗିତା ୧୦୦୦ମିଟର ବିଶିଷ୍ଟ ହୋଇଥିଲା। ବାଳିକା କକ୍ସଲେସ ପେୟାରରେ ଓଡ଼ିଶାର ସୋନାଲିକା ଦାସ ଓ ସୋନାଲୀ ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। କକ୍ସଲେସ-୪ରେ ମଧ୍ୟ ଓଡ଼ିଶା ବାଳିକା ଖେଳାଳି ମାନେ ସ୍ୱର୍ଣ୍ଣ ଜିତିଥିଲେ। ଏଥିରେ ରେଶ୍‌ମା କୁମାରୀ ମିଞ୍ଜ, ରେଶ୍‌ମା ଲାକ୍ରା, କୁସପ୍ରୀତ କୌର ଓ ହରନୁର ସିନ୍ଧୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ବାଳକ ବର୍ଗର ସିଙ୍ଗଲ୍ସ ଇଭେଣ୍ଟରେ କରନବୀର ସିଂ ଭିନ୍ଦର ଓଡ଼ିଶା ପକ୍ଷରୁ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂ ଦେଓ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଟ୍ରଫି ଓ ପଦକ ସହ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ରୋଇଂ ଦଳ।

### ବେଙ୍ଗାଲୁରୁ, ୟୁ ମୁମ୍ବା ସେମିଫାଇନାଲରେ

**ଅହମ୍ମଦାବାଦ, ୧୫।୧୦ (ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସ ଓ ୟୁ ମୁମ୍ବା ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ୭ମ ସିଜନର ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ପ୍ରଥମ ଏଲିମିନେଟର୍ ମ୍ୟାଚ୍‌ରେ ବେଙ୍ଗାଲୁରୁ ୪୮-୪୫ ପଏଣ୍ଟରେ ୟୁପି ଯୋଦ୍ଧାକୁ ପରାସ୍ତ କରିଛି। ସେହିଭଳି ଏଲିମିନେଟର୍-୨ରେ ୟୁ ମୁମ୍ବା ୪୬-୩୮ ପଏଣ୍ଟରେ ହରିୟାଣା ଷ୍ଟିଲସକୁ ହରାଇ ସେମିଫାଇନାଲରେ ହାରିଯାଇଛି। ଫଳରେ ପିକେଏଲ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ବୁଧବାର ଅହମ୍ମଦାବାଦରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାନାଲରେ ବେଙ୍ଗାଲୁରୁର ମୁକାବିଲା ଦବଙ୍ଗ ଦିଲ୍ଲୀ ସହ ହେବ। ସେହିଭଳି ସେହି ସମାନ ଦିନରେ ବେଙ୍ଗଲ ୱାରିୟର୍ସ ଓ ୟୁ ମୁମ୍ବା ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## କ୍ରିକେଟରୁ ଜେନୀଙ୍କ ଅବସର

**ଲଣ୍ଡନ, ୧୫।୧୦**

ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଜେନୀ ଗନ୍ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୨୦୦୪ରେ ମାତ୍ର ୧୮ ବର୍ଷ ବୟସରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଜେନୀ ୧୫ ବର୍ଷର ଲମ୍ବା କ୍ୟାରିୟରରେ ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ଉପରେ ୨୫୯ ମ୍ୟାଚ୍ ଖେଳିଛନ୍ତି। ଏଥିସହ ସେ ୩ଟି ବିଶ୍ୱକପ୍ ସମେତ ୫ଥର ଆଶେସ୍ ସିରିଜ ବିଜୟୀ ଦଳର ସଦସ୍ୟା ମଧ୍ୟ ରହିଛନ୍ତି। ୨୦୦୯ରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିବା ଇଂଲଣ୍ଡ ଦଳର ସେ ସଦସ୍ୟା ରହିଥିଲେ। ସେହିଭଳି ସେହି ସମାନ ବର୍ଷ ଆଇସିସି ଦିନିକିଆ ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଦଳର ସେ ପ୍ରମୁଖ ଖେଳାଳି ଥିଲେ। ଏହାର ୮ ବର୍ଷ ପରେ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଘରୋଇ ମାଟିରେ ପୁଣିଥରେ ଆଇସିସି ବିଶ୍ୱକପ୍ ଜିତିଥିଲା। ସେମିଫାଇନାଲରେ ଜେନୀ ୨୭ ରନର ଅପରାଜିତ ଇନିଂସ ଖେଳି ଦଳକୁ ଫାଇନାଲରେ ପହଞ୍ଚାଇଥିଲେ। ଫାଇନାଲ ମ୍ୟାଚ୍‌ରେ ସେ ୮ ଓଭର ବୋଲିଂ କରି ମାତ୍ର ୧୭ ରନ ବ୍ୟୟ କରିଥିଲେ। ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ ୩୩ ବର୍ଷୀୟା ଜେନୀ (୧୦୪ ମ୍ୟାଚ୍)ଙ୍କ ନାମରେ ରହିଛି। ୨୫୯ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ସେ ମୋଟ୍‌ଉପରେ ୨୭୦୨ ରନ ଓ ୨୦୪ ଉଇକେଟ୍ ଅକ୍ତିଆର କରିଛନ୍ତି।



## ପାକିସ୍ତାନକୁ ଦଳ ପଠାଇପାରେ ଆଇଟା

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

**ଡେଭିସ୍ କପ୍**

ଜାତୀୟ ଟେନିସ ମହାସଂଘ ଏହାର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ପାକିସ୍ତାନ ଭିଜା ଯୋଗାଡ଼ କରିବା ପ୍ରକ୍ରିୟା ଆରମ୍ଭ କରବା ଲାଗି ମଙ୍ଗଳବାର ନିଷ୍ପତ୍ତି ନେଇଛି। ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଯଦି ନିରପେକ୍ଷ ଭେନ୍ୟୁରେ ମ୍ୟାଚ ଆୟୋଜନ କରିବା ଲାଗି ରାଜି ନ ହୁଏ ତେବେ ପଡ଼ୋଶୀ ଦେଶରେ ଡେଭିସ୍ କପ୍ ମ୍ୟାଚ ଖେଳିବାକୁ ପଡ଼ିବ। ଭାରତ ହୁଏତ ଏହାର ଦ୍ୱିତୀୟ ଦଳ ପଠାଇପାରେ। ଖବର ଅନୁସାରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପାକିସ୍ତାନ ଗସ୍ତ କରିବା ଲାଗି କୌଣସି ଖେଳାଳିଙ୍କୁ ବାଧ କରିବ ନାହିଁ। ଆଇଟିଏଫ୍ ଦ୍ୱାରା ସସ୍‌ପେଣ୍ଡ, ଜରିମାନା ଓ ନିମ୍ନ ପାହ୍ୟାକୁ ଖସିବା ସମ୍ଭାବନାକୁ ଏଡାଇବା ଲାଗି ଆଇଟା ଆବଶ୍ୟକ ସ୍ଥଳେ ଦ୍ୱିତୀୟ ଦଳ ପଠାଇପାରେ। ଯଦି ଆଇଟିଏଫ୍ ମୁକାବିଲାକୁ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ସ୍ଥିର କରେ ତେବେ ପ୍ରଜନେଶ ଗୁଣେଶ୍ୱରନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଟପ୍ ଖେଳାଳି ଉପଲବ୍ଧ ହେବେ ବୋଲି ଆଶା। ନଭେମ୍ବର ୨୯ରେ ମୁକାବିଲାର ପ୍ରଥମ ଦିବସରେ ପ୍ରଜନେଶ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଭାରତ-ପାକିସ୍ତାନ ଡେଭିସ୍ କପ୍ ମ୍ୟାଚ ପ୍ରକୃତରେ ଇସ୍‌ଲାମାବାଦ୍‌ଠାରେ ସେପ୍ଟେମ୍ବର ୧୪ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଆଇଟିଏଫ୍‌ର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା ପରେ ଏହାକୁ ନଭେମ୍ବର ୨୯-୩୦କୁ ଘୁଞ୍ଚାଇ ଦିଆଯାଇଥିଲା। ସୁରକ୍ଷାଜନିତ କାରଣ ଦର୍ଶାଇ ମ୍ୟାଚକୁ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ଲାଗି ଆଇଟା ବାରମ୍ବାର ବିଶ୍ୱ ଗଭର୍ନିଂବଡିକୁ ବାରମ୍ବାର ଚିଠି ଲେଖିଛି। ମଙ୍ଗଳବାର ଦିଲ୍ଲୀ ଲନ୍ ଟେନିସ୍ ଆସୋସିଏଶନ (ଡିଏଲ୍‌ଟିଏ) ପରିସରରେ ଆଇଟା କର୍ମକର୍ତ୍ତାଙ୍କ ଏକ ବୈଠକ ବସିଥିଲା। ଏଥିରେ ମହେଶ ଭୂପତି ମଧ୍ୟ ଉପସ୍ଥିତ ଥିଲେ। ଭିଜା ପ୍ରକ୍ରିୟା ଆରମ୍ଭ କରିବା ବ୍ୟତୀତ ମ୍ୟାଚକୁ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବା ନେଇ ଆଇଟିଏଫ୍‌କୁ ବୁଝାଇବା ଲାଗି ଉଦ୍ୟମ ଜାରି ରଖିବା ଲାଗି ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଆଇଟା ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି, ଆମେ ଆଇଟିଏଫ୍‌ର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରି ରହିଛୁ। କିନ୍ତୁ ବର୍ତ୍ତମାନ ଆମକୁ ଭିଜା ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ।

# ରୋନାଲ୍ଡୋଙ୍କ ୭୦୦ ଗୋଲ୍

**ପ୍ୟାରିସ, ୧୫।୧୦ (ଏଏଫ୍‌ପି)**

ଷ୍ଟାର୍ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ୭୦୦ତମ କ୍ୟାରିୟର ଗୋଲସ୍କୋର ସତ୍ତ୍ୱେ ୟୁରୋପିଆନ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ପର୍ତ୍ତୁଗାଲ ୧-୨ ଗୋଲରେ ୟୁକ୍ରେନ ନିକଟରୁ ପରାସ୍ତ ହୋଇଛି। ସପ୍ତମ ମ୍ୟାଚ୍‌ରୁ ୧୯ ପଏଣ୍ଟ ସହ ୟୁକ୍ରେନ ଲଗାତର ୩ୟଥର ଲାଗି ୟୁରୋ ୨୦୨୦ ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି। ପର୍ତ୍ତୁଗାଲ ତାରକା ରୋନାଲ୍ଡୋଙ୍କ ୭୦୦ତମ କ୍ୟାରିୟର ଗୋଲ୍ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚ୍‌ର ପ୍ରାରମ୍ଭରୁ ୟୁକ୍ରେନ ଅଗ୍ରଣୀ ନେବାରେ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ୬ଷ୍ଠ ମିନିଟ୍‌ରେ ରୋମାନ ୟାରେମଚୁକଙ୍କ ଗୋଲ ବଳରେ ୟୁକ୍ରେନ ୧-୦ରେ ଆଗୁଆ ରହିଥିଲା। ଏହାପରେ ୨୭ତମ ମିନିଟ୍‌ରେ ଆନ୍ଦ୍ରିୟ ୟାର୍‌ମୋଲେଙ୍କୋ ଗୋଲସ୍କୋର କରି ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ ଗୋଲରେ ପଛୁଆ ରହିଥିବା ପର୍ତ୍ତୁଗାଲ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଶୁଝାଇବାରେ ସଫଳ ହୋଇଥିଲା। ୭୨ତମ ମିନିଟ୍‌ରେ ଅଧିନାୟକ ରୋନାଲ୍ଡୋ ପାଇଥିବା ପେନାଲ୍ଟିକୁ କୌଣସି ତ୍ରୁଟି ନ କରି ଗୋଲରେ ରୂପାନ୍ତରିତ କରିଥିଲେ। ତେବେ ଏହାପରେ ଆଉ କୌଣସି ଗୋଲ ନ ହେବାରୁ ୟୁକ୍ରେନ ୨-୧ ଗୋଲରେ ବିଜୟୀ ହୋଇଥିଲା। ପର୍ତ୍ତୁଗାଲ ପରାଜୟବରଣ କରିଥିଲେ ମଧ୍ୟ ୩୪ ବର୍ଷୀୟ ରୋନାଲ୍ଡୋ କ୍ୟାରିୟରର ୭୦୦ତମ ଗୋଲସ୍କୋର କରିବାର କୃତିତ୍ୱ ଲାଭ କରିଛନ୍ତି। ମୋଟ୍ ଉପରେ ୯୭୩ତମ ମ୍ୟାଚ୍‌ରୁ ରୋନାଲ୍ଡୋ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ୭୦୦ ଗୋଲ୍ ମଧ୍ୟରୁ ସ୍ପାନିଶ ପ୍ରଫେଶନାଲ ଫୁଟ୍‌ବଲ କ୍ଲବ ରିୟଲ୍ ମାଡ୍ରିଡ୍ ପକ୍ଷରୁ ଖେଳିଲାବେଳେ ରୋନାଲ୍ଡୋ ଅଧିକ ସ୍କୋର କରିଛନ୍ତି। ରିୟଲ ମାଡ୍ରିଡ୍ ପାଇଁ ସେ ୪୫୦ ଗୋଲ ଓ ମାଞ୍ଚେଷ୍ଟର ପାଇଁ ୧୧୮ ଗୋଲସ୍କୋର କରିଛନ୍ତି। ରୋନାଲ୍ଡୋ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ମାଞ୍ଚେଷ୍ଟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ସେହିଭଳି ନିଜ ଦେଶ ପର୍ତ୍ତୁଗାଲ ପାଇଁ ସେ ୯୫, ଜୁଭେଣ୍ଟସ ପାଇଁ ୩୨ ଓ ସ୍ପୋର୍ଟିଂ ସିପି ପାଇ ୫ ଗୋଲ ଦେଇଛନ୍ତି। ବିଶ୍ୱର ୬ଷ୍ଠ ଫୁଟ୍‌ବଲର ଭାବେ ରୋନାଲ୍ଡୋ ୭୦୦ ଗୋଲ କରିଛନ୍ତି।



**ଫୁଟ୍‌ବଲ ଇତିହାସରେ ସର୍ବକାଳୀନ ସର୍ବାଧିକ ଗୋଲ କରିଥିବା ଖେଳାଳି**

| ଖେଳାଳି | ଦେଶ | ପ୍ରମୁଖ କ୍ଲବ | ଗୋଲ | ସମୟ |
|---|---|---|---|---|
| ଜୋସେଫ୍ ବାକନ୍ | ଅଷ୍ଟ୍ରିୟା | ର୍ୟାପିଡ୍ ଭିଏନା, ସ୍ଲାଭିଆ ପ୍ରେଗ | ୮୦୫ | ୧୯୩୧ରୁ ୧୯୫୫ |
| ରୋମାରିଓ ଡି ସୌଜା | ବ୍ରାଜିଲ | ଭାସ୍କୋ ଡା ଗାମା ଏଫ୍‌ସି, ପିଏସ୍‌ଭି, ବାର୍ସିଲୋନା | ୭୭୨ | ୧୯୮୫ରୁ ୨୦୦୭ |
| ପେଲେ | ବ୍ରାଜିଲ | ସାଣ୍ଟୋସ, ନ୍ୟୁୟର୍କ କସ୍‌ମସ୍ | ୭୬୭ | ୧୯୫୭ରୁ ୧୯୭୭ |
| ଫେରେଙ୍କ ପୁସକାସ | ହଙ୍ଗେରୀ | ବୁଦାପେଷ୍ଟ ହନଭେଡ୍, ରିୟଲ ମାଡ୍ରିଡ୍ | ୭୪୬ | ୧୯୪୩ରୁ ୧୯୬୬ |
| ଗେର୍ଡ ମୁଲାର | ଜର୍ମାନ | ବେୟର୍ନ ମ୍ୟୁନିକ | ୭୩୫ | ୧୯୬୨ରୁ ୧୯୮୧ |
| କ୍ରିଷ୍ଟିଆନୋ ରୋନାଲ୍ଡୋ | ପର୍ତ୍ତୁଗାଲ | ମାଞ୍ଚେଷ୍ଟର ୟୁନାଇଟେଡ୍, ରିୟଲ ମାଡ୍ରିଡ୍, ଜୁଭେଣ୍ଟସ୍ | ୭୦୦ | ୨୦୦୨ରୁ ବର୍ତ୍ତମାନ |

## ସଂକ୍ଷେପରେ

### ୱେଷ୍ଟଇଣ୍ଡିଜ କୋଚ୍ ପଦକୁ ଫେରିଲେ ସିମନ୍ସ



**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୧୫।୧୦ (ଏଏଫ୍‌ପି):** ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର କୋଚ୍ ପଦକୁ ପୁଣିଥରେ ଫିଲ୍ ସିମନ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ସିମନ୍ସ ମୁଖ୍ୟ କୋଚ୍ ରହିବେ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତିନିବର୍ଷ ତଳେ ଏକ ବିବାଦୀୟ ପରିସ୍ଥିତିକ୍ରମେ ସିମନ୍ସଙ୍କୁ ଜାତୀୟ କ୍ରିକେଟ୍ ଦଳର କୋଚ୍ ପଦରୁ ବହିଷ୍କାର କରାଯାଇଥିଲା। ସେ ୨୦୧୬ ଆଇସିସି ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିଲେ। ଏହି ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ଅନ୍ତିମ ଓଭରରେ ବେନ୍ ଷ୍ଟୋକ୍ସଙ୍କୁ ଲଗାତର ୪ ଛକା ମାରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଏହାପରେ ପାରିଶ୍ରମିକ କାରଣ ଯୋଗୁ ୫୬ ବର୍ଷୀୟ ସିମନ୍ସଙ୍କୁ ବାହାର କରି ଦିଆଯାଇଥିଲା। ସିମନ୍ସଙ୍କ ପ୍ରଶିକ୍ଷଣ କାଳରେ ୱେଷ୍ଟଇଣ୍ଡିଜ ଟେଷ୍ଟ କ୍ରିକେଟ୍‌ରେ କିନ୍ତୁ ଆଶାନୁରୂପକ ପ୍ରଦର୍ଶନ କରିପାରି ନ ଥିଲା। ମୋଟ୍ ୧୪ ଟେଷ୍ଟରୁ ଦଳ ଗୋଟିଏରେ ବିଜୟୀ ହୋଇଥିଲା।

### ସିନ୍ଧୁଙ୍କ କଷ୍ଟସାଧ ବିଜୟ, ନିରାଶ କଲେ କାଶ୍ୟପ୍

**ଓଡେନସେ, ୧୫।୧୦ (ପି.ଟି.):** ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୭ ଲକ୍ଷ ୭୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ କଷ୍ଟସାଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ସିନ୍ଧୁ ୨୨-୨୦, ୨୧-୧୮ ସିଧାସଳଖ ଗେମ୍‌ରେ ବିଶ୍ୱ ମାନ୍ୟତାର ୧୬ତମ ସ୍ଥାନରେ ରହିଥିବା ଇଣ୍ଡୋନେସିଆର ଗ୍ରେଗୋରିଆ ମାରିସ୍କା ତୁନଜୁଙ୍ଗଙ୍କୁ ପରାସ୍ତ କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ'ଙ୍କ ସହ ହେବ। ଗତ ଅଗଷ୍ଟରେ ବିଶ୍ୱ ଟାଇଟଲ ଜିତିବା ପରେ ସିନ୍ଧୁ ଚାଇନା ଓପନ୍ ଓ କୋରିଆ ଓପନ୍‌ରେ ଯଥାକ୍ରମେ ପ୍ରଥମ ଓ ୨ୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପାରୁପଲ୍ଲୀ କାଶ୍ୟପ୍‌ଙ୍କୁ ନିରାଶ ହେବାକୁ ପଡ଼ିଛି। କାଶ୍ୟପ୍ ୧୩-୨୧, ୧୨-୨୧ସିଧାସଳଖ ଗେମ୍‌ରେ ସିଙ୍ଗିକୋମ୍ ଥାମାସିନଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି।



> ସୌରଭ ଗାଙ୍ଗୁଲିଙ୍କ ଅଧୀନରେ ଭାରତୀୟ କ୍ରିକେଟର ଅଗ୍ରଗତି ଜାରି ରହିବ ବୋଲି ନିଃସନ୍ଦେହରେ କୁହାଯାଇପାରେ।
>
> –ଭି.ଭି.ଏସ୍ ଲକ୍ଷ୍ମଣ, ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ



> ମୁଁ ଯେତେବେଳେ କ୍ରିକେଟ ଖେଳିବା ଆରମ୍ଭ କଲି କେବେ ବି କଳ୍ପନା କରି ନ ଥିଲି ଦିନେ ଭାରତ ପାଇଁ ଖେଳିବି।
>
> –କୁଲଦୀପ ଯାଦବ, ଭାରତୀୟ ସ୍ପିନର

**ସୁଲତାନ ଜୋହର କପ୍ ହକି**

# ଲଢ଼େଇ କରି ହାରିଲା ଭାରତ

**ଜୋହର ବାହରୁ, ୧୫।୧୦**

ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩–୪ ଗୋଲରେ ଜାପାନଠାରୁ ହାରିଯାଇଛି। ମ୍ୟାଚରେ ଭାରତ ଲଢ଼ୁଆ ପ୍ରଦର୍ଶନ କରିଥିଲେ ହେଁ ଗୋଟିଏ ଗୋଲ ବ୍ୟବଧାନରେ ପରାଜୟବରଣ କରିଛି। ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା ପ୍ରଥମ ପରାଜୟ। ପ୍ରଥମ ୨ଟି ମ୍ୟାଚରେ ଦଳ ମାଲେସିଆକୁ ୪–୨ ଓ ନ୍ୟୁଜିଲାଣ୍ଡକୁ ୮–୨ ଗୋଲରେ ପରାସ୍ତ କରିଥିଲା। ଭାରତ ଏହାର ପରବର୍ତ୍ତୀ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ ବୁଧବାର ଅଷ୍ଟ୍ରେଲିଆକୁ ଭେଟିବ।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଜାପାନକୁ ପ୍ରଥମ ମିନିଟରେ ହିଁ ଫାଇଦା ମିଳିଥିଲା। ମିଳିଥିବା ପେନାଲ୍ଟି କର୍ନରକୁ ୱାତାରୁ ମାତ୍‌ସୁମୋତୋ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ଜବାବରେ ଭାରତ ମଧ୍ୟ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ୩ୟ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ପ୍ରତାପ ଲାକ୍ରାଙ୍କ ଶଟ୍‌କୁ ପ୍ରତିପକ୍ଷ ଦଳର ତାକୁମି କିଟାଗାୱା ଅଟକାଇବାରେ



ଜାପାନ ଖେଳାଳିଙ୍କଠାରୁ ବଲ୍ ନେଇ ଆଗେଇ ଯାଉଛନ୍ତି ଓଡ଼ିଶାର ଶୀଳାନନ୍ଦ ଲାକ୍ରା।

ସକ୍ଷମ ହୋଇଥିଲେ। ପ୍ରଥମ କ୍ୱାର୍ଟରରେ ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶ୍ ଟଚ୍ ଦେବାରେ ବିଫଳ ହେବାରୁ ଗୋଲଟି ପରିଶୋଧ କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତୀୟ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା। ଦଳ ଗୋଲ ପରିଶୋଧ ଉଦ୍ୟମରେ ବିଫଳ ହୋଇଥିବାବେଳେ ଜାପାନର କୋସେଇ କାୱାବେ ୨୨ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨–୦ ଗୋଲରେ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟର ରୋମାଞ୍ଚକର ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ଭାରତ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମନଦୀପ ମୋରଙ୍କ ପାସ୍‌କୁ ଗୋଲରେ ପରିଣତ କରି ଗୁରସାହିବଜିତ ସିଂ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହାର ୨ ମିନିଟ ପରେ ଜାପାନକୁ ମିଳିଥିବା ୫ମ ପେନାଲ୍ଟି କର୍ନରରୁ କେଇତା ୱାତାନବେ ଗୋଲ ଦେଇ ଜାପାନର ଅଗ୍ରଣୀକୁ ୩–୧ କରିଥିଲେ। ୩୭ତମ ମିନିଟରେ କୋସେଇ କାୱାବେ ଗୋଲ ଦେବାରୁ ଜାପାନ ୪–୧ରେ ଅଗ୍ରଣୀ ସହ ଡ୍ରାଇଭର ଶିଟ୍‌ରେ ବସିଥିଲା। ତେବେ ଏହାର ୧ ମିନିଟ ପରେ ଅର୍ଥାତ୍ ୩୮ତମ ମିନିଟରେ ଶାରଦାନନ୍ଦ ତିୱାରୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୨ ଗୋଲ ପଛରେ ଥାଇ ଭାରତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଖେଳିଥିଲା। ଜାପାନ ଆକ୍ରମଣ ଉପରେ ଗୁରୁତ୍ୱ ନ ଦେଇ ନିଜ ରକ୍ଷଣଭାଗକୁ ଦୃଢ଼ କରି ଦେଇଥିଲା। ଭାରତୀୟ ଫରୱାର୍ଡ ଲାଇନ୍ ଜାପାନର ରକ୍ଷଣଭାଗ ଭେଦ କରିବାପାଇଁ ଉଦ୍ୟମକୁ ଜୋରଦାର କରିଥିଲା। ୫୩ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଓଡ଼ିଆ ଖେଳାଳି ପ୍ରତାପ ଲାକ୍ରା ଭାରତ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଶେଷ ୭ ମିନିଟରେ ଆଉ ଗୋଲ ଦେବା ସମ୍ଭବ ହୋଇ ନ ଥିଲା। ଫଳରେ ଜାପାନ ବିଜୟ ହାସଲ କରିଥିଲା।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଆର୍ଯ୍ୟମାନ୍ (ସାନ୍ଟୁ)
ଆଜି ତୋର ୧ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛାସହ:
ସ୍ୱାଇଁ ପରିବାର ଓ ଆତ୍ମୀୟସ୍ୱଜନ।
ଧ–୧୪୭୯୬

### ଲକ୍ଷ୍ୟଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା

**ନୂଆଦିଲ୍ଲୀ, ୧୫।୧୦:** ଭାରତୀୟ ଯୁବ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ମିଳିଛି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ୧୮ ବର୍ଷୀୟ ଲକ୍ଷ୍ୟ ଏକାଥରରେ ୨୦ ପାହାଚ ଉପରକୁ ଉଠି ୫୧ତମ ସ୍ଥାନ ଲାଭ କରିଛନ୍ତି। ରବିବାର ଲକ୍ଷ୍ୟ ଡଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ୍ ଜିତିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ଟାଇଟଲ୍। ଏଥିଯୋଗୁ ତାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ହୋଇଛି।

## 'ଶାରୀରିକ, ମାନସିକଭାବେ ଦୃଢ଼ ହେବାର ସମୟ'

**ରାଞ୍ଚି, ୧୫।୧୦(ପି.ଟି.)**

ଚଳିତ ଟେଷ୍ଟ ସିରିଜର ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ୨ଟି ମ୍ୟାଚରେ ବିଜୟୀ ହୋଇ ଭାରତ ସିରିଜ ଜିତିଛି। ଏଥିରେ ନିରାଶ ହୋଇଛନ୍ତି ଦକ୍ଷିଣ ଆଫ୍ରିକୀୟ ଫାଷ୍ଟ ବୋଲର କାଗିଶୋ ରାବାଡା। ଦକ୍ଷିଣ ଆଫ୍ରିକା ଦଳ ଘରୋଇ ଭାରତ ଉପରେ ଅଧିକ ଚାପ ପକାଇପାରିବ ବୋଲି ସେ ଭାବି ପାରୁନଥିବା ସ୍ୱୀକାର କରିଛନ୍ତି। "ଆମେ ଯେତିକି ଚାପ ପକାଇବା ସମ୍ଭବ ତାହା କରିଛୁ। ତା'ଠାରୁ ଅଧିକ ଚାପ ପକାଇପାରିବୁ ବୋଲି ଭାବିପାରୁନି" ବୋଲି ରାବାଡା କହିଛନ୍ତି। ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ସଫଳ ମୁକାବିଲା କରି ଭାରତ ପ୍ରଥମ ୨ ଟେଷ୍ଟର ପ୍ରଥମ ଇନିଂସରେ ବିଶାଖାପାଟଣା ଓ ପୁଣେରେ ୫୦୦ ଓ ୬୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର କରିଥିଲା।

କେବଳ ଭାରତୀୟ ବ୍ୟାଟ୍ସମ୍ୟାନ ନୁହନ୍ତି ବୋଲରମାନେ ମଧ୍ୟ ଅପେକ୍ଷାକୃତ ଭଲ ବୋଲିଂ କରିଛନ୍ତି ବୋଲି ରାବାଡ଼ା ମାନିଛନ୍ତି। କୌଣସି ଏକ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨୦ ଉଇକେଟ ନେବା ଏବେ ଦୀର୍ଘଦିନ ହେବ ସମ୍ଭବ ହେଉନାହିଁ। ଚଳିତ ସିରିଜରେ ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗର ନେତୃତ୍ୱ ନେଉଥିବା ରାବାଡା ୨ଟି ଟେଷ୍ଟରେ ମାତ୍ର ୪ ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। "ଭାରତୀୟ ବୋଲରମାନେ ବଲ୍‌କୁ ରିଭର୍ସସୁଇଂ କରାଇ ପାରୁଛନ୍ତି। ମିଳିତଭାବେ ଦଳର



ତୃତୀୟ ଟେଷ୍ଟ ଖେଳିବା ଲାଗି ରାଞ୍ଚିରେ ପହଞ୍ଚିଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ।

ବୋଲିଂ ବହୁତ ଭଲ ରହିଛି। ଏହି ଦଳର ବୋଲିଂ ଆକ୍ରମଣ ପ୍ରତିଟି ମୁହୂର୍ତ୍ତରେ ଆମ ଉପରେ ଚାପ ପ୍ରୟୋଗ କରିବାକୁ ସକ୍ଷମ ହୋଇଛି। ବୋଲରମାନଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। ବଲ୍ ରିଭର୍ସ ହେବା ବେଳକୁ ପେସ୍ ବୋଲରମାନେ ଏହାର ଫାଇଦା ଉଠାଇ ପାରୁଛନ୍ତି। ରିଭର୍ସ ସୁଇଂ ବୋଲିଂ ଆମର ମୁଖ୍ୟ ଅସ୍ତ୍ର, ମାତ୍ର ଏଠାରେ ଆମେ ସେଥିରୁ ଫାଇଦା ନେଇ ପାରୁନାହୁଁ" ବୋଲି ରାବାଡା କହିଛନ୍ତି। ଦକ୍ଷିଣ ଆଫ୍ରିକା ଏକ ଯୁବ ଦଳ। ଏହି ଦଳ ଏବେ ପ୍ରସ୍ତୁତି ପଥରେ ରହିଛି। ମାତ୍ର ଯେଉଁଭଳିଭାବେ ଆମେ ହାରିଲୁ ତାହା ଗ୍ରହଣୀୟ ନୁହେଁ। ଆମେ ନିଜ ଶକ୍ତିକୁ ଉପଲବ୍ଧି କରି ତାହାକୁ ପ୍ରୟୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଞ୍ଚିରେ ୩ୟ ତଥା ଅନ୍ତିମ ଟେଷ୍ଟ ଶନିବାର ଆରମ୍ଭ ହେବ। ଏହି ଟେଷ୍ଟରେ ଉନ୍ନତ ପ୍ରଦର୍ଶନ କରି ସିରିଜ ଶେଷ କରିବା ଆମର ଲକ୍ଷ୍ୟ। ଶାରୀରିକ ଦୃଷ୍ଟିକୋଣରୁ ଆମେ ନିଜର ଶକ୍ତିକୁ ଉପଯୋଗ କରିବାର ଅଛି, ମାନସିକଭାବେ ଦେଖିଲେ ଆମେ ତାହା ପାରିବୁ ବୋଲି ସବୁବେଳେ ଭାବିବା ଉଚିତ। ଏହା ଉପରେ ସନ୍ତୁଳନ ରକ୍ଷା ଉପରେ ଆମେ କାର୍ଯ୍ୟ କରୁଛୁ ବୋଲି ରାବାଡା କହିଛନ୍ତି।

### ୟୁଏଇରେ ଟେଷ୍ଟ ସିରିଜ ପାଇଁ ପାକିସ୍ତାନର ସର୍ତ୍ତ

**କରାଚୀ, ୧୫।୧୦ (ପି.ଟି.)**

ଡିସେମ୍ବରରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଲାଗି ଏହି ମ୍ୟାଚର ଗୁରୁତ୍ୱ ରହିଛି। ଶ୍ରୀଲଙ୍କା ଯଦି ସୁରକ୍ଷାଜନିତ କାରଣରୁ ଏହି ମ୍ୟାଚ ଦୁଇଟି ପାକିସ୍ତାନରେ ନ ଖେଳି ନିରପେକ୍ଷ ଭେନ୍ୟୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳିବାକୁ ଚାହେଁ ତେବେ ଏବାବଦରେ ସମସ୍ତ ଖର୍ଚ୍ଚ ବହନ କରିବାକୁ ରାଜି ନୁହେଁ ପାକିସ୍ତାନ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ପିସିବି)। ପାକିସ୍ତାନ ଇତିମଧ୍ୟରେ ସେପ୍ଟେମ୍ବର–ଅକ୍ଟୋବରରେ କରାଚୀ ଏବଂ ଲାହୋରରେ ଶ୍ରୀଲଙ୍କା ବିପକ୍ଷରେ ଏକ ସୀମିତ ଓଭର ସିରିଜ ଆୟୋଜନ କରିସାରିଛି। ଏହି ଦୃଷ୍ଟିରୁ ଡିସେମ୍ବରରେ ନିଜ ଦେଶରେ ଟେଷ୍ଟ ସିରିଜ ଖେଳିବା ଲାଗି ପିସିବି ଶ୍ରୀଲଙ୍କାକୁ ରାଜି କରାଇବା ଲାଗି ଉଦ୍ୟମ ଜାରି ରଖିଛି। ଆଇସିସି ବୋର୍ଡ ବୈଠକ ପାଇଁ ପିସିବି ଚେୟାରମ୍ୟାନ ଏହେସାନ ମନି ଏବଂ ସିଇଓ ୱାସିମ ଖାଁ ଏବେ ଦୁବାଇରେ ଅଛନ୍ତି। ସେମାନେ ସେଠାରେ ଶ୍ରୀଲଙ୍କା ଅଫିସିଆଲଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି। ୟୁଏଇରେ ଯଦି ଟେଷ୍ଟ ମ୍ୟାଚ ଖେଳାଯାଏ ତେବେ ଏବାବଦରେ ଯାହା ବ୍ୟୟ ହେବ ତାହା ଉଭୟ କ୍ରିକେଟ ବୋର୍ଡକୁ ମିଳିତ ଭାବେ ବହନ କରିବାକୁ ପଡ଼ିବ ବୋଲି ସେମାନେ କହିଛନ୍ତି।

## ସୁପର ଓଭର ନିୟମରେ ପରିବର୍ତ୍ତନ

**ଦୁବାଇ, ୧୫।୧୦ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶେଷରେ ଏହାର ସମସ୍ତ ପ୍ରମୁଖ ଇଭେଣ୍ଟଗୁଡ଼ିକ ଲାଗି ସୁପର ଓଭର ନିୟମରେ ପରିବର୍ତ୍ତନ କରିଛି। ଏଣିକି ସେମିଫାଇନାଲ କିମ୍ବା ଫାଇନାଲ ମ୍ୟାଚରେ ଟାଇ ଭାବେ ହେଲେ ସୁପର ଓଭରରେ ଯଦି ଫଇସଲା ନ ହୁଏ ତେବେ ଫଳାଫଳ ବାହାରିବା ପର୍ଯ୍ୟନ୍ତ ସୁପର ଓଭର ଜାରି ରହିବ। ସୂଚନାଯୋଗ୍ୟ, ଗତ ଜୁଲାଇରେ ବିଶ୍ୱକପ୍ ଫାଇନାଲ ଟାଇ ହେବା ପରେ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇଥିଲା। ମାତ୍ର ତାହା ଟାଇ ଭାବେ ଶେଷ ହେବାରୁ ମ୍ୟାଚରେ ଅଧିକ ବାଉଣ୍ଡ୍ରି ମାରିଥିବା ଦଳ ଇଂଲଣ୍ଡକୁ ବିଜେତା ଘୋଷଣା କରାଯାଇଥିଲା। ଏହାକୁ ଅନେକେ ସହଜେ ଗ୍ରହଣ କରି ନ ଥିଲେ। ସେତେବେଳେ ଏହା ବିଶ୍ୱ କ୍ରିକେଟ ମହଲର ଚର୍ଚ୍ଚାର ବିଷୟ ପାଲଟିଥିଲା। ସୋମବାର ଆଇସିସି ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଯଦି ସୁପର ଓଭର ଟାଇ ରୁହେ ତେବେ ମ୍ୟାଚ ଟାଇ ବୋଲି ଘୋଷଣା କରାଯିବ, କିନ୍ତୁ ସେମିଫାଇନାଲ ଏବଂ ଫାଇନାଲ ପାଇଁ ସୁପର ଓଭର ନିୟମର ମୌଳିକତାକୁ ବଜାୟ ରଖି ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏଣିକି ଗୋଟିଏ ଦଳ ଅନ୍ୟ ଦଳଠାରୁ ଅଧିକ ରନ ସଂଗ୍ରହ ନ କରିବା ପର୍ଯ୍ୟନ୍ତ ସୁପର ଓଭର ଚାଲୁ ରହିବ। ବୋର୍ଡ ବୈଠକରେ ଆହୁରି ମଧ୍ୟ ୨୦୨୩ରୁ ୮ବର୍ଷିଆ ଯୋଜନା ଆରମ୍ଭ କରିବା ଲାଗି ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ ୮ ପୁରୁଷ, ୮ମହିଳା ଇଭେଣ୍ଟ, ୪ଟି ୧୯ବର୍ଷରୁ କମ୍ ମହିଳା ଏବଂ ୪ଟି ୧୯ବର୍ଷରୁ କମ୍ ପୁରୁଷ ଇଭେଣ୍ଟ ଅନୁଷ୍ଠିତ ହେବ ବୋଲି ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହର ସୂଚନା ଦେଇଛନ୍ତି। ଆଇସିସି ସୋମବାର ଆହୁରି ମଧ୍ୟ ଜିମ୍ବାୱେ ଏବଂ ନେପାଳ ଉପରୁ ସସ୍‌ପେଣ୍ଡ ଆଦେଶକୁ ପ୍ରତ୍ୟାହାର କରି ନେଇଛି। ସୂଚନାଯୋଗ୍ୟ, ଏହି ଦୁଇ ଦେଶର କ୍ରିକେଟ ବୋର୍ଡର କାର୍ଯ୍ୟଧାରାରେ ସ୍ଥାନୀୟ ସରକାର ହସ୍ତକ୍ଷେପ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଆଇସିସି ସଦସ୍ୟ ପଦବୀରୁ ଉଭୟ ନେପାଳ ଓ ଜିମ୍ବାୱେକୁ ସସ୍‌ପେଣ୍ଡ କରିଥିଲା। ପୁନଃ ସଦସ୍ୟତା ଫେରି ପାଇବାରୁ ଜିମ୍ବାୱେ ଜାନୁୟାରୀରେ ୧୯ବର୍ଷରୁ କମ୍ ବିଶ୍ୱକପ୍ ଏବଂ ପରେ ୨୦୨୦ରେ ଆଇସିସି ସୁପର ଲିଗ୍‌ରେ ଭାଗ ନେଇ ପାରିବ।




## ଜାତୀୟ ଭାରୋତ୍ତୋଳନ ପାଇଁ ଓଡ଼ିଶା ଦଳ



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ସବ୍‌ଜୁନିୟର ଭାରୋତ୍ତୋଳନ ଦଳ।

**ଭୁବନେଶ୍ୱର, ୧୫।୧୦(କ୍ରୀଡ଼ା ପ୍ରତିନିଧି)**

ବିହାରର ଗୟାଠାରେ ଜାତୀୟ ଜୁନିୟର ଏବଂ ସବ୍‌ଜୁନିୟର ଭାରୋତ୍ତୋଳନ ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୧୬ ବାଳିକା, ୧୦ ବାଳକ ଏବଂ ୫ ଅଫିସିଆଲ ଭାଗ ନେବାପାଇଁ ଗୟା ଯାତ୍ରା କରିଛନ୍ତି। ବାଳିକା ପ୍ରତିଯୋଗୀମାନେ ହେଲେ ସନ୍ଧ୍ୟାରାଣୀ ନାୟକ, ରଞ୍ଜିତା ମାଝି, ଅପରାଜିତା ଭୂୟାଁ, ସଙ୍ଗୀତା ପାଢ଼ୀ, ନିକି ସାଂଭୁତିକା, ଦେବକୀ ଖିଲ, ସାଂବାରି ସାମଦ, ରଙ୍ଗିଲା ମାଝି, କେ. ଅଭିଷିକ୍ତା, ଦିବ୍ୟବତି ରାଇକା, ରିଙ୍କି ନାଏକ, ମୋତୀ ଜାନି, ଯୁବତୀ ଦେହୁରୀ, ବୀଣା ସୋରେନ, ଏମ. କୀର୍ତ୍ତି ଓ ବନିତା ଘଡ଼େଇ। ସେହିପରି ଭାଗନେବାକୁ ଯାଉଥିବା ବାଳକ ପ୍ରତିଯୋଗୀ ହେଲେ ଭକ୍ତରାମ ଦେହୁରି, କୃଷ୍ଣଚନ୍ଦ୍ର ନାଏକ, ରାମଚନ୍ଦ୍ର ମାଡ଼କାମୀ, କୁଲଦୀପ ସାହୁ, ସୋପନ୍ୟା ଶବର, ମୁନା ନାଏକ, ଖମ୍ଭେଶ୍ୱର ମଲିକ, ରାଜେନ୍ଦ୍ର ମୁଦୁଲି, ରଘୁନାଥ ଖିଲ ଓ ମନୋଜ କୁମାର ସାହୁ। କୋଚ୍‌ଭାବେ ବିବେକାନନ୍ଦ ସାହୁ, ସଂଯୁକ୍ତା ସାହୁ ଏବଂ ମ୍ୟାନେଜରଭାବେ ବଳରାମ ସାହୁ, ବାପୁଜୀ ବିଶ୍ୱାଳଙ୍କ ସମେତ ସଂଘର ସମ୍ପାଦକ ନାରାୟଣ ସାହୁ ଦଳସହ ଗୟା ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ସଂଘର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦେବାଶିଷ ପଟ୍ଟନାୟକ
ଗୁଣ୍ଡିଚା ବିହାର, କିରଣ ନିବାସ, ପୁରୀ–୨
ଆବିର୍ଭାବ: ୦୭।୧୨।୧୯୭୦
ତିରୋଧାନ: ୦୮।୧୦।୨୦୧୭
(କାର୍ତ୍ତିକ ମାସ କୃଷ୍ଣପକ୍ଷ ତୃତୀୟା ତିଥି)
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ବୋଉ, ପତ୍ନୀ, ଝିଅମାନେ, ଭାଇମାନେ, ଭାଉଜ, ଭାଇବୋହୂ, ଭଉଣୀ ଓ ଭିଣୋଇମାନେ, ପୁତୁରା, ଝିଆରୀ, ଭଣଜା, ଭଣଜା ବୋହୂମାନେ, ଭାଣିଜୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ–୧୪୭୯୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୁବାସିନି ବେହେରା
ସ୍ୱାମୀ: ଶ୍ରୀ ସୁଦର୍ଶନ ବେହେରା
ନିଗମାନନ୍ଦ ମାର୍ଗ, ବାଗ୍‌ଦେବୀ ରୋଡ୍, ଭଞ୍ଜନଗର (ଗଞ୍ଜାମ)
ଆବିର୍ଭାବ: ୧୦।୦୧।୧୯୫୫
ତିରୋଧାନ: ୨୬।୧୦।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମ୍ଭମାନଙ୍କୁ ଦୁଃଖ ସାଗରରେ ଛାଡ଼ି ଚାଲିଗଲ କେଉଁ ଅଜଣା ଦୁନିଆକୁ। ତୁମର ସ୍ନେହ, ହସ ହସ ମୁହଁ, ସ୍ନେହଭରା କଥା, ସରଳତା, ପରୋପକାରିତା ଆମ ମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର, କନ୍ୟା, ଜ୍ୱାଇଁ, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୧୪୭୮୯

**୨୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଡ. ଦେବରାଜ ଖଣ୍ଡୁଆଳ
ବିଜୁ ପଟ୍ଟନାୟକ ପାର୍କ ଛକ, ଭଞ୍ଜନଗର, ଗଞ୍ଜାମ
ତିରୋଧାନ: ୦୮।୧୦।୧୯୯୮
କାର୍ତ୍ତିକ ତୃତୀୟା
ଆପଣଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ– ବିଷ୍ଣୁପ୍ରିୟା, ପୁତ୍ର– ପ୍ରଦୀପ, ସନ୍ତୋଷ, ପୁତ୍ରବଧୂ– ରଶ୍ମିତା, ନିଳୀମା, ଝିଅ–ସୁନିତା, ସୁଜାତା, ଜ୍ୱାଇଁପୁଅ– ବିନାୟକ, ପ୍ରଶାନ୍ତ, ନାତୁଣୀ–ଶ୍ରୀୟା, ନାତି–କାହ୍ନା, ଶୁଭମ୍, ବନ୍ଧୁ ଓ ପରିବାରବର୍ଗ।
ଧ–୧୪୭୯୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗଦାଧର ମିଶ୍ର
ଆବିର୍ଭାବ: ୨୯।୦୧।୧୯୫୯
ତିରୋଧାନ: ୦୫।୧୦।୨୦୧୯
ଆଳିଶି ଶାସନ, ବାଲିପାଟଣା, ଜିଲ୍ଲା– ଖୋର୍ଦ୍ଧା
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଆରାଧ୍ୟ ଶ୍ରୀ ରାଧାଗୋବିନ୍ଦଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ–୬୬୯୮୦

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସବିତା ରଥନାଥ (ଝୁନା)
Ex. Lect. Eng P.S. College, Belpada, Balangir
କାର୍ତ୍ତିକ କୃଷ୍ଣ ତୃତୀୟା (26.10.2010)
ତୁମର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ନାଥ ପରିବାରବର୍ଗ
ରାଉରକେଲା
ଧ–୧୪୭୮୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅକ୍ଟୋବର ୧୬/୨୦୧୯ Sambalpur, Wednesday, October 16 / 2019

■ଦଶହରା ଛୁଟି ପରେ ବାଇକ୍‌ରେ ସ୍କୁଲ ଯାଉଥିଲେ

# ଟ୍ରକ୍ ଧକ୍କାରେ ଭଉଣୀଭାଇ ମୃତ

ଗୁଡ଼ଭେଲା,୧୫ା୧୦(ଡି.ଏନ.ଏ.)

ଦଶହରା ଛୁଟିରେ ଘରକୁ ଆସିଥିଲେ। ମଙ୍ଗଳବାର ଖୋଲିଥିଲା ସ୍କୁଲ। ଛୁଟି ସରିବା ପରେ ସକାଳୁ ସ୍କୁଲକୁ ତିନି ଭଉଣୀଭାଇଙ୍କୁ ଦୁଇଟି ବାଇକ୍‌ରେ ପରିବାର ଲୋକ ଛାଡିବା ପାଇଁ ଆସୁଥିଲେ। ହେଲେ ସ୍କୁଲରେ ପହଞ୍ଚିବା ପୂର୍ବରୁ ସବୁକିଛି ଓଲଟପାଲଟ ହୋଇଗଲା। ବାଟରେ ଘଟିଲା ଦୁର୍ଘଟଣା। ବଡଭାଇଙ୍କ ବାଇକ୍‌ରେ ଯାଉଥିବା ଭଉଣୀଙ୍କୁ ଧକ୍କା ଦେଇଥିଲା ଏକ ଚାଉଳ ବୋଝେଇ ଟ୍ରକ। ଚାଲିଗଲା ଉଭୟଙ୍କ ଜୀବନ। ସୌଭାଗ୍ୟକୁ ଜଣେ ସମ୍ପର୍କୀୟଙ୍କ ସହ ଅନ୍ୟ ଏକ ବାଇକରେ ଯାଉଥିବା ଅନ୍ୟ ଦୁଇ ଭଉଣୀଭାଇଙ୍କ ଜୀବନ ବର୍ତ୍ତି ଯାଇଛି। ଏହିଭଳି ଏକ ଦୁଃଖଦ ଘଟଣା ମଙ୍ଗଳବାର ସକାଳେ ଘଟିଛି ବଲାଙ୍ଗୀର ଜିଲା ତୁଷୁରା ଥାନା ଅଧୀନ ମହୀପୁର ଛକ ନିକଟରେ। ଜୀବନ ହରାଇଛନ୍ତି ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପଙ୍ଗନିଆ ଗ୍ରାମର ଗଗନ ବେନିଆ ଓରଫ ମଣ୍ଟୁ (୨୨) ଓ ତାଙ୍କ ଭଉଣୀ ସଞ୍ଜୁ ବେନିଆ(୧୪)। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି।

ମୁରିବାହାଲ ବ୍ଲକ ପଙ୍ଗନିଆ ଗାଁର ଗୁପ୍ତେଶ୍ୱର ବେନିଆଙ୍କ କିଛିବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ପୁଷ୍ପାଞ୍ଜଳି ଦୁଇଝିଅ ଓ ଦୁଇପୁଅଙ୍କୁ ନେଇ କଷ୍ଟେମଷ୍ଟେ ଘର ଚଳାଉଥିଲେ। ଆର୍ଥିକ ଅନଟନ ଯୋଗୁଁ ପୁଷ୍ପାଞ୍ଜଳି ତାଙ୍କ ଦୁଇଝିଅ ଓ ସାନପୁଅକୁ ବଲାଙ୍ଗୀର ଜିଲା ସାଲେପାଲିସ୍ଥିତ ଜଗତ୍‌ବନ୍ଧୁ ଭାରତୀ ଶିକ୍ଷା ନିକେତନରେ ପଢାଉଥିଲେ । ଦଶହରା ଛୁଟି ପରେ ମଙ୍ଗଳବାର ସ୍କୁଲକୁ ଫେରୁଥିଲେ। ବଡଭାଇ ମଣ୍ଟୁ ଓ ତାଙ୍କର ଅନ୍ୟ ଜଣେ ସମ୍ପର୍କୀୟ ଦୁଇଟି ବାଇକରେ ତିନି ଭଉଣୀଭାଇଙ୍କୁ ବସାଇ ଆଣୁଥିଲେ । ମହୀପୁର ଛକରେ ମଣ୍ଟୁ ଓ ଭଉଣୀ ସଞ୍ଜୁ ବସିଥିବା ବାଇକ୍‌କୁ ଟ୍ରକ୍ (ଓଡି୦୩-୪୩୨୧) ସାମ୍ନାପଟରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ ଛାଡି ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ଲୋକ ତୁଷୁରା-ବଲାଙ୍ଗୀର ମୁଖ୍ୟରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ଓ ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ଦୁର୍ଘଟଣାର ୮ ଘଣ୍ଟା ପରେ ଅପରାହ୍ନ ପ୍ରାୟ ୨ଟାରେ ଜିଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ଦୁର୍ଘଟଣା ଘଟାଇଥିବା ଚାଉଳ ବୋଝେଇ ଟ୍ରକ୍ ମାଲିକଙ୍କଠାରୁ ୧ ଲକ୍ଷ ୧୦ ହଜାର ଟଙ୍କାର କ୍ଷତିପୂରଣ ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା ।

ସ୍ୱାମୀଙ୍କୁ ହରାଇଥିବା ପୁଷ୍ପାଞ୍ଜଳି ଦୁଇ ଝିଅପୁଅଙ୍କୁ ହରାଇବା ପରେ ଅଧୀର ହୋଇପଡିଛନ୍ତି। ସ୍କୁଲପଢ଼ା ଅଧୁରା ରହିଗଲା, ସଂସାର ଉଜୁଡି ଗଲା ବୋଲି ବାହୁନି ବାହୁନି କାନ୍ଦୁଛନ୍ତି। ଛାଟିପିଟି ହେଉଥିଲେ ଅନ୍ୟ ଦୁଇ ଭଉଣୀ ଭାଇ । ଏହି ଦୃଶ୍ୟ ବେଶ୍ ହୃଦୟବିଦାରକ ହୋଇଥିଲା । ଏ ନେଇ ତୁଷୁରା ଥାନାରେ ଏକ ମାମଲା (ନଂ.୧୬୮/୧୯) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।


ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି ।

■୮ ଘଣ୍ଟା ରାସ୍ତାରୋକୋ
■କ୍ଷତିପୂରଣ ପ୍ରଦାନ ପରେ ଯାତାୟାତ ସ୍ୱାଭାବିକ


ଧକ୍କା ଦେଇଥିବା ଚାଉଳ ବୋଝେଇ ଟ୍ରକ୍।


ଦୁର୍ଘଟଣାଗ୍ରସ୍ତ ବାଇକ୍।

■ଟିକ୍‌ଟକ୍ ଭିଡିଓ ତିଆରି ମହଙ୍ଗା ପଡ଼ିଲା

# ୨ ତାଲା ଉପରୁ ପଡ଼ି ଯୁବକ ଗୁରୁତର

ରାଉରକେଲା ଅଫିସ, ୧୫ା୧୦

ସେକ୍ଟର -୫ର ଗୋଲଘର ବସ୍ତିରେ ରହୁଥିବା ଜଣେ ଯୁବକଙ୍କୁ ଟିକ୍‌ଟକ୍ ଭିଡିଓ ତିଆରି କରିବା ମହଙ୍ଗା ପଡ଼ିଛି। ସେକ୍ଟର-୬ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଏକ ୨ତାଲା ବିଶିଷ୍ଟ ଘରର ଛାତ ଉପରେ ଭିଡିଓ ଶୁଟିଂ କରୁଥିବା ସମୟରେ ଅସାବଧାନତା ବଶତଃ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ଯୁବକଙ୍କୁ ଚିକିତ୍ସା ପାଇଁ ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍ପିଟାଲ)ରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ଯୁବକଙ୍କ ପରିଚୟ ଜଣା ପଡ଼ି ନାହିଁ। ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁସାରେ ଗୋଲଘର ବସ୍ତିର ଯୁବକ ତାଙ୍କର ଅନ୍ୟ କେତେଜଣ ସାଙ୍ଗଙ୍କ ସହିତ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେକ୍ଟର-୬ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଆର୍‌ଏସ୍‌ପିର ୨ତାଲାବିଶିଷ୍ଟ ଘର ଉପରେ ଚଢ଼ିଥିଲେ। ସେଠାରେ ଉକ୍ତ ଯୁବକ ଜଣକ ଟିକ୍‌ଟକ୍‌ରେ ଭିଡିଓ ଶୁଟିଂ କରିବା ଆରମ୍ଭ କରିଥିଲେ। ଏହା ସହ ଭିଡିଓକୁ ଆହୁରି ରୋମାଞ୍ଚ କରିବା ପାଇଁ ଛାତ ଉପରେ ଦୌଡକୁଦ ଆରମ୍ଭ କରିଥିଲେ। ତେବେ ଅସାବଧାନତା ବଶତଃ ଯୁବକଙ୍କ ଗୋଡ ଖସିଯିବାରୁ ୨ତାଲା ଉପରୁ ଖସିପଡ଼ିଥିଲେ।


ଗୁରୁତର ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଉଛି।

## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଡେବ୍ରିଗଡ଼ ଅଭୟାରଣ୍ୟ

ସମ୍ବଲପୁର,୧୫ା୧୦(ବ୍ୟୁରୋ) ସମ୍ବଲପୁର ଜିଲା ଡେବ୍ରିଗଡ଼ ଅଭୟାରଣ୍ୟ ମଙ୍ଗଳବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ହୀରାକୁଦ ବନ୍ୟପ୍ରାଣୀ ଡିଏଫଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହେଲେ ଚଳିତ ବର୍ଷ କେତେକ କଟକଣା ଜାରି କରାଯାଇଛି। ବାହାରର କୌଣସି ଗାଡିମୋଟର ଅଭୟାରଣ୍ୟ ଭିତରକୁ ପ୍ରବେଶ କରି ପାରିବ ନାହିଁ। ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ଭିତରେ ବୁଲାଇବା ପାଇଁ ବନ ବିଭାଗ ପକ୍ଷରୁ ସଫାରୀ ବ୍ୟବସ୍ଥା କରାଯାଇଛି। ସେହିଭଳି ପର୍ଯ୍ୟଟକଙ୍କ ସୁରକ୍ଷା ଓ ସେମାନଙ୍କୁ ଗାଇଡ୍ କରିବା ପାଇଁ ୧୫ ଜଣ ଯୁବକଙ୍କୁ ଇକୋ ଗାଇଡ୍ ଭାବେ ନିୟୋଜିତ କରାଯାଇଛି। ସେମାନଙ୍କୁ ଦୁଇ ମାସ ଧରି ଏଥିପାଇଁ ପ୍ରଶିକ୍ଷଣ ଦିଆ ଯାଇଛି। ଗୋଟିଏ ସଫାରୀରେ ୮ ଜଣ ବସିବା ଭଳି ବ୍ୟବସ୍ଥା ରହିଛି। ଏହାର ମୂଲ୍ୟ ୨ ହଜାର ଟଙ୍କା ରହିଛି। ସେହିପରି ୧୪ ଜଣିଆ ପର୍ଯ୍ୟଟକଙ୍କ ପାଇଁ ଥିବା ସଫାରୀର ମୂଲ୍ୟ ୨୮ ଶହ ଟଙ୍କା ରହିଛି। ଏହାସହ ଅଭୟାରଣ୍ୟ ପ୍ରବେଶ ଶୁଳ୍କ ଜଣ ପିଛା ୪୦ ଟଙ୍କା ରହିଛି।

### ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫ା୧୦(ବ୍ୟୁରୋ): ବରଗଡ଼ ଜିଲା ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳଜନିତ ଅବ୍ୟବସ୍ଥା, ପାନୀୟ ଜଳ ସମସ୍ୟା ରହିଛି। ଏହାସହ ଆବଶ୍ୟକତା ଅନୁଯାୟୀ ଡାକ୍ତର ନ ଥିବା ଭଳି ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରିବା ସହିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ମନ୍ତ୍ରୀ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି । ଗାଇସିଲେଟ ବ୍ଲକ ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆସୁଛି। ଆସନ୍ତା ୨୧ରେ ବିଜେପୁର ଆସନ ପାଇଁ ଉପନିର୍ବାଚନ ହେବ। ତେଣୁ ଏଭଳି ସ୍ଥିତିରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଥିବା ଅବ୍ୟବସ୍ଥାର ସମାଧାନ କରିବା ଶାସକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିରୋଧୀ ସମାଲୋଚନା କରି କହିଛନ୍ତି। ଦୀର୍ଘଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଥିଲେ ମଧ ସରକାର ଏ ଦିଗରେ କର୍ଣ୍ଣପାତ କରିନାହାନ୍ତି। ଏବେ ଯେତେବେଳେ ଲୋକଙ୍କୁ ଭୋଟ ମାଗିବାକୁ ଯିବା ସମୟରେ ଆକ୍ରୋଶର ଶିକାର ହେବାକୁ ପଡୁଛି ସେଥିଲାଗି ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଭାଜପା ପକ୍ଷରୁ କୁହାଯାଇଛି।

# ବାଇକ୍‌କୁ ଧକ୍କା ଦେଇ ଜଳିଗଲା ଟ୍ରକ୍

ବାଇକ୍ ଆରୋହୀଙ୍କ ମୃତ୍ୟୁ

ଦେବଗଡ,୧୫ା୧୦(ଡି.ଏନ.ଏ.)

ଦେବଗଡ ଥାନା ଅଧୀନ ପ୍ରଭାଶୁଣି ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ମାଲ୍ ବୋଝେଇ ଟ୍ରକ୍ ଗୋଟିଏ ବାଇକ୍‌କୁ ଧକ୍କା ଦେଇ ଜଳି ଯାଇଛି। ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିକଟସ୍ଥ ବିଲେଇଘାଟି ଗ୍ରାମର ଭୁକୁଲ ମହାକୁଳ (୫୦)। ଟ୍ରକ୍ ସହ ବାଇକ୍ ମଧ୍ୟ ଜଳିଯାଇଛି। ଦେବଗଡ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରାତି ହୋଇ ଯାଇଥିବାରୁ ବ୍ୟବଚ୍ଛେଦ କରା ଯାଇ ପାରି ନାହିଁ। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ମାଲ୍ ବୋଝେଇ ଟ୍ରକ୍‌ଟି ଦେବଗଡ ତିଲେଇବଣି ପଟୁ କୁଚିଣ୍ଡା ଆଡକୁ ଯାଉଥିଲା। ଏତିକିବେଳେ କୁଚିଣ୍ଡା ପଟୁ ଆସୁଥିବା ଉକ୍ତ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇ କିଛି ଦୂର ଘୋଷାଡି ନେଇଥିଲା। ସେଥିରୁ ନିଆଁ ବାହାରି ଉଭୟ ଟ୍ରକ୍ ଓ ବାଇକ୍ ଜଳି ଯାଇଥିଲା। ଖବର ପାଇ ଦେବଗଡ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ହେଲେ ସେତେବେଳକୁ ଟ୍ରକ ଓ ବାଇକ୍ ଜଳି ଯାଇଥିଲା। ଦୁର୍ଘଟଣା ପରେ ୫୩ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା।


ଦୁର୍ଘଟଣାରେ ଟ୍ରକ୍‌ଟି ଜଳୁଛି।




■ସୁନ୍ଦରଗଡ଼ ସିଡିଏମ୍ଓ ନିଲମ୍ବିତ ଘଟଣା

# ଡାକ୍ତର, ମେଡିକାଲ ଛାତ୍ରୀଛାତ୍ରଙ୍କ ପ୍ରତିବାଦ

କଟକ ଅଫିସ, ୧୫ା୧୦

ସୁନ୍ଦରଗଡ଼ ସିଡିଏମ୍ଓ ଦାୟିତ୍ୱରେ ଥିବା ଡାକ୍ତର ପଙ୍କଜ ପଟେଲଙ୍କ ନିଲମ୍ବନ ଘଟଣା ନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଡାକ୍ତର ଓ ମେଡିକାଲ ଛାତ୍ରୀଛାତ୍ରମାନେ ଏହି ଘଟଣାର ପ୍ରତିବାଦ କରିବା ସହ ତୁରନ୍ତ ନିଲମ୍ବନ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ କିପରି ଚାଲିଛି ତାହା ତଦାରଖ କରିବା ନିମନ୍ତେ ୫ଟି ସଚିବ ଭି.କେ. ପାଣ୍ଡିଆନ, ଏନ୍‌ଏଚ୍‌ଆର୍‌ଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। କିଛିଦିନ ତଳେ ଏକ ଟିମ୍ ୫ଟି ସଚିବ ପାଣ୍ଡିଆନ୍‌ଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଚାନକ ପହଞ୍ଚି ରୋଗୀସେବା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କୁ ପଚାରି ବୁଝିବା ସହ ମେଡିକାଲର ସମସ୍ୟା ଓ ରୋଗୀଙ୍କୁ ଡାକ୍ତରଙ୍କ ବ୍ୟବହାର ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ୫ଟି ସଚିବ ପାଣ୍ଡିଆନ୍ ସୁନ୍ଦରଗଡ଼ ଗସ୍ତ ବେଳେ କାର୍ଯ୍ୟରେ ଅବହେଳା ଦର୍ଶାଇ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ସିଡିଏମ୍ଓ ଦାୟିତ୍ୱରେ ଥିବା ପଙ୍କଜ ପଟେଲଙ୍କୁ ନିଲମ୍ବିତ କରିଥିଲେ। ସିଡିଏମ୍ଓଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ ନ ଦେଇ ଏବଂ ବିନା ତଦନ୍ତରେ ନିଲମ୍ବିତ କରାଯାଇଥିବାରୁ ଡାକ୍ତର ଏବଂ ଡାକ୍ତରୀ ଛାତ୍ରୀଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ଏସ୍‌ସିବି ମେଡିକାଲ କ୍ୟାମ୍ପସରେ ଏକ ଶୋଭାଯାତ୍ରା କରି ପ୍ରତିବାଦ ଜଣାଇଥିଲେ। ତୁରନ୍ତ ସିଡିଏମ୍ଓଙ୍କ ନିଲମ୍ବନ ପ୍ରତ୍ୟାହାର କରାଯିବାକୁ ଦାବି ହେଉଛି। ବିନା କୌଣସି କାରଣଦର୍ଶାଅ ନୋଟିସ କିମ୍ବା ତଦନ୍ତ ନ କରି ପଦକ୍ଷେପ ନେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରତିବାଦରେ ସହଯୋଗ କରୁଥିବା ଜୁନିୟର ଡାକ୍ତର ସଂଘ ସଭାପତି ଆଶିଷ କୁମାର ମିଶ୍ର, ଆଇଏମ୍ଏ ଜର୍ନାଲ ଏଡିଟର ଡାକ୍ତର ସମ୍ରାଟ କର ଏବଂ ବିଭିନ୍ନ ଡାକ୍ତର ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ଡାଲବ ହାଟପଦାରେ ଗଜଲକ୍ଷ୍ମୀ ପୂଜା

**ଅତାବିରା,୧୫।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡେନ ବ୍ଲକ ଡାଲବ ହାଟପଦା ଗଜଲକ୍ଷ୍ମୀ ପୂଜା ଉତ୍ସବ ମୁଖର ହୋଇଉଠିଛି । ମା' ଗଜଲକ୍ଷ୍ମୀଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ଏହି ଅବସରରେ ଶିଶୁଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଚେତନା କଳାପରିଷଦ ସୋହେଲା, ଚୁମକୁ ଚୁମା କଳାପରିଷଦ ସେଙ୍ଗେନପାଲି ଏବଂ ଭଜନ ମଣ୍ଡଳୀ ସନୁଟିକ୍ରାର ଭଜନ ସନ୍ଧ୍ୟା ବେଶ ଆକର୍ଷଣୀୟ ହେଉଛି। ବୁଧବାର ଗିରୀଗୋବର୍ଦ୍ଧନ କୃଷ୍ଣଗୁରୁ ଦୁଲମପୁରର କାର୍ଯ୍ୟକ୍ରମ ରହିଥିବା ବେଳେ ଉଦ୍‌ଯାପନୀ ଦିବସରେ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଛି।

### ■ ଧାନ ଫସଲରେ ଚକଡ଼ା ପୋକ:

# କାମକୁ ଆସୁନି କୀଟନାଶକ

**ଅତାବିରା,୧୫।୧୦(ଡି.ଏନ.ଏ.):**

ବରଗଡ଼ ଜିଲା ଅତାବିରା ବ୍ଲକ ଓଡ଼ିଶାର ହାତହାଣ୍ଡି। ଅତାବିରା, ଭେଡେନ ବ୍ଲକ ଅଞ୍ଚଳରେ ଚାଷୀମାନେ ଧାନ ଫସଲ ଉପରେ ନିର୍ଭର କରିଥାନ୍ତି । ଚଳିତ ଖରିଫ ଧାନ ଫସଲ ଅମଳ ଆରମ୍ଭରୁ ଧାନରେ ଚକଡ଼ା ପୋକ ପ୍ରାଦୁର୍ଭାବ ଦେଖା ଦେଇଥିବାରୁ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ଚାଷୀମାନେ ବିଭିନ୍ନ କମ୍ପାନୀର କୀଟନାଶକ ପ୍ରୟୋଗ କଲେ ସୁଦ୍ଧା କୌଣସି କାମରେ ଆସୁ ନ ଥିବା ଅଭିଯୋଗ



ଧାନ ଫସଲରେ ଲାଗିଥିବା ଚକଡ଼ା ପୋକ

ହେଉଛି। ଅନ୍ୟପକ୍ଷେ ଦେଶଭଟିଲି ଗ୍ରାମର ସନ୍ତୋଷ ଭୋଇଙ୍କ ୨ ଏକର ପାଚିଲା ଧାନରେ ଚକଡ଼ା ପୋକ ପ୍ରାଦୁର୍ଭାବ ଦେଖାଦେଇଛି। ଏନେଇ ସମ୍ପୃକ୍ତ ଜମି ଚାରିପାଖେ ଥିବା ଅନ୍ୟ ଜମି ମାଲିକମାନେ ଭୟଭୀତ ହୋଇପଡିଛନ୍ତି। କୃଷି ବିଭାଗ ଅଧିକାରୀ ଚକଡା ପ୍ରାଦୁର୍ଭାବ ଦେଖାଯାଇଥିବା ଅଞ୍ଚଳ ସର୍ଭେ କରି ଆବଶ୍ୟକୀୟ ପଦକ୍ଷେପ ନ ନେଲେ ଆଗକୁ ଶହ ଶହ ଏକର ଧାନ ଫସଲରେ ଚକଡା ପୋକ ଲାଗିବାର ଯଥେଷ୍ଟ ଆଶଙ୍କା ରହିଛି।

## ଗୋଡଭଗା, ରୁଷୁଡ଼ା ଫାଣ୍ଡିକୁ ଥାନା ମାନ୍ୟତା ଦାବି

**ଅତାବିରା,୧୫।୧୦(ଡି.ଏନ.ଏ.):**

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ଓ ଭେଡେନ ଥାନା ରୁଷୁଡା ଫାଣ୍ଡିକୁ ଥାନା ମାନ୍ୟତା ନେଇ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ୫୪ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଗୋଡଭଗା ଫାଣ୍ଡି ରହିଛି । ରାଜପଥରୁ ୨ କିଲୋମିଟର ଦୂରରେ ରହିଛି ରୁଷୁଡା ଫାଣ୍ଡି। କୌଣସି ଅଘଟଣ ଘଟିଲେ ରୁଷୁଡା ଫାଣ୍ଡି ପୋଲିସ ଆସିବାରେ ବିଳମ୍ବ ହେଉଛି। ଫଳରେ ଜନସାଧାରଣଙ୍କୁ ନ୍ୟାୟ ମିଳିପାରୁ ନାହିଁ। ଏନେଇ ରୁଷୁଡା ଫାଣ୍ଡିକୁ ଥାନା ମାନ୍ୟତା ଦେଇ ରାଜପଥ ପାର୍ଶ୍ୱ ଝାରଡେରା, ଝାଉଁଯୋରକୁ ସ୍ଥାନାନ୍ତରିତ କରିବାକୁ ସାଧାରଣରେ ଦାବି ହୋଇଛି। ଅତାବିରା ଥାନା ଅଧୀନ ଗୋଡଭଗା ଫାଣ୍ଡିକୁ ଥାନା ମାନ୍ୟତା ମିଳିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଇଂରେଜ ଶାସନ ଅମଳରୁ ନିର୍ମାଣ କରାଯାଇଥିବା ରୁଷୁଡ଼ା ଓ ଗୋଡଭଗା ଫାଣ୍ଡି ହୋଇଥିଲେ ମଧ୍ୟ ଏହା ପ୍ରଶାସନ ଅଢୁଆଳରେ ରହିଛି। ଗୋଡଭଗା ଫାଣ୍ଡି ସ୍ଥାପନ ବେଳେ ଅଞ୍ଚଳର ଜନସଂଖ୍ୟା ୧୩ ହଜାର ରହିଥିଲା । ସେତିକିବେଳେ ଫାଣ୍ଡିରେ ଜଣେ ଏଏସ୍‌ଆଇ, ୫ଜଣ କନଷ୍ଟେବଲ, ୧୪ଜଣ ଗ୍ରାମରକ୍ଷୀ, ୨ଜଣ ହୋମଗାର୍ଡ ଥିଲେ। ବର୍ତ୍ତମାନ ଜନସଂଖ୍ୟା ୧ଲକ୍ଷରୁ ଊର୍ଦ୍ଧ୍ୱ। ଜନସଂଖ୍ୟା ଦୃଷ୍ଟିକୋଣରୁ ପୋଲିସ କର୍ମଚାରୀଙ୍କ ମଧ୍ୟ କମ୍ ଅଛନ୍ତି । ଏନେଇ ଜିଲା ପ୍ରଶାସନ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ଏବଂ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚରାଯିବାରୁ ଜନସାଧାରଣଙ୍କୁ ଆବଶ୍ୟକ ସେବା ଯୋଗାଇ ଦିଆଯାଉଛି ବୋଲି କହିଥିଲେ ।

### ■ ହାତେ ଫଟା କଉଡ଼ି ନାଇଁ

# ପୁଓର ଚିକିଛା ଲାଗି ରାଏଜ୍ ବାହାରେ ମା'ବାପ

**କନ୍ଧମାଳ, ୧୫।୧୦ (ଡି.ଏନ୍.ଏ.)**

ଟଁକା ପଏସା ଅଭାବୁ ଅନେକ ଲୋକ୍ ଜୀବନର ସବୁ ଆଶ୍‌କେ ହରେଇ ଦେସନ୍। ଅସମିଆରେ ବୁଧିବାଟ୍ ବନା ହେଇଯାଏସି। ହେଲେ କାହାକେ ମଜବୁତ୍ କରି ଅସମିଆ ଆଘେ ଠିଆ କରେଇଦେସି ଜୀବନ୍‌ର ଆଶ୍। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ବୌଦ୍ଧ ଜିଲା ସିମିଳିପଦର ଗାଁରେ।

ସୂଚନା ଅନ୍‌ସାରେ ସିମିଳିପଦର ଗାଁର ସୁଦର୍ଶନ ରଣଭଇଁଷା। ପରିବାର କହେଲେ ବୁଢ଼ି ମା', ମାଏକିନା ମିତା ଆର ପୁଓ ରାହୁଲକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍ ଆର ଅନୁସୂଚିତ ଜାତିର ଆନ୍। ପୁଓ ରାହୁଲ ଗାଁର ସ୍କୁଲରେ ୪ର୍ଥ ଶ୍ରେଣୀରେ ପାଠ୍‌ପଢୁଛନ୍। ହଠାତ୍ ଦିନେ ତାକର ପେଟ୍ ବଥାଲା। ମା'ବାପ୍ ରାହୁଲକେ ସୋନପୁର ଜିଲା ମୁଖିଆ ଡାକ୍‌ତରଖାନା ଆର ପଛେ ବୁର୍ଲା ବଡ଼ ଡାକ୍‌ତରଖାନାକେ ଚିକିଛା ଲାଗି ନେଲେ। ସେଠାନେ ପରୀକ୍ଷା ନିରୀକ୍ଷାରୁ ଜନାଗଲା ଯେ, ରାହୁଲକଁର



ବାହାର ରାଏଜେ ଚିକିଛାଧିନ ରାହୁଲ ରଣଭଇଁଷା।

କିଡ୍‌ନୀ ତରେ ପାଏନ୍ ଜମିଛେ। ଡାକ୍‌ତର ଇଥିରଲାଗି ଜରୁରୀ ଅପରେଶନ ଦରକାର ବଲି ପରାମଶ ଦେଇଥିଲେ। ହେଲେ ଗରିବ୍ ମା'ବାପ୍ ରାହୁଲକଁର ଅପରେଶନ ଲାଗି ଗୁଟେ ନର୍ସିଂହୋମରେ ବୁଝାସୁଝା କଲେ। ସେଠାନେ ଜାନବାକେ ପାଏଲେ ଯେ ଅପରେଶନ ଲାଗି ୭୦ ହଜାର ଟଁକା ଖରଚ୍ ହେବା। ଇ କଥା ଶୁନ୍‌ଲାରୁ ଗରିବ୍ ମା'ବାପ୍‌ର ପାଦ୍ ତଲୁ ମାଏଟ୍ ଖସ୍‌ରି ଯାଇଥିଲା, ସେମାନେ ଦୁଖିରେ ଭାଂଗି ପଡ଼ଲେ। ଅନୁସୂଚିତ ଜାତିର ଇ ପରିବାର ପାସେ ଜମି କହେଲେ ଅଧି ଏକର ରହିଛେ। ଦୁଇ ମାଏଝି ମୁନୁଷ ଦିନ ମଜୁରିଆ। ସୁଦର୍ଶନ ବିହାବରୁ ସମିଆରେ ବଜା ବଜେଇ ଭଲ ଦୁଇପଏସା ରୁଜଗାର କରସନ। ହେଲେ ସେ ଟଁକା ପୁଓର ପାଠ୍‌ପଢ଼ା ଆର ବୁଢ଼ି ମା'ର ଉଷୋକଷାକେ ନିଅଁଟ୍ ଆଏ। ଏନ୍‌ତାଥି ସୁଦର୍ଶନ ଆର ମିତା ପୁଓର ଚିକିଛାକେ ନେଇ ହତାଶ ହେଇଗଲେ।

କେହେନ୍‌ସି ମିତି ସେମାନେ ବାହାରେ ରହୁଥିବାର ଗାଁର ପିଲାକର ସଂଗେ ଯୋଗାଯୋଗ କରି ପ୍ରଶାନ୍ତି ଗ୍ରାମର ସତ୍ୟସାଇ ମେଡିକାଲରେ ପୁହୁଁଚିଗଲେ। ଏହେଦ୍‌କା ସେଠାନେ ରାହୁଲକଁର ଚିକିଛା ଚାଲିଛେ। ହେଲେ ଗରିବ୍ ଦମ୍ପତି ହାତେ ଫଟା କଉଡ଼ିଟେ ନାଁଇଁନ। ଇ ଅସାହା ଦମ୍ପତି ଗଣମାଧମ ଜରିଆରେ ପୁଓର ଚିକିଛା, ଉଷୋକଷା ସାହାଯ୍ ଲାଗି ଜିଲା ପରଶାସନକେ ଗୁହାରି କରିଛନ୍।

### ■ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତିବାଦରେ ଧାରଣା

# ବୌଦ୍ଧରେ ମେଡିକାଲ କଲେଜ ଦାବି କଲା କିଷାନ ସଂଘ



ଫଟୋ କ୍ୟାପ୍‌ସନ୍

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.):**

ଭାରତୀୟ କିଷାନ ସଂଘ ବୌଦ୍ଧ ଓ ହରଭଙ୍ଗା ବ୍ଲକ କିଡନୀ ପ୍ରପିଡିତ ନାଗରିକ କମିଟି ପକ୍ଷରୁ ଜିଲାରେ ବିର୍ପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତିବାଦରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଜିଲା କିଷାନ ସଂଘ ସଭାପତି ପ୍ରମୋଦ କୁମାର ଦେହୁରୀ, ସଂଘ ଉପଦେଷ୍ଟା ସୂର୍ଯ୍ୟନାରାୟଣ ମହାପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବୌଦ୍ଧରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ଧାରଣା ଦେବା ସହ ଜିଲାର ହରଭଙ୍ଗା ବ୍ଲକରେ କିଡନୀ ରୋଗ ବୃଦ୍ଧି ପାଉଥିବାରୁ ଏହାର ପ୍ରତିକାର ନିମନ୍ତେ ଦାବି କରାଯାଇଥିଲା। ଏପରି କି ୭ ଦଫା ଦାବି କରାଯାଇଥିଲା। ଜିଲାର ହରଭଙ୍ଗା ବ୍ଲକରେ କିଡ୍‌ନୀ ରୋଗରେ ୨୫୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ୨୦୦ଜଣ ଆକ୍ରାନ୍ତ ଥିବା ଅଭିଯୋଗ ହୋଇଥିଲା। ଏନେଇ କିଷାନ ସଂଘ ଓ ହରଭଙ୍ଗା ବ୍ଲକ କିଡନୀ ପ୍ରପିଡିତ ନାଗରିକ କମିଟି ପକ୍ଷରୁ ବାରମ୍ବାରା ଦୃଷ୍ଟି ଆକର୍ଷଣ ପରେ କେତେଣ ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ ଏବଂ ଔଷଧ ବିତରଣ ଭଳି ଲୋକ ଦେଖାଣିଆ ପଦକ୍ଷେପ ନିଆଯାଉଛି। ହେଲେ ଏହାର କୌଣସି ସୁଫଳ ମିଳି ପାରିନାହିଁ। ଏନେଇ କିଡନୀ ରୋଗୀଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ଦାବି କରାଯାଇଛି। ଏପରି କି ବୌଦ୍ଧରେ ମେଡିକାଲ କଲେଜ ନିର୍ମାଣ, ଡାକ୍ତର ଖାନାରେ ଇଜିସି, ଅଲଟ୍ରାସାଉଣ୍ଡ, ଏକ୍ସରେ ଆଦି ଅନ୍ୟ ଯନ୍ତ୍ରଗୁଡିକୁ କାର୍ଯ୍ୟକ୍ଷମ, ନିଶ୍ଚେତକ, ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ନବୀକରଣ ଓ ନୂତନ ପ୍ରଦାନ ଏବଂ ଜିଲାର ଅନ୍ୟ ଚିକିତ୍ସାଳୟରେ ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ଦାବି କରାଯାଇଛି। ଏହି ଅବସରରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କାଯାଇଥିଲା। ଧରଣାସ୍ଥଳରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯାଉଥିବା କହିଥିଲେ। ଏନେଇ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସାହୁଙ୍କୁ ପଚାରିବାରୁ ଦାବିଗୁଡିକ ଆସନ୍ତା ଡିସେମ୍ବର ସୁଧା ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ। ଧାରଣାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତା ସାମିଲ ହୋଇଥିଲେ। ଭାଜପା ନେତା ବିପ୍ରଚରଣ ମହାନ୍ତି, ସୁଧାଂଶୁ ଡାଙ୍ଗ, ମନରଞ୍ଜନ ଦାସ, ମହିଳା ମୋର୍ଚ୍ଚା ସଭାପତି ନମିତାରାଣି ଦାସ, ପ୍ରଦୀପ ମହାନନ୍ଦଙ୍କ ସମେତ ବହୁ ଚାଷୀ ଓ କିଡନୀ ପ୍ରପିଡିତ ନାଗରିକ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ଦାବି

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.):**

ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ (ଉତ୍ତରାଞ୍ଚଳ) ଆୟୁକ୍ତ ଅଧୀନରେ ସାମିଲ ପାଇଁ ଦୀର୍ଘ ଦିନରୁ ବୌଦ୍ଧ ଜିଲାବାସୀ ଦାବି କରିଆସୁଛନ୍ତି। ହେଲେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏନେଇ ବୌଦ୍ଧ ଜିଲା ସଂଯୋଜକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବୌଦ୍ଧ ଜିଲାର ଭୌଗୋଳିକ ଅବସ୍ଥିତି, ସାମାଜିକ ଚଳଣୀ, ଶିକ୍ଷା, ସଂସ୍କୃତି ସମ୍ବଲପୁର ସହ ଜଡିତ। ୨୦୦୭ରେ ରାଜସ୍ୱ ପରିଷଦ କାର୍ଯ୍ୟାଳୟ କଟକ ପତ୍ର ସଂଖ୍ୟା ନଂ.୯୩୩ରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଏବଂ ବୌଦ୍ଧ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ମତାମତ ମାଗିଥିଲେ। ଏଥିରେ ଉଭୟ ରାଜସ୍ୱ ଆୟୁକ୍ତଙ୍କ ସହମତି ଥିବା ଏକତାମଞ୍ଚ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ବୌଦ୍ଧ ଜିଲାବାସୀ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ କାର୍ଯ୍ୟାଳୟ ବ୍ରହ୍ମପୁରକୁ ଯିବା ପାଇଁ ୨୩୫ କି.ମି. ପଡୁଥିବା ବେଳେ ଉତ୍ତରାଞ୍ଚଳ ରାଜସ୍ୱ କମିଶନ କାର୍ଯ୍ୟାଳୟକୁ ମାତ୍ର ୧୦୦ କି.ମି. ଦୂର ହେବା ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ରହିଛି। ଏପରି କି ସମ୍ବଲପୁର ୟୁନିଭରସିଟି, ଜମିବାଡି ସଂକ୍ରାନ୍ତୀୟ ମକର୍ଦ୍ଦମା ଉପକମିଶନର କାର୍ଯ୍ୟାଳୟ ସମ୍ବଲପୁରରେ ରହିଛି। ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ



ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କମିଶନର ଅଧୀନକୁ ଆଣିବା ପାଇଁ ସମସ୍ତ ବିଧିବ୍ୟବସ୍ଥା ରହିଥିବା ବେଳେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରତିନିଧି ଦଳ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଆବାହକ ଭବାନୀ ଭୋଇ, ମୁଖ୍ୟ ସଂଯୋଜକ ମାନସ ବକ୍ସି, ଭାଷା ସାହିତ୍ୟ ସଂଯୋଜିକା ପଙ୍କଜିନୀ ମେହେର, ମହିଳା ସଂଯୋଜିକା କାନ୍ତି ମେହେର, ଯୁବ ସଂଯୋଜକ ଦେବାଶିଷ ବେହେରା ପ୍ରମୁଖ ବୌଦ୍ଧ ଜିଲାର ଓକିଲ ସଂଘ, କର୍ମଚାରୀ ସଂଘ, ବରିଷ୍ଠ ନାଗରୀକ ମଞ୍ଚ, ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧିଙ୍କ ସହ ଆଲୋଚନା କରି ଦାବି ପୂରଣ ନେଇ ମିଳିତ ଭାବେ ସଂଗ୍ରାମ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ବରିଷ୍ଠ ନାଗରୀକ ମଞ୍ଚର ସଭାପତି ଅଖିଳଚାନ୍ଦ ମହାପାତ୍ର, ସମ୍ପାଦକ ଅକ୍ଷୟ ମହାନ୍ତି, ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର, ସମ୍ପାଦକ ଅଶୋକ ମିଶ୍ର, ରୋଟାରି କ୍ଲବର ସଭାପତି ବିପ୍ରଚରଣ ମହାନ୍ତି, ସମ୍ପାଦକ ସୂର୍ଯ୍ୟକାନ୍ତ ଦଳବେହେରା, କିଷାନ ସଂଘର ଉପଦେଷ୍ଟା ସୂର୍ଯ୍ୟନାରାୟଣ ମହାପାତ୍ର, ସଭାପତି ପ୍ରମୋଦ କୁମାର ଦେହୁରୀ ପ୍ରମୁଖ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷେ ଗତ ୨୬ତାରିଖରେ ଜିଲା ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ପଦାନ କରାଯାଇଥିଲା।

## ୧୬ରେ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.):**

ରାଜ୍ୟ ଚେସ୍ ଆସୋସିଏଶନ ଓ ବୌଦ୍ଧ ଜିଲା ଚେସ୍ ଆସୋସିଏଶନର ମିଳିତ ସହଯୋଗରେ ବୌଦ୍ଧ ଇନ୍‌ଡୋର ଷ୍ଟାଡିୟମଠାରେ ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ଶହେଜଣ ଖେଳାଳି ଭାଗ ନେଉଥିବା ବେଳେ ଜିଲାର ବହୁ ଖେଳାଳି ଅଂଶ ଗ୍ରହଣ କରିବେ ବୋଲି ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଖେଳ ୧୬ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଜିଲା ଚେସ୍ ଆସୋସିଏଶନର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ଭାବେ ରଜନୀକାନ୍ତ ଦାସ, ଉପସଭାପତି ଶଶାଙ୍କ ଶେଖର ମିଶ୍ର, ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର, ସହ ସମ୍ପାଦକ ଗଜେନ୍ଦ୍ର ସାହୁ, କୋଷାଧ୍ୟ ନିରୋଦ କୁମାର ମେହେରଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ଆଶୁତୋଷ ମହାପାତ୍ର, ଶତ୍ରୁଜିତ ମହାପାତ୍ର, ସୁପ୍ରୀତ ମିଶ୍ର, ଉପଦେଷ୍ଟା ଭାବେ ଶାନ୍ତନୁ ମହାପାତ୍ର ଓ ଡ.ବୀରନାରାୟଣ ମହାପାତ୍ରଙ୍କୁ ମନୋନୀତ କରାଯାଇଛି।

## ପତ୍ରାପାଲି ଦୁଗ୍ଧ ଉତ୍ପାଦକ ସମିତିରେ ଦୁର୍ନୀତି ଅଭିଯୋଗ

**ଅତାବିରା,୧୫।୧୦(ଡି.ଏନ.ଏ.):**

ଓମଫେଡ ପରିଚାଳିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ଅଧୀନ ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ପତ୍ରାପାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏପରି କି ସମିତିରେ ପ୍ରତିମାସ ବୈଠକ ହେଉ ନ ଥିବାରୁ ଚାଷୀମାନେ ସମିତିର କୌଣସି ବିଷୟରେ ଜାଣି ପାରୁନାହିଁ । ଏପରି କି ବାର୍ଷିକ ସାଧାରଣ ସଭା, ଅଡିଟ ହେଉ ନ ଥିବାରୁ ଦୁଗ୍ଧ ଚାଷୀମାନେ ସମିତିରୁ ଲାଭାଂଶ ପାଇ ପାରୁନାନ୍ତି।

ସୂଚନାଯୋଗ୍ୟ ପତ୍ରାପାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଏହି ଦୁଗ୍ଧ ରାଜ୍ୟରେ ଦୁଗ୍ଧ ସଂଗ୍ରହରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ହେଲେ ବର୍ତ୍ତମାନ ସମିତିରେ ମନମୁଖି କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଚାଷୀମାନେ ଉନ୍ନତମାନର କ୍ଷୀର ସମିତିକୁ ଆଣୁଥିଲେ ମଧ୍ୟ ଠିକ୍ ମୂଲ୍ୟ କିମ୍ବା ଠିକ୍ ସମୟରେ ପ୍ରାପ୍ୟ ପାଇପାରୁ ନାହାନ୍ତି। ସମିତିରେ ଦୈନିକ ୧୪ଶହ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ସଂଗ୍ରହ କରାଯାଉଛି । ହେଲେ ଚାଷୀମାନଙ୍କୁ ଅଣଦେଖା କରାଯିବା ସହ ବର୍ଦ୍ଧିତ କ୍ଷୀର ମୂଲ୍ୟ ପାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦୁଗ୍ଧ ଚାଷୀ ଋଷଭ ମହାକୁର ଅଭିଯୋଗ କରିଛନ୍ତି। ଏ ଏନେଇ ସମିତି ସମ୍ପାଦକ ବୁଡୁଲୁ ମହାକୁରଙ୍କୁ ପଚରାଯିବାରୁ ସମିତି ପକ୍ଷରୁ ସଭା,ସମିତି କରାଯାଉ ନ ଥିବା କହିଥିଲେ।

# ବୌଦ୍ଧରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.):**

ବୌଦ୍ଧ ବିଜେଡି ପକ୍ଷରୁ ବୌଦ୍ଧ ସହରରେ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ସହରର ରାମନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଟାଉନହଲରେ ପହଞ୍ଚିଥିଲା। ଜୋନାଲ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସମ୍ପର୍କ ସଭାରେ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା କୃତିବାସ ପାତ୍ର ଯୋଗଦେଇଥିବା ବେଳେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ, ଜିଲାପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ୫ ନମ୍ବର ଜିଲାପରିଷଦ ସଭ୍ୟା ସସ୍ମିତା ମହାଲିକ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଦିପ୍ତିପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

### ୨୦୨୦ ସୁଧା ମର୍ଜାକୁଦ ସେତୁ ସମ୍ପୂର୍ଣ୍ଣ ଲକ୍ଷ୍ୟ



ବୌଦ୍ଧ ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

ବିଧାୟକ ଅମାତ ବୌଦ୍ଧରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଦାବି ଉଠାଇବା ସହ ରାଜ୍ୟ ସରକାରଙ୍କ ସ୍ୱଚ୍ଛଶାସନ, ସରକାର ଲୋକଙ୍କ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ପ୍ରଦାନ କରି ମୋ ସରକାର ଓ ୫ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉଦ୍ୟମ ଆରମ୍ଭ କରିଥିବା କହିଥିଲେ। ଏହା ଦ୍ୱାରା ଜନସାଧାରଣ ସିଧାସଳଖ ସରକାରଙ୍କ ସହ ସାମିଲ ହୋଇ ଅସୁବିଧା ସମ୍ପର୍କରେ ଜଣାଇପାରିବେ ବୋଲି ସେ କହିଥିଲେ। ଏପରି କି ସରକାରଙ୍କ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ସରକାରଙ୍କ ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚ ପାରିବ ସେଥିପ୍ରତି ସଚେତନ ହେବାକୁ କର୍ମୀମାନଙ୍କୁ କହିଥିଲେ। ଜିଲାରେ ଅନେକ ବିକାଶ ମୂଳକ କାର୍ଯ୍ୟ ଚାଲିଥିବା ବେଳେ ବଘିଆପଡ଼ା ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ, ସହରର ରାସ୍ତାଘାଟ ପ୍ରଶସ୍ତ, ଐତିହାସିକ ଜଗନ୍ନାଥ ସଡ଼କ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ସହ ଏହାର ଉନ୍ନତିକରଣ ଓ ମର୍ଜାକୁଦ ସେତୁ ନିର୍ମାଣ କାର୍ଯ୍ୟ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ ରଖାଯାଇଥିବା ବିଧାୟକ ଅମାତ ପ୍ରକାଶ କରିଥିଲେ। ବିଜେଡି ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେବାସହ ରାଜନୈତିକ ସଂରକ୍ଷଣ ଓ ଆର୍ଥିକ କ୍ଷେତ୍ରରେ ସ୍ୱାଧୀନତା ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ପଦଯାତ୍ରାରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ। ଶେଷରେ ବିଜେଡି ଯୁବମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।



"ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ସଂକ୍ଷେପରେ

### ଦୁଲମପୁରରେ ଜୁଗାର ଯାତ୍ରା

ବରଗଡ଼ ଅଫିସ୍,୧୫।୧୦- ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦୁଲମପୁର ଗ୍ରାମରେ ସମଲେଶ୍ୱରୀ ପୂଜା ଓ ଜୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଝାଙ୍କର ପ୍ରେମରାଜ ଭୁଏ, ପ୍ରସନ୍ନ ଭୁଏ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଝାଙ୍କରପାଲିସ୍ଥିତ ଡୁଙ୍ଗୁରୀରେ ଦେବୀ ବଙ୍କସେରପାଟ୍, ପିତାବଳି, ମାଉଲୀ, ଲିମତଲିଏନ, ହନୁମାନବୀର, ଛତରପତି, ହୀରାକୁଣ୍ଡି, ଘଣ୍ଟେଶ୍ୱରୀ, ବାଉତୀ, ଚମ୍ପାତଲିଏନ ଦେବୀଙ୍କୁ ବରଣ କରି ସମଲେଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ରାତିରେ ଅର୍କେଷ୍ଟ୍ରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

ଜୁନାଗଡ,୧୫।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତଳମଲା ମାହାରପଡାରେ ବେକରେ ଦଉଡ଼ି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଶରତ ଚନ୍ଦ୍ର ନାଏକ (୩୫)। ସୋମବାର ସନ୍ଧ୍ୟା ୭ଟାରେ ଘରେ କେହି ନ ଥିବା ବେଳେ ଶରତ ଭିତରପଟୁ କବାଟ ବନ୍ଦ କରି ବେକରେ ଦୌଡିଦେଇ ଆତ୍ମହତ୍ୟା କରିଥିଲେ। ପରେ ପରିବାରବର୍ଗ ଜୁନାଗଡ ପୋଲିସରେ ଖବର ଦେଇଥିଲେ। ମଙ୍ଗଳବାର ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଗତ ଏକବର୍ଷ ହେବ ସ୍ତ୍ରୀ ଭାଗ୍ୟ ଓ ଝିଅଙ୍କୁ ଶଶୁର ଘର ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଲମ ଗାଁରେ ଛାଡି ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରୁ ଏବେ କିଛି ଦିନ ହେଲା ସେ ଘରକୁ ଫେରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ଉପନିର୍ବାଚନକୁ ୬ ଦିନ ବାକି

# ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପୁଛି ବିଜେପୁର



ଗୁଦେରପାଲିରେ ବିଜେଡିର ମହିଳା ସମାବେଶରେ ଦଳୀୟ ନେତୃବୃନ୍ଦ ।


ଗାଇସିଲେଟ୍ ଅଞ୍ଚଳରେ ଭାଜପାର ପ୍ରଚାର ।

ବରଗଡ଼ ଅଫିସ୍/ବିଜେପୁର/ବରପାଲି/ ଗାଇସିଲେଟ୍,୧୫।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉ ମାତ୍ର ୬ଦିନ ବାକି । ଆସନ୍ତା ୨୧ତାରିଖ ମତଦାନ କାର୍ଯ୍ୟକ୍ରମ ରହିଛି । ତେବେ ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳର ରାଜନେତାଙ୍କ ସୁଅ ସେଭଳି ବଢ଼ିବାରେ ଲାଗିଛି। ଏପରି କି ନେତୃବୃନ୍ଦଙ୍କ ପ୍ରଚାରରେ ବିଜେପୁର ନିର୍ବାଚନମଣ୍ଡଳୀ କମ୍ପି ଉଠୁଛି । ମଙ୍ଗଳବାର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗାଇସିଲେଟ ବ୍ଲକର ଗୁଦେରପାଲିଠାରେ ଅନୁଷ୍ଠିତ ବିଜେଡିର ନିର୍ବାଚନୀ ସଭା ତଥା ମହିଳା ସମାବେଶରେ ଦଳର ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାର କରିଥିଲେ। ମହିଳାମାନଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ସାମାଜିକ ସୁରକ୍ଷା, ରାଜନୈତିକ ଅଧିକାର ପାଇଁ ବିଜେଡ଼ି ସରକାର ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ଉଦ୍‌ବୋଧନ ଦେଇ ଦଳୀୟ ପ୍ରାର୍ଥୀନ ରୀତାଙ୍କ ସପକ୍ଷରେ ମତଦାନ କରିବାକୁ ପ୍ରସନ୍ନ ଉପସ୍ଥିତ ମହିଳାଙ୍କୁ ନିବେଦନ କରିଥିଲେ। ବିଜେଡ଼ି ନେତା କିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି କଳିକେଶ ସିଂଦେଓ, ବିଧାୟକ ଦେବୀ ତ୍ରିପାଠୀ, ଶ୍ରୀକାନ୍ତ ନାୟକ, ସରପଞ୍ଚ ଶୈଳବାଳା ଦେବତା ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ଭାବେ ବରପାଲିରେ ବରିଷ୍ଠ ନାଗରିକଙ୍କୁ ନେଇ ବିଜେଡ଼ିର ଏକ ନିର୍ବଚନୀ ସଭା ହୋଇଥିଲା। ରାଜ୍ୟସଭା ସଦସ୍ୟ ପ୍ରସନ୍ନଙ୍କ ସମେତ ଅନ୍ୟ ଦଳୀୟ ନେତୃବୃନ୍ଦ ରୀତାଙ୍କ ପାଇଁ ପ୍ରଚାର କରିଥିଲେ । ସେହିପରି ବିଜେପୁର ବ୍ଲକ ଟି.ଗଣ୍ଡପାଲି, ରଙ୍ଗମାଟିଆ, କର୍ଣ୍ଣପା, ଭଟିଗାଁରେ ସିନେ ତାରକା ଅରିନ୍ଦମ ରାୟ ବିଜେଡି ପ୍ରାର୍ଥିନୀ ରୀତାଙ୍କ ପାଇଁ ପ୍ରଚାର କରିଥିବା ବେଳେ ପୂର୍ବତନ ବିଧାୟକ ଅଶୋକେ ପାଣିଗ୍ରାହୀ ଆଗଲପୁର ଅଞ୍ଚଳରେ ବିଜେଡି ପାଇଁ ପ୍ରଚାର କରିଥିଲେ ।

କଂଗ୍ରେସ ପ୍ରାର୍ଥୀ ଦିଲୀପ ପଣ୍ଡାଙ୍କ ପାଇଁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଏଆଇସିସି ସାଧାରଣ ସମ୍ପାଦକ ଶେଖ ମସ୍ତାନ ଅଲ୍ଲୀ, ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ସୁର ରାଉତରାୟ, ପ୍ରଦୀପ ଦେବତା, ଅବଦୁଲ ଗଫାର ପ୍ରମୁଖ ବିଜେପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ । ବୁଢ଼ାପାଲି, ଜାଲପାଲି, ସର୍ଗିପାଲି, ସୁରୁବାଲି, ମାଣିକଚଉଁରା, ବୈରଖପାଲି ଆଦି ଅଞ୍ଚଳରେ କଂଗ୍ରେସ ନେତୃବୃନ୍ଦ ପ୍ରଚାର କରିଥିଲେ । ବରପାଲି ଅଞ୍ଚଳରେ ମଧ୍ୟ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଗଜରାଜ ଗହୀର ଦିଲୀପଙ୍କ ପାଇଁ ପ୍ରଚାର କରି କଂଗ୍ରେସ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ । ସେହିପରି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଘନଶ୍ୟାମ ସାହୁ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଛିନ୍ଦ୍ରପାଲି, ସାଲେପାଲି, ଜାମୁଟପାଲି ଆଦି ଗ୍ରାମରେ ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପାଇଁ ପ୍ରଚାର କରିଥିଲେ । ଅନୁରୂପଭାବେ ବରପାଲିରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଇରାସିସ ଆଚାର୍ଯ୍ୟ ପ୍ରମୁଖ ସନତଙ୍କ ପାଇଁ ପ୍ରଚାର କରିଥିବା ବେଳେ ବିଜେପୁର ସମେତ ବରମୁଣ୍ଡା, ବାନ୍ଧୁପାଲି, ଏମ.ଶ୍ରୀଗିଡ଼ା ଆଦି ଅଞ୍ଚଳକୁ ପ୍ରାର୍ଥୀ ସନତଙ୍କ ସହିତ ଭାଜପା ନେତା ବିଜୟ ମହାପାତ୍ର ପ୍ରମୁଖ ଯାଇ ଭାଜପା ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ।


ବିଜେପୁରରେ କଂଗ୍ରେସ ନେତୃବୃନ୍ଦଙ୍କ ପ୍ରଚାର ।

### ଉପନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗମାର୍ଚ୍ଚ

ବରଗଡ଼ ଅଫିସ୍/ବିଜେପୁର,୧୫।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉମାତ୍ର ୬ଦିନ ବାକି। ଉପନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏହି କ୍ରମରେ ମଙ୍ଗଳବାର ବିଜେପୁରରେ ପୋଲିସର ଫ୍ଲାଗମାର୍ଚ୍ଚ ହୋଇଛି। ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଫ୍ଲାଗମାର୍ଚ୍ଚରେ ସିଆର୍‌ପିଏଫ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ। ନିର୍ବାଚନ ମଣ୍ଡଳୀରେ ମୋଟ ୧୩୫ଟି ଭୋଟକେନ୍ଦ୍ର(ବୁଥ୍)କୁ ସମ୍ବେଦନ ଓ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୬ଟି ବୁଥ୍ ଉପାନ୍ତ ତଥା ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ରହିଥିବା ଦୃଷ୍ଟିରୁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ସାହୁ କହିଛନ୍ତି । ସେହିପରି ନିର୍ବାଚନ ମଣ୍ଡଳୀର ୧୧ଟି ସ୍ଥାନରେ ନାକାପୋଷ୍ଟ କରାଯାଇ ଯାଞ୍ଚ ଚାଲିଥିବା ବେଳେ ମାଇକ୍ରୋ ଅବଜର୍ଭରମାନେ ମଧ୍ୟ ସବୁଦିଗ ପ୍ରତି ନଜର ରଖିଥିବା ଏସ୍‌ପି ପ୍ରକାଶ କରିଛନ୍ତି ।

### ବରପାଲିରେ ଭାଜପାର ମହିଳା ସମାବେଶ

ବରପାଲି, ୧୫।୧୦ (ଡି.ଏନ.ଏ)- ଉପନିର୍ବାଚନକୁ ଆଉ ଅଳ୍ପ ଦିନ ଥିବା ବେଳେ ନିର୍ବାଚନ ବାତାବରଣ ଉଷ୍ମ ହେବାରେ ଲାଗିଛି । ଏହି ଅବସରରେ ବରପାଲି ୱାର୍ଡ ନଂ. ୪ସ୍ଥିତ ଗାନ୍ଧୀ ପାଠାଗାରରେ ଭାଜପାର ଏକ ମହିଳା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଦଳୀୟ ପ୍ରାର୍ଥୀ ସନତ ଗଡତିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଇରାଶିଶ ଆଚାର୍ଯ୍ୟ ପ୍ରମୁଖ ଦଳୀୟ କର୍ମୀ ତଥା ଦଳର ମହିଳାନେତ୍ରୀଙ୍କୁ ନେଇ ସହରର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ପରେ ଦୁବେପଡା, ମେହେରପଡାରେ ଆୟୋଜିତ ବୈଠକରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ ।

## ମାମଲା ପ୍ରତ୍ୟାହାର ଦାବିରେ ଗ୍ରାମବାସୀଙ୍କ ସ୍ମାରକପତ୍ର ପ୍ରଦାନ

ଭେଡ଼େନ,୧୫।୧୦(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରୂପାପାଲି ଗ୍ରାମବାସୀଙ୍କ ନାମରେ ଏକ ମିଥ୍ୟା ମାମଲା ରୁଜୁ ହୋଇଥିବା ଅଭିଯୋଗ୨ ହୋଇଛି। ମାମଲା ପ୍ରତ୍ୟାହାର ଦାବିରେ ମଙ୍ଗଳବାର ରୂପାପାଲି ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଭେଡ଼େନ ଥାନାରେ ପହଞ୍ଚି ଏସ୍‌ଡ଼ିପିଓଙ୍କ ଉଦ୍ଦେଶ୍ୟରେ ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ୨୦୧୬ରେ ୨ ଜଣ ମହିଳାଙ୍କୁ ଘରୁ ଉଠେଇ ନେଇ ବଳାତ୍କାର ଓ ହତ୍ୟା କରାଯାଇଛି ବୋଲି ଏକ ମାମଲା(ନଂ.୧୬୫/୨୦୧୯) ରୁଜୁ ହୋଇଛି। ତାହା ସମ୍ପୂର୍ଣ୍ଣ ମିଥ୍ୟା। ୨ ମହିଳା ରୂପାପାଲି ନିବାସୀ ନୁହନ୍ତି କିମ୍ବା ସମ୍ପୃକ୍ତ ପରିବାରର ସଦସ୍ୟ ବା ସମ୍ପର୍କୀୟ ନୁହନ୍ତି। ଘଟଣା ୨୦୧୬ର ବୋଲି କୁହାଯାଉଥିଲେ ମଧ ସେହି ଝିଅ କିମ୍ବା ତାଙ୍କର କୌଣସି ସମ୍ପର୍କୀୟ ଓଡ଼ିଶାର କୌଣସି ଥାନାରେ ବଳାତ୍କାର, ନିଖୋଜ କିମ୍ବା ହତ୍ୟା ବୋଲି ଲିଖିତ ଅଭିଯୋଗ କରିନାହାନ୍ତି। ଉପଯୁକ୍ତ ତଦନ୍ତ କରି ମାମଲା ଖାରଜ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗଜାନନ ବାଗ, ଦୀନବନ୍ଧୁ କୁଦେଇ, ଜଗଦୀଶ ଭୁଏ, ଜୟନ୍ତି ଭୁଏ, ଅସର୍ପି ମେହେର, ଉଲ୍ଲାସ ମେହେର, ନୂଆଦେଇ ମେହେରଙ୍କ ସମେତ ଗ୍ରାମର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଭେଡ଼େନ ଥାନା ଅଧିକାରୀ ହେମନ୍ତ ରାଓଙ୍କୁ ପଚରାଯିବାରୁ ଅଭିଯୋଗକୁ ନେଇ ଏକ ଷ୍ଟେଶନ ଡାଏରୀ କରାଯିବା ସହ ଏସ୍‌ଡ଼ିପିଓ ଏବଂ ଏସ୍‌ପିଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇ ଦିଆଯାଇଛି। ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ସେ କହିଛନ୍ତି ।


ରୁପାପାଲି ଗ୍ରାମବାସୀ ଭେଡ଼େନ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ରୋଡ୍ ଶୋ'ରେ ପ୍ରଚାର ସାରିବେ ମୁଖ୍ୟମନ୍ତ୍ରୀ

ବରଗଡ଼ ଅଫିସ୍/ବିଜେପୁର,୧୫।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ଓ ୧୮ତାରିଖ ଦୁଇଦିନିଆ ଗସ୍ତରେ ବରଗଡ଼ ଆସୁଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ତାଙ୍କ ଏହି ଗସ୍ତ ଅବସରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୫ମିନିଟ୍‌ରେ ବିଜେପୁର ବ୍ଲକ ଲାଉମୁଣ୍ଡାର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ସେଠାରୁ ରୋଡ୍ ଶୋରେ ବାହାରି କୁରକୁଟା, ପଥର୍ଲା, ବଡ଼ବାଉଁଶେନ, ସାଇପାଲି, ଖରମୁଣ୍ଡା, ଟି-ଗଣ୍ଡପାଲି, ଚାରପାଲି, କଲଙ୍ଗାପାଲି, ଗୁଡ଼ିମୁଣ୍ଡା, ବିଜେପୁର ଦେଇ ବନ୍ଧପାଲି, ଗୋପେଇପାଲି, ବରଗାଁ ଛକକୁ ଯାଇ ବାଟରେ ସମବେତ ଜନତାଙ୍କ ସମ୍ମୁଖରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନ ୧ଟା ୨୪ମିନଟ୍‌ରେ ବରପାଲି ଡାକବଙ୍ଗଳାରେ ପହଞ୍ଚି ସାଢ଼େ ୩ଟା ପର୍ଯ୍ୟନ୍ତ ରହିବେ । ପରେ ପୁଣି ସେଠାରୁ ରୋଡ୍ ଶୋରେ ବାହାରି ମୁଖ୍ୟମନ୍ତ୍ରୀ ରେମତା, କୁମ୍ଭାରୀ, ପାଟକୁଲୁଣ୍ଡା, କାଇଁଶିର, ବାରଙ୍ଗପାଲି, ସିର୍କିଡ଼ି, ସତଲମା, ହଳଦୀପାଲି, ଭଟିଗାଁ, ବାରଗୁଡ଼ା, ମହଦା, ତିନକାନୀ ଛକ, ଆଗଲପୁର, ତିଲେଇମାଲ ଛକ, ତେଜଙ୍ଗ, ରକ୍ସାରେ ପ୍ରଚାର ସାରି ରାତ୍ରି ପ୍ରାୟ ୭ଟା ୪୦ମିନିଟ୍‌ରେ ବରଗଡ଼ ପିଡବ୍ଲୁଡ଼ି ଡାକବଙ୍ଗଳା ପହଞ୍ଚି ରାତ୍ରିଯାପନର କାର୍ଯ୍ୟକ୍ରମ ରହିଛି ।

ଅନୁରୂପ ଭାବେ ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ମିନିଟ୍‌ରେ ବରଗଡ଼ ପିଡବ୍ଲୁଡ଼ି ଡାକବଙ୍ଗଳାରୁ ବାହାରି ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡ୍‌ରୁ ହେଲିକ୍ୟାପ୍ଟର ଯୋଗେ ଯାଇ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲି ଯାତ୍ରା ପଡ଼ିଆରେ ଦିନ ୧୦ଟାରେ ଓହ୍ଲାଇବେ । ସେଠାରୁ ପୂର୍ବଦିନ ଭଳି ରୋଡ୍ ଶୋରେ ବାହାରି କେନ୍ଦୁଭଟା ଛକ, ଗୋରୁମୁଣ୍ଡା ଛକ, ଗାଇସିଲେଟ୍ ମନ୍ଦିର ଛକ, କନ୍ଦୁମୁଣ୍ଡା, କଠଉମାଲ, ବଡ଼ସାହାଜବାହାଲ, ଜଗଲପାଟ, ଭାଙ୍ଗମୁଣ୍ଡା, ଡାଙ୍ଗବାହାଲ, ଶରଧାପାଲି, କରଞ୍ଜାପାଲି ଶହୀଦ ଛକ, କେର୍ମେଲି ଚାରିଛକ, କୁଣ୍ଡାଖାଇ, ଗୁଦେରପାଲିରେ ପ୍ରଚାର କରିବେ । ଗୁଦେରପାଲିରେ ପୂର୍ବାହ୍ନ ୧ଟା ୪୫ମିନିଟ୍‌ରେ ପ୍ରଚାର ସାରିବେ ଏବଂ ଅପରାହ୍ନ ୨ଟା ୧୫ମିନିଟ୍‌ରେ ସେଠାକାର ଅସ୍ଥାୟୀ ହେଲିପ୍ୟାଡ୍‌ରୁ ହେଲିକ୍ୟାପ୍ଟର ଯୋଗେ ନବୀନ ନିବାସ ଫେରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ ମରାମତି ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ପାଇଁ ଉଦ୍ଦିଷ୍ଟ ବସ୍ ମଧ୍ୟ ମଙ୍ଗଳବାର ବିଜେପୁର ପହଞ୍ଚି ସାରିଛି । ବସ୍ ଏଠାକୁ ପହଞ୍ଚିବା ପରେ ମଙ୍ଗଳବାର ବିଜେପୁରରୁ ଖରମୁଣ୍ଡା ମାମାଛକ ପର୍ଯ୍ୟନ୍ତ ଟ୍ରାଏଲ ପାଇଁ ଯାଇଥିବା ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉସାହ ଦେଖାଯାଇଛି ।



ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ପାଇଁ ବିଜେପୁରକୁ ପହଞ୍ଚିଥିବା ବସ୍ ।

■ ୨ଦିନିଆ ଗସ୍ତରେ ଆସୁଛନ୍ତି ନବୀନ
■ ୧୭ରେ ଲାଉମୁଣ୍ଡାରୁ ପ୍ରଚାର ଆରମ୍ଭ
■ ବରଗଡ଼ ଡାକବଙ୍ଗଳାରେ ରାତ୍ରିଯାପନ
■ ୧୮ରେ ଗୁଦେରପାଲିରେ ପ୍ରଚାର ଶେଷ

## ସଂସ୍କାର ସ୍କୁଲକୁ ମିଳିଲା ରୌପ୍ୟ ପଦକ

ବରଗଡ଼ ଅଫିସ୍,୧୫।୧୦

ସିବିଏସ୍‌ଇ କ୍ଲଷ୍ଟର-୨ କବାଡ଼ି ଖେଳରେ ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲକୁ ଅପୂର୍ବ ସଫଳତା ମିଳିଛି । ବ୍ୟାସନଗର ସ୍କୁଲ, ଯାଜପୁରରେ ଗତ ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଚାଲିଥିବା କବାଡ଼ି ପ୍ରତିଯୋଗିତା ଭାଗନେଇ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ରୌପ୍ୟ ପଦକ ଲାଭ କରିବାରେ ସଫଳ ହୋଇଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସ୍କୁଲର ଆଶିଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଟିକେଶ୍ୱର ପଟେଲ, ରୋହନ ସାହୁ, ଅଙ୍କିତ କୁମାର ସାହୁ, ହିତେଶ ନାୟକ, ଅଂଶୁମାନ ପାଣିଗ୍ରାହୀ, ପ୍ରତ୍ୟୁଷ ରଞ୍ଜନ ହୋତା ପ୍ରମୁଖ କବାଡ଼ିରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଏହି ସଫଳତା ପାଇଥିଲେ। ପ୍ରତିଯୋଗୀଙ୍କ ଏହି ସଫଳତାରେ ସଂସ୍କାର ଇଣ୍ଟରନେଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ ।


ସ୍କୁଲ କର୍ତ୍ତୃପକ୍ଷଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

### ଗଜଲକ୍ଷ୍ମୀ ପୂଜା ତୃତୀୟ ସନ୍ଧ୍ୟା

## ନୃତ୍ୟଗୀତରେ ଝୁମିଲେ ଦର୍ଶକ

ଘେଁସ,୧୫।୧୦(ଡି.ଏନ୍.ଏ.)

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲିଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସରେ ମଣ୍ଡପରେ ହୋମଯଜ୍ଞ, ସୂର୍ଯ୍ୟପୂଜା, ଛପନଭୋଗ, ଦେବୀଙ୍କ ୧୦୮ ଆହୁତୀ, ହୋମ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି, ବିସର୍ଜନ ଆଦି ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ମା'ଙ୍କୁ ମହାଆଳତି ପ୍ରଦାନ ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିଭଳି ଅପରାହ୍ନରେ ମହାରାଜା କଳାସୁର ନଗର ପରିକ୍ରମା ପରେ ତାଙ୍କ ଦରବାରରେ ପହଞ୍ଚିଥିଲେ। ଚାରୁମତୀଙ୍କ ଲକ୍ଷ୍ମୀ ପୂଜା, କଳାସୁର ଚାରୁମତୀ ମଧ୍ୟରେ କଳହ, ନାରିଶକ୍ତିର ଆବିର୍ଭାବ ଓ ଶେଷରେ କଳାସୁର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜଅତିଥି ଭାବେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାଷ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ। ଗଜଲକ୍ଷ୍ମୀ ପୂଜା ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ୨୦ ଜଣ ରକ୍ତଦାତାଙ୍କୁ ରାଜଦରବାରରେ ସମ୍ମାନିତ କରାଯାଇଥିଲା। ସେହିଭଳି ଗ୍ରନ୍ଥକାର, ନାଟ୍ୟକାର ଅଧାପକ ସୁଶାନ୍ତ ମିଶ୍ର, ଧରିତ୍ରୀ ଘେଁସ ପ୍ରତିନିଧି ବିଶ୍ୱକୁମାର ସାହୁଙ୍କୁ ରାଜଦରବାରରେ ସମ୍ମାନିତ କରାଯାଇଥିଲା। ଦର୍ଶକଙ୍କ ମନୋରଞ୍ଜନ ଲାଗି ମହାରାଜ କଳାସୁରଙ୍କ ଦରବାରରେ କଳାହାଣ୍ଡି ଜିଲା କାଣ୍ଡେଲର ଶିଳ୍ପୀ ଘୁମୁରା, ବଉଳି କଳାପରିଷଦ ବରପଦର, ଚୁଟକୁଚୁଟା, ଦୁଲାବିହା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦିଲୀପ ଭୋଇ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟି ତଥା ଗ୍ରାମବାସୀ ସହଯୋଗ କରିଥିଲେ।


ମହାରାଜା କଳାସୁରଙ୍କ ଦରବାରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ତେଲନଦୀରୁ ମୃତଦେହ ଉଦ୍ଧାର

**ତରଭା, ୧୫।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବ୍ରାହ୍ମଣୀ ଗ୍ରାମପଞ୍ଚାୟତର ବହିରାମୁହାଣ ନିକଟ ତେଲନଦୀର ଉଡ୍ଦର୍‌ହଠାରେ ଭାସୁଥିବା ଏକ ମୃତଦେହ ପୋଲିସ ଉଦ୍ଧାର କରିଛି। ଖବର ପାଇ କମସରା ପୋଲିସ ଏଏସଆଇ ଅବନୀ ପଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ବ୍ୟକ୍ତି ଜଣକ ମୁହଁ ମାଡି ନଦୀ ପାଣିରେ ପଡିଥିବା ବେଳେ ଡାହାଣ ଗୋଡରେ ଗୋଟିଏ ଜୋତା ରହିଛି । ଶରୀର ଉଲଗ୍ନ ଅବସ୍ଥାରେ ରହିଛି । ପ୍ରାଇମିକ ତଦନ୍ତ ଅନୁସାରେ ମୃତଦେହ ନଦୀରେ କେଉଁ ଉପର ଅଞ୍ଚଳରୁ ଭାସି ଆସି ବହିରାମୁହାଣର ତେଲନଦୀ ଖଣ୍ଡିରେ ଲଟକି ରହିଛି । ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋନପୁର ପଠାଇଛି। ଏ ନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

### ଧର୍ମପରାୟଣ ମହିଳାଙ୍କ ପରଲୋକ



**ସୋନପୁର,୧୫।୧୦(ନି.ପ୍ର.):** ଧର୍ମପରାୟଣ ମହିଳା ପାର୍ବତୀ ଅଗ୍ରୱାଲ(୬୨)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ସୋମବାର ସକାଳେ ସହରର ନୂଆପଡାସ୍ଥିତ ବାସଭବନରେ ହୃଦ୍‌ଘାତ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମେଶ୍ୱର ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁଅ ବିକାଶ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଚମ୍ପୁଲାଲ ଅଗ୍ରୱାଲ, ସାନ ପୁଅ ମନୀଷ, ୪ ଝିଅ, ଜ୍ୱାଇଁ, ନାତୁଣୀ, ନାତି ଓ ପରିଜନ ଉପସ୍ଥିତ ଥିଲେ ।

ଉପଖଣ୍ଡସ୍ତରୀୟ ଡୁମାଲ ସମାଜ ମହାସଭା

# ସଂସ୍କାରିତ ସମାଜ ଗଠନ ଲାଗି ପ୍ରୟାସ ହେଉ

**ଅମରପାଲି, ୧୫।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାନପୁରସ୍ଥିତ ଦେମୁଳ ପୀଠରେ ଉପଖଣ୍ଡସ୍ତରୀୟ ଡୁମାଲ ସମାଜ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଉପଦେଷ୍ଟା ତଥା ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ଭୂଷଣ ପାତ୍ର ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଜିଲା ଯୁବ ପରିଷଦ ସମ୍ପାଦକ ଶଶିକାନ୍ତ ପଧାନ, କେନ୍ଦ୍ର ସଭାପତି ଜାନକୀରାମ ବେହେରୀ, ତ୍ରିନାଥ କର୍ଣ୍ଣ, ଦୟାସାଗର ମେଣ୍ଡିଲି, ଗୁଣସାଗର ମହାକୁର, ଘାସିରାମ କର୍ଣ୍ଣ, ସୁରେନ୍ଦ୍ର ମହାକୁର, କୃଷ୍ଣ ଚନ୍ଦ୍ର ମହାକୁର, ମଧୁ ଗାଇଗରିଆ, ଭରତ ମହାକୁର, ଅଯତ୍ନ କଲତା, କଳ୍ପ ମହାକୁର, ଧନବନ୍ତ ମହାକୁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ନିଶା ନିବାରଣ, ଗୋପାଳନ, ଉନ୍ନତ କୃଷି, ମହିଳା ସଶକ୍ତିକରଣ, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ଉପରେ ବିଷଦ ଆଲୋଚନା ହୋଇଥିଲା। ସଂସ୍କାରିତ ସମାଜ ଗଠନ ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ଆଲୋଚନାରେ ସମୂହ ମତପ୍ରକାଶ ପାଇଥିଲା। ବୀରମହାରାଜପୁରଠାରେ ମାହେଶ୍ୱରୀ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ଚିତ୍ତରଞ୍ଜନ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଡୁମାଲ ପରିଷଦ ଆନୁକୂଲ୍ୟରେ କାନପୁର ଦେମୁଳ ପୀଠରେ ଆସନ୍ତା ନଭେମ୍ବର ୩ରେ ଏକ ବୈଠକ ଅନୁଷ୍ଠିତ କରିବାକୁ ସଭାରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି।



କାନପୁର ଦେମୁଳ ପୀଠରେ ଅନୁଷ୍ଠିତ ଡୁମାଲ ସମାଜ ମହାସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ।

ହରଗୌରୀ ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ଭକ୍ତି ଭଜନରେ ମୁଗ୍ଧ ହେଲେ ଦର୍ଶକ

**ସୋନପୁର,୧୫।୧୦(ନି.ପ୍ର.)**

ପରମ୍ପରା ଓ ଦେବାଙ୍ଗ ସଂସ୍କୃତିର ମହାପାର୍ବଣ ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା(ବୁଢୀମାଁ ଯାତ୍ରା) ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଦିନକୁ ଦିନ ହରଗୌରୀ ଯାତ୍ରା ଅଧିକ ଆକର୍ଷଣୀୟ ହେଉଥିବାରୁ ଥାଟି କମିଟି କର୍ମକର୍ତ୍ତା ଓ ଢେରାପଡା ବାସୀଙ୍କୁ ପ୍ରଶଂସା କରିବା ସହିତ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦେବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡିଆଇପିଆରଓ ହରିଚରଣ ମିଶ୍ର ଓ ଅଭିମନ୍ୟୁ କୁଶଳ ଯୋଗ ଦେଇ ସୁବର୍ଣ୍ଣପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ମହାନ ବୋଲି କହିଥିଲେ। ଯାତ୍ରା କମିଟି ସଭାପତି ଦିଲ୍ଲିପ କୁମାର ପାତ୍ର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଜନ୍ମେଜୟ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବି ସତ୍ୟନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ଉପସଭାପତି ଆନନ୍ଦ ପାତ୍ର ମଞ୍ଚାସୀନ ଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଭୁବନେଶ୍ୱରର ରବିନ୍ଦ୍ର ମହାପାତ୍ର ଓ ସାଥି ଭଜନ ପରିବେଷଣ କରିଥିଲେ। ଭକ୍ତି ଭଜନରେ ଦର୍ଶକ ମୁଗ୍ଧ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା । ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ଯାତ୍ରାରେ ହରଗୌରୀ ଓ ପାର୍ଶ୍ୱ ଦେବାଦେବୀଙ୍କୁ ଦେଖିବା ପାଇଁ ରବିବାରଠାରୁ ଶ୍ରଦ୍ଧାଳୁଙ୍କ ଭିଡ ଆରମ୍ଭ ହୋଇଛି।



ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ ।

# ସରିଲା କଇଁଫୁଲ ନିଆଁମଡ଼ା ଯାତ୍ରା

**ସୋନପୁର,୧୫।୧୦(ନି.ପ୍ର.)**

ସୋନପୁର ସହରର ଖଦାଳପଡାରେ ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଥିଲା କଇଁଫୁଲ ନିଆଁମଡା ଯାତ୍ରା । ରାଜା ରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଆସ୍ଥା ଓ ବିଶ୍ୱାସର ସହିତ ପଡାବାସୀ ଏହି ଯାତ୍ରା ପାଳନ କରି ଆସୁଛନ୍ତି। ଅଧିଷ୍ଠାତ୍ରୀ ଦେବୀ ମା' ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତିରେ ପ୍ରାଚୀନ ଲୋକବାଦ୍ୟ ଧୂନକେଲ ଓ ଢୋଲ ନିଶାନର ତାଳେ ତାଳେ ଉଦଣ୍ଡ ନୃତ୍ୟ କରିଥିଲେ ବରୁଆମାନେ । ପରେ ପ୍ରସ୍ତୁତ ହୋଇ ରହି ଥିବା ଦଶଫୁଟ ଲମ୍ବ ଓ ତିନି ଫୁଟ ଚଉଡାର ଝୁଲି(ଜଳନ୍ତା ଅଙ୍ଗାର) ଉପରେ ବରୁଆ ଚାଲିଥିଲେ। ହାତରେ କଳାଧଳା ଛତ୍ର ଧରି ଜଳନ୍ତା ଅଙ୍ଗାର ଉପରେ ଚାଲିବା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ପରେ ଶତାଧିକ ଶ୍ରଦ୍ଧାଳୁ ନିଆଁ ଉପରେ ଚାଲିଥିଲେ । ହେଲେ ଅଙ୍ଗାର ତାତି କୌଣସି ପ୍ରଭାବ ପକାଇ ପାରି ନ ଥିଲା ଶ୍ରଦ୍ଧାଳୁଙ୍କ ପାଦ ଉପରେ। ଲୋକଙ୍କ ବିଶ୍ୱାସ ରହିଛି ତନ୍ତ୍ର ପଦ୍ଧତିରେ ପ୍ରସ୍ତୁତ କରାଯାଇଥିବା ଏହି ନିଆଁ ଝୁଲାରେ ଚାଲିଲେ ମନସ୍କାମନା ପୂରଣ ହୁଏ । ପୁଣ୍ୟ ମିଳିବା ସହ ରୋଗରୁ ମଧ୍ୟ ମୁକ୍ତି ମିଳେ । ଏହି ଯାତ୍ରା ଦେଖିବା ପାଇଁ ନିଆଁମଡା ପଡିଆରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂଜା କମିଟିର ସଭାପତି ଅଜିତ ନାଏକ, ସମ୍ପାଦକ ଚନ୍ଦ୍ର ନାଏକ, ଚନ୍ଦ୍ରଶେଖର ନାଏକ, ଶିବ ନାରାୟଣ ବେହେରା, ସଞ୍ଜିବ ନାଏକ, ବଷ୍ଟି ନାଏକ ଓ ରାମ ଚନ୍ଦ୍ର ଦାସ ଯାତ୍ରା ଓ ପଡାବାସୀ ଯାତ୍ରା ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ।



ଖଦାଳପଡାର ଇଷ୍ଟଦେବୀ ମା ଠାକୁରାଣୀ ।

# ଜାଲୋଏରେ ଅଶିନ ପୁନି ଯାତ୍ରା

**ଉଲୁଣ୍ଡା, ୧୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାଲୋଏଠାରେ ମା' ମାହେଶ୍ୱରିଙ୍କ ଅଶିନ ପୁନି ଯାତ୍ରା ଶାନ୍ତିଶୃଙ୍ଖଳା ସହିତ ସୋମବାର ସମ୍ପନ୍ନ ହୋଇଛି। ପ୍ରଥମେ ମା'ଙ୍କୁ ପୂଜାର୍ଚ୍ଚନା ପରେ ଗମ୍ଭିରାରୁ ବାହାର କରାଯାଇ ଘଣ୍ଟ, ଘଣ୍ଟା, ଢୋଲ, ନିଶାନରେ ଏକ ଶୋଭାଯାତ୍ରା ହାଟ ପଡିଆ ଦେଇ ନିକଟ ରୋହିଣୀ କଟାକୁ ନିଆଯାଇ ସ୍ନାନ କରାଯାଇଥିଲା। ପରେ ହାଟ ପଡିଆରେ ମହଖଲା ପୂଜା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିଲା। ଏହି ଯାତ୍ରାରେ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

# ଲକ୍ଷ୍ମୀଙ୍କ ସ୍ୱୟମ୍ବର ସଭା ପାଇଁ ପ୍ରସ୍ତୁତି

**ଅମରପାଲି, ୧୫।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ମଙ୍ଗଳବାର ହେଉଛି ତୃତୀୟ ଦିବସ । ଦିନବେଳା ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହିତ ବ୍ରତଧାରୀମାନେ ପୁଷ୍ପାଞ୍ଜଳି କରିଥିଲେ। ସୁରେନ୍ଦ୍ର ମିଶ୍ର ବ୍ୟାସଭାବେ ଯୋଗଦେଇ ଦିନବେଳା ରାମାୟଣ ପାରାୟଣ ପାଠ କରିଥିଲେ। ସନ୍ଧ୍ୟାବେଳେ ପ୍ରତ୍ୟହ ମୁରାସୁର ରାଜ ହେଉଥିବା ବେଳେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିନୟ ଦେଖିବାକୁ ଲୋକଙ୍କ ଖୁବ ଗହଳି ଲାଗିଥିଲା । ନାଟ୍ୟାଭିକ୍ରମେ ତୃତୀୟ ରଜନୀରେ ବରୁଣପୁରରେ ନାରଦଙ୍କ ପ୍ରବେଶ ହୋଇଛି। ଲକ୍ଷ୍ମୀଙ୍କ ସ୍ୱୟମ୍ବର ପାଇଁ ନାରଦ ନିର୍ଦ୍ଦେଶ ଦେଇଛନ୍ତି। ରାଜା ବରୁଣ ସ୍ୱୟମ୍ବର ସଭା ଆୟୋଜନ ପାଇଁ ପ୍ରସ୍ତୁତ ହେଉଛନ୍ତି । ସେପଟେ ମୁରାସୁରଙ୍କ ନିକଟରେ ନାରଦଙ୍କ ପ୍ରବେଶ ହୋଇଛି ଏବଂ ତାଙ୍କୁ ସ୍ୱୟମ୍ବର ସଭାକୁ ଯିବାକୁ ପରାମର୍ଶ ଦେଇଛନ୍ତି । ଏଥିରେ ମୁରାସୁର ଭୂମିକାରେ ଗୋପାଳ ପଣ୍ଡା ନିଖୁଣ ଅଭିନୟ କରୁଛନ୍ତି। ମହାମନ୍ତ୍ରୀ ଭୂମିକାରେ ଲକ୍ଷ୍ମୀନ୍ଦ୍ର ଭୋଇ, ମହାମଲ୍ଲ କିରଟି ମିଶ୍ର, ମଲ୍ଲ ପ୍ରେମରାଜ ରଣା, ପ୍ରହରୀ ଭୂମିକାରେ ବାବୁଲାଲ ଭୋଇ ଅଭିନୟ କରୁଛନ୍ତି । ବାଦ୍ୟଯନ୍ତ୍ରରେ ସଚ୍ଚିଦା ନନ୍ଦ, ଦେବେନ୍ଦ୍ର ବେହେରା ଓ ଅଶୋକ ବାଘ ପରିଚାଳନା କରୁଛନ୍ତି। ରଙ୍ଗସଭାରେ ରାଜନର୍ତ୍ତକୀଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଉଛି। ମଙ୍ଗଳବାର ମୁରାସୁର ମଞ୍ଚରେ ଲକ୍ଷ୍ମୀପୂଜା କମିଟିର ସଭାପତି ଲବକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ତହସିଲଦାର ଖଦାଳ ପାତ୍ର ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ରାଜଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂଜା କମିଟି ପକ୍ଷରୁ ଅତିଥିଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ପାତ୍ରମନ୍ତ୍ରୀ ସହ ରାଜଦରବାରରେ ମୁରାସୁର ।

# ଘୋଡ଼ାଘାଟପଡ଼ାରେ ଗଜଲକ୍ଷ୍ମୀ ପୂଜା

**ସୋନପୁର,୧୫।୧୦(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଘୋଡାଘାଟପଡାସ୍ଥିତ ବ୍ୟାସ ଆଶ୍ରମରେ ୪୯ତମ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଛି। ପୂଜା ପାଇଁ ପୂଜା ମଣ୍ଡପ ଓ ପଡାର ସମସ୍ତ ରାସ୍ତାପାର୍ଶ୍ୱକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ରାଧେଶ୍ୟାମ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ହିମାଂଶୁ ଶତପଥୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଭାପତି ରାଜା ପାଣିଗ୍ରାହୀ, ସମ୍ପାଦକ ସୁମିତ ପୂଜାହାରୀ, ସାଂସ୍କୃତିକ ସମ୍ପାଦକ ସତ୍ୟଜିତ ସାହୁ, ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଆଦିତ୍ୟ କିଶୋର ଦାନୀ, ନବକୁମାର ମେହେର, ହିମାଂଶୁ ଶତପଥୀ ଓ ଯଶୋବନ୍ତ ମହଲାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପାଦିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି। ଆସନ୍ତା ୧୭ରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଓ ୧୮ରେ ଓଲିଉଡ ସିଙ୍ଗର ହ୍ୟୁମାନ ସାଗରଙ୍କ ମୋଲୋଡି କାର୍ଯ୍ୟକ୍ରମ ରହିଛି। ସେହିଭଳି ୨୦ ତାରିଖ ଭସାଣି ଶୋଭାଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାର ସାମିଲ ହେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।




ସୋନପୁର ଘୋଡାଘାଟପଡାରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ।

ଅମରପାଲି ହାଇସ୍କୁଲ ୨୦୦୦ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

# ଛାତ୍ର ଜୀବନର ସ୍ମୃତି ବାଣ୍ଟିଲେ

**ଅମରପାଲି, ୧୫।୧୦ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ୨୦୦୦ ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ଠେଙ୍ଗୋ ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ସେମାନଙ୍କର ପରିବାରର ସଦସ୍ୟମାନଙ୍କ ସହିତ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଭା କରାଯାଇଥିଲା। ଦେବବ୍ରତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମାଧବ ନାଏକ, ସତୀଶ ସାହୁ, ରେବତୀ ବେହେରା, ସୁଜାତା ସାହୁ, ସଞ୍ଜିବ ମେହେର, ନେପୋଲିଅନ ଖଡିରତ୍ନ, ଶ୍ରୀଲଲ ପଧାନ, ପ୍ରେମଚାନ୍ଦ ମହାକୁର, ସନାତନ ମହାକୁର, ଚିତ୍ତରଞ୍ଜନ ବିଶ୍ୱାଳ, ଲକ୍ଷ୍ମୀ ବଲ୍ଲଭ ଦେହେରୀ ପ୍ରମୁଖ ମନ୍ତବ୍ୟ ପ୍ରଦାନ କରିଥିଲେ । ଚଳିତ ବର୍ଷ ହାଇସ୍କୁଲର ରୌପ୍ୟଜୟନ୍ତୀ ହେବାକୁ ଥିବା ବେଳେ ଏଥିରେ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ସମ୍ମତିପ୍ରକାଶ କରିଥିଲେ । ଶେଷରେ ସୁଶୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ରେଡରୋଜ ସୋନପୁର

**ଅମରପାଲି, ୧୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡିଆପାଲି ଖେଳ ପଡିଆରେ ଚାଲିଥିବା ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମଙ୍ଗଳବାର ତିନୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚରେ ଜାଲୋଏ ପ୍ରଥମେ ବ୍ୟାଟିଂ କରି ୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୪୩ ରନ କରିଥିଲା। ରଥପୁର ଦଳ ଆବଶ୍ୟକ ୪୪ ରନକୁ ୫ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରେଡରୋଜ ସୋନପୁର ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୫ ରନ କରିଥିଲା। ସୋନପୁର ଦଳ ୯.୩ ଓଭରରେ ୬ ଉଇକେଟ ହରାଇ ୬୬ରନ କରି ବିଜୟୀ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସୋନପୁର ପ୍ରଥମେ ବ୍ୟାଟିଂ କରି ୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା। ରଥପୁର ଦଳ ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ହରାଇ ୭୧ରନ କରି ପରାସ୍ତ ହୋଇଥିଲା। ଫଳରେ ରେଡରୋଜ ସୋନପୁର ଦଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକ ପ୍ରଫୁଲ୍ଲ ବେହେରା, ଲକ୍ଷ୍ମଣ ବେହେରା, ରାଜୀବ ପଧାନ, ବିକାଶ ଭୋଇ ପରିଚାଳନା କରିଥିଲେ। ହିମାଂଶୁ ବେହେରା, ସୁନୀଲ ସାହୁ, ବିଜୟ ବେହେରା ସ୍କୋରିଂ ଏବଂ ବନମାଳୀ ପଧାନ, ଶିବ ପଧାନ ଓ ପାର୍ଥ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।



ସେମିଫାଇନାଲରେ ପ୍ରବେଶ କରିଥିବା ରେଡରୋଜ ସୋନପୁର ଦଳ ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ବାଲେଶ୍ୱର ଅଫିସ,୧୫।୧୦:** ବାଲେଶ୍ୱର ସଦର ଥାନା ବଡ଼ଡିହ ଗ୍ରାମର ବୀରେନ୍ଦ୍ର ଦିଣ୍ଡାଙ୍କ ୨ବର୍ଷର ଝିଅ ଶୁଭଲକ୍ଷ୍ମୀ ମଙ୍ଗଳବାର ପୋଖରୀରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ବୀରେନ୍ଦ୍ର କଲିକତାରେ କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀ ଟିକିଲି ପରିବାର ଲୋକଙ୍କ ସହ ଘରେ ରହୁଥିଲେ। ପୂର୍ବାହ୍ନରେ ଶୁଭଲକ୍ଷ୍ମୀ ଅନ୍ୟ ଜଣେ ପିଲା ସହ ବଲ୍ ଖେଳୁଥିବାବେଳେ ବଲ୍ ପୋଖରୀ କଡ଼କୁ ଚାଲିଯାଇଥିଲା। ଶୁଭଲକ୍ଷ୍ମୀ ତାହାକୁ ଆଣିବାକୁ ଯାଇ ପୋଖରୀରେ ପଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅକୁ ନ ପାଇ ଟିକିଲି ଏଣେତେଣେ ଖୋଜାଖୋଜି କରିଥିଲେ। ପରେ ପରିବାର ଲୋକ ମଧ ଖୋଜିବାରେ ଲାଗିଥିଲେ। ଶେଷରେ ପୋଖରୀରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୨/୧୯) ରୁଜୁ କରାଯାଇଛି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

**ସୋନପୁର,୧୫।୧୦(ନି.ପ୍ର.):** ଧର୍ମପରାୟଣ ମହିଳା ପାର୍ବତୀ ଅଗ୍ରୱାଲ(୬୨)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ସୋମବାର ସକାଳେ ସହରର ନୂଆପଡାସ୍ଥିତ ବାସଭବନରେ ହୃଦ୍‌ଘାତ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଜିଲାସ୍ତରୀୟ ପୁସ୍ତକମେଳା ଉଦ୍‌ଘାଟିତ

# ‘ସରକାର ଲୋକଙ୍କ ପାଖକୁ ପହଞ୍ଚିଲେ ଚିତ୍ର ବଦଳିବ’

**ବଲାଙ୍ଗୀର ଅଫିସ, ୧୫।୧୦**

ସରକାରୀ ଉଦ୍ୟମରେ ଆରମ୍ଭ ହୋଇଥିବା ପ୍ରଥମ ଜିଲାସ୍ତରୀୟ ପୁସ୍ତକମେଳା ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଅରିନ୍ଦମ ଡାକୁଆ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତା, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଯୋଗ ଦେଇଥିଲେ । ସଭାକାର୍ଯ୍ୟକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ । ପ୍ରଥମେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଏହାପରେ ନୃତ୍ୟସଙ୍ଗୀତ ଅନୁଷ୍ଠାନ ପଞ୍ଚମର କଣ୍ଠଶିଳ୍ପୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରକୁ ଜିଲାସ୍ତରକୁ ଆଣିବାର ପ୍ରଚେଷ୍ଟା କରିଛନ୍ତି ବୋଲି କହିଥିଲେ । ତେବେ ପୁସ୍ତକମେଳାରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ନ ପାରିଲେ ଏହାର ଲକ୍ଷ୍ୟ ସଫଳ ହେବନାହିଁ ବୋଲି ସେ କହିଛନ୍ତି। ଲୋକଙ୍କୁ ଶିକ୍ଷିତ, ସଂସ୍କୃତିସମ୍ପନ୍ନ ଓ ଚରିତ୍ରବାନ୍ କରିବା ସରକାରଙ୍କ କାର୍ଯ୍ୟ। ଲୋକେ ଚାହିଁଲେ ସରକାର ଲୋକଙ୍କ ପାଖକୁ ଆସିବାକୁ ପଡିବ ବୋଲି ସେ କହିଥିଲେ । ଏହି ଅବସରରେ ବଲାଙ୍ଗୀରରେ ଦେଖା ଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ପ୍ରଶାସନ ସହ ସମ୍ମିଳିତ ହୋଇ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇଥିବା ବଲାଙ୍ଗୀରର ଯୁବକ ଓ ସେବାକାରୀଙ୍କୁ ପ୍ରଶଂସା କରିଥିଲେ । ଅନ୍ୟତମ ବକ୍ତା ପଦ୍ମଶ୍ରୀ ଉଦ୍‌ଗାତା ପୁସ୍ତକ କିଭଳି ଲୋକଙ୍କୁ ସମ୍ପୂର୍ଣ୍ଣ କରେ ତାହା କହିଥିଲେ। ଏଦିଗରେ ପ୍ରଶାସନର ଅନେକ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ । ବିଧାୟକ ମିଶ୍ର ଜିଲାସ୍ତରୀୟ ପୁସ୍ତକ ମେଳା ଆୟୋଜନକୁ ସ୍ୱାଗତ କରିବା ସହ ଏଭଳି ଉଦ୍ୟମ କରିଥିବାରୁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଇତିହାସ ପୃଷ୍ଠାରୁ ବଲାଙ୍ଗୀରର ଗନ୍ଧମାର୍ଦ୍ଦନ ଓ ରାଣୀପୁର ଝରିଆଲ ଠାରେ ଦୁଇଟି ବିଶ୍ୱବିଦ୍ୟାଳୟ ରହିଥିବା ଜଣାପଡିଛି ବୋଲି କହିବା ସହ ବିଶିଷ୍ଟ ଦାର୍ଶନିକ ବ୍ରଜବିହାରୀଙ୍କ ସାହିତ୍ୟ ଦର୍ଶନ ଓ ସୋନପୁରର କବିରାଜ ଚତୁର୍ଭୁଜ ରାୟଗୁରୁଙ୍କ ଚିକିତ୍ସା ଦକ୍ଷତାର ପ୍ରଶଂସା କରି ଅତୀତର ସୂରୀମାନଙ୍କୁ ମନେ ପକାଇଥିଲେ ।



ଜିଲାସ୍ତରୀୟ ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

### ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କଲେ ନରସିଂହ

ଜିଲାସ୍ତରୀୟ ପୁସ୍ତକ ମେଳାରେ ସେହି ଅଞ୍ଚଳର ପ୍ରତିଭାବାନ୍ ଓ ପ୍ରତିଷ୍ଠିତ କବି,ଲେଖକଙ୍କ ପୁସ୍ତକ ଉପଲବ୍ଧ କରିବା ସହ ଆଞ୍ଚଳିକ ଇତିହାସ ବହିର ବିକ୍ରି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଜିଲାସ୍ତରୀୟ ପୁସ୍ତକ ମେଳାକୁ ଆହୁରି ଆକର୍ଷଣୀୟ କରିବାକୁ ସେ ବହୁ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଡାକୁଆ ତାଙ୍କ ଅଭିଭାଷଣରେ ଜିଲାସ୍ତରୀୟ ପୁସ୍ତକମେଳା ଆଗାମୀ ଦିନରେ ଆହୁରି ପ୍ରଭାବଶାଳୀ ହେବ ଓ ଏଥିରେ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅତିଥିମାନେ ପୁସ୍ତକ ଷ୍ଟଲ ବୁଲି ଦେଖିଥିଲେ । ଟାଉନ୍ ହାଇସ୍କୁଲ ଛାତ୍ରଙ୍କ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପକୁ ଅତିଥିମାନେ ପ୍ରଶଂସା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଗୋପାଳ ପ୍ରଧାନଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ପୁସ୍ତକମେଳା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ କହିଲି ମୋର ମୋର,**
**ସେ ହେଲା ପୁଣି ସାତପର ।**

ଯାହା ପ୍ରତି ମନରେ ଭଲ ପାଇବା, ସ୍ନେହ, ଆଦର ତଥା ଦରଦ ଭାବ ରହିଥାଏ ତା’ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ ତା’ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ ଦେବେ ଜଗାବଳିଆ,**
**ତା’ଘରେ ଚାଉଳ ଓଳିଆ ଓଳିଆ ।**

ଜଗତର ନାଥ ଜଗନ୍ନାଥଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ। ପ୍ରଭୁଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ, ସକଳ ସୁଖସମ୍ପଦ ଭୋଗ ହୁଏ। ତାଙ୍କ କୃପା ବିନା କିଛି ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସୁରେନ୍ଦ୍ର ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଲ ପାଇଁ ପ୍ରସ୍ତୁତି

**ଦେଓଗାଁ,୧୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ୫ମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲଓଡିଶା ଫୁଟବଲ ଟର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୁରେଶ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟୁର୍ନାମେଣ୍ଟ ଆୟୋଜନ ଓ ପରିଚାଳନା ପାଇଁ ଆଲୋଚନା କରାଯାଇଥିଲା । ଚଳିତବର୍ଷ ମଧ ବିଭିନ୍ନ ଜିଲାରୁ ଫୁଟବଲ ଦଳ ଯୋଗଦେବାର ସ୍ଥିରୀକୃତ ହୋଇଥିବାରୁ ସ୍ଥାନୀୟ ବିଏନଏଏ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିବା ପାଇଁ ମତପ୍ରକାଶ ପାଇଥିଲା । ଖେଳପଡିଆରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ବରିଷ୍ଠ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ନଭେମ୍ବର ୪ରୁ ୧୦ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଥିଲା। ବୈଠକରେ ପରିଚାଳନା କମିଟି ସମ୍ପାଦକ ସୁନ୍ଦରମଣୀ ଦଣ୍ଡସେନା, କୋଷାଧ୍ୟକ୍ଷ ନୀଳକଣ୍ଠ ନାଏକ, ସଭ୍ୟ କୈଳସ କର୍ତ୍ତି, ଦୁର୍ଗାପ୍ରସାଦ ସିଂଦେଓ, ପ୍ରମୋଦ ବହିଦାର, ଲକ୍ଷ୍ମୀଧର ମହାନ୍ତି, କୁନ୍ତେ ମେହେର, ନିରଞ୍ଜନ ପୁଟେଲ, ଉଦେ ସିଂ ନିନା ତଥା ବିଏନ୍ଏଏର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ ।

# କୁଷ୍ଠାଶ୍ରମ ଅନ୍ତେବାସିନୀଙ୍କୁ ଅସଦାଚରଣ ଅଭିଯୋଗ : ପୋଲିସର ଅନୁସନ୍ଧାନ

**ଟିଟିଲାଗଡ଼, ୧୫ ।୧୦ (ଡି.ଏନ.ଏ)**

ଟିଟିଲାଗଡ ଥାନା ଅଞ୍ଚଳରେ ଥିବା ଏକ କୁଷ୍ଠାଶ୍ରମ ଅନ୍ତେବାସିନୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଅସଦାଚରଣ ନେଇ ଅନ୍ତେବାସୀ ବାହାରେ ପ୍ରକାଶ କରିବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ସାବିତ୍ରୀ ଖାକା ଅନ୍ତେବାସୀଙ୍କୁ ଯାଇ ପଚରାଉଚୁରା କରିଛନ୍ତି। ପୀଡିତା ତାଙ୍କ ପାଟିକୁ କେହି ବନ୍ଦ କରି ଆଶ୍ରମରୁ ବାହାରକୁ ଟେକି ନେଇଥିବା କହିଛନ୍ତି। ପରେ ତାଙ୍କୁ ଉଲଗ୍ନ କରି ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଦେଇଥିବା ଏବଂ ଏହାର କିଛି ସମୟ ପରେ ସେ ଅଚେତ ହୋଇ ପଡିଥିବା ପୀଡିତା କହିଛନ୍ତି। ସୂଚନାଯୋଗ୍ୟ ଯେ, ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରାୟ ୩୭ ବର୍ଷ ହେଲା ଏଠାରେ ଟିବି ଏବଂ କୁଷ୍ଠ ରୋଗୀଙ୍କୁ ଥଇଥାନ କରାଯାଇଥିଲା। ତେବେ ପ୍ରାୟ ବର୍ଷେ ହେଲା ଉକ୍ତ ସଂଗଠନ ଅନୁଦାନ ଦେବା ବନ୍ଦ କରିଦେଇଛି। ଏ ନେଇ ୫୦ଟି ପରିବାରର ୧୦୫ ଜଣ ଅନ୍ତେବାସୀ ଅସହାୟ ହୋଇପଡିଛନ୍ତି। ସ୍ଥାନୀୟ ସମାଜସେବୀ ଅନ୍ତେବାସୀଙ୍କୁ ସହାୟତା ପାଇଁ ପ୍ରଶାସନ ନିକଟରେ ଗୁହାରି କରି ଆସିଛନ୍ତି। ସୋମବାର ଟିଟିଲାଗଡଠାରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସହାୟତା ପାଇଁ କେତେକ ଅନ୍ତେବାସୀ ପହଞ୍ଚି ନିଜ ଦୁଃଖ ଜଣାଇଥିଲେ। ଏନେଇ ଜିଲାପାଳ ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ସୋମବାର ଅଭିଯୋଗ ପ୍ରକୋଷ୍ଠ ବାହାରେ ବସିଥିବା ଅନ୍ତେବାସୀ ଆଶ୍ରମର ଜଣେ ମହିଳାଙ୍କୁ ରବିବାର ରାତିରେ କେତେକ ଅସଦାଚରଣ କରିଥିବା ଲୋକଙ୍କୁ କହିଥିଲେ। ଦୋଷୀଙ୍କୁ ଚିହ୍ନଟ ସହ ଉପଯୁକ୍ତ ଦଣ୍ଡବିଧାନ ପାଇଁ ଦାବି ହୋଇଛି। ପ୍ରକାଶ ଯେ, ସମ୍ପୃକ୍ତ କୁଷ୍ଠରୋଗାକ୍ରାନ୍ତ ମହିଳା ଜଣକ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡିଛି।

### ଦେଓଗାଁ ଓକିଲ ସଂଘ ନୂତନ କମିଟି ଗଠିତ

**ଦେଓଗାଁ,୧୫।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ଓକିଲ ସଂଘର ନୂତନ କମିଟି ମଙ୍ଗଳବାର ଗଠିତ ହୋଇଯାଇଛି । ପୂର୍ବତନ ସଭାପତି ଅନନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କମିଟିର ସଭାପତିଭାବେ ଆଇନଜୀବୀ ପ୍ରକାଶ ପୂଝାରୀ, ସମ୍ପାଦକ ସୁଶାନ୍ତ କୁମାର ଖମାରୀ କାର୍ଯ୍ୟକାରୀ ସଦସ୍ୟଭାବେ ଲବ ପଧାନ, ମନୋଜ କୁମାର ଦୀପ, ବିଶ୍ୱଜିତ କୁମାର ସାହୁ, ଅଶୋକ କୁମାର ନାୟକ, ଶ୍ରୀକାନ୍ତ କୁମାର ସାଗର ପ୍ରମୁଖ ମନୋନୀତ ହୋଇଛନ୍ତି ।

### ‘ଯୌତୁକ ନିର୍ଯାତନା ଦେଇ ମୋ ଭଉଣୀକୁ ମାରି ଦିଆଯାଇଛି’

**ଧାମନଗର ୧୫।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ବନ୍ଧଟିଆ ଝାଟିଆ ସାହି ନିକଟସ୍ଥ ରାସ୍ତାକଡରୁ ଗତ ୧୩ ତାରିଖ ବିଳମ୍ବିତ ରାତିରେ ଉଦ୍ଧାର ହୋଇଥିବା ଜଣେ ନବବିବାହିତା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡଡାକ୍ତରଖାନାରେ ମଙ୍ଗଳବାର ଭୋର ୪ଟା ସମୟରେ ମୃତ୍ୟୁ ଘଟିଛି। ତାଙ୍କ ଭାଇ ସନ୍ଧ୍ୟାରେ ଧୁଷୁରୀ ଥାନାକୁ ଯାଇ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦେଇ ବିଷ ପିଆଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏପରି କି ସେମାନେ ତାଙ୍କୁ ଆଣି ବନ୍ଧଟିଆ ଝାଟିଆ ସାହି ନିକଟ ରାସ୍ତାକଡରେ ଫିଙ୍ଗି ପଳାଇଯାଇ ଥିବା କହିଛନ୍ତି। ସେହି ରାତିରେ କେତେକ ସ୍ଥାନୀୟ ଯୁବକ ଏହି ମହିଳାଙ୍କୁ ରାସ୍ତାକଡରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ଧାମନଗର ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଚିକିତ୍ସା ପରେ ଚେତା ଫେରିବାରୁ ସେ ତାଙ୍କ ପରିଚୟ ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ବାପଘର ଲୋକେ ସେଠାରେ ପହଞ୍ଚି ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଭଦ୍ରକ ଡାକ୍ତରଖାନା ନେଇଯାଇଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ମହିଳାଜଣଙ୍କ ଗତମାସ ବିବାହ କରଥିଲେ। ବିବାହର ମାତ୍ର ୫ ସପ୍ତାହ ନ ପୁରୁଣୁ ଏଭଳି ପରିସ୍ଥିତିରେ ସେ ମୃତ୍ୟୁବରଣ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମହିଳାଙ୍କ ଭାଇ ଦେଇଥିବା ଏତଲା ଭିତ୍ତିରେ ପୋଲିସ ଅନୁଧ୍ୟାନ ଚଳାଇଛି। ପ୍ରାଥମିକ ଅନୁଧ୍ୟାନ ପରେ ଏ ନେଇ ମାମଲା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧୁଷୁରି ଥାନା ପୋଲିସ କହିଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 9853098836 9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Hi-Tech Tower Company
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

!! ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

FINANCE FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାନ୍ସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ୮ ଫୁଟର ଗୋଖରା ନାଗ ସାପ ଉଦ୍ଧାର

**କୋମନା,୧୫।୧୦(ଡି.ଏନ.ଏ.)**
ନୂଆପଡ଼ା ଜିଲା କୋମନା ଗାଁର ଜଣକ ଘରୁ ୮ ଫୁଟର ଏକ ଗୋଖରା ନାଗ ସାପ ଉଦ୍ଧାର ହୋଇଛି। ଖବର ଅନୁସାରେ କୋମନାର ଭାସ୍କର ନିଆଁଲଙ୍କ ଘରେ ଥିବା ଛପର ତଳେ ନାଗ ଲୁଚି ରହିଥିବା ଘର ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ସାପ ଧରୁଆଳି ହରେରାମ କର୍ଣ୍ଣଙ୍କୁ ଖବର ଦେଇଥିଲେ। ସେ ଘରେ ପହଞ୍ଚି ଗୋଖରା ନାଗକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

### ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ଜୁନାଗଡ,୧୫।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତଳମଲା ମାହାରପଡାରେ ବେକରେ ଦଉଡ଼ି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଶରତ ଚନ୍ଦ୍ର ନାଏକ (୩୫)। ସୋମବାର ସନ୍ଧ୍ୟା ୭ଟାରେ ଘରେ କେହି ନ ଥିବା ବେଳେ ଶରତ ଭିତରପଟୁ କବାଟ ବନ୍ଦ କରି ବେକରେ ଦୌଡିଦେଇ ଆତ୍ମହତ୍ୟା କରିଥିଲେ। ପରେ ପରିବାରବର୍ଗ ଜୁନାଗଡ ପୋଲିସରେ ଖବର ଦେଇଥିଲେ। ମଙ୍ଗଳବାର ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଗତ ଏକବର୍ଷ ହେବ ସ୍ତ୍ରୀ ଭାଗ୍ୟ ଓ ଝିଅଙ୍କୁ ଶଶୁର ଘର ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଲମ ଗାଁରେ ଛାଡି ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରୁ ଏବେ କିଛି ଦିନ ହେଲା ସେ ଘରକୁ ଫେରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା, କୁମାର ପୂର୍ଣ୍ଣିମା

**କର୍ଲାମୁଣ୍ଡା,୧୫।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରିଞ୍ଜାଠାରେ ରବିବାରଠାରୁ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ନୀଳମଣି ସାହୁ ଓ ନିଳାବତୀ ସାହୁ ରହିଥିବା ବେଳେ ପୂଜକ ଭାବେ ସୁଧାଂଶୁ ଶେଖର ଷଡଙ୍ଗୀ, ବ୍ୟାସ ରୂପେ ଝିଲି ସାହୁ ରହିଛନ୍ତି। ପରିଚାଳନା କମିଟିରେ ଚୂଡାମଣି ସେଲମା, ସୁରେଶ ସାହୁ, ଉଜ୍ଜଳ କୁମାର ସାହୁ, ପ୍ରଶନ୍ନ କୁମାର ସାହୁ, ଅରବିନ୍ଦ ସାହୁ, ସୁରଥ ସାହୁ ପ୍ରମୁଖ ରହିଛନ୍ତି। ସେହିପରି ବ୍ଲକର ତେରେସିଂହା, ସଲଣ୍ଡିଆମୁଣ୍ଡା, ଯୋରାଡବ୍ରାଛକ, ପୁଟିଗାଁ, ବୋରପଦର, ବଡଡୁଙ୍ଗୁରୀଗୁଡା, ଝାରମୁଣ୍ଡାଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି।

■ ବ୍ରିଜ୍‌ର ଉଭୟ ପାର୍ଶ୍ୱର ରାସ୍ତା କାମ ହୋଇପାରୁନାହିଁ

# ସପ୍ତାହ ମଧ୍ୟରେ ରାସ୍ତା ନିର୍ମାଣ କାମ ନ ହେଲେ ଆନ୍ଦୋଳନ

**ଖଡିଆଳ,୧୫।୧୦(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅଞ୍ଚଳପୁର-ଡୁଆଝର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଦୀର୍ଘ ୮ବର୍ଷ ହେଲା ଢ଼ଙ୍କସର ନାଳରେ ବ୍ରିଜ ନିର୍ମାଣ କାମ ଇତିମଧ୍ୟରେ ହୋଇଛି। କିନ୍ତୁ ବ୍ରିଜର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ୧୦ ଖଣ୍ଡ ଗାଁର ଲୋକମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏହି ଗ୍ରାମରେ ଅଧିକାଂଶ ଲୋକେ ପଛୁଆବର୍ଗ ଓ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୪ ହଜାର ଜନସଂଖ୍ୟା ବାସ କରନ୍ତି। ଏହି ଗାଁ ଲୋକେ କୃଷି ଓ ଜଙ୍ଗଲ ଜାତୀୟଦ୍ରବ୍ୟ ସଂଗ୍ରହ କରି ଜୀବନ ନିର୍ବାହ କରି ଆସୁଛନ୍ତି । ହେଲେ ଢ଼ଙ୍କସର ଗାଁରେ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧା ଏବେ ବି ଅପହଞ୍ଚ। ଏହି ଗାଁର ମୁଖ୍ୟ ସମସ୍ୟା ହେଉଛି ବ୍ରିଜର ଉଭୟ ପାର୍ଶ୍ୱରେ ଏଯାଏଁ ଆପ୍ରୋଚ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଫଳରେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ଆସିବା ସମ୍ଭବପର ହୋଇ ନ ଥାଏ।



ଢ଼ଙ୍କସର ନାଳରେ ନିର୍ମାଣ ହୋଇଥିବା ବ୍ରିଜ।

ଏଣୁ ଗର୍ଭବତୀ ଏବଂ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡିଥାଏ। ସେହିଭଳି ସ୍ଥାନୀୟ ଲୋକମାନେ ପିଡିଏସ ଚାଉଳ ନେବା ଆଣିବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଢ଼ଙ୍କସର ଗ୍ରାମରେ କଲେଜ ନ ଥିବାରୁ ପ୍ରତିଦିନ ଛାତ୍ରୀଛାତ୍ରମାନେ ବାଧ୍ୟ ହୋଇ କାଦୁଅ ପଚପଚ ଖାଲଖମା ରାସ୍ତା ଦେଇ ପାଠପଢ଼ି ଯାଉଛନ୍ତି ।

ଏହି ବ୍ରିଜ ଓ ରାସ୍ତା କାମ ୨୦୧୧ ମାର୍ଚ୍ଚରେ ଆରମ୍ଭ ହୋଇ ୨୦୧୩ ମାର୍ଚ୍ଚ ସୁଦ୍ଧା ଶେଷ ସାରିଥିଲେ ହେଁ ବ୍ରିଜର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ସ୍ଥାନୀୟ ଚାଷୀଙ୍କଠାରୁ ଜମି ଅଧିଗ୍ରହଣ କରାଯାଇଛି। ହେଲେ ପ୍ରଶାସନ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଯାଏଁ କ୍ଷତିପୂରଣ ଟଙ୍କା ମିଳି ନ ଥିବାରୁ କ୍ଷତିଗ୍ରସ୍ତ ଚାଷୀମାନେ ଜମି ଛାଡୁ ନାହାନ୍ତି। ଫଳରେ ରାସ୍ତା ନିର୍ମାଣ କାମ ବିଳମ୍ବ ହେବା ସହ ରାସ୍ତା ଅଧାପନ୍ତରିଆ ଭାବେ ପଡିରହିଛି। ରାସ୍ତା ନିର୍ମାଣ ପାଇଁ ଗାଁ ଲୋକେ ବାରମ୍ବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲାପାଳ ଯାଏଁ ଲିଖିତ ଭାବେ ଜଣାଇବା ସହ ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ କରିଛନ୍ତି। ହେଲେ ଗ୍ରାମବାସୀଙ୍କ ସମସ୍ୟାପ୍ରତି ଏଯାଏଁ ଦୃଷ୍ଟି ପଡୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ଆଗାମୀ ସପ୍ତାହ ମଧ୍ୟରେ ରାସ୍ତା ନିର୍ମାଣ କାମ ଆରମ୍ଭ ନ ହେଲେ ଆନ୍ଦୋଳନ କରିବାକୁ ମିନକେତନ ବିଶି, ଉଦେଶ୍ୱର ରଣା, ରବିନ୍ଦ୍ର ଗହିର, ବଲ୍ଲଭ ବିଶି ଓ ଢ଼ଙ୍କସର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ପଚାରିବାରୁ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇ ଦିଆଯିବା ସହିତ ରାସ୍ତା ନିର୍ମାଣ ପାଇଁ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**୮ବର୍ଷ ବିତିଲା**



ବ୍ରାହ୍ମଣୀଗୁଡାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ।

# ୨୧ତମ ବର୍ଷରେ ବ୍ରାହ୍ମଣୀଗୁଡ଼ା ଗଜଲକ୍ଷ୍ମୀ ପୂଜା

**ସିନାପାଲି,୧୫।୧୦(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗୁଡାଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୨୧ତମ ବର୍ଷରେ ପଦାର୍ପଣ କରିଛି । ଗତ ୧୯୯୮ରୁ ଆରମ୍ଭ ହୋଇ ନିରନ୍ତର ଭାବେ ଅନୁଷ୍ଠିତ ହୋଇଆସୁଥିବା ଏହି ପୂଜନୋତ୍ସବ ଚଳିତବର୍ଷ ମହାଆଡମ୍ବର ସହିତ ପାଳିତ ହେଉଛି। ଚଳିତବର୍ଷ ପୂଜା କର୍ତ୍ତା ଭାବେ ଧର୍ମୁ ନାଏକ ଓ ଶୈଳସୁତା ନାଏକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୂଜକ ଭାବେ ଧ୍ରୁବଚରଣ ଷଡଙ୍ଗୀ ଓ ସହଯୋଗୀ ଶତ୍ରୁଘ୍ନ ଷଡଙ୍ଗୀ କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟହ ରାତିରେ ବିଭିନ୍ନ ପୌରାଣିକ ନାଟକ ଆୟୋଜନ ହୋଇଛି। ପୂଜା ପରିଚାଳନା କମିଟି ସଭାପତି ଭାବେ ଜଗମଣି ନାଏକ, ଉପସଭାପତି ବଳଭଦ୍ର ମାଝି, ସମ୍ପାଦକ ଧନେଶ୍ୱର ରାଉତ, ସହସମ୍ପାଦକ ଶିବକୁମାର ବାଗ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ନାଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗୌରାଙ୍ଗ ନାଏକ, ଯୁଗଳ କିଶୋର ରଣା, ପୁରୁଷୋତ୍ତମ ନାଏକ, କବିରାଜ ରଣା, ଧନେଶ୍ୱର ରଣା, ଗଣେଶ୍ୱର ନାଏକ, ସଦା ନାଏକ, କ୍ଷିରସିନ୍ଧୁ ନାଏକ, ପୀତବାସ ରଣା, ଗଣ୍ଡାରାମ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ଆସନ୍ତା ୧୬ ତାରିଖରେ ଭସାଣି କାର୍ଯ୍ୟକ୍ରମ ହେବ ବୋଲି କମିଟି ତରଫରୁ ଜଣାପଡିଛି ।

# ଗଜଲକ୍ଷ୍ମୀ ପୂଜାରେ ଘୋଟସର ଉତ୍ସବମୁଖର

**କୋମନା,୧୫।୧୦(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଘୋଟସର ଗାଁରେ ୧୧ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମରେ ଚାଲିଛି। ଏଥିପାଇଁ ଘୋଟସର ସହିତ ଆଖପାଖ ଗାଁଗୁଡିକ ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇ ଉଠିଛି। ଚଳିତବର୍ଷ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ଦର୍ଶକଙ୍କ ଆନନ୍ଦ ଉତ୍ସାହ ଓ ଏକ ଭକ୍ତି ଭାବାତ୍ମବେଗ ପରିବେଶ କରୁଛି। ସୂଚନାଯୋଗ୍ୟ ଯେ, ଘୋଟସର ଗାଁରେ ଗତ ୧୦ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ଆଡମ୍ବରରେ ପାଳିତ ହୋଇ ଆସୁଥିବାରୁ କୋମନା ବ୍ଲକରେ ଘୋଟସର ଲକ୍ଷ୍ମୀ ପୂଜାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତବର୍ଷ ଏଠାରେ ମା'ଙ୍କ ମୂର୍ତ୍ତି, ମେଢ ଓ ମେଢରେ ଡିଜିଟାଲ ଲାଇଟ ସାଜସଜ୍ଜା ଦର୍ଶକଙ୍କ ମନମୁଗ୍ଧ କରୁଛି। ଗତ ରବିବାର ଗାଁର ଶତାଧିକ ମହିଳା ସ୍ଥାନୀୟ ପୋଖରୀରୁ ଜଳ ଆଣି କଳସ ଯାତ୍ରାରେ ଗ୍ରାମ୍ୟ ପରକ୍ରମା କରିଥିଲେ। ପରେ ମଣ୍ଡପରେ ମା'ଙ୍କୁ ସ୍ଥାପନା କରାଯାଇ ମହାସମାରୋହରେ ଯଥାବିଧି ପୂଜାର୍ଚ୍ଚନା ସହ ପୁରାଣ ପାଠ ପ୍ରତ୍ୟହ କରାଯାଉଛି। ପ୍ରତେକ ଦିନ ସନ୍ଧ୍ୟାରେ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟଗୀତ ପ୍ରତିଯୋଗିତା କମିଟି ପକ୍ଷରୁ ଆୟୋଜନ କରାଯାଇଛି।



ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ।

### ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

ସୋମବାର ମ୍ୟୁନିସିପାଲିଟି ବିଜୁ ଯୁବ ବାହିନୀ ପକ୍ଷରୁ ଭବାନୀପାଟଣା ଘୋଡାଘାଟ ଛକଠାରେ 'ରକ୍ଷକ' କାର୍ଯ୍ୟକ୍ରମ ଅନ୍ତର୍ଗତ ସଡକ ସୁରକ୍ଷା, ସୁରକ୍ଷିତ ଗାଡିଚାଳନା, ନୂତନ ମୋଟରଯାନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ସ୍ଥାନୀୟ ଘୋଡାଘାଟ ଛକ ଟ୍ରାଫିକ ନିକଟରେ ଶତାଧିକ ବିଜୁ ଯୁବ ବାହିନୀର କର୍ମୀମାନେ ହାତରେ ସଡକ ସୁରକ୍ଷା ବାର୍ତ୍ତା ନେଇ ପ୍ଲାକାର୍ଡ, ବ୍ୟାନର ଧରି ଲୋକମାନଙ୍କୁ ସଚେତନ କରିବା ସହ ଲିଫଲେଟ ବଣ୍ଟନ କରିଥିଲେ। ଏପରିକି କର୍ମୀମାନେ ହେଲମେଟ ପିନ୍ଧିଥିବା ଗାଡି ଚାଳକମାନଙ୍କୁ କଲମ ଉପହାର ଦେଇଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନୂତନ ମୋଟରଯାନ ନିୟମ ୨୦୧୯କୁ କଡାକଡି କରିବା ପୂର୍ବରୁ ପୋଲିସ, ପରିବହନ ବିଭାଗ ଓ ବିଜୁ ଯୁବ ବାହିନୀ ମିଳିତ ଉଦ୍ୟମରେ ସମସ୍ତ ବ୍ଲକରେ ସପ୍ତାହବ୍ୟାପି ଲୋକମାନଙ୍କୁ ସଚେତତା କରାଯିବ ବୋଲି ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଅବିନାଶ ଠାକୁର କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଠି, ଜିଲା ସଂଯୋଜକ ଅବିନାଶ ଠାକୁର, ମ୍ୟୁନିସିପାଲିଟି ସଂଯୋଜକ ଅଭିଷେକ ମହାପାତ୍ର, ବ୍ଲକ ସଂଯୋଜକ ଗନ୍ଧର୍ବ ଗଉଡ, ଯୁବନେତା ମଣ୍ଟୁ ନାଏକ, ପ୍ରିତମ ବେହେରା, ରବି ନାଏକ ପ୍ରମୁଖ ସାମିଲଥିଲେ।

■ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ପ୍ରଥମ ସୁପର ଲିଗ୍

# ଗୁଡମର୍ଣ୍ଣିଂ କ୍ଲବ ବନାମ ଗୋଲଡେନ୍ ଏଫ୍‌ସି ୧-୧ ପଏଣ୍ଟ ପାଇଲେ



ସୁପର ଲିଗ୍ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ବୃନ୍ଦ ।

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ମଙ୍ଗଳବାର ପ୍ରଥମ ସୁପର ଲିଗ୍ ମ୍ୟାଚ୍ ଗୁଡମର୍ଣ୍ଣିଂ କ୍ଲବ ବନାମ ଗୋଲଡେନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଗୋଲଡେନ୍ ଏଫ୍‌ସି ୨ ଗୋଲ ଦେଇଥିବା ବେଳେ ଗୁଡମର୍ଣ୍ଣିଂ କ୍ଲବ ମଧ୍ୟ ୨ ଗୋଲ ଦେଇଥିଲା। ଫଳରେ ମ୍ୟାଚ୍ ଡ୍ର ହୋଇ ଉଭୟେ ୧-୧ ପଏଣ୍ଟ ପାଇଥିଲେ। ମ୍ୟାଚ୍‌ରେ ବିଶିଷ୍ଟ ଫୁଟବଲ ଖେଳାଳି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ଜିତେନ୍ଦ୍ର ରଥ, ଦେବେନ୍ଦ୍ର କୁମାର ରାଉତ୍, ମନୋଜ ବିଶ୍ୱାଳ, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ୍ କୁମାର ମହାପାତ୍ର ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।

# ବଜ୍ରପାତରେ ଜଣେ ମୃତ, ୧୫ ଗୁରୁତର

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ବଜ୍ରପାତରେ ରବିବାର ରୋହିଣି ମାଝି (୪୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଥୁଆମୂଳ ରାମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଥୁଆମୂଳ ରାମପୁର ରବିବାର କେତେକ ମହିଳା କାମ କରୁଥିଲେ। ଅପରାହ୍ନ ସାଢେ ୩ଟାରେ ବଜ୍ରପାତ ହୋଇଥିଲା। ଏଥିରେ ବିରିକୋଟ ପଞ୍ଚାୟତ ଗୋଦ୍ରାମସ୍କା ଗ୍ରାମର ରୋହିଣୀଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଜାମୁ ମାଝି (୬୦), ଫୁଟମତୀ ମାଝି (୨୫), ରଞ୍ଜିତା ମାଝି (୨୫), ପିନ୍ଦ୍ରୀ ନାଏକ (୪୦), କାହ୍ନୁ ନାଏକ (୩୦), ସୀତୟା ନାଏକ (୩୮), ଗୁରୁବାରୀ ମାଝି (୨୭) ଗୁରୁତର ଆହତ ହୋଇଥିଲେ। ସେହିପରି ତଳଝାପି ପଞ୍ଚାୟତର ଉପରଝାପି ଗ୍ରାମରେ ମଧ୍ୟ ବଜ୍ରପାତ ଯୋଗୁ ଗ୍ରାମର କୁମାରୀ ନାଏକ (୨୬) ଆହତ ହୋଇଛନ୍ତି। ତାଙ୍କ ଘରର ଅନେକ ଜିନିଷପତ୍ର କ୍ଷତି ହୋଇଥିବା ଜଣାପଡିଛି।

■ ପ୍ରହସନ ପାଲଟିଲା ଖରିଫ ଧାନ କ୍ରୟ, ବିକ୍ରୟ ପ୍ରସ୍ତୁତି ବୈଠକ

# ପ୍ରଚାର ପ୍ରସାର ଅଭାବରୁ ଖାଲିପଡ଼ିଲା ଚୌକି

**ଜୁନାଗଡ,୧୫।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପରିସରରେ ମଙ୍ଗଳବାର ଧର୍ମଗଡ ଉପଖଣ୍ଡସ୍ତରୀୟ ଖରିଫ ଧାନ ୨୦୧୯-୨୦ କ୍ରୟ ଓ ବିକ୍ରୟ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଚାର ପ୍ରସାର ଅଭାବରୁ ଏହି ପ୍ରସ୍ତୁତି ବୈଠକ ପ୍ରହସନ ପାଲଟିଛି। ଯାହାକି ବୈଠକ ସ୍ଥଳରେ ପଡ଼ିଥିବା ଅଧିକାଂଶ ଖାଲିପଡିଥିବା ଚୌକିରୁ ଜଣାପଡୁଛି। ଏପରିକି ଏହି ପ୍ରସ୍ତୁତି ବୈଠକରେ ସ୍ଥାନୀୟ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଖବର ଦିଆଯାଇ ନ ଥିବା ଜଣାପଡେ। ଏ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ଏହି ବୈଠକରେ ଗଣମାଧ୍ୟମର କୌଣସି ଆବଶ୍ୟକ ନ ଥିବା ପ୍ରକାଶ କରିଥିଲେ। ପ୍ରକାଶ ଯେ, ଧାନ କ୍ରୟ ଓ ବିକ୍ରୟ ଉପରେ ସର୍ବଦା ଗଣମାଧ୍ୟମର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ରହିଥାଏ। ଗଣମାଧ୍ୟମର ସୂଚନା ଅନୁଯାୟୀ ଚାଷୀମାନେ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥାନ୍ତି। ତେବେ ଉପଜିଲାପାଳଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ଉପଖଣ୍ଡର ରାଜସ୍ୱ ବିଭାଗ କର୍ମଚାରୀ, ପ୍ୟାକ୍ସ କର୍ମଚାରୀ ଓ ଆରଏମସି କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଗଣମାଧ୍ୟମ ଉପସ୍ଥିତିର କୌଣସି ଆବଶ୍ୟକ ନାହିଁ: ଉପଜିଲାପାଳ**



ପ୍ରସ୍ତୁତି ବୈଠକରେ ଚୌକି ଖାଲିପଡିଛି।

■ ବିଶିବାହାଲ ଗଜଲକ୍ଷ୍ମୀ ପୂଜା ରୌପ୍ୟ ଜୟନ୍ତୀ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ନୂଆପଡା ଅଫିସ,୧୫।୧୦**

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ସୀମାନ୍ତବର୍ତ୍ତୀ ସଂସ୍କୃତିର ପୀଠ ବିଶିବାହାଲ ଗଜଲକ୍ଷ୍ମୀ ପୂଜା ରୌପ୍ୟ ଜୟନ୍ତୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଦର୍ଶକ ଏବଂ ଆୟୋଜକଙ୍କ ନୃତ୍ୟଗୀତରେ ମଞ୍ଚ ଦୁଲୁକିଥିଲା। ପ୍ରଥମ ଦିନ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଯଦୁମଣୀ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଦିନ କାର୍ଯ୍ୟକ୍ରମରେ ଆୟୋଜକ କମିଟି ସଭାପତି ମାୟାଧର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, କୋଶଳୀ ଧନୁଯାତ୍ରାର କଂସ କଳାକାର ମଧୁସୂଦନ ପାଣିଗ୍ରାହୀ, କ୍ଷମାସିଂ ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେହିଭଳି ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଠାକୁର ଚରଣ ନାୟକ ସଭାପତିତ୍ୱ କରିଥିବାବେଳେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ହରିଶ୍ଚନ୍ଦ୍ର ପଣ୍ଡା, କାଳିଆ ପ୍ରଧାନ, ସୁନୀଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୂଜା କମିଟି ବରିଷ୍ଠ ସଦସ୍ୟ ମନବୋଧ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଭାଜପା ରାଜ୍ୟ ଉପସଭାପତି ତଥା ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ଡ. ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟବକ୍ତା, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ତଥା ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, କୋମନା ବିଡିଓ ଶ୍ୟାମଳ ରଏ, ସୋମନାଥ ଖମାରୀ, ପ୍ରଦୀପ ସାହୁ, ସୁଧୀର ମିଶ୍ର, ସୂର୍ଯ୍ୟକାନ୍ତ ଠାକୁର, ଭୁଗୁଲି ସୁନାନୀ, ହେମନ୍ତ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଏହି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଦୀର୍ଘ ୨୫ ବର୍ଷ ଧରି ପାଳନ କରିଆସୁଥିବା ବେଳେ ଏହି ଅଞ୍ଚଳର ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜିବିତ କରୁଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ ଦିନ ଧରି ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ମନମୋହିଥିଲା । ଏଠାକୁ ନୂଆପଡା ସମେତ ପଡୋଶୀ ବରଗଡ, ବଲାଙ୍ଗୀର ଜିଲାରୁ ବହୁ ଦର୍ଶକ ଆସି ଉପଭୋଗ କରିଥିଲେ। ଅଭୟାରଣ୍ୟ ଅଞ୍ଚଳରୁ ଶତାଧିକ ଆଦିବାସୀ ବନବାସୀ ଆସୁଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ଗାଁର ପୂଜା କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୬ ଅକ୍ଟୋବର,୨୦୧୯

ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ



### ଶାଳକାଠ ଜବତ, ୨ କୋର୍ଟ ଚାଲାଣ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲା ମଦନପୁରରାମପୁର ବ୍ଲକ ଅନ୍ତର୍ଗତ ଗଉଡ କର୍ଲାଖୁଣ୍ଟାଠାରୁ ଚୋରାଚାଲାଣ ହେଉଥିବା ୭୦ ଖଣ୍ଡ ସାଇଜ ଶାଳ କାଠ ବନ ବିଭାଗ ଜବତ୍ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଗତ ୧୪ ତାରିଖ ରାତିରେ ମ.ରାମପୁର ରେଞ୍ଜର କେସବ ମାଝିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ କାଠ ଚୋରା ଚାଲାଣ ଖବର ପାଇ ଚଢାଉ କରିଥିଲେ। ଶାଳକାଠ ବୋଝେଇ ଗୋଟିଏ ବୋଲେରୋ ଓ ଗୋଟିଏ ପିକଅପ୍ ଭ୍ୟାନରେ ବଲାଙ୍ଗୀର ଚୋରାଚାଲଣ କରୁଥିଲେ। ଗାଡି ମାଲିକ ବଲାଙ୍ଗୀର ଶାସ୍ତ୍ରୀ ନଗରର ହରୀହର ମିଶ୍ର ଓ ଡ୍ରାଇଭର ମିତ୍ର ପୌଡଙ୍କୁ ଗିରଫ କରିଛି ବନ ବିଭାଗ। ଅନ୍ୟ ଜଣେ ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି। ଉଭୟ ଗାଡିକୁ ଜବତ୍ କରିବା ସହ ଗିରଫ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

### ଅର୍ଜୁନ ନାୟକ ପାଇବେ କଳାହାଣ୍ଡି କ୍ରୀଡ଼ାରତ୍ନ ସମ୍ମାନ



**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲା କ୍ରୀଡାର କାର୍ଯ୍ୟକାରିଣୀ କମିଟି ନିଷ୍ପତ୍ତିକ୍ରମେ ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି ଅର୍ଜୁନ ନାୟକଙ୍କୁ ଜିଲାର ସର୍ବଶ୍ରେଷ୍ଠ କ୍ରୀଡା ସମ୍ମାନ 'କଳାହାଣ୍ଡି କ୍ରୀଡା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ଦ୍ୱିତୀୟ ଟାଉନ୍‌ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନି ସମାରୋହ ଆସନ୍ତା ୨୨ ତାରିଖରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଏହି ସମ୍ମାନରେ ନାୟକଙ୍କୁ ସମ୍ମାନିତ କରାଯିବ। ଫୁଟବଲ ଖେଳାଳି ନାୟକ ସିନିୟର ଫୁଟବଲରେ ଓଡିଶା ଦଳରୁ ପ୍ରତିନିଧିତ୍ୱ କରି ସର୍ବଭାରତୀୟ ସନ୍ତୋଷ ଟ୍ରଫିରେ ୧୯୭୪ ଓ ୧୯୭୫ରେ ଲଗାତର ୨ ଥର ପଞ୍ଜାବର ଜଲନ୍ଧର ଓ କେରଳର କାଠିନାଡାରେ ଅଂଶଗ୍ରହଣ କରିଥିଲେ।

### ବର୍ଷୀୟାନ କବି ଜିତେନ୍ଦ୍ର ପାତ୍ରଙ୍କ ପରଲୋକ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲା ନାସିଗାଁର କବି ଜିତେନ୍ଦ୍ର ପାତ୍ର (୮୨)ଙ୍କ ସୋମବାର ଅପରାହ୍ନରେ ପରଲୋକ ଘଟିଛି। ସେ ଲୋକକବି ଭାବେ ବେଶ ଜଣାଶୁଣା ଥିଲେ। ୨୦୦୬ରେ କଳାହାଣ୍ଡି ଉତ୍ସବରେ ତାଙ୍କୁ ସାହିତ୍ୟ ପାଇଁ 'କଳାହାଣ୍ଡି ବରପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସବାଖିଆ ସାହିତ୍ୟ ସଂସଦ, ଯଦୁମଣୀ ସାହିତ୍ୟ ସଂସଦ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ। ଏହା ଛଡା ସେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଲେଖକ କଳାପରିଷଦ ସଦସ୍ୟ ମଧ ଥିଲେ। ତାଙ୍କ ବଡପୁଅ ପ୍ରଦୀପ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜିଲାର ସାହିତ୍ୟ ଓ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି।

# ଦୟନୀୟ ସ୍ଥିତିରେ ଜିଲା ଅବକାରୀ ବିଭାଗ

## ■ କର୍ମଚାରୀ ଅଭାବରୁ ହୋଇପାରୁନି ଚଢ଼ାଉ: ଅବକାରୀ ଅଧୀକ୍ଷକ

**ଭବାନୀପାଟଣା,୧୫।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବଢି ଚାଲିଛି। ଏଥିସହ ବିଭିନ୍ନ ସ୍ଥାନରେ ନିକୃଷ୍ଟ ମାନର ତଥା ପାଣିମିଶା ଭେଜାଲ ଦେଶୀ ମଦ ବିକ୍ରି ହେଉଛି। ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ମଦଭାଟି, ବ୍ରାଞ୍ଚ ଲାଇସେନ୍ସ ଥିବାରୁ ସେମାନେ ଏକଚାଟିଆ ଭାବେ କାରବାର ଚଲାଇ ନିରୀହ ଲୋକଙ୍କୁ ଶୋଷଣ କରୁଛନ୍ତି। ଜିଲାର ପ୍ରାୟ ଗାଁରେ ଛତୁ ଫୁଟିଲା ଭଳି ବେଆଇନ ମଦକୋଠି ଖୋଲିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ମଧ ତେଜିବାରେ ଲାଗିଛି। ବେଆଇନ ମଦ କାରବାରକୁ ବନ୍ଦ କରିବା ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ଠିକ୍ ଭାବେ ଚଢାଉ ହୋଇପାରୁନାହିଁ ବୋଲି କହିଥିଲେ। ଅବକାରୀ ଅଧୀକ୍ଷକ ଦେଇଥିବା ସୂଚନା ଅନୁସାରେ ଜିଲାରେ ମୋଟ କର୍ମଚାରୀ ସଂଖ୍ୟା ୭୨। ସେଥିମଧ୍ୟରୁ ବର୍ତ୍ତମାନ ୪୮ ଜଣ କର୍ମଚାରୀ ଅଛନ୍ତି। ଏଥିରେ ଜଣେ ଅବକାରୀ ଅଧୀକ୍ଷକ, ଜଣେ ଅବକାରୀ ଉପଅଧିକ୍ଷକ, ୩ ଇନ୍‌ସ୍ପେକ୍ଟର, ୫ ସବଇନ୍‌ସ୍ପେକ୍ଟର, ୧୦ ଏଏସ୍‌ଆଇ, ୨୪ କନଷ୍ଟେବଲ, ଜଣେ ମୁଖ୍ୟ କିରାଣୀ, ୨ କନିଷ୍ଠ କିରାଣୀ ଓ ଜଣେ ଡ୍ରାଇଭର ରହିଛନ୍ତି। ସେହିପରି ଖାଲିପଡିଥିବା ପଦବୀଗୁଡିକ ହେଲା ୪ଜଣ ସବଇନ୍‌ସ୍ପେକ୍ଟର,୧୯ଜଣ କନଷ୍ଟେବଲ ଓ ଜଣେ ବରିଷ୍ଠ କିରାଣୀ। ଖାଲିପଡିଥିବା ୪ଟି ସବ୍‌ଇନସ୍ପେକ୍ଟର ସ୍ଥାନରେ ଅନ୍ୟ ସବଇନ୍‌ସ୍ପେକ୍ଟରମାନେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଉଛନ୍ତି। ଏହି ଘଟଣାକୁ ଦେଖିଲେ ଜିଲା ଅବକାରୀ ବିଭାଗ ଦୟନୀୟ ଅବସ୍ଥାରେ ଚାଲୁଥିବା ମନେହୁଏ। କଳାହାଣ୍ଡି ଜିଲା ଭଳି ଏତେ ବଡ ଜିଲାରେ ଏତିକି କମ ସଂଖ୍ୟକ କର୍ମଚାରୀ ରହିବା ନିଶ୍ଚିନ୍ତ ଭାବରେ ଦୁର୍ଭାଗ୍ୟ ଜନକ। ଖାଲି ପଡିଥିବା କର୍ମଚାରୀ କାହିଁକି ପୁରଣ କରାଯାଉନାହିଁ ବୋଲି ଅବକାରୀ ଅଧୀକ୍ଷକଙ୍କୁ ପଚାରିବାରୁ ଆମେ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ ବୋଲି କହିଥିଲେ। ଏଠାରେ କର୍ମଚାରୀ ଅଭାବର ଆଳ ଦେଖାଇ ଅବକାରୀ ବିଭାଗ ନୀରବ ରହୁଛି ନା ମଦବେପାରୀଙ୍କ ସହିତ ସଲାସୁତୁରା କରି ହାତ ବାନ୍ଧି ବସୁଛି ତାହା ଏହା ହିଁ ପ୍ରଶ୍ନ ଉଠୁଛି।

**ରିପୋର୍ଟ– ଉତ୍ତମ କୁମାର ଦାଶ।**



ଅବକାରୀ ଅଧୀକ୍ଷକ




ଜିଲା ଅବକାରୀ କାର୍ଯ୍ୟାଳୟ ।

**କଳାହାଣ୍ଡି ଜିଲାରେ ବେଆଇନ ମଦ କାରବାର ବୃଦ୍ଧି**



ପାରମ୍ପରିକ ରୀତିନୀତିରେ ନାଗଦେବୀ ପୂଜା କରାଯାଉଛି।

# ଖଇରମାଲ ଗ୍ରାମରେ ନାଗଦେବୀ ପୂଜା ସମ୍ପନ୍ନ

**ପଲମ,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଲ ଗ୍ରାମରେ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଚାଲିଥିବା ନାଗବାଚା ଭକ୍ତଙ୍କ ଦ୍ୱାରା ନାଗଦେବୀ ପୂଜା ସମ୍ପନ୍ନ ହୋଇଯାଇଛି। ଆଜକୁ ପ୍ରାୟ ୨୮ବର୍ଷ ହେଲା ପାରମ୍ପରିକ ରୀତିନୀତିମତେ ଗ୍ରାମବାସୀ ଏହି ପୂଜା କରି ଆସୁଛନ୍ତି। ପୂଜକ ଭାବେ ଗ୍ରାମର ଗୋବିନ୍ଦ ଧରୁଆ ରହି ପ୍ରତ୍ୟେକ ଦିନ ପୂଜା କାର୍ଯ୍ୟ କରୁଛନ୍ତି। ୧୪ ତାରିଖରେ ଗାଁ ଦାଣ୍ଡରେ ଶିବ ପୂଜା ପାଳନ କରି ୧୫ ତାରିଖରେ ଚଣ୍ଡି ଭୈରବୀ ପୂଜା ଜଙ୍ଗଲରେ ପାଳନ କରିଥାନ୍ତି । ଏହି ପୂଜା କରିବା ଦ୍ୱାରା ଗ୍ରାମବାସୀ ତଥା ଆଖପାଖ ଗ୍ରାମରେ ଥିବା ବ୍ୟକ୍ତିମାନଙ୍କୁ ସାପ କାମୁଡା କିମ୍ବା କୌଣସି ବିଷଧର ଜିବ ଆକ୍ରମଣ କରିଥିଲେ ସେଥିରୁ ରକ୍ଷା ପାଇଥାନ୍ତି ବୋଲି ଲୋକଙ୍କ ବିଶ୍ୱସ ରହିଛି। ଦୀର୍ଘ ୨୮ବର୍ଷ ଧରି ପୂଜା ହୋଇ ଆସୁଥିଲେ ମଧ ଗରିବ ଶ୍ରେଣୀର ଲୋକମାନେ ହୋଇଥିବା ଯୋଗୁ ମନ୍ଦିର ନିର୍ମାଣ କରି ପାରିନାହାନ୍ତି। ଫଳରେ ସେମାନେ ଡାଳ କୁଡିଆ ନିର୍ମାଣ କରି ଭଗବାନ ଶିବଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରୁଛନ୍ତି। ସରକାର ତଥା ପ୍ରଶାସନସ୍ତରୀୟରୁ ଦୃଷ୍ଟି ଦେଇ ନାଗବାଚା ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରାମବାସୀ ତଥା ନାଗବାଚା ଭକ୍ତମାନେ ଅନୁରୋଧ କରିଛନ୍ତି।



ବିଜ୍ଞାନ ମେଳାରେ ଅତିଥିମାନେ ପ୍ରକଳ୍ପ ଦେଖୁଛନ୍ତି।

# ଅବଦୁଲ କଲାମଙ୍କ ଜନ୍ମ ବାର୍ଷିକ ଉତ୍ସବରେ ବିଜ୍ଞାନମେଳା

**ଜୁନାଗଡ,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସାଇନିଂ କିଡ୍ସ ୱାଲ୍ଡ ସ୍କୁଲରେ ମଙ୍ଗଳବାର ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ଛାତ୍ରୀଛାତ୍ରମାନେ ଭାଗନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମେଳାରେ ବରିଷ୍ଠ ବିଭାଗରେ ପ୍ରଥମ ଭାବେ ସ୍ୱଂୟମଶ୍ରୀ ଉନ୍ନତି ଓ ସୋନାଲ ଶର୍ମା, ଦ୍ୱିତୀୟ ସ୍ୱାସ୍ତିକ ଅଗ୍ରୱାଲ, ତୃତୀୟ ଦେବାଂଶ ଭରଦ୍ୱାଜ ମନୋନୀତ ହୋଇଥିଲେ । ସେହିପରି କନିଷ୍ଠ ବିଭାଗରେ ପ୍ରଥମ ଭାବେ କ୍ରିସିଭ ସିଂଘଲ, ଦ୍ୱିତୀୟ ଅମ୍ଲାନ ବାଣୁଆ ଓ ଝଲକ ଜେନ, ତୃତୀୟ ଦେସନା ଅଗ୍ନିହୋତି ପ୍ରମୁଖ ମନୋନୀତ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଅଧକ୍ଷ ପ୍ରବୀର କୁମାର ଗୋୟଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କର୍ତ୍ତବ୍ୟର ଅଧକ୍ଷ ଅଶୋକ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଗୁରୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଶାନ୍ତ ଦଣ୍ଡସେନା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅମ୍ରିତା ବେହେରା, ଶର୍ମିଷ୍ଠା ଯୋଷୀ, ସ୍ୱାତୀ ଶର୍ଲା ଖୁଣ୍ଟିଆ, ମୁସ୍କାନ ଅଗ୍ରୱାଲ, ଗାୟତ୍ରୀ ପୂଝାରୀ, ଅପର୍ଣ୍ଣା ବେହେରା, ମିତା ମାଝି, ଶିକ୍ଷକ ଇନ୍ଦ୍ରଜିତ ସିଂ, ରାକେଶ ମେହେର, ହିରାକ୍ଷ୍ୟ ବାଣୁଆ, ଗୋସିଂହ ଭୋଇ, ଜ୍ୟୋତି ସାହୁ, ଦେବହୁତି ଚିନ୍ଦା, ରୁଦ୍ର ଖମାରୀ, ଅତୁଲ୍ୟ ନାଏକ, ସୁଦିପ୍ତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଦେବାଶ୍ରୀତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**କେଗାଁ,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ୬୪ ବଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପ କେଗାଁ ପକ୍ଷରୁ ସ୍ଥାନୀୟ ବଜାର ପଡିଆଠାରେ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ଅନିଲ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ମୋନିଷା ଦାସ ଓ ବିଡିଓ ସ୍ନିଗ୍ଧାରାନୀ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବା ସହିତ ଅଞ୍ଚଳବାସୀଙ୍କ ଅହିଂଶା ମାର୍ଗ ଚାଲିବା ସହିତ ସଦାସର୍ବଦା ଲୋକଙ୍କ ସେବାରେ ରହିବା ସହିତ ସିଆର୍‌ପିଏଫ୍ ସର୍ବଦା ଲୋକଙ୍କ ସେବାରେ ତଥା ଗ୍ରାମାଞ୍ଚଳର ବିକାଶରେ ସହଭାଗିଦାରୀ ବୋଲି କହିଥିଲେ। ଉକ୍ତ ଅବଶରରେ ବୃନ୍ଦାବାନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗାର କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ଓ ମାଓବାଦୀମାନଙ୍କ ଉପରେ ଏକ ପ୍ରାମାଣିକ ନାଟକ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶ କଲ୍ୟାଣକାରି ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଅଞ୍ଚଳର ଅଶିକ୍ଷିତ ଯୁବକମାନେ ଶିକ୍ଷିତ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ■ କଳାହାଣ୍ଡି ଜିଲା ସି.ଟି. ପ୍ରାଥମିକ ଶିକ୍ଷକ ସଂଘ

# ସାମ୍ବିଧାନିକ ସମ୍ମିଳନୀ, ସାଙ୍ଗଠନିକ ନିର୍ବାଚନ




ଜିଲା ସି.ଟି. ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ବୃନ୍ଦ ।

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ବାଲଗୋପାଳ ସଦନ ସମ୍ମିଳନୀ କକ୍ଷଠାରେ ଜିଲାର ୧୩ଟି ବ୍ଲକର ସି.ଟି. ତାଲିମପ୍ରାପ୍ତ ଶତାଧିକ ଶିକ୍ଷକ ପ୍ରତିନିଧିଙ୍କୁ ନେଇ କଳାହାଣ୍ଡି ଜିଲା ସି.ଟି. ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ସତ୍ୟନାରାୟଣ ରଜପୁତଙ୍କ ସଭାପତିତ୍ୱରେ ନିଖିଳ ଉତ୍କଳ ସି.ଟି. ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଜିଲା ଉପଦେଷ୍ଟା ମୋହନଲାଲ ରଣା, ହରେକୃଷ୍ଣ ସାହୁ ଓ ବିରେନ କୁମାର ପଣ୍ଡା ନିର୍ବାଚନ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ସୁଶୀଳ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ବିବରଣୀ ପାଠ ଉପସ୍ଥାପନ କରିଥିଲେ। ବୈଠକରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ.ଟି.ଇ.ଟି. ସମାପ୍ତ କରି ନ ଥିବା ତାଲିମପ୍ରାପ୍ତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଦରମା ଏବଂ ଅଣତାଲିମ ପ୍ରାପ୍ତ ଗଣଶିକ୍ଷକଙ୍କୁ ତାଲିମ ଦେବା ବ୍ୟବସ୍ଥା, ନୂତନ ପେନସନ ପରିବର୍ତ୍ତେ ପୂର୍ବ ପ୍ରଚଳିତ ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୬୦% ବକେୟ ପ୍ରାପ୍ୟ ଏବଂ ବର୍ଦ୍ଧିତ ଘରଭଡା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ, ୫% ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ମୂଳ ନିଯୁକ୍ତିରୁ ୨୮୦୦–୪୨୦୦ ଓ ୪୬୦୦ ଗ୍ରେଡପେ ବ୍ୟବସ୍ଥା ଲାଗୁ କରି ବରିଷ୍ଠତା ଭିତ୍ତିରେ ପ୍ରାଥମିକ ଶିକ୍ଷକଙ୍କ ପଞ୍ଚମ ବର୍ଗରୁ ପ୍ରଥମ ବର୍ଗ ପର୍ଯ୍ୟନ୍ତ ପଦୋନ୍ନତି ଦେବା ବ୍ୟବସ୍ଥା ଆଦି ଆଲୋଚନା କରାଯାଇ ପ୍ରସ୍ତାବ ଗୃହିତ ହୋଇଥିଲା। ପରେ ଜିଲା ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବରୁଣ ସୁନା, କାର୍ଯ୍ୟକାରୀ ସଭାପତି ଭୃକୁଟି ଗଉଡ, ଉପସଭାନେତ୍ରୀ ସିପ୍ରା ମହାପାତ୍ର, ଶାନ୍ତିରାଣୀ ଡାଲି, ଉପସଭାପତି ଭାରତ ସାହୁ, ମନୋଜ କୁମାର ମହାଖୁଡ, କରୁଣାକର ଚିନ୍ଦା, ପଦ୍ମନ ମହାରଣା ଓ ଲବ ଦୁର୍ଗା, ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ଜିଲା ସଙ୍ଗଠନ ସମ୍ପାଦକ ବିଶ୍ୱଜିତ ରାଏ ଓ କୋଷାଧ୍ୟକ୍ଷ ଧନଞ୍ଜୟ ପାଣିଗ୍ରାହୀ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଜିଲା ସଂଘର ଉପଦେଷ୍ଟା ଭାବେ ମୋହନଲାଲ ରଣା, ସତ୍ୟନାରାୟଣ ରାଜପୁତ, ହରେକୃଷ୍ଣ ସାହୁ, ବିରେନ୍ଦ୍ର କୁମାର ପଣ୍ଡା, ଶିବ ନାଏକ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ ଗୋଲାମୁଣ୍ଡା ବ୍ଲକ ସଭାପତି ଅଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ■ କ୍ୟାନସର ପୀଡ଼ିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା

# ବ୍ଲକ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

**କୋକସରା,୧୫।୧୦ (ଡି.ଏନ.ଏ.)**

କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ବଡପୋଡାଗୁଡା ଗ୍ରାମର ଯୁଧିଷ୍ଠିର ସୁନା ଗତ ୧ ବର୍ଷ ହେବ ମୁଖ କ୍ୟାନ୍ସର ରୋଗରେ ପୀଡିତ ଥିଲେ। ଯୁଧିଷ୍ଠିର ଅଟୋ ଚଲାଇ ନିଜ ପରିବାର ଭରଣପୋଷଣ କରୁଥିଲେ। ଗତବର୍ଷ ତାଙ୍କ ଅଟୋ ଦୁର୍ଘଟଣା ହେବା ପରେ ତାଙ୍କ ମୁହଁରେ କିଛି କ୍ଷତ ହୋଇଥିଲା। କ୍ଷତ ଧୀରେ ଧୀରେ ତାଙ୍କ ମୁହଁରେ ବଢିବା ସହ ପରବର୍ତ୍ତି ଅବସ୍ଥାରେ କ୍ୟାନ୍ସର ରୋଗର ରୂପ ନେଇଥିଲା। ଗରିବ ପରିବାର ସମ୍ବଳ ମୁତାବକ ଏମ୍ସ ମେଡିକାଲଠାରୁ ଆରମ୍ଭ କରି କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସା କରି ଲକ୍ଷାଧିକ ଟଙ୍କା ଧାର କରଜ କରି ଖର୍ଚ୍ଚ କରିଥିଲେ ମଧ୍ୟ ଏଥିରୁ ମୁକୁଳି ପାରି ନ ଥିଲେ ଯୁଧିଷ୍ଠିର। କ୍ୟାନ୍ସର ରୋଗରେ ଯୁଧିଷ୍ଠିରଙ୍କ ଗତ ୬ ତାରିଖରେ ମୃତ୍ୟୁ ଘଟିଥିଲା । ଯୁଧିଷ୍ଠିରଙ୍କୁ ସହାୟତା କରିବା ପାଇଁ ଅନେକ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ଏକ ଡାକ୍ତରୀଦଳ ତାଙ୍କ ଘରକୁ ଯାଇ ଚିକିତ୍ସା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ତେବେ ସବୁ ଚେଷ୍ଟା ସତ୍ତ୍ୱେ ଯୁଧିଷ୍ଠିରଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ବୃଦ୍ଧ ମା'ବାପା, ବିଧବା ସ୍ତ୍ରୀ ପ୍ରଭାତି ଓ ବାପ ଛେଉଣ୍ଡ ୨ ଛୁଆ ଏବେ ଅସହାୟ ହୋଇ ପଡ଼ିଛନ୍ତି। ସ୍ୱାମୀଙ୍କ ଚିକିତ୍ସାରେ ଧାରକରଜ ଓ ଜମି ବିକ୍ରି କରି ପରିବାର ନିଃସହାୟ ହୋଇ ପଡିଥିବାବେଳେ ସ୍ୱାମୀଙ୍କ ଅନ୍ତେଷ୍ଟି କ୍ରିୟା କରିବାକୁ ମଧ୍ୟ ପରିବାର ପାଖରେ ସମ୍ବଳ ନାହିଁ। କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପାଣ୍ଠିରୁ ସୋମବାର କୋକସରା ବିଡିଓ ବସନ୍ତ କୁମାର ସେଠୀ ପୀଡିତ ପରିବାରଙ୍କ ଘରେ ପହଞ୍ଚି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏନଏଫବିଏସ ଯୋଜନାରେ କୋଡିଏ ହଜାର ଟଙ୍କା ସହାୟତା, ବିଧବା ଭତ୍ତା ପ୍ରଦାନ କରିଛନ୍ତି। ଏଥିସହ ଆବାସ ଯୋଜନାରେ ପ୍ରଭାତିଙ୍କ ନାମ ପଞ୍ଜୀକରଣ କରି ଆସନ୍ତା ବର୍ଷ ସୁଦ୍ଧା ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ହରିଶ୍ଚନ୍ଦ୍ର ଯୋଜନାରେ ପୋଡାଗୁଡା ସରପଞ୍ଚ ୨ ହଜାର ଟଙ୍କା ଦେଇଥିବା ଜଣାପଡିଛି ।



ବ୍ଲକ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

# ଚକାମଲେନ ଦେବୀଙ୍କ ବଳିଯାତ୍ରା ଉଦ୍‌ଯାପିତ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଦଣ୍ଡପାଟ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଦେବୀ ମା' ଚକାମଲେନଙ୍କ ବଳିଯାତ୍ରା ଉଦ୍‌ଯାପିତ ହୋଇଛି। ଆଶ୍ୱିନ ମାସ କୃଷ୍ଣପକ୍ଷ ପୂର୍ଣ୍ଣିମାରେ ଏହି ପୂଜା କରାଯାଏ। ଚଳିତବର୍ଷ ଏଥିରେ ସାମାନ୍ୟ ବ୍ୟତିକ୍ରମ ହୋଇଛି। ରବିବାର ପୂର୍ଣ୍ଣିମାରେ ଦେବୀ ପୂଜା ବାରଣ ଯୋଗୁ ଚଳିତବର୍ଷ ଏହି ପୂଜା ଶନିବାର କରାଯାଇଛି। କିମ୍ବଦନ୍ତୀ ଅନୁଯାୟୀ, ଖଡିଆଳ ବାରମୂଳାର ଜଣେ ଜମିଦାରଙ୍କ ଅଗ୍ନିକନ୍ୟା ନାମ୍ନୀ ଜଣେ ସୁନ୍ଦରୀ କନ୍ୟାଟିଏ ଥିଲା। ହଠାତ୍ ବସନ୍ତ ରୋଗରେ ପୀଡିତ ହୋଇ ଅଗ୍ନି କନ୍ୟାଙ୍କ ମୃତ୍ୟୁ ହେଲା। ପରମ୍ପରାକୁ ବିରୋଧ କରି ଅଗ୍ନିକନ୍ୟାଙ୍କ ମୃତଦେହକୁ ଦାହ କରି ସଂସ୍କାର କରାଗଲା। ଏହା ପରେ ଜମିଦାରଙ୍କ ଘରେ ବିଭିନ୍ନ ଅଲୌକିକ ଗଟଣା ଘଟିଲା। ଅନେକ ତନ୍ତ୍ରମନ୍ତ୍ର ପରେ ତାହା ଠିକ୍ ହେଲାନି। ଶେଷରେ ବାରଭାଇ ମରାଳଗୁରୁ ଜମିଦାରଙ୍କ ଘରକୁ ଆସି ପ୍ରେତାତ୍ମାକୁ ବଶିଭୂତ କଲେ। କିନ୍ତୁ ପ୍ରେତାତ୍ମାର ସର୍ତ୍ତ ଯେ, ଯେଉଁଠି ସନ୍ଧ୍ୟା ହେବ ସେଠି ତାକୁ ସ୍ଥାପନ କରି ପୂଜା କରାଯିବ। ସର୍ତ୍ତ ଅନୁସାରେ ପ୍ରେତାତ୍ମାକୁ ଦୋଳାରେ ବାନ୍ଧି ନରିହା କାନ୍ଧରେ ନିଶାନ ନାଗରାର ତାଳେତାଳେ ମରାଳଗୁରୁମାନ ବାରମୂଳା ଗାଁରୁ ବାହାରିଲେ। ସନ୍ଧ୍ୟା ହେବାରୁ ଧର୍ମଗଡ ବ୍ଲକ ଘୁମର ଗାଁର ଚକାମାଲ ନାମକ ଜମିରେ ସମସ୍ତେ ବିଶ୍ରାମ ନେଲେ। ସର୍ତ୍ତ ମୁତାବକ ସେଠାରେ ପ୍ରେତାତ୍ମାକୁ ସ୍ଥାପନ କରି ପୂଜାର୍ଚ୍ଚନା କରାଗଲାନି। ସକାଳ ବେଳକୁ ବାରଭା ଇମରାଳଗୁରୁ ସମେତ ନରିଆ, ବଜନିଆ ସମସ୍ତେ ମରିପଡିଥିଲେ। ପ୍ରେତାତ୍ମା ଅପୂଜା ରହିବାରୁ ଘୁମର ଗାଁରେ ବିଭିନ୍ନ ଭୌତିକକାଣ୍ଡ ଘଟିଲା। ଝିଅମାନଙ୍କ ସହ ବୋରିଆ ଖେଳିବାକୁ ଆସି ପ୍ରେତାତ୍ମା ବୋରିଆ ଖେଳ ପରେ ଗାଁରୁ ଗୋଟିଏ ଲେଖାଏଁ ଝିଅ ଉଭାନ କରି ନେଉଥିଲା। ଘଟଣାକ୍ରମେ ଉତ୍ତରପ୍ରଦେଶରୁ ଆସିଥିବା ଗୟା ନାଗା ନାମକ ଜଣେ ବୈଷ୍ଣବ ପ୍ରେତାତ୍ମାକୁ ବଶୀଭୂତ କଲା। ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ପୂର୍ଣ୍ଣିମାରେ ଦେବୀଙ୍କ ପୂଜା କରିବାକୁ ସେ ସର୍ତ୍ତ ରଖିଲେ। ଜମିର ନାଁ ଚକାମାଲ ଅନୁସାରେ ସେହିଦିନଠାରୁ ସେ ଚକାମଲେନ ଦେବୀ ନାଁରେ ନାମିତ ହେଲେ। ସେବେଠାରୁ ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଦିନ ଦେବୀଙ୍କ ଯାତ୍ରା ଓ ପୂଜା ପାଳିତ ହେଉଛି। ଦେବୀଙ୍କ ସହ ବାରଭାଇ ମରାଳ ଗୁରୁ, ବଜନିଆ ଓ ନରିଆ ମଧ ପୂଜା ପାଇଥାନ୍ତି। ଦେବୀଙ୍କଠାରେ ରକ୍ତଭୋଗ ଲାଗି ହେଉଥିବା ବେଳେ ବାରଭାଇ ମରାଳ ଗୁରୁଙ୍କୁ ଗଞ୍ଜେଇ, ବଜନିଆ ପାଇଁ ମଦ ଓ ନଡ଼ିଆ ପାଇଁ କୁକୁଡା ଭୋଗ ଲାଗି ହୋଇଥାଏ। ଚକାମାଲ ନାମକ ଜମରି ଗଛ ତଳେ ଦେବୀଙ୍କ ପୂଜା ହେଉଛି। ପୂଜାଦିନ ଦେବୀଙ୍କ ଆସ୍ଥାନରୁ ଗୋବରରେ ସଫା କରି ଗଙ୍ଗାଜଳରେ ଶୁଦ୍ଧ କରାଯାଏ। ପରେ ଗୟା ନାଗାଙ୍କ ବଂଶଧର (ବର୍ତ୍ତମାନର ପର୍ଲା ଗୌନ୍ତିଆ ପରିବାର)ର କେହି ଜଣେ ଉପସ୍ଥିତ ରହି ଦେବୀଙ୍କୁ ପାଟବସ୍ତ୍ର, ସିନ୍ଦୁର, ଚୁଡିରେ ଶୃଙ୍ଗାର କରାଇଥାନ୍ତି। ପ୍ରଥମେ ଗୌନ୍ତିଆ ଘରୁ ଯାଇଥିବା ବୋଦା ବଳି ଦିଆଯାଏ। ପରେ ଅନ୍ୟ ବୋଦା ବଳି ପଡେ। ବର୍ଷରେ ଥରେ ଦେବୀଙ୍କ ପୀଠରେ ପୂଜା ହେଉଥିବାରୁ ପୀଠରୁ ୨୦୦ ମିଟର ଦୂର ଏକ ନିମ୍ବ ଗଛରେ ସବୁବେଳେ ପୂଜା କରାଯାଏ। ଏଥିପାଇଁ କୌଣସି ପୂଜକଙ୍କ ଦରକାର ପଡେ ନାହିଁ। ଏହାକୁ ଆଡପୂଜା କୁହାଯାଏ।



ଚକାମଲେନ ଦେବୀଙ୍କ ପୂଜାଅର୍ଚ୍ଚନା କରାଯାଉଛି।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ସମର୍ଥନ

**କଣ୍ଟାବାଞ୍ଜି, ୧୫।୧୦(ଡି.ଏନ.ଏ.):** ହାଇକୋର୍ଟର ସ୍ଥାୟୀବେଞ୍ଚ ବଲାଙ୍ଗୀରରେ ସ୍ଥାପନ ଆନ୍ଦୋଳନକୁ କଣ୍ଟାବାଞ୍ଜି ଓକିଲ ସଂଘ ସମର୍ଥନ କରିଛି। ବଲାଙ୍ଗୀର ଜିଲା ଓକିଲ ସଂଘର ନିଷ୍ପତ୍ତିକୁ ସମର୍ଥନ କରିବ କଣ୍ଟାବାଞ୍ଜି ଓକିଲ ସଂଘ। ୧୬ ଓ ୧୭ ତାରିଖ ଦୁଇଦିନ କଣ୍ଟାବାଞ୍ଜିର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ ରଖିବା ପାଇଁ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇଛି । କଣ୍ଟାବାଞ୍ଜି ଓକିଲ ସଂଘ ନିଷ୍ପତ୍ତି ଅନୁସାରେ ସିଭିଲ କୋର୍ଟ, ତହସିଲ ଅଫିସ, ସବ୍‌ରେଜେଷ୍ଟ୍ରି ଅଫିସ, ସବ୍ ଟ୍ରେଜେରୀ ଅଫିସ ସହିତ ରେଲବାଇ କୋର୍ଟ, ରେଳବାଇର ସମସ୍ତ କାର୍ଯ୍ୟାଳୟ, ଟେଲିଫୋନ, ପୋଷ୍ଟ ଅଫିସ, ଏଲଆଇସି ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ ରଖାଯିବ। ଏ ନେଇ ସଂଘ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ବନ୍ଦରେ ଟ୍ରେନ ଚଳାଚଳ, ବସ୍ ଯାତାୟାତ ସହିତ ସ୍କୁଲ କଲେଜ ଖୋଲିବା ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କୁହାଯାଇଛି ।

### କର୍ଲିପାଟ କିଡ୍‌ନୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଲୋଇସିଂହା,୧୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କିଡନୀ ପ୍ରଭାବିତ କର୍ଲିପାଟ ଗାଁରେ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଗାଁର ୯ ଜଣ ରୋଗୀଙ୍କ ମଧ୍ୟରୁ ୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପ୍ରାପ୍ତମତେ, ଲୋଇସିଂହା ସଦର ପଞ୍ଚାୟତ ଅଧୀନ କର୍ଲିପାଟରେ ବିଗିତ କିଛି ବର୍ଷ ମଧ୍ୟରେ ୧୦ରୁ ୧୨ ଜଣ କିଡନୀ ରୋଗୀ ମୃତ୍ୟୁମୁଖରେ ପଡିଲେଣି । ଏବେ ମଧ୍ୟ ୯ ଜଣ ଆକ୍ରାନ୍ତ ଅଛନ୍ତି। ମଙ୍ଗଳବାର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଯଶୋବନ୍ତ ପାଢୀଙ୍କ ନେତୃତ୍ୱରେ ଏକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସା ସୁବିଧା ଉପଲବ୍ଧ ଥାଇ ସୁଦ୍ଧା ବିଭିନ୍ନ ସ୍ଥାନରେ ଘରୋଇ ଚିକିତ୍ସା ହେଉଥିବାରୁ ଡାକ୍ତରୀଦଳ ଅସନ୍ତୋଷବ୍ୟକ୍ତ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୁବ୍‌ଶୀଘ୍ର ସମସ୍ତ ରୋଗୀଙ୍କୁ ବଲାଙ୍ଗୀର ନେଇ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ପିଏଚଓ ରମେଶ ସାହୁ କହିଛନ୍ତି । ଏହାବାଦ ଜଳ ଓ ପରିମଳ ବିଭାଗ ପକ୍ଷରୁ ନଳକୂପ ପାଣି ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଯାଇଥିଲା। ଏହି ଶିବିରକୁ ଲୋଇସିଂହା ମାହେଶ୍ୱରୀ ସଂଗଠନର ସଭାପତି ଦେବାଶିଷ ବିଶୋଇଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

**କଣ୍ଟାବାଞ୍ଜି,୧୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ସଭ୍ୟ ଅଶୋକ ନନ୍ଦ ଓ ଟିଟିଲାଗଡର ଗୋବିନ୍ଦ ନାମଦେଓଙ୍କ ବିୟୋଗରେ ଏକ ଶୋକସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସାମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ସ୍ଥାନୀୟ ପିଡବ୍ଲୁଡି ବଙ୍ଗଳାରେ ଅନୁଷ୍ଠିତ ଶୋକସଭାରେ ସଂଘର ସଭ୍ୟ ସଞ୍ଜୟ କୁମାର ମିଶ୍ର, ମୋହନ ସୋନି, ଶାନ୍ତନୁ କୁମାର ବିଭାର, ଗୁରୁଦୟାଲ ହଂସ ପ୍ରମୁଖ ଉପସ୍ଥିତ ଥିଲେ । ଦୁଇ ଖବରଦାତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଭୀମପାହାଡ଼ ମହୋତ୍ସବ, ଗିରିଗୋବର୍ଦ୍ଧନ ପୂଜାପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଦେଓଗାଁ,୧୫।୧୦ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟସ୍ଥ ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ହେବାକୁ ଥିବା ଭୀମପାହାଡ ମହୋତ୍ସବ ଓ ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମକୁନ୍ଦପୁର ଗ୍ରାମ ପଞ୍ଚାୟତର ଥାଲବନ୍ଧ, ବନ୍ଧପାଲି, ଭୀମଡୁଙ୍ଗୁରୀ, କୁଆଁରପଡା, କୁଦେଇପଡା, ମିର୍ଦ୍ଧାପଡା ଓ ରୁଗୁଡିପାଲି ଆଦି ଗାଁର ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ଓ ପୂଜନୋତ୍ସବର ନିର୍ଦ୍ଧାରୀତ କାର୍ଯ୍ୟସୂଚୀ ଅନୁସାରେ ଚଳିତ ମାସ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ୨୭ ତାରିଖ ଅପରାହ୍ନରେ କଳସ ଶୋଭାଯାତ୍ରା ଓ ଅଧିବାସ, ୨୮ରେ ନାମାରମ୍ଭ ଓ ଗିରିଗୋବର୍ଦ୍ଧପୂଜା ଆରମ୍ଭ, ୨୮ରୁ ୩୦ ତାରିଖ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବ । ୩୧ ତାରିଖରେ ପୂର୍ଣ୍ଣାହୂତୀ ସହ ଯାତ୍ରା ସମାପନ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

ପିଆଇସିଏଲ ଚିଟ୍‌ଫଣ୍ଡ ଠକେଇ ମାମଲା

# ନିର୍ଦ୍ଦେଶକଙ୍କ ଗିରଫ ପରେ ଆଗଉନି ତଦନ୍ତ

**ଲୋଇସିଂହା, ୧୫।୧୦(ଡି.ଏନ.ଏ)**

- ଖସି ଯାଉଛନ୍ତି ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ
- ଟଙ୍କା ପାଇବା ନେଇ ଅନିଶ୍ଚିତତାରେ ଜମାକାରୀ

ବଲାଙ୍ଗୀରରେ ପିଆଇସିଏଲ କୋଅପରେଟିଭ ଲିମିଟେଡ ସଂସ୍ଥା ଜମାକାରୀଙ୍କ କୋଟିକୋଟି ଟଙ୍କା ଠକେଇ କରିଛି । ଖୋଦ୍ ସଂସ୍ଥାର ଏଜେଣ୍ଟଙ୍କ ଅଭିଯୋଗକ୍ରମେ ପିଆଇସିଏଲ ନିର୍ଦ୍ଦେଶକ ହୁତାସନ ଯାଦବଙ୍କୁ ବଲାଙ୍ଗୀର ପୋଲିସ ଗିରିଫ କରି କୋର୍ଟଚାଲାଣ କରିଥିଲା। ଇତିମଧ୍ୟରେ ୫ମାସ ବିତି ଯାଇଛି। ହେଲେ ପୋଲିସର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଶୂନ। ମୁଖ୍ୟ ଅଭିଯୁକ୍ତଙ୍କ ପ୍ରମୁଖ ସହଯୋଗମାନେ ପୋଲିସ ହାତରୁ ଖସି ଯାଉଛନ୍ତି। ଏପରି ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପ୍ରମାଣ ନଷ୍ଟ ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଅଭିଯୋଗ କ୍ରମେ, ୨୦୧୧ରେ ବଲାଙ୍ଗୀର ଶାନ୍ତିପଡାରେ ପ୍ରଥମେ ସଂସ୍ଥାର ଅଫିସ ଖୋଲିଥିଲା । ପରବର୍ତ୍ତୀ ସମୟରେ ତାରାପଣ୍ଟ ଭବନରେ କାର୍ଯ୍ୟାଳୟ ଚାଲିଥିଲା । ଏହି ସମୟରେ ସଂସ୍ଥାର ଏଜେଣ୍ଟମାନେ ୬ ବର୍ଷରେ ଦୁଇଗୁଣା ଟଙ୍କା ଭଳି ଲୋଭନୀୟ ପ୍ରତିଶ୍ରୁତି ନେଇ ଜମାକାରୀଙ୍କ ପାଖକୁ ଯାଉଥିଲେ । ଏଜେଣ୍ଟଙ୍କୁ ମଧ୍ୟ ସଂସ୍ଥା ପକ୍ଷରୁ ଗୋଟିଏ ପଲିସିରେ ୮ ପ୍ରତିଶତ ଦେଉଥିଲା । ଏଜେଣ୍ଟମାନେ ଉତ୍ସାହ ସହ କାମକରି ଅତି କମଦିନରେ ଆରଡି, ଏଫଡି ଖାତା ଖୋଲି ପ୍ରାୟ ୫୦ ହଜାର ଜମାକାରୀ ସୃଷ୍ଟି କରି ପାରିଥିଲେ। ହେଲେ ପ୍ରଥମ ପର୍ଯ୍ୟାୟ ଜମାକରୀଙ୍କ ମିଆଦ ପୁରିଲା ବେଳକୁ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା । ଜମାକାରୀ କାର୍ଯ୍ୟାଳୟରେ ତାଲା ଝୁଲିବା ଦେଖି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଶେଷରେ ଏଜେଣ୍ଟମାନଙ୍କୁ ମଧ୍ୟ ସଂସ୍ଥା ନିର୍ଦ୍ଦେଶକ ଧରା ଛୁଆଁ ଦେଇ ନ ଥିଲେ । ଶେଷରେ ଗତ ମେ ମାସରେ ଲୋଇସିଂହା ଅଞ୍ଚଳର ଦୁଇ ଏଜେଣ୍ଟ ସୀତାରମ ପଧାନ, ପୂର୍ଣ୍ଣଚନ୍ଦ୍ର ପଧାନ ଓ ଜମାକାରୀ ଲକ୍ଷ୍ମଣ ମଲ୍ଲିକ ସଂସ୍ଥା ନିର୍ଦ୍ଦେଶକଙ୍କ ବିରୋଧରେ ବଲାଙ୍ଗୀର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେତେବେଳେ ଅଭିଯୋଗକାରୀ ଏଜେଣ୍ଟମାନେ ମୁଖ୍ୟ ଅଭିଯୁକ୍ତଙ୍କ କେତେକ ସହଯୋଗୀଙ୍କୁ ପୋଲିସ ଜିମା ଦେଇଥିଲେ । ହେଲେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ସରକାରୀ ଉଦାସୀନତା ଯୋଗୁ ଜମାକାରୀ ଟଙ୍କା ପାଇବା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଅପରପକ୍ଷେ ପୋଲିସର କୋହଳ ମନୋଭାବ ଯୋଗୁ ସହଯୋଗୀ ଖସିଯିବାକୁ ନେଇ ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି। ପୋଲିସ ମାମଲାକୁ ଅଗ୍ରଗତି ନ କଲେ ଜମାକାରୀଙ୍କୁ ନେଇ ଆଗାମୀ ଦିନରେ ବଡ ଆନ୍ଦୋଳନ କରାଯିବ ବୋଲି ଅଭିଯୋଗକାରୀ ଏଜେଣ୍ଟ ସୀତାରାମ ପଧାନ ଓ ପୂର୍ଣ୍ଣଚନ୍ଦ୍ର ପଧାନ ଚେତାବନୀ ଦେଇଛନ୍ତି।

ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି

**ଟିକ୍ରାପଡା, ୧୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲି ଗ୍ରାମ ସ୍ଥିତ ଗୋବର୍ଦ୍ଧନ ପୂଜା ମଣ୍ଡପଠାରେ ପଞ୍ଚାୟତସ୍ତରୀୟ ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପଞ୍ଚାୟତ ସଭାପତି ହରିଶ୍ଚନ୍ଦ୍ର ବଗର୍ତ୍ତି ସଭାରେ ଅଧକ୍ଷତା କରିଥିଲେ । ପଞ୍ଚାୟତ ସମ୍ପାଦକ ବଂଶୀଧର ସୁନାନୀ ସଭା ସଂଯୋଜନା କରିଥିଲେ । ସମିତି ସଭ୍ୟ ଅନନ୍ତ କାଲସାଏ, ଯୁବ ଯାଦବ ସଭାପତି ଯୁବରାଜ ବଗର୍ତ୍ତି, ଚନ୍ଦ୍ର ବଗର୍ତ୍ତି, କୁବିହାରୀ ବଗର୍ତ୍ତି, ଘାସିରାମ ମହାକୁର, ନରେନ୍ଦ୍ର ବାଗ, ମହେନ୍ଦ୍ର ବାଗ ପ୍ରମୁଖ ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୂଜାକୁ ଅଧିକ ଜାକଜମକରେ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

# ସମ୍ପନ୍ନ ହେଲା କାନ୍ଦୁଲବୁଢ଼ା ଯାତ୍ରା

**ଦେଓଗାଁ,୧୫।୧୦(ଡି.ଏନ.ଏ.)**



କାନ୍ଦୁଲବୁଢ଼ା ଦେଶଗୁଡିଖଲାରେ କାନ୍ଦୁଲବୁଢ଼ା ଦେବତା ଶ୍ରଦ୍ଧାଳଙ୍କୁ ଆଶୀର୍ବାଦ ପ୍ରଦାନ କରୁଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ନିକଟ କାନ୍ଦୁଲବୁଢ଼ା ଦେଶଗୁଡିଖଲା ଡଙ୍ଗରପଡାରେ ୧୩ତାରିଖରୁ ଚାଲିଥିବା କାନ୍ଦୁଲବୁଢ଼ା ଯାତ୍ରା ମଙ୍ଗଳବାର ଛେଦ କାର୍ଯ୍ୟକ୍ରମ ପରେ ସମ୍ପନ୍ନ ହୋଇଯାଇଛି। ଏହିଦିନ ଦେବତାଙ୍କ ଆବିର୍ଭାବ ଓ ଭକ୍ତ ତଥା ମାନସିକଧାରୀଙ୍କୁ ବରପ୍ରଦାନ ପରେ ପଶୁବଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଢ଼, ଛେଳି, ମେଣ୍ଢା, ବତକ, କୁକୁଡା ବଳିରେ ପୀଠ ରକ୍ତରଞ୍ଜିତ ହୋଇଥିଲା । ପ୍ରତିବର୍ଷ ଦଶହରା ଚତୁର୍ଦ୍ଦଶୀରୁ ଆରମ୍ଭ ହେଉଥିବା ଯାତ୍ରା ନିକଟସ୍ଥ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଦେବତାଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟସିନ୍ଦୁର ଆଣାଯାଇ କାନ୍ଦୁଲବୁଢା ଯାତ୍ରା ଅନୁଷ୍ଠିତ ହୋଇଥାଏ। ନିକଟସ୍ଥ ଧଣ୍ଡାମାଲ, ବନ୍ଧପଡା, ସିଂହାମୁଣ୍ଡା ଓ ବ୍ରାହ୍ମଣୀଯୋର ଆଦି ୪ଟି ପଞ୍ଚାୟତର ୧୬ଖଣ୍ଡ ଗାଁର ଗଉଁନ୍ତିଆ, ଦେହେଲିଆ, ଝାଙ୍କର, ନରିହା ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ବ୍ୟବସ୍ଥା ପ୍ରମୁଖ ଅମିତ କୁମାର ସିଂନୀନାଙ୍କ ପରିଚାଳନାରେ ତଥା ହେଡମଲ୍ଲିକ ବାସୁଦେବ ସିଂନୀନାଙ୍କ ସଭାପତିତ୍ୱରେ ଚାଲିଥିବା ଏହି ଯାତ୍ରାରେ ମୁଖ୍ୟ ଦେହୁରୀ ଶିବା ପ୍ରଧାନୀ, ମୁଖ୍ୟ ପୂଜକ ଚନ୍ଦ୍ର ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୁଜନିଆ ଚକ୍ରାନନ୍ଦ ବଗର୍ତ୍ତି ଓ ଦ୍ୱିତୀୟ ମଲ୍ଲିକ ଭାବେ ସଦାନନ୍ଦ ସିଂନୀନା ଦାୟିତ୍ୱ ତୁଲାଇଥିଲେ। ପୁରୁଷୋତ୍ତମ ସାହୁ, ରାଜେନ୍ଦ୍ର ଷାଣ୍ଢ, ହରୀ ବଗର୍ତ୍ତୀ ତଥା ୧୬ ଖଣ୍ଡ ଗ୍ରାମର ସମସ୍ତ ସଭ୍ୟବୃନ୍ଦ ସହଯୋଗ କରିଥିଲେ ।

# ୯ ବର୍ଷ ପରେ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

**ଲୋଇସିଂହା,୧୫।୧୦(ଡି.ଏନ.ଏ.)**



ଗିରଫ ବାହାଦୁର ଶିକା ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଫାଣ୍ଡି ପୋଲିସ ଜଣେ ଦୁର୍ଦ୍ଦାନ୍ତ ଆପରାଧୀଙ୍କୁ ୯ ବର୍ଷ ପରେ ଗିରଫ କରିଛି । ସେ ହେଲା ଲୋଇସିଂହା ଥାନା ଅନ୍ତର୍ଗତ ବଙ୍ଗାବାହଲ ଗ୍ରାମର ବାହାଦୁର ଶିକା(୩୭)। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଶିକାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ସାହୁ ସୂଚନା ଦେଇଛନ୍ତି। ପୋଲିସ ସୂଚନାମତେ, ୨୦୧୦ ମସିହାରେ ସାଲେଭଟା ଅଞ୍ଚଳରେ ଏକ ଡକାୟତି ଘଟଣାରେ ବାହାଦୁର ଶିକାଙ୍କ ସମେତ ୫ଜଣ ସାମିଲ ଥିଲେ। ସେତେବେଳେ ୪ ଅଭିଯୁକ୍ତଙ୍କୁ ଲୋଇସିଂହା ପୋଲିସ ଗରିଫ କରିଥିଲା। ଏବେ ସେହି ୪ ଅଭିଯୁକ୍ତ ଖଲାସ ହୋଇଛନ୍ତି। ହେଲେ ବାହାଦୁର ଶିକା ଘଟଣା ପରଠାରୁ ଫେରାର ଥିଲେ। ତାଙ୍କ ବିରୋଧରେ ଏକ ମାମଲା (ନଂ. ୫୯/୧୦) ରହିଥିଲା। ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା । ସେବେଠାରୁ ସାଲେଭଟା ପୋଲିସ ତାଙ୍କୁ ଖୋଜୁଥିଲା । ସୋମବାର ସନ୍ଧ୍ୟାରେ ବାହାଦୂର ଶିକା ସାଲେଭଟାରେ ବୁଲୁଥିବା ପୋଲିସ ଖବର ପାଇଥିଲା। ସାଲେଭଟା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରି ତାଙ୍କୁ ଗିରଫ କରିଥିଲା ବୋଲି ଏଏସଆଇ ସାହୁ କହିଛନ୍ତି।

ଆରଏସ୍‌ଏସ୍ କର୍ମୀଙ୍କୁ ହତ୍ୟା ଘଟଣାର ପ୍ରତିବାଦ

# ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ, ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୫।୧୦**



ବଜରଙ୍ଗଦଳ ସଦସ୍ୟମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ପଶ୍ଚିମବଙ୍ଗରେ ବାରମ୍ବାର ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଉଛି। କିଛିଦିନ ତଳେ ମୁର୍ଶିଦାବାଦ୍‌ରେ ଜଣେ ଆରଏସ୍‌ଏସ୍ କର୍ମୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା କରାଯାଇଛି। ଉକ୍ତ ଘଟଣାର ପ୍ରତିବାଦରେ ବଲାଙ୍ଗୀର ବଜରଙ୍ଗ ଦଳ ତରଫରୁ ମଙ୍ଗଳବାର କଚେରି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପଶ୍ଚିମବଙ୍ଗ ସରକାରଙ୍କ ଅପାରଗତା ଯୋଗୁ ପଶ୍ଚିମବଙ୍ଗରେ ଅନେକ ବେଆଇନ୍ ଘଟଣା ଘଟୁଥିବା ଅଭିଯୋଗ କରି ଆରଏସ୍‌ଏସ୍ କର୍ମୀଙ୍କ ହତ୍ୟା ଘଟଣାକୁ ଏଠାକାର ବଜରଙ୍ଗ ଦଳ କର୍ମକର୍ତ୍ତା ନିନ୍ଦା କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ପରେ ବଜରଙ୍ଗଦଳ ସଦସ୍ୟମାନେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳର ଅନ୍ତର୍ଯ୍ୟାମୀ କରନ୍, କାହ୍ନା ଶତପଥୀ, ଶାନ୍ତନୁ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

କଙ୍ଗାରୁକୋର୍ଟରେ ଯୁବକଙ୍କୁ ମାଡ଼ ଘଟଣା

# ୧୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୫।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ମାଲପଡା ଗାଁରେ ରବିବାର ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଥିଲା । ଏଠାରେ କିଛି ଯୁବକ ବଡଗମଡା ଗାଁର ଜଗା ଭୋଇ ନାମକ ଜଣେ ଯୁବକଙ୍କୁ ଏକ ବିଦ୍ୟୁତ୍‌ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ ମାରିଥିଲେ। ଏହାର ଭିଡିଓ ମଧ ମୋବାଇଲରେ ଭାଇରାଲ କରିଥିଲେ । ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏଥିରେ ସମ୍ପୃକ୍ତ ୧୧ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏକ ମାରପିଟ୍ ଘଟଣାକୁ ନେଇ ଜଗାଙ୍କୁ ମାଲପଡାରେ ମାରପିଟ୍ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗତ ୧୨ ତାରିଖ ମାଲପଡାର ଅରକ୍ଷିତ ଛତ୍ରିଆ ଓ ଅକ୍ଷୟ ଛତ୍ରିଆ କେନାଲ କଡରେ ତାଙ୍କ ସାଇକଲ ରଖି ଶୌଚ ହେବାକୁ ଯାଇଥିଲେ । ଉକ୍ତ ସାଇକେଲକୁ ଜଗା ଲାତ ମାରି ଦେଇ ପକାଇ ଦେଇଥିଲେ। ଏହାପରେ ଦୁଇଭାଇ ଜଗାଙ୍କୁ କାହିଁକି ସାଇକେଲକୁ ଲାତ ମାରିଲୁ ବୋଲି ପଚାରିବା ପରେ ଜଗା ଦୁଇ ଭାଇଙ୍କୁ ମାଡ କରିଥିଲେ। ଅବଶ୍ୟ ଏହି ମାରପିଟ୍‌କୁ ନେଇ ଦୁଇ ପକ୍ଷ ମଧରେ ବୁଝାଶୁଝା ହୋଇଥିଲା । ରବିବାର ଜଗା ମାଲପଡାରେ ଦଣ୍ଡନୃତ୍ୟ ଦେଖିବାକୁ ଆସିଥିବାବେଳେ ମଦପିଇ ଗାଳିଗୁଲଜ କରିଥିଲେ। ଏହାପରେ ସେହି ଗାଁର କିଛି ଯୁବକ ଜଗାଙ୍କୁ କାବୁ କରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେଇ ପୋଲିସକୁ ଖବର ଦେଇଥିଲେ । ଏହି ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିଲା । ପୋଲିସ ଏହି ଉଭୟ ମାମଲାରେ ୧୧ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଷ୍ଟାଡିୟମ କାର୍ଯ୍ୟ ପରିଦର୍ଶନ, ମେଡିକାଲ କଲେଜ ହସ୍ପିଟାଲ ଜମି ନିରୀକ୍ଷଣ

**ବଲାଙ୍ଗୀର ଅଫିସ, ୧୫।୧୦**

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ପୂର୍ବାହ୍ନରେ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ନିର୍ମାଣାଧୀନ ଇନ୍‌ଡୋର ବ୍ୟାଡମିଣ୍ଟନ୍ ଷ୍ଟାଡିୟମ ଓ ଆଉଟଡୋର ଷ୍ଟାଡିୟମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାପରେ ସେଠାରୁ ଗନ୍ଧରେଲସ୍ଥିତ ଭୀମ ଭୋଇ ମେଡିକାଲ କଲେଜକୁ ଯାଇ ନିର୍ମାଣ ହେବାକୁ ଥିବା ମେଡିକାଲ କଲେଜ ହସପିଟାଲ ଜମି ନିରୀକ୍ଷଣ କରିଥିଲେ। ବିଧାୟକ ମିଶ୍ରଙ୍କ ସହ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହ ଯନ୍ତ୍ରୀ, ଉପଯନ୍ତ୍ରୀ, ତହସିଲଦାର, ଅମିନ, ଶିକ୍ଷାଧିକାରୀ ଏବଂ ପ୍ରକଳ୍ପ ଆର୍କିଟେକ୍ ଉପସ୍ଥିତ ରହି ଉଭୟ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ବର୍ଷା ଦିନରେ ପାଣି ଜମିବା ଆଶଙ୍କା ଥିବାରୁ ଯେମିତି ଆଗାମୀ ୩୦/୪୦ ବର୍ଷ ପର୍ଯ୍ୟନ୍ତ ଇନ୍‌ଡୋର ଷ୍ଟାଡିୟମ ମୁଖ୍ୟ ରାସ୍ତାରୁ ଉଚ୍ଚରେ ରହିବ ସେଥିପାଇଁ ୧ ମିଟର ପର୍ଯ୍ୟନ୍ତ ଉଚ୍ଚ କରିବା ପାଇଁ ନିଷ୍ପତ୍ତି ହୋଇଛି। ପଡିଆ ପରିସରରେ ଥିବା ଜରାଜୀର୍ଣ୍ଣ ସ୍କୁଲକୋଠା ସବୁ ଭଙ୍ଗାଯାଇ ତାହାର ଚାରିକଡରେ ସୁଉଚ୍ଚ ପାଚେରି ତାରଜାଲି ସହ ନିର୍ମାଣ କରିବା ପାଇଁ ବିଧାୟକ ମିଶ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇସ୍କୁଲ ଖେଳ ପଡିଆ ସୁରକ୍ଷିତ କରିବା ପାଇଁ କରଙ୍ଗାକଟା ବନ୍ଧଆଡି ପଟରୁ ଡାଏଟ୍ ସ୍କୁଲ ଦେଇ ମୁଖ୍ୟ ରାସ୍ତା ଆଡକୁ ମଧ ପାଚେରି ନିର୍ମାଣ କରାଯିବାକୁ ନିଷ୍ପତ୍ତି କରାଯାଇଛି। ପରେ ସେଠାରୁ ତହସିଲଦାର ତଥା ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କ ସହ ଭୀମଭୋଇ ମେଡିକାଲ କଲେଜକୁ ଯାଇ ସେଠାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଡାକ୍ତରଖାନାର ଜମି ନିରୀକ୍ଷଣ କରିଥିଲେ । ଏଠାରେ ଏକ ଖେଳପଡିଆ ପାଇଁ ଆବଶ୍ୟକ ଜମି ବନ୍ଦୋବସ୍ତ କରିବାକୁ ତହସିଲଦାରଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏଠାରେ ନୂତନ ମେଡିକାଲ କଲେଜ ହସପିଟାଲ ନିର୍ମାଣ ପାଇଁ ଶିଳାନ୍ୟାସ ସରିଛି। ମେଡିକାଲ କଲେଜ ଖେଳପଡିଆ ପାଇଁ ଜମି ଓ ଟଙ୍କାର ବ୍ୟବସ୍ଥା ଶୀଘ୍ର କରିବେ ବୋଲି ବିଧାୟକ ମିଶ୍ର କହିଛନ୍ତି।

# କାମରେ ଆସୁନି ହରିଶଙ୍କରର ଶିଶୁ ଉଦ୍ୟାନ

**ଖପ୍ରାଖୋଲ, ୧୫।୧୦(ଡି.ଏନ.ଏ.)**




ଘାସଲଟାରେ ଭରି ଯାଇଥିବା ହରିଶଙ୍କରର ଶିଶୁ ଉଦ୍ୟାନ ।

ସରକାର ପର୍ଯ୍ୟଟନକୁ ଶିଳ୍ପ ଭାବରେ ନେଇଥିବାବେଳେ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ହେଲେ, ପ୍ରଶାସନିକ ଉଦାସୀନତା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ କେବଳ ଟଙ୍କା ଖର୍ଚ୍ଚ ହୋଇ କାମରେ ଆସୁ ନ ଥିବା ଦେଖିବାକୁ ମିଳିଛି । ଏହାର ନମୁନା ବଲାଙ୍ଗୀର ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ନିର୍ମିତ ଶିଶୁ ଉଦ୍ୟାନର ଚିତ୍ର ଦେଖିଲେ ବୁଝା ପଡୁଛି।

୨୦୧୫ ମସିହାରେ ଓଡିଶା ପର୍ଯ୍ୟଟନ ନିଗମ ତରଫରୁ ୩ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହରିଶଙ୍କରର ବିଭିନ୍ନ ଉନ୍ନୟନମୂଳକ କାମ ହୋଇଥିଲା । ଯେଉଁଥିରେ ରାସ୍ତା ପାଇଁ ୮୫ ଲକ୍ଷ, ପାର୍କିଂ ପାଇଁ ୬୨ ଲକ୍ଷ, ଶିଶୁ ଉଦ୍ୟାନ ପାଇଁ ୧୬ ଲକ୍ଷ ୪୭ ହଜାର, ଅଭ୍ୟର୍ଥନା କୋଠା ପାଇଁ ୬୧ ଲକ୍ଷ ୭୪ ହଜାର, ଶୌଚାଳୟ ପାଇଁ ୭୦ ଲକ୍ଷ ୧୪ ହଜାର, ବିଦ୍ୟୁତୀକରଣ ୨୮ ଲକ୍ଷ ୪୦ ହଜାର ଓ ଆବର୍ଜନା ପରିଚାଳନା ପାଇଁ ୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ହେଲେ ଏତେ ଟଙ୍କାର ଠିକ୍ ବିନିଯୋଗ ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମିତ ଅଭ୍ୟର୍ଥନା କୋଠାରେ ବେଡ ବ୍ୟବସ୍ଥା ନ ଥିବାବେଳେ, ଶିଶୁ ଉଦ୍ୟାନ ପରିଚାଳନାଗତ ଅଭାବ ଯୋଗୁଁ ଗଛଲତା ମାଡିଗଲାଣି । ଏପରିକି ଏଠାରେ ରଖାଯାଇଥିବା ଚୌକି, ଦୋଳି ବି ଭଙ୍ଗାଦଦରା ହୋଇଗଲାଣି । ପର୍ଯ୍ୟଟକଙ୍କୁ ଆକୃଷ୍ଟ ସହ ଛୋଟ ଛୋଟ ପିଲାମାନଙ୍କ ଖେଳିବା ପାଇଁ ଏହି ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା । ହେଲେ ଏବେ ଏହା ପରିତ୍ୟକ୍ତ ହୋଇପଡିଛି । ଯାହାକି ସରକାର କା ମାଲ, ଦରିଆ ମେ ଡାଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର କୁମାର ଦଲାଇଙ୍କୁ ପଚାରିବାରୁ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ କରିଥାଏ। ହେଲେ ଏହାର ପରିଚାଳନା ସ୍ଥାନୀୟ ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ କରିଥାନ୍ତି ବୋଲି କହିଛନ୍ତି। ଶୀତ ଦିନେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ହରିଶଙ୍କରକୁ ଆସୁ ଥିବାରୁ ଏହା ପୂର୍ବରୁ ଶିଶୁ ଉଦ୍ୟାନକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ

# ବିସ୍ଥାପିତଙ୍କ ପୁନର୍ବାସକୁ ନେଇ ଆର୍‌ପିଡିଏସି ବୈଠକ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୫।୧୦ (ଡି.ଏନ୍.ଏ.)**

ଜିଲା ପ୍ରଶାସନ ତରଫରୁ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ବହୁବିଧ ସମସ୍ୟାକୁ ନେଇ ୨ବର୍ଷ ପରେ ମଙ୍ଗଳବାର ଝାରସୁଗୁଡ଼ା ଡିଏମ୍‌ଏଫ୍ ସଭାଗୃହରେ ପୁନର୍ବାସ ଓ ପାରିପାର୍ଶିକ ଉନ୍ନୟନ ଉପଦେଷ୍ଟା କମିଟି(ଆର୍‌ପିଡିଏସି)ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଆର୍‌ଡିସି ଟେମ୍‌ଜେନ୍ ଓାପଙ୍ଗ ଅଧକ୍ଷତା କରିଥିଲେ। ସେହିପରି ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ୍, ଜିଲାପାଳ ସରୋଜ ସାମଲ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଏସ୍‌ପି ଅଶ୍ୱିନୀ ମହାନ୍ତି, ବରଗଡ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ବେଲପାହାଡ ପୌରାଧକ୍ଷ ପର୍ଶୁରାମ ସାହୁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଏମ୍‌ସିଏଲ୍ ତରଫରୁ ସିଏମ୍‌ଡି ବି.ଏନ୍. ଶୁକ୍ଲା, ଲଖନପୁର କ୍ଷେତ୍ର ଜିଏମ୍ ଅନିଲ କୁମାର ସିଂ, ଇବ୍ ଭ୍ୟାଲି କ୍ଷେତ୍ର ଜିଏମ୍ ମଧୁସୂଦନ ଶର୍ମା, ଓରିଏଣ୍ଟ କ୍ଷେତ୍ର ଜିଏମ୍ ଅରବିନ୍ଦ ସିଂ ପ୍ରମୁଖ ଅଧିକାରୀମାନେ ବୈଠକରେ ଉପସ୍ଥିତଥିଲେ। ବିସ୍ଥାପିତ ଓ ପୁନର୍ବାସ ସମସ୍ୟାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ରହିଥିଲା ନିଯୁକ୍ତି, ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ଆଦି ମୁଖ୍ୟ ପ୍ରସଂଗ। ଏସବୁର ଅନୁଧ୍ୟାନ କରାଯାଇ ସବ୍‌କମିଟି ମାଧ୍ୟମରେ ସମାଧାନ କରାଯିବ। ପ୍ରତି ୩ ମାସରେ ସବ୍‌କମିଟି ବୈଠକ ବସିବ ଓ ଏହାକୁ ଜିଲାପାଳ ତଦାରଖ କରିବେ। କମ୍ପାନୀ କର୍ତ୍ତୃପକ୍ଷ ଦୀର୍ଘବର୍ଷ ହେଲା ଜମି ଅଧିଗ୍ରହଣ କରିଛନ୍ତି। ହେଲେ ଅନେକ ବିସ୍ଥାପିତ ଲୋକ ଏପର୍ଯ୍ୟନ୍ତ ସୁବିଧା ସୁଯୋଗ ପାଇନାହାନ୍ତି। ଫଳରେ ଅନେକ ବିସ୍ଥାପିତଙ୍କ ଚାକିରି ବୟସସୀମା ଅତିକ୍ରାନ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୧୯ ଜାନୁଆରୀ ୧ତାରିଖକୁ କଟ୍‌ଅଫ୍ ଡେଟ୍ ଭାବେ ନିର୍ଦ୍ଧାରଣ କରାଯାଇଛି। ବିସ୍ଥାପିତଙ୍କ ଯେଉଁ ପୂର୍ବସମସ୍ୟା ସବୁ ରହିଛି ସେ ସବୁକୁ ଜିଲା ପ୍ରଶାସନ ଓ ଏମ୍‌ସିଏଲ୍ ଦ୍ୱାରା ପୁରୁଣା କେସ୍ ସବୁ ପୁନର୍ବାର ସର୍ଭେ କରାଯାଇ ସମାଧାନ କରାଯିବ। ଆର୍‌ଡିସି ଏହାର ତଦାରଖ କରିବେ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପରିବେଶ, ପାନୀୟଜଳ ଯୋଗାଣ, ପ୍ରଦୂଷଣ ନିୟନ୍ତ୍ରଣ ଆଦି ମୌଳିକ ସେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏସବୁର ବିକାଶ ପାଇଁ କମ୍ପାନୀ ସିଏସ୍‌ଆର୍ ଓ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକ ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଜିଲା ପ୍ରଶାସନର ଏହି ରୁଦ୍ଧଦ୍ୱାର ବୈଠକକୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ଯିବା ପାଇଁ ଅନୁମତି ନ ମିଳିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।



ଆର୍‌ପିଡିଏସି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧିମାନେ।

- ଚାକିରି କଟ୍‌ଅଫ୍ ଡେଟ୍‌ରେ ପରିବର୍ତ୍ତନ
- ମୌଳିକ ସେବା ଉପରେ ଗୁରୁତ୍ୱ
- ସବ୍‌କମିଟି କରିବ ପୁନର୍ବିଚାର
- ଜିଲା ପ୍ରଶାସନର ତଦାରଖ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ କହିଲି ମୋର ମୋର,**
**ସେ ହେଲା ପୁଣି ସାତପର ।**

ଯାହା ପ୍ରତି ମନରେ ଭଲ ପାଇବା, ସ୍ନେହ, ଆଦର ତଥା ଦରଦ ଭାବ ରହିଥାଏ ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ ଦେବେ ଜଗାବଳିଆ,**
**ତା'ଘରେ ଚାଉଳ ଓଳିଆ ଓଳିଆ ।**

ଜଗତର ନାଥ ଜଗନ୍ନାଥଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ। ପ୍ରଭୁଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ, ସକଳ ସୁଖସମ୍ପଦ ଭୋଗ ହୁଏ। ତାଙ୍କ କୃପା ବିନା କିଛି ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘର ଭାଙ୍ଗିବା ନେଇ ଥାନାରେ ଅଭିଯୋଗ

**କୋଲାବିରା, ୧୫।୧୦(ଡି.ଏନ୍.ଏ.)**

କୋଲାବିରା ତହସିଲ ଅନ୍ତର୍ଗତ ଶିରିଆପାଲି ମୌଜାର କୁରେବଗା ଗ୍ରାମର ନରେନ୍ଦ୍ର ନାଏକ, ରାଜେଶ ନାଏକ ଏବଂ ଚନ୍ଦନ ନାଏକଙ୍କ ବାସଗୃହକୁ ବେଦାନ୍ତ କମ୍ପାନୀ ପକ୍ଷରୁ ବୁଲ୍ଡୋଜର ଲଗେଇ ଭାଙ୍ଗି ଦେଇଥିବା ନେଇ କୋଲାବିରା ଥାନା ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ତେବେ ପ୍ରକୃତରେ ସେମାନଙ୍କ ଘରଥିବା ସ୍ଥାନଟି କାହାର ତାହା ସ୍ପଷ୍ଟ ହୋଇନଥିବାରୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଉକ୍ତ ସ୍ଥାନ ବିଷୟରେ ସ୍ପଷ୍ଟ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋଲାବିରା ଥାନାଧିକାରୀ ଶୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

ସୂଚନାମତେ କୁରେବଗା ଗ୍ରାମର ନରେନ୍ଦ୍ର ନାଏକ, ରାଜେଶ ନାଏକ ଏବଂ ଚନ୍ଦନ ନାଏକ ମୌଜା ଶିରିଆପାଲି ଖାତା ନମ୍ବର୧୦୨, ପ୍ଲଟ ସଂଖ୍ୟା୧୦୪୬ରେ ଘର କରି ରହିଛନ୍ତି। ଉକ୍ତ ସ୍ଥାନକୁ ବେଦାନ୍ତ ପକ୍ଷରୁ ଅଧିଗ୍ରହଣ କରାଯାଇନାହିଁ ବୋଲି ସେମାନେ ଦାବି କରିଛନ୍ତି। ଏହାସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ପୂର୍ବସୂଚନା ନ ଦେଇ ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ସୋମବାର ବୁଲ୍ଡୋଜର ଲଗେଇ ସେମାନଙ୍କ ବାସଗୃହ ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଉକ୍ତ ପରିବାରମାନେ କୋଲାବିରା ତହସିଲଦାର ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଗରିବ ଶ୍ରେଣୀର ହୋଇଥିବା ବେଳେ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିଲେ। ପ୍ରଶାସନ ଘଟଣାର ସୁବିଚାର କରି ନ୍ୟାୟ ପ୍ରଦାନ ପାଇଁ ଏମାନେ ଦାବି କରିଛନ୍ତି।

# ପୌର ପରିଷଦର ଚଢ଼ାଉ: ୩୦ କେ.ଜି. ନିଷିଦ୍ଧ ପ୍ଲାଷ୍ଟିକ୍ ସାମଗ୍ରୀ ଜବତ

**ବେଲପାହାଡ଼, ୧୫।୧୦(ଡି.ଏନ୍.ଏ.)**

ଆବଶ୍ୟକ ଜନସଚେତନତା ଅଭାବରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ସରକାରଙ୍କ ପକ୍ଷରୁ ନିଷିଦ୍ଧ ହୋଇଥିବା ପଲିଥିନ ବ୍ୟାଗ୍‌ର ବ୍ୟବହାର ବନ୍ଦ ହୋଇପାରୁନି। ଏବେ ମଧ ଅଞ୍ଚଳର ବ୍ୟବସାୟୀମାନେ ଦୋକାନରେ ପଲିଥିନ ମହଜୁଦ ରଖି ଗରାଖମାନଙ୍କୁ ବିକ୍ରି ସାମଗ୍ରୀ ଦେଉଛନ୍ତି। ପରିବା ଦୋକାନ, କିରାନା ଦୋକାନ, ମାଂସ ଦୋକାନ, ଜଳଖିଆ ଦୋକାନ ଓ ଚା' ଦୋକାନଠୁ ନେଇ ଗୁପ୍‌ଚୁପ, ଇଡ୍‌ଲି ଠେଲା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକସ୍ଥଳୀରେ ଖୋଲାଖୋଲି ଭାବରେ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ନିର୍ମିତ ସାମଗ୍ରୀ ବ୍ୟବହାର ହେଉଛି। ମାତ୍ର ପୌର ପ୍ରଶାସନ ପକ୍ଷରୁ ଆଇନ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ପ୍ରତି ଯେଭଳି ନିୟମିତ ବ୍ୟବଧାନରେ କାର୍ଯ୍ୟାନୁଷ୍ଠାନ ହେବା କଥା ସେଭଳି ହୋଇପାରୁ ନାହିଁ। ଏ ନେଇ ଗତ ସୋମବାର ପୌରପରିଷଦ ପକ୍ଷରୁ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୨୬ଟି ଦୋକାନରୁ ମାତ୍ର ୩୦ କେ.ଜି. ନିଷିଦ୍ଧ ପ୍ଲାଷ୍ଟିକ୍ ସାମଗ୍ରୀ ଜବତ ହୋଇଥିବାବେଳେ ମୋଟ ୭୨୦୦ ଟଙ୍କା ଜରିମାନ ଆଦାୟ କରାଯାଇଛି। ଉକ୍ତ ଚଢ଼ାଉ ଦଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଲଖନପୁର ଅତିରିକ୍ତ ତହସିଲଦାର ମୁରଲୀଧର ଉର୍ମାଲ, ବେଲପାହାଡ଼ ଥାନାର ଦୁଇ ଜଣ ଏଏସ୍‌ଆଇ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ପୌର କର୍ମଚାରୀ ସାମିଲ ହୋଇଥିଲେ। ଏହା ପୂର୍ବରୁ ପୌରପରିଷଦ ପକ୍ଷରୁ ଡାକବାଜିଯନ୍ତ୍ର ଯୋଗେ ପ୍ରଚାର କରାଯାଇ ନିଷିଦ୍ଧ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ ପ୍ଲାଷ୍ଟିକ୍ ବର୍ଜନ ପାଇଁ ରାଲି ଜରିଆରେ ଲୋକଙ୍କୁ ସଚେତନ କରିଥିଲେ। ଏହା ସତ୍ତ୍ୱେ ଦୋକାନଗୁଡ଼ିକରେ ପଲିଥିନ ବ୍ୟାଗ୍, ପ୍ଲାଷ୍ଟିକ୍ କପ୍, ଥାଳି ଓ ଥର୍ମୋକୁଲ ସାମଗ୍ରୀ ବ୍ୟବହାର ପୂରା ବନ୍ଦ ହୋଇପାରିନାହିଁ। ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ବ୍ୟବହାର ଉପରେ କଟକଣା ସମ୍ପର୍କିତ ଏକ ମାର୍ଗଦର୍ଶିକା ପୁସ୍ତିକା ଜାରି କରିଛନ୍ତି। ଏହି ପୁସ୍ତିକା ଅନୁଯାୟୀ ୨୦୦ ମି.ଲି. କ୍ଷମତାଠାରୁ କମ୍ ପ୍ଲାଷ୍ଟିକ୍ ପାଣି ବୋତଲ, ପାଣି ପାଉଚ, ହ୍ୟାଣ୍ଡଲ କିମ୍ବା ହାଣ୍ଡେଲ ରହିତ ପ୍ଲାଷ୍ଟିକ୍ ମୁଣି, ଥରକ ପାଇଁ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ କିମ୍ବା ଥର୍ମୋକୁଲ ଥାଳି, ଚାମଚ, କପ୍, ପ୍ଲେଟ, ଗ୍ଲାସ ଓ ଚାମଚ, ହୋଟେଲ ଖାଦ୍ୟ ପଦାର୍ଥ ପ୍ୟାକିଂ ପାଇଁ ବ୍ୟବହୃତ ଥାଳି, କଂସା ଓ ନଳୀ, ସାଜସଜ୍ଜା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ଓ ଥର୍ମୋକୁଲକୁ ନିଷିଦ୍ଧ କରାଯାଇଛି।

## ସଂକ୍ଷେପରେ

### ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋଲାବିରା,୧୫।୧୦(ଡି.ଏନ୍.ଏ.)- ନେହେରୁ ଯୁବକ ସଂଘ ପରମାଣପୁର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଝାରସୁଗୁଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା.ସୁରେଶ ଚନ୍ଦ୍ର ଗୋଖରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅଧାପକ ସୁରେନ କୁମାର ପଧାନ, ଶାରୀରିକ ଖେଳ ଶିକ୍ଷକ ବଂଶୀଧର ପଶାୟତ, ଅଧାପକ ମାନସ ପୁରୋହିତ, ଜିଲା ଯୁବକେନ୍ଦ୍ର ସଂଯୋଜକ ରମେଶ କୁମାର ସୋନୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଗ୍ରୀଷ୍ମକାଳୀନ ଶିବିର, ଚାରାରୋପଣ ସହ ଭାରତ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୪୦ଟି ଯୁଥ୍ କ୍ଲବର ସଭାପତି ଏବଂ ସମ୍ପାଦକ ଭାଗନେଇଥିଲେ। କୋଲାବିରା ଯୁଥ୍ ସ୍ୱେଚ୍ଛାସେବୀ ଦୀପକ ରଞ୍ଜନ ନାଏକ, ପୂଜାବାଇ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିକୁ ସମର୍ଥନ

**କଣ୍ଟାବାଞ୍ଜି, ୧୫।୧୦(ଡି.ଏନ.ଏ.):** ହାଇକୋର୍ଟର ସ୍ଥାୟୀବେଞ୍ଚ ବଲାଙ୍ଗୀରରେ ସ୍ଥାପନ ଆନ୍ଦୋଳନକୁ କଣ୍ଟାବାଞ୍ଜି ଓକିଲ ସଂଘ ସମର୍ଥନ କରିଛି। ବଲାଙ୍ଗୀର ଜିଲା ଓକିଲ ସଂଘର ନିଷ୍ପତ୍ତିକୁ ସମର୍ଥନ କରିବ କଣ୍ଟାବାଞ୍ଜି ଓକିଲ ସଂଘ। ୧୬ ଓ ୧୭ ତାରିଖ ଦୁଇଦିନ କଣ୍ଟାବାଞ୍ଜିର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ ରଖିବା ପାଇଁ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇଛି । କଣ୍ଟାବାଞ୍ଜି ଓକିଲ ସଂଘ ନିଷ୍ପତ୍ତି ଅନୁସାରେ ସିଭିଲ କୋର୍ଟ, ତହସିଲ ଅଫିସ, ସବ୍‌ରେଜେଷ୍ଟ୍ରି ଅଫିସ, ସବ୍ ଟ୍ରେଜେରୀ ଅଫିସ ସହିତ ରେଳବାଇ କୋର୍ଟ, ରେଳବାଇର ସମସ୍ତ କାର୍ଯ୍ୟାଳୟ, ଟେଲିଫୋନ, ପୋଷ୍ଟ ଅଫିସ, ଏଲଆଇସି ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ ରଖାଯିବ। ଏ ନେଇ ସଂଘ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ବନ୍ଦରେ ଟ୍ରେନ ଚଳାଚଳ, ବସ୍ ଯାତାୟାତ ସହିତ ସ୍କୁଲ କଲେଜ ଖୋଲିବା ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କୁହାଯାଇଛି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now 9453480851

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now: 8287944769 8287944965
Brahma Sahi, Nayagarh

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 9853098836 9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480 9813608775

Hi-Tech Tower Company
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902 07354640679

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952 7289999543 8929619951
SCO-106, Second Floor, Vishal Tower, Cannaught Place, Delhi.

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540 8226890446

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524 8287944770

FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901 8859983504

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276 8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS: 8287945007 8287944977
KHAMARI SAHI, NAYAGARH

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ
- ସେନେକା



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଜ୍ଞାନଜ୍ୟୋତି ବିଦ୍ୟାଳୟର କୃତିତ୍ୱ

**ରାଉରକେଲା ଅଫିସ, ୧୫।୧୦**

ଅକ୍ଟୋବର ୫ ତାରିଖ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଧର୍ମଶାଳାରେ ୧୨ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଉରକେଲାରେ ଥିବା ଜ୍ଞାନଜ୍ୟୋତି ଇଂରାଜୀ ମାଧମ ବିଦ୍ୟାଳୟର ୧୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଇଣ୍ଟରନ୍ୟାସନାଲ କୋଚ ତଥା ଜ୍ଞାନଜ୍ୟୋତିର ଟାଏକୋଣ୍ଡୋ କୋଚ ସଚ୍ଚିଦାନନ୍ଦ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ୧୪ଜଣ ପ୍ରତିଯୋଗୀଙ୍କ ମଧରୁ ୧୨ରୁ ୧୬ ବର୍ଷ ବର୍ଗରେ ବାଳିକା ବିଭାଗରେ ରୁଚିକା ମହନ୍ତ ଓ ଲିପ୍ସିସା ଆଚାର୍ଯ୍ୟ ଏବଂ ବାଳକ ବିଭାଗରେ ଅନିଶ ରାହୁଲ ସ୍ୱର୍ଣ୍ଣପଦକ ଜିଣିଛନ୍ତି। ସେହିପରି ସୌମ୍ୟଜିତ ବିଶ୍ୱାଳ, ସର୍ବୋତ୍ତମ ସାହୁ, ରୋହନଦେବ ମୁର୍ମୁ, ବିବେକ କୁଜୁର ରୌପ୍ୟ ପଦକ ପାଇଥିବା ବେଳେ ସୁଦୀପ ,ଆୟୁଷ୍ମାନ ସ୍ୱାଇଁ, ପ୍ରିୟାଂସୁ ଓ ବିରଞ୍ଚି ନାରାୟଣ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମସ୍ତ କୃତୀ ପଦକଧାରୀମାନଙ୍କୁ ଜ୍ଞାନଜ୍ୟୋତି ବିଦ୍ୟାଳୟର ଅଧକ୍ଷ ଜଳଧର ମହାପାତ୍ର ବିଦ୍ୟାଳୟ ପରିସରରେ ସମ୍ବୋଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଜାତୀୟ ସ୍ତରରେ କିପରି ଅଧିକ ସ୍ୱର୍ଣ୍ଣ ପଦକ ଆସିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୋଚ ବିଶ୍ୱାଳଙ୍କୁ ପରାମର୍ଶ ଦେଇଛନ୍ତି।

# ସେଣ୍ଟ୍ରାଲ ପାର୍କ ଦୁର୍ନୀତି ନେଇ ଗଣଧାରଣା

## ■ ତଦନ୍ତ କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରାଯିବ ବୋଲି କଂଗ୍ରେସର ଘୋଷଣା

**ରାଉରକେଲା ଅଫିସ,୧୫। ୧୦**

ଛେଣ୍ଡ କଲୋନୀ ଠାରେ ଥିବା ବହୁ ଚର୍ଚ୍ଚିତ ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ଓ ବୀରେନ ସେନାପତି। ପାର୍କ ନବିକୃତ ନାଁରେ କୋଟି ମୂଲ୍ୟର ଅର୍ଥ ରାଶି ଆତ୍ମସାତକୁ ବରଦାସ୍ତ କରାଯିବ ନାହିଁ ବୋଲି ଉଭୟ ନେତା ପ୍ରକାଶ କରିଛନ୍ତି। ଏନେଇ ମଙ୍ଗଳବାର ଉକ୍ତ ପାର୍କ ସମ୍ମୁଖରେ ଆୟୋଜିତ ଗଣଧାରଣାରେ ଯୋଗ ଦେଇ କଂଗ୍ରେସ ନେତୃମଣ୍ଡଳୀ କହିଥିଲେ, ଏହାର ଉପଯୁକ୍ତ ତଦନ୍ତ କରା ନ ଗଲେ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ ଏହି ପାର୍କ ନିର୍ମାଣ ନେଇ ୧.୮୧ କୋଟି ଟଙ୍କା ଖର୍ଚ୍ଚ କରାଇଯାଇଛି। ଏହା ସତ୍ତ୍ୱେ ଏଠାରେ ବିଲୁଆ ଡେଇଁବା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ନିରବତା ସନ୍ଦେହ ସୃଷ୍ଟି କରିଛି ବୋଲି କଂଗ୍ରେସ ନେତା ତିର୍କୀ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଶାସନିକ ସ୍ୱଚ୍ଛତା ତଥା ୫-ଟି କଥା କହୁଥିବା ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ କ୍ଷୀର ପାଣି ଅଲଗା ହୋଇଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବବ୍ରତ ବିହାରି ସଂଯୋଜନା କରିଥିଲେ। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଯୋଗ ଦେଇ କହିଥିଲେ, ରାଜ୍ୟ ବିଜେଡି ସରକାର କେବଳ ଲୋକଙ୍କୁ ଭୂଆଁ ବୁଲାଇବାକୁ ୫ଟି କଥା କହୁଛନ୍ତି। ଯଦି ଏଥିରେ କାଣିଚାଏ ଆନ୍ତରିକତା ଥାଏ, ତେବେ କାହିଁକି ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେଉ ନାହାଁନ୍ତି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅନ୍ୟମାନଙ୍କ ମଧରେ ଯୁବ ନେତା ପ୍ରଶାନ୍ତ ସେଠୀ, ରୋହିତ ଯୋସେଫ ତିର୍କୀ, ବରିଷ୍ଠ ନେତା ରାମାନନ୍ଦ ଶ୍ରୀଚନ୍ଦନ ପ୍ରଭାତି ମିଶ୍ର, ଯୁବ ସଭାପତି ପ୍ରବୋଧ ଦାସ, ସେବା ଦଳ ମୁଖ୍ୟ ବିନୋଦ ରାଉତ, ମହିଳା ନେତ୍ରୀ ନିରୁପମା ବଳିଆରସିଂ, ଇନ୍ଦ୍ରମୋହନ ପଣ୍ଡା, କୀର୍ତ୍ତନ ଦାସ ଓ ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କହିଥିଲେ କୋଟିଏ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବଣବୁଦାରେ ପରିପୂର୍ଣ୍ଣ ସେଣ୍ଟ୍ରାଲ ପାର୍କ ଅବସ୍ଥା କଣ ସରକାରଙ୍କ ଆଖିକୁ ଦିଶୁନି ବୋଲି ପ୍ରଶ୍ନ କରିଥିଲେ। ବିଜେଡି ସରକାର ପ୍ରତି କଥାରେ ସ୍ୱଚ୍ଛତାର ଦ୍ୱାହି ଦେଉଛନ୍ତି। ଷ୍ଟିଲ ସିଟିରେ ଦୁର୍ନୀତି ଚରମାରେ ପହଞ୍ଚିଲାଣି ବୋଲି ଅଭିଯୋଗ କରିଥିଲେ। ଏମିତି ଅବସ୍ଥାରେ ଆରଡିଏ ଟଙ୍କାରେ ପାର୍କ ନାଁରେ ଆତ୍ମସାତ ଅର୍ଥ କେମିତି ରାଜକୋଷକୁ ଫେରିବ ସେନେଇ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇ ଥିଲା। କେବଳ ଏତିକି ନୁହେଁ, ଏଥିରେ ରାଉରକେଲା ବିଧାୟକ ସାରଦା ନାୟକଙ୍କ ସିଧାସଳଖ ସମ୍ପୃକ୍ତି ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ ଧାରଣାରତ କଂଗ୍ରେସ ନେତୃମଣ୍ଡଳୀ। ତାଙ୍କ ସମୟରେ ଏହାର ଉନ୍ନତିକରଣ ଆରମ୍ଭ କରାଯାଇ ଥିଲା। ତାଙ୍କ ଦୁର୍ନୀତି ପରେ ଏଥିରେ କଳା କନା ବୁଳିଛି ବୋଲି ଅଭିଯୋଗ କରାଯାଇଥିଲା। ସରକାର ନିଜ ଆଡୁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ନ ଦେଲେ ଦଳ ନିଜ ଭିଜିଲ୍ଲାସରେ ଏତଲା ଦାୟର କରିବ ବୋଲି ଘୋଷଣା କରିଥିଲେ ଜର୍ଜ ତିର୍କୀ। ଏଥିରେ ବରିଷ୍ଠ ନେତା ଚିତ୍ତ ମହାନ୍ତି, ଆରପି ସିଂ, କୈଳାସ ସାହୁ, ଶିବୁ ଦୀପ, ବସନ୍ତ ସାମଲ, ସୂର୍ଯ୍ୟକାନ୍ତ ବାରିକ, ଶଙ୍କର ଦାସ, ସରସ୍ୱତୀ ଭୂମିଜ, ବନଲତା ବେହେରା, କଲ୍ୟାଣୀ ପୂର୍ତ୍ତି ଅନୀଲ ପାତ୍ର, ରଞ୍ଜନ ଓଝା, ବିଶ୍ୱଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବିକରି କଂଗ୍ରେସର ଧାରଣା।

# ବଜରଙ୍ଗ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ରାଉରକେଲା ଅଫିସ,୧୫। ୧୦**

ପଶ୍ଚିମବଙ୍ଗରେ ନିର୍ଦ୍ଦୋଷ ହିନ୍ଦୁଙ୍କୁ ବିନା କାରଣରେ ଆକ୍ରୋଶ ରଖି ହତ୍ୟା କରାଯିବା ଘଟଣାରେ ରାଉରକେଲା ବଜରଙ୍ଗ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଗତ ୧୦ ଅକ୍ଟୋବରରେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ବନ୍ଧୁ ପ୍ରକାଶ ପାଲ, ତାଙ୍କ ଗର୍ଭବତୀ ସ୍ତ୍ରୀ ସହ ଜଣେ ପୁଅକୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଛି। ଏନେଇ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କ ଅନୁପସ୍ଥିତିରେ ସହକାରୀ ନିଭାରାଣୀ ଭଟ୍ଟାଚାର୍ଯ୍ୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଜରଙ୍ଗ ଦଳ କର୍ମୀ ରାଉରକେଲା ମହାନଗର ନିଗକ କାର୍ଯ୍ୟାଳୟ ସମ୍ମୁଖ ସୁବାଶ ପାର୍କ ନିକଟରୁ ଏକ ଶୋଭାଯାତ୍ରାରେ ଆସି ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଏଠାରେ ଉପସ୍ଥିତ ସଂଘ କର୍ମକର୍ତ୍ତା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୋଟ ଲାଳସାରେ ନ୍ୟାୟ ଅନ୍ୟାୟ ଭୁଲି ଯାଇଛନ୍ତି। କ୍ଷମତାନ୍ଧ ହୋଇ ଗତ କିଛି ଦିନ ହେବ ଏନେଇ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ମମତା। ଏଣୁ ତୁରନ୍ତ ପଶ୍ଚିମବଙ୍ଗ ସରକାରକୁ ବରଖାସ୍ତ କରାଯାଉ ବୋଲି ଏଥିରେ ଦାବି କରାଯାଇ ଥିଲା। ପ୍ରକାଶ ପାଲଙ୍କ ହତ୍ୟାକାରୀଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଉ। ବଙ୍ଗଳାଦେଶୀ ଅନୁପ୍ରବେଶ ଉପରେ ରୋକ ଲଗାଯାଉ। ବଙ୍ଗଳା ଦେଶରୁ ପ୍ରତାଡିତ ହିନ୍ଦୁଙ୍କ ଥଇଥାନ ସହ ସୁରକ୍ଷା ଦାବି କରିଥିଲେ ବଜରଙ୍ଗ ଦଳ କର୍ମକର୍ତ୍ତା।



ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଦାବିପତ୍ର ଦେବାକୁ ଆସୁଛନ୍ତି।

# ଲେଖକ ସାମ୍ମୁଖ୍ୟ ପକ୍ଷରୁ ଗାନ୍ଧୀ ଓ ସାହିତ୍ୟ ଶୀର୍ଷକ ଆଲୋଚନା

**ରାଉରକେଲା ଅଫିସ,୧୫।୧୦**

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ରାଉରକେଲା ଶାଖା ପକ୍ଷରୁ ଗାନ୍ଧି ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଇଂ ଅଭୟ ଦାସ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଧାପକ ପ୍ରଭାତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଛେଣ୍ଡ ୱେଲଫେୟାର କମିଟି ସାଧାରଣ ସମ୍ପାଦକ ବିଜୟ ବରାଳ ଅନ୍ୟତମ ଅତିଥି ଭାବେ ଏଥିରେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଥିଲା। ଅନୁଷ୍ଠାନ ସଭାପତି ଭୂପେନ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ମହାତ୍ମା ଗାନ୍ଧିଙ୍କ ଜୀବନଦର୍ଶନ କିପରି ସାହିତ୍ୟର ଏକ ପ୍ରମୁଖ ଅଙ୍ଗ ପାଲଟିଛି ସେନେଇ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ମଲ୍ଲିକ କହିଥିଲେ, ଗାନ୍ଧିବାଦ ଆଜି ଏକ ଆଦର୍ଶଗତ ପୁଞ୍ଜି ପାଲଟିଛି। ତାଙ୍କ ଜୀବନ ଦର୍ଶନକୁ ନେଇ ଅନେକ ସାହିତ୍ୟ ସୃଷ୍ଟି ହୋଇଛି। ଯାହାର ଅନ୍ତ ଆଜି ପର୍ଯ୍ୟନ୍ତ ଶେଷ ହୋଇନି। ଗାନ୍ଧିବାଦ ବିଶ୍ୱର ଏକ ଶ୍ରେଷ୍ଠ ଦର୍ଶନ ହୋଇଥିବା ବେଳେ ତାଙ୍କ ବାର୍ତ୍ତାକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି। ଅହିଂସା, ଅସହଯୋଗ ଓ ଶାନ୍ତି ଗାନ୍ଧିଙ୍କ ମୂଳମନ୍ତ୍ରକୁ ନେଇ ଗାନ୍ଧିବାଦର ସୃଷ୍ଟି। ଏହାକୁ ନେଇ ନୋବେଲ ପୁରସ୍କାର ଦିଆଯାଉଛି ବୋଲି ମଲ୍ଲିକ ଏଥିରେ ପ୍ରକାଶ କରିଥିଲେ। ଏନେଇ ଅଧିକ ଆଲୋଚନା କରାଯାଇ ପାରେ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରାଉତ କହିଥିଲେ ଗାନ୍ଧି ଏକ ବିଚାରଧାରା ଓ ବିଶ୍ୱ ଦର୍ଶନ। ଏହା ଆଚରଣ ଓ ଉଚ୍ଚାରଣର ଏକ ଚମତ୍କାର ସମନ୍ୱୟ। ଅନ୍ୟ ଅତିଥି ଗାନ୍ଧିଙ୍କ ଜୀବନରେ ସ୍ୱଚ୍ଛତାକୁ କିପରି ଗୁରୁତ୍ୱ ଦିଆଯାଇ ଥିଲା ସେନେଇ ଆଲୋକପାତ କରିଥିଲେ। ଉଦ୍‌ଘାଟକ ଭାବେ ନଳିନୀପ୍ରଭା ପଟ୍ଟନାୟକ ଯୋଗଦେଇ ଗାନ୍ଧି ଦର୍ଶନ ଉପରେ ଅଧିକ ଆଲୋକପାତ କରିଥିଲେ। ଅନ୍ୟବକ୍ତାଙ୍କ ମଧ୍ୟରେ ସୁଧିର ମିଶ୍ର, ପଶୁପତିନାଥ ଚାଟାର୍ଜୀ, ବିଚ୍ଛିତ୍ରାନନ୍ଦ ସାହୁ ପ୍ରମୁଖ ଗାନ୍ଧି ବିଚାରଧାରା ସାମାଜିକ ପରିବର୍ତ୍ତନରେ କିପରି ଏକ ବଡ ଅସ୍ତ୍ର ସେ ନେଇ ଗୁରୁତ୍ୱାରୋପ କରିଥିଲେ। ନିଜ ସଭାପତୀୟ ଅଭିଭାଷଣରେ ଦାସ କହିଥିଲେ ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ଦିଗଦର୍ଶନରେ ଗାନ୍ଧିବାଦ ହିଁ ଏକମାତ୍ର ବିକଳ୍ପ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମିବାଳା ରାଉତରାୟ, ମୀନକେତନ ପଶାୟତ, ଚିତ୍ତରଞ୍ଜନ ବ୍ରହ୍ମା, ଉର୍ବଶୀ ଦାସ, ମଞ୍ଜୁଳା ରଥ, ହିମାଂଶୁ ସାହୁ, ଅନୀଲ ଦାସ, ରାଧାମୋହନ ନାୟକ, କୈଳାସ ସାବତ, ଡଲିରାଣୀ ବ୍ରହ୍ମା ଓ ରିତା ରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧୀ ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, ବକ୍ତା।

# ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ନେସ ବିଭାଗରେ କର୍ମଚାରୀ ଓ ଠିକା କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ, ୧୫।୧୦**

ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ ଗତ ୧୨ ତାରିଖରେ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଭାଗର ମହାପ୍ରବନ୍ଧକ ଏ.କେ.ମିସ୍ତ୍ରୀ ଅଧକ୍ଷତା କରି ଦୁଇ ଜଣ ଠିକା ଶ୍ରମିକ ଓ ୫ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ-୧ରେ ଏକ ହାଇ ଭୋଲଟେଜ ଫିଲ୍ଡ ସମସ୍ୟା ଚିହ୍ନଟ ହୋଇଥିଲା। ବିଭାଗର ସିନିୟର ଟେକନିଆସିଆ ମଦନ ବେହେରା, ମୁକୁଟ ତ୍ରିପାଠୀ, ପି.କେ. ଖଟୁଆ, ବି.କେ.ଖାଡିଆ, ଓ ବି.ଟପ୍ପୋଙ୍କୁ ନେଇ ଗଠିତ ଏକ ଦଳ ମେସର୍ସ ଆର୍‌କେ ଏର୍ଟରପ୍ରାଇଜେସ ଏବଂ ମେସର୍ସ ଟାଟା ପ୍ରୋଜେକ୍ଟସ ଲିମିଟେଡର ଦୁଇଜଣ ଠିକା ଶ୍ରମିକଙ୍କ ସହଯୋଗରେ ଉକ୍ତ ସମସ୍ୟାର ସମାଦାନ କରିବା ନିମନ୍ତେ ପ୍ରୟାସ କରିଥିଲେ। ଉକ୍ତ ଦଳ ଇନସୁଲେଟରରେ ବାରମ୍ବାର ଅନୁଭୂତ କ୍ରାକକୁ ରୋକିବା ନିମନ୍ତେ ଯନ୍ତ୍ରାଂଶ ଗୁଡ଼ିକୁ ପୁଣି ସଜାଇଥିଲେ। ଯାହା ଦ୍ୱାରା ବ୍ଲାଷ୍ଟ ଫର୍ଣ୍ଣେସ-୧ ଇଏସ୍‌ପି କାଷ୍ଟ ହାଉସ ଡିଫ୍ୟୁମିଂ ସିଷ୍ଟମ ନବୀକରଣରେ ଏହା ସହାୟକ ହୋଇଥିଲା। ସମସ୍ୟାର ଚିହ୍ନଟିକରଣ ଏବଂ ତ୍ୱରିତ ସମାଦାନ ୟୁନିଟରେ ପ୍ରଦୁଷଣ ନିୟନ୍ତ୍ରଣ ବ୍ୟବସ୍ଥାର ଯଥାଶୀଘ୍ର ପୁନଃ କାର୍ଯ୍ୟକ୍ଷମ କରିବା କ୍ଷେତ୍ରରେ ସହାୟତା ପ୍ରଦାନ କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଡିଜିଏମ୍ ବି.ମାଝୀ, ଭି.ମିଶ୍ର ଏବଂ ଡେପୁଟୀ ମ୍ୟାନେଜର ଦୌପଦୀ ମୁର୍ମୁ ସଞ୍ଚାଳନ କରିଥିଲେ।


ଆର୍‌ଏସ୍‌ପି ଅଧିକାରୀ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।



ଆର୍‌ଏସ୍‌ପି ଦଳ ସିଟି ଯୋଗ୍ୟତା ପର୍ଯ୍ୟାୟରେ ବିଜୟୀ ହୋଇ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେଲ୍ ଆର୍‌ଏସ୍‌ପି ଦଳ ଟାଟା କୃସିବୁଲ କର୍ପୋରେଟ ବିଜ୍‌ନେସ କୁଇଜ ଫାଇନାଲରେ ବିଜୟୀ

**ରାଉରକେଲା ଅଫିସ, ୧୫।୧୦**

ରାଉରକେଲା ଇସ୍ପାତ କାରଖାନାର ରିଫ୍ରାକ୍ଟରିଜ ବିଭାଗର ସିନିୟର ମ୍ୟାନେଜର ସମ୍ପଦ ମିଶ୍ର ଏବଂ ଏମଟିଆଇ ରାଞ୍ଚିର ଜିଏମ୍ ଶ୍ରୀମନ୍ତ ମଲ୍ଲିକଙ୍କୁ ନେଇ ଗଠିତ ଦଳ ଦିଲ୍ଲୀ ସ୍ଥିତ ହୋଟେଲ ତାଜରେ ଅନୁଷ୍ଠିତ ଟାଟା କୃସିବୁଲ କର୍ପୋରେଟ ବିଜନେସ କୁଇଜ-୨୦୧୯ର ଉତ୍ତର ଜୋନ ଫାଇନାଲରେ ବିଜୟୀ ହୋଇଛନ୍ତି। ଏଥିରେ ସେଲ ସମେତ ଭେଲ, ଟାଟା କନସଲ୍ଟାନ୍ସି ସର୍ଭିସେସ, ବ୍ୟାଙ୍କ ଅଫ ବରୋଦା, ବାର୍କଲେଜ ଓ ଓଲା ଉତ୍ତର ଜୋନର ଫାଇନାଲରେ ପ୍ରବେଶ କରିଥିଲେ। ସେଲ ଆର୍‌ଏସ୍‌ପି ଦଳ ଆସନ୍ତା ୧୯ ତାରିଖରେ ବମ୍ବେରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଫାଇନାଲରେ ଅଂଶଗ୍ରହଣ କରିବ। ଏଥିରେ ଦେଶର ୪ଟି ଜୋନରୁ ୮ଟି ଦଳ ଭାଗ ନେବ। ଏହା ପୂର୍ବରୁ ଆର୍‌ଏସ୍‌ପି ଦଳ ଜାମସେଦପୁରରେ ଅନୁଷ୍ଠିତ ସିଟି ଯୋଗ୍ୟତା ପର୍ଯ୍ୟାୟରେ ବିଜୟୀ ହୋଇଥିଲା। ଦଳ ଏଥିରେ ବିଜେତା ରୂପେ ୭୫ ହଜାର ଟଙ୍କାର ପୁରସ୍କାର ରାଶି ଲାଭ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଟାଟା କୃସିବୁଲ କର୍ପୋରେଟ ବିଜନେସ କୁଇଜ ଟାଟା ଗ୍ରୁପ ଦ୍ୱାରା ଆୟୋଜିତ ଏକ ମର୍ଯ୍ୟାଦାଜନକ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଅଟେ। ଦେଶର ଯୁବ କର୍ପୋରେଟ ପ୍ରତିଭାଙ୍କୁ ଏକାଠି କରି କଠିନତମ ବିଜନେସ କୁଇଜର ସମ୍ମୁଖୀନ କରିବା ଲକ୍ଷ୍ୟରେ ଏହି କୁଇଜ ଅନୁଷ୍ଠିତ କରାଯାଇଥାଏ।

# ଘରୋଇ ସୁରକ୍ଷା ସଂସ୍ଥା ଦ୍ୱାରା ଠକେଇ ଅଭିଯୋଗ

## ■ ଅଭିଯୋଗକାରୀଙ୍କୁ ସହକାରୀ ଶ୍ରମ ଅଧିକାରୀଙ୍କ ନାଲି ଆଖି

**ରାଉରକେଲା ଅଫିସ,୧୫।୧୦**

ଘରୋଇ ସୁରକ୍ଷା ଏଜେନ୍ସି ଅଧିନରେ କାମ କରି ଠକାମିର ଶିକାର ହେଉଥିବା କର୍ମଚାରୀଙ୍କ ଗୁହାରି ଶୁଣୁନାହିଁ ଜିଲା ଶ୍ରମଦପ୍ତର। ରାଜ୍ୟ ବାହାରୁ ଆସି ଏଠାରେ ଆଡ୍ଡା ଜମାଇଥିବା ଏଜେନ୍ସି କର୍ତ୍ତୃପକ୍ଷଙ୍କୁ ଘଣ୍ଟ ଘୋଡାଉଛି ଶ୍ରମ ଦପ୍ତର। ଦରମା ନ ପାଇ ବାର ଦୁଆର ଶୁଣ୍ଠି ପିଣ୍ଡା ହେଉଥିବା କର୍ମଚାରୀଙ୍କ ଗୁହାରି ଶୁଣିବା ପରିବର୍ତ୍ତେ ଏଜେନ୍ସି କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଦିଆଯାଉଛି। ଏହାର ଏକ ସଦ୍ୟତମ ଉଦାହରଣ ମଙ୍ଗଳବାର ଦେଖିବାକୁ ମିଳିଥିଲା। ଏଠାକାର ସହକାରୀ ଶ୍ରମ ସଂସ୍ଥାପକ ଓ ଜିଲା ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ କାର୍ଯ୍ୟାଳୟ ଏକ ପ୍ରକାର ଠପ ରହିଥିଲା। ଏମିତି ଅବସ୍ଥାରେ ଜିଲା ସହକାରୀ ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ଏକମାତ୍ର ଅଧିକାରୀ ଭାବେ ଅଭିଯୋଗକାରୀଙ୍କ ଗୁହାରି ଶୁଣିବାକୁ ଉପସ୍ଥିତ ଥିଲେ। ଏହି ଅବସରରେ ଏସଆଇଏସ ନାମକ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ୨୨ଜଣ ସୁରକ୍ଷା କର୍ମୀ ନିଜ ପ୍ରାପ୍ୟ ପାଇ ନ ଥିବାରୁ ଜିଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଉପରିସ୍ଥ ଅଧିକାରୀଙ୍କ ଅନୁପସ୍ଥିତିରେ ଏମାନେ ସହକାରୀ ଅଧିକାରୀ ସେଠୀଙ୍କୁ ଦରଖାସ୍ତ ପ୍ରଦାନ କରିଥିଲେ। ଦରଖାସ୍ତ ପଢିବା ପରେ ସେଠୀ ଚିହିଁକି ଉଠି କହିଥିଲେ ତୁମେମାନେ କଣ ରାଜନୀତି କରୁଛ। କଣ ଏସବୁ ଫାଲତୁ ଅଭିଯୋଗ ନେଇ ଏଠିକୁ ଆସୁଛ। ଏମିତି ସମ୍ପୃକ୍ତ କର୍ମଚାରୀଙ୍କୁ ତାଗିଦ କରି ଘଣ୍ଟାଏ କାଳ ହଇରାଣ କରିଥିଲେ। ପ୍ରତାରଣାର ଶିକାର କର୍ମଚାରୀଙ୍କ ସହ ଧରିତ୍ରୀ ଫଟୋଗ୍ରାଫର କାର୍ଯ୍ୟାଳୟ ଭିତରକୁ ପଶି ଆସିବାରୁ ସେଠି ଆହୁରି ଅଧିକ ଉତ୍ୟକ୍ତ ହୋଇପଡିଥିଲେ। ବିନା କାରଣରେ ସୁରକ୍ଷା କର୍ମୀଙ୍କ ଉପରେ ଗର୍ଜି ଥିଲେ। ତୁମ କାମ ହୋଇ ପାରିବନି। କାହିଁକି ସାଙ୍ଗରେ ଏମାନଙ୍କୁ (ଫଟୋଗ୍ରାଫର)ଙ୍କୁ ଆଣିଲ ବୋଲି ପ୍ରଶ୍ନ କରିଥିଲେ। ନିରୀହ କର୍ମଚାରୀ ସୁରକ୍ଷା ସଂସ୍ଥା ଦ୍ୱାରା ପ୍ରତାରିତ ହୋଇ ଶ୍ରମ ଅଧିକାରୀଙ୍କ ଶରଣାପନ୍ନ ହୋଇଥିଲେ। ନ୍ୟାୟ ପାଇବାକୁ ଆସି ଯାହା ଶୁଣିଲେ ସେଥିରେ ତଟସ୍ଥ ହୋଇ ପଡିଥିଲେ। ଏନେଇ କାନ୍ଦ କାନ୍ଦ ମୁହଁରେ ବାହାରେ ଛିଡା ହୋଇଥିବା ଧରିତ୍ରୀ ପ୍ରତିନିଧିଙ୍କୁ ଆସି ଅଭିଯୋଗ କରିଥିଲେ। ଅଧିକାରୀ ସେଠୀଙ୍କୁ ଘଟଣା ବାବଦରେ ପଚରାଯିବାରୁ ସେ ସତ ମାନିଯିବା ସହ କହିଥିଲେ ମୁଁ ଏକୁଟିଆ ସବୁ କାମ କରୁଥିବାରୁ ଟିକେ ଟେନସନ୍‌ରେ ଥିଲି। ଏଣୁ ଏମିତି କହି ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଟ୍ରାନ୍ସପରେନ୍ସି ନେଇ ପଚରାଯିବାରୁ ସେ ନିରୁତର ରହିଥିଲେ। କିଛି ଜାଣି ନ ଥିବା କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ରାଉରକେଲା ଶ୍ରମ ଦପ୍ତର ଏକ ପ୍ରକାର ଅକାମୀ ହୋଇ ରହିଛି। ଏହାକୁ ନେଇ ଏକାଧିକ ସମୟରେ ଆନ୍ଦୋଳନ ହୋଇଛି। ଏଠାରେ କାର୍ଯ୍ୟରତ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏମିତି ଅବସ୍ଥାରେ ସହକାରୀ ଅଧିକାରୀ ସେଠୀ ନିଜ ପତିଆରା ଦେଖାଇବାକୁ ଯାଇ ନିରୀହ ଶ୍ରମିକଙ୍କୁ ଏଭଳି ଅପମାନିତ କରୁଥିବା ଅଭିଯୋଗ ଶୁଣାଯାଉଛି। ସହକାରୀ ଶ୍ରମ ସଂସ୍ଥାପକ, ଜିଲା ଶ୍ରମ ଅଧିକାରୀ କେବେ ସୁଦ୍ଧା କାମରେ ଯୋଗ ଦେବେ ସେନେଇ କାହା ପାଖରେ କିଛି ଖବର ନାହିଁ। ଏମିତି ଅବସ୍ଥାରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରତାରିତ ଶ୍ରମିକ ନ୍ୟାୟ ପାଇବାକୁ ଆସି ଶ୍ରମ ଦପ୍ତର ଦୁଆର ମୁହଁରୁ ଫେରୁଛନ୍ତି। ଯେଉଁମାନେ ସହକାରୀ ଶ୍ରମ ଅଧିକାରୀ ସେଠୀଙ୍କୁ ଭରଷା କରି ଦେଖା କରୁଛନ୍ତି ସେମାନଙ୍କୁ ନାଲି ଆଖିର ଶିକାର ହେବାକୁ ପଡୁଛି। ଏମିତି ଅବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନାକୁ ସମ୍ପୃକ୍ତ ଅଧିକାରୀ କେତେ ପାଳନ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଘରୋଇ ସୁରକ୍ଷା ଏଜେନ୍ସି କର୍ମଚାରୀଙ୍କ ଗୁହାରି କରିବାକୁ ଜିଲା ଶ୍ରମଦପ୍ତରକୁ ଆସିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୬ ଅକ୍ଟୋବର,୨୦୧୯



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର

**ସୁନ୍ଦରଗଡ଼ ୧୫।୧୦ (ଡି.ଏନ୍.ଏ)**
ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦାବିନେଇ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ରାଜ୍ୟପାଳଙ୍କ ସୁନ୍ଦରଗଡ ଗସ୍ତ ଅବସରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଜିଲା ଓକିଲ ସଂଘ, ୬୬୨ବର୍ଗ କଲେଜ ଅଧ୍ୟାପକ ସଂଘ, ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ, ଆଠକୋଶିଆ ଆଦିବାସୀ ଏକତା ମଞ୍ଚ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରାତନ ଛାତ୍ର ସଂଘର ଡ. ସରୋଜ କୁମାର ପଟେଲ, ବିଶ୍ୱ ରଞ୍ଜନ ହୋତା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.କିଶୋର କୁମାର ଦାଶ ଓ ପ୍ରଦୀପ କୁମାର ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୁନ୍ଦରଗଡ ଭଳି ଏକ ଆଦିବାସୀ ବହୁଳ ଜିଲା ସଦର ମହକୁମାରେ ପ୍ରତିଷ୍ଠିତ ଏହି ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ଆଦିବାସୀ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବେଳେ ଏ ଦିଗରେ ରାଜ୍ୟପାଳ ସମସ୍ତ ପ୍ରକାର ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଥିଲେ।

### ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା, କୁମାର ପୂର୍ଣ୍ଣିମା

**କର୍ଲାମୁଣ୍ଡା,୧୫।୧୦(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରିଞ୍ଜାଠାରେ ରବିବାରଠାରୁ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ନୀଳମଣି ସାହୁ ଓ ନିଳାବତୀ ସାହୁ ରହିଥିବା ବେଳେ ପୂଜକ ଭାବେ ସୁଧାଂଶୁ ଶେଖର ଷଡଙ୍ଗୀ, ବ୍ୟାସ ରୂପେ ଝିଲି ସାହୁ ରହିଛନ୍ତି।

■ ମୁର୍ଶିଦାବାଦ ହତ୍ୟାକାଣ୍ଡକୁ ନିନ୍ଦାକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର

# ବଜରଙ୍ଗଦଳର ବିକ୍ଷୋଭ, ଶୋଭାଯାତ୍ରା

**ସୁନ୍ଦରଗଡ଼, ୧୫।୧୦ (ଡି.ଏନ୍.ଏ)**

ପଶ୍ଚିମବଙ୍ଗରେ ନିର୍ଦ୍ଦୋଷ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରର ବିରୋଧରେ ମଙ୍ଗଳବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହିପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା ବଜରଙ୍ଗଦଳ ତରଫରୁ ସ୍ଥାନୀୟ ଡିଆର୍‌ଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା ସଂଯୋଜକ ଅଶୋକ ବାରିକଙ୍କ ନେତୃତ୍ୱରେ ବଜରଙ୍ଗ ଦଳର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଡିଆରଡିଏ ଛକରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ବିକ୍ଷୋଭ ସଭାରେ ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ସଂଗ୍ରାମ କେଶରୀ ପରିଡା ଯୋଗଦେଇ ଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗର ମୁର୍ଶିଦାବାଦଠାରେ ସଂଘ ସ୍ୱୟଂସେବକ ବନ୍ଧୁପ୍ରକାଶ ପାଲ ତାଙ୍କ ୮ମାସର ଗର୍ଭବତୀ ସ୍ତ୍ରୀ ଓ ଆଠବର୍ଷର ପୁତ୍ର ସନ୍ତାନକୁ ନୃଶଂସ ଭାବରେ ହତ୍ୟା ଘଟଣାକୁ ଦୃଢ ନିନ୍ଦା କରିବା ସହ ଦେଶରେ ବାଲାଂଦେଶୀ ଅନୁପ୍ରବେଶକୁ ବନ୍ଦ କରାଯିବାକୁ କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଥିଲେ । ପରେ ଏକ ପ୍ରତିନିଧିମଣ୍ଡଳୀ ୫ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ହେଲା ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ହିଟଲର ଶାସନକୁ ହଟାଇ ରାଷ୍ଟ୍ରପତି ଶାସନ ଲାଗୁ, ବନ୍ଧୁ ପ୍ରକାଶ ପାଲ ଏବଂ ତାଙ୍କ ପରିବାରର ହତ୍ୟା ଘଟଣାକୁ ସିବିଆଇଙ୍କୁ ହସ୍ତାନ୍ତର କରାଯାଇ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା, ପଶ୍ଚିମବଙ୍ଗରେ ଏନଆରସି ଲାଗୁ କରାଯାଇ ସମସ୍ତ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କୁ ବାଂଲାଦେଶକୁ ପଠାଯିବା, ବାଂଲାଦେଶରୁ ପ୍ରତାରିତ ହୋଇ ଆସୁଥିବା ହିନ୍ଦୁମାନଙ୍କୁ ଭାରତର ନାଗରିକତା ପ୍ରଦାନ ଓ ସୁରକ୍ଷା ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଗୋରକ୍ଷା ବିଭାଗ ପ୍ରମୁଖ ଦେବୀଦତ୍ତ କବି, ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ କିଶୋର କୁମାର ପଟେଲ, ଜିଲା ବ୍ୟବସ୍ଥା ପ୍ରମୁଖ ଅଶୋକ ସୁନାନୀ, ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ଜୟନ୍ତ ଦାସ, ନେହେରୁ ପଟ୍ଟନାୟକ, କୁତ୍ରା ସଂଯୋଜକ ମୁକେଶ ପ୍ରଧାନ, ଜନାର୍ଦ୍ଦନ ପାଣିଗ୍ରାହୀ, ବଡଗାଁ ସଂଯୋଜକ ରାଜେଶ ଦାସ, ଯଶୋବନ୍ତୀ ବାଗ, ସନ୍ତୋଷ ପଟେଲ ପ୍ରମୁଖ ସାମିଲ ଥିଲେ।



ସୁନ୍ଦରଗଡ଼ରେ ବଜରଙ୍ଗ ଦଳ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।


ସ୍କ୍ରାପ୍ ଚୋରି ଅଭିଯୋଗରେ ଗିରଫ ୩ ଯୁବକ।

# ଲୁହା ସ୍କ୍ରାପ୍ ଚୋରି ଅଭିଯୋଗରେ ୩ ଗିରଫ

**ଲେଫ୍ରିପଡା,୧୫।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଦର୍ଲିପାଲି ଏନ୍‌ଟିପିସି କମ୍ପାନୀରେ କାର୍ଯ୍ୟରତ ଏକ ଠିକା ସଂସ୍ଥାର ଲୁହା ସ୍କ୍ରାପ୍ ଚୋରି କରିଥିବା ଅଭିଯୋଗରେ ରାଏଡିହିଠାରେ ତିନି ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଲେଫ୍ରିପଡା ଥାନା ଅନ୍ତର୍ଗତ ଖୁଟଲାପାଲି ଗ୍ରାମର ଗୋବର୍ଦ୍ଧନ କାଲୋ(୪୦), ଚମ୍ପାସରା ଗ୍ରାମର ବୈକୁଣ୍ଠ ଛତ୍ରିଆ(୪୦) ଏବଂ ଡୁମାବାହାଲ ଚାରପଡା ଗ୍ରାମର ପ୍ରଫୁଲ୍ଲ ଅଡ୍ଡା(୨୪)। ସୂଚନା ଅନୁଯାୟୀ ଏହି ଯୁବକମାନେ ଲୁହାସ୍କ୍ରାପ୍ ଚୋରି କରି ବାଇକ୍‌ରେ ନେଉଥିବା ସମୟରେ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ଲେଫ୍ରିପଡା ଥାନା ଅନ୍ତର୍ଗତ ସର୍ଗିପାଲି ଫାଣ୍ଡି ଅଧିକାରୀ ଏଏସଆଇ ବିନୋଦ ଚନ୍ଦ୍ର ପଟେଲ ସଦଳବଳ ଅଭିଯୁକ୍ତମାନଙ୍କୁ ଧରିଥିଲେ। ପୋଲିସ ସେମାନଙ୍କଠାରୁ ଚୋରା ଲୁହା ସ୍କ୍ରାପ୍ ସହ ତିନିଗୋଟି ବାଇକ୍ ଓଡି୧୬ଡି-୭୦୨୧, ଓଡି୧୬ଏଫ୍-୨୨୦୪, ଓଡି୧୬ଏଫ୍-୦୦୫୬ ଜବତ୍ କରିଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା (ନଂ. ୧୧୫/୨୦୧୯) ରୁଜୁ ହୋଇଛି।

■ ପ୍ରହସନ ପାଲଟିଲା ଖରିଫ ଧାନ କ୍ରୟ, ବିକ୍ରୟ ପ୍ରସ୍ତୁତି ବୈଠକ

# ପ୍ରଚାର ପ୍ରସାର ଅଭାବରୁ ଖାଲିପଡ଼ିଲା ଚୌକି

**ଜୁନାଗଡ,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପରିସରରେ ମଙ୍ଗଳବାର ଧର୍ମଗଡ ଉପଖଣ୍ଡସ୍ତରୀୟ ଖରିଫ ଧାନ ୨୦୧୯-୨୦ କ୍ରୟ ଓ ବିକ୍ରୟ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଚାର ପ୍ରସାର ଅଭାବରୁ ଏହି ପ୍ରସ୍ତୁତି ବୈଠକ ପ୍ରହସନ ପାଲଟିଛି। ଯାହାକି ବୈଠକ ସ୍ଥଳରେ ପଡ଼ିଥିବା ଅଧିକାଂଶ ଖାଲିପଡିଥିବା ଚୌକିରୁ ଜଣାପଡୁଛି। ଏପରିକି ଏହି ପ୍ରସ୍ତୁତି ବୈଠକରେ ସ୍ଥାନୀୟ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଖବର ଦିଆଯାଇ ନ ଥିବା ଜଣାପଡେ। ଏ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ ଏହି ବୈଠକରେ ଗଣମାଧ୍ୟମର କୌଣସି ଆବଶ୍ୟକ ନ ଥିବା ପ୍ରକାଶ କରିଥିଲେ। ପ୍ରକାଶ ଯେ, ଧାନ କ୍ରୟ ଓ ବିକ୍ରୟ ଉପରେ ସର୍ବଦା ଗଣମାଧ୍ୟମର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ରହିଥାଏ। ଗଣମାଧ୍ୟମର ସୂଚନା ଅନୁଯାୟୀ ଚାଷୀମାନେ ସରକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥାନ୍ତି। ତେବେ ଉପଜିଲାପାଳଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ଉପଖଣ୍ଡର ରାଜସ୍ୱ ବିଭାଗ କର୍ମଚାରୀ, ପ୍ୟାକ୍ସ କର୍ମଚାରୀ ଓ ଆରଏମସିକର୍ମଚାରୀମାନେ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଚୌକି ଖାଲିପଡ଼ିଛି।

**ଗଣମାଧ୍ୟମ ଉପସ୍ଥିତିର କୌଣସି ଆବଶ୍ୟକ ନାହିଁ: ଉପଜିଲାପାଳ**

# ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ରାଜ୍ୟପାଳଙ୍କଠାରେ ଦାବିକଲା ଅଘରିଆ ସମାଜ

**ସୁନ୍ଦରଗଡ, ୧୫।୧୦ (ଡି.ଏନ୍.ଏ)**

ଜିଲା ମୁଖ୍ୟ ଡାକ୍ତରଖାନାରେ ୪୦ଟି ଓ ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୫୭ଟି ଡାକ୍ତର ପଦବୀ ଓ ୪୭୧ଟି ପରା ମେଡିକାଲ କର୍ମଚାରୀ ପଦବୀ ଖାଲିପଡିଛି। ସେଗୁଡ଼ିକ ପୂରଣ ନ କରି ରାଜ୍ୟସରକାରଙ୍କ ପକ୍ଷରୁ ସୁନ୍ଦରଗଡ ସିଡିଏମଓଙ୍କୁ ଅନ୍ୟାୟ ଭାବେ ନିଲମ୍ବନକୁ ଅଖିଳ ଭାରତୀୟ ଅଘରିଆ ସମାଜ ବିରୋଧ କରିଛି। ତୁରନ୍ତ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଅଘରିଆ ସମାଜ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଖିଳ ଭାରତୀୟ ଅଘରିଆ ସମାଜର କେନ୍ଦ୍ରୀୟ କମିଟି ସଭାପତି ଗଙ୍ଗାଧର ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ଆଞ୍ଚଳିକ କମିଟି ସଭାପତି ପ୍ୟାରୀମୋହନ ନାଏକ, ସୁନ୍ଦରଗଡ ନଗର କମିଟି ସଭାପତି ଯଶୋବନ୍ତ ନାଏକ, ସମ୍ପାଦକ ଅଂଶୁଲ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ରଜ୍ୟପାଳଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ବଜ୍ରପାତରେ ଜଣେ ମୃତ, ୧୫ ଗୁରୁତର

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ବଜ୍ରପାତରେ ରବିବାର ରୋହିଣି ମାଝି (୪୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଥୁଆମୂଳ ରାମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଥୁଆମୂଳ ରାମପୁର ରବିବାର କେତେକ ମହିଳା କାମ କରୁଥିଲେ। ଅପରାହ୍ନ ସାଢେ ୩ଟାରେ ବଜ୍ରପାତ ହୋଇଥିଲା। ଏଥିରେ ବିରିକୋଟ ପଞ୍ଚାୟତ ଗୋଦ୍ରାମସ୍କା ଗ୍ରାମର ରୋହିଣୀଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଜାମୁ ମାଝି (୬୦), ଫୁଟମତୀ ମାଝି (୨୫), ରଞ୍ଜିତା ମାଝି (୨୫), ପିରନ୍ଦ୍ରୀ ନାଏକ (୪୦), କାହ୍ନୁ ନାଏକ (୩୦), ସୀତୟା ନାଏକ (୩୮), ଗୁରୁବାରୀ ମାଝି (୨୭) ଗୁରୁତର ଆହତ ହୋଇଥିଲେ। ସେହିପରି ତଳଝାପି ପଞ୍ଚାୟତର ଉପରଝାପି ଗ୍ରାମରେ ମଧ୍ୟ ବଜ୍ରପାତ ଯୋଗୁ ଗ୍ରାମର କୁମାରୀ ନାଏକ (୨୬) ଆହତ ହୋଇଛନ୍ତି। ତାଙ୍କ ଘରର ଅନେକ ଜିନିଷପତ୍ର କ୍ଷତି ହୋଇଥିବା ଜଣାପଡିଛି।

# ଶାଳକାଠ ଜବତ, ୨ କୋର୍ଟ ଚାଲାଣ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମଦନପୁରରାମପୁର ବ୍ଲକ ଅନ୍ତର୍ଗତ ଗଉଡ କର୍ଲାଖୁଣ୍ଟାଠାରୁ ଚୋରାଚାଲାଣ ହେଉଥିବା ୭୦ ଖଣ୍ଡ ସାଇଜ ଶାଳ କାଠ ବନ ବିଭାଗ ଜବତ୍ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଗତ ୧୪ ତାରିଖ ରାତିରେ ମ.ରାମପୁର ରେଞ୍ଜର କେସବ ମାଝିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ କାଠ ଚୋରା ଚାଲାଣ ଖବର ପାଇ ଚଢାଉ କରିଥିଲେ। ଶାଳକାଠ ବୋଝେଇ ଗୋଟିଏ ବୋଲେରୋ ଓ ଗୋଟିଏ ପିକଅପ୍ ଭ୍ୟାନରେ ବଲାଙ୍ଗୀର ଚୋରାଚାଲଣ କରୁଥିଲେ । ଗାଡି ମାଲିକ ବଲାଙ୍ଗୀର ଶାସ୍ତ୍ରୀ ନଗରର ହରୀହର ମିଶ୍ର ଓ ଡ୍ରାଇଭର ମିତ୍ର ପୌଡଙ୍କୁ ଗିରଫ କରିଛି ବନ ବିଭାଗ। ଅନ୍ୟ ଜଣେ ଡ୍ରାଇଭର ଫେରାର ହୋଇଥିବା ଜଣାପଡିଛି। ଉଭୟ ଗାଡିକୁ ଜବତ୍ କରିବା ସହ ଗିରଫ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।



■ ସିଡିଏମ୍‌ଓଙ୍କ ନିଲମ୍ବନ ଆଦେଶର ନିଃସର୍ତ୍ତ ପ୍ରତ୍ୟାହାର ଦାବି

# କଳାବ୍ୟାଜ୍ ପିନ୍ଧି ଡାକ୍ତରଙ୍କ ପ୍ରତୀକ ଧର୍ମଘଟ

**ସୁନ୍ଦରଗଡ଼, ୧୫।୧୦ (ଡି.ଏନ୍.ଏ)**

ମୋ ସରକାର କାର୍ଯ୍ୟକ୍ରମର ସ୍ଥିତି ପରଖିବା ପାଇଁ ୫-ଟି ସଚିବଙ୍କ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ ପରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଙ୍କଜ କୁମାର ପଟେଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ। ଏହାର ପ୍ରତିବାଦରେ ସୁନ୍ଦରଗଡ ଜିଲା ଓମ୍‌ସା ( ଓଡ଼ିଶା ଡାକ୍ତରୀ ସଂଘ) ଶାଖା ପକ୍ଷରୁ ପ୍ରତିବାଦସ୍ୱରୂପ ମଙ୍ଗଳବାର ଠାରୁ ଡାକ୍ତରମାନେ କଳାବ୍ୟାଜ ପରିଧାନ କରି ପ୍ରତୀକ ଧର୍ମଘଟ ଆରମ୍ଭ କରିଛନ୍ତି। ଓମ୍‌ସା ଜିଲା ଶାଖା ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟଚିକିତ୍ସାଧିକାରୀ ପଙ୍କଜ ପଟେଲଙ୍କ ଭଳି ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ ଡାକ୍ତରଙ୍କ ବିରୋଧରେ ଏଭଳି ଆଦେଶ ପ୍ରଦାନ ପୂର୍ବରୁ ତାଙ୍କର ମତ ରଖିବା ପାଇଁ କୌଣସି କାରଣ ଦର୍ଶାଅ ନୋଟିସ୍ ଦିଆ ନ ଯାଇ ଏଭଳି ପଦକ୍ଷେପ ୫-ଟି ସଚିବଙ୍କ ସ୍ୱେଚ୍ଛାଚାରୀ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଇଛି। ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ ଓ ଆନୁସଙ୍ଗୀକ ସୁବିଧା ସୁଯୋଗ ବ୍ୟବସ୍ଥା ପ୍ରଦାନ କରାଯିବା ସହ ସିଡିଏମ୍‌ଓଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର ନ କଲା ପର୍ଯ୍ୟନ୍ତ ଡାକ୍ତରଙ୍କ ଏହି ପ୍ରତୀକ ଧର୍ମଘଟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲିବ ବୋଲି ଓମସା ଜିଲା ଶାଖା ସମ୍ପାଦକ ଡା. ସୋମ୍ ଶୁଭଙ୍କର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚିତ କରିଛନ୍ତି।



ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ସିଡିଏମଓଙ୍କ ନିଲମ୍ବନ ପ୍ରତିବାଦରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି।



# ୮ ଫୁଟର ଗୋଖରା ନାଗସାପ ଉଦ୍ଧାର

**କୋମନା,୧୫।୧୦(ଡି.ଏନ.ଏ.)**
ନୂଆପଡ଼ା ଜିଲା କୋମନା ଗାଁର ଜଣକ ଘରୁ ୮ ଫୁଟର ଏକ ଗୋଖରା ନାଗ ସାପ ଉଦ୍ଧାର ହୋଇଛି। ଖବର ଅନୁସାରେ କୋମନାର ଭାସ୍କର ନିଆଁଲଙ୍କ ଘରେ ଥିବା ଛପର ତଳେ ନାଗ ଲୁଚି ରହିଥିବା ଘର ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ସାପ ଧରୁଆଳି ହରେରାମ କଣ୍ଟାଙ୍କୁ ଖବର ଦେଇଥିଲେ। ସେ ଘରେ ପହଞ୍ଚି ଗୋଖରା ନାଗକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

## ଫଟୋରେ ଖବର





ସୁନ୍ଦରଗଡ ଜିଲା ଲାଇଙ୍ଗଠାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି(ବାମ)। ସୁନ୍ଦରଗଡ଼ ସହରରେ କାରାଗାର ପ୍ରାଙ୍ଗଣରେ ଗଜଲକ୍ଷ୍ମୀପୂଜା ଚାଲିଛି।